RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 44 ◆ISSUE-51 ◆FRIDAY ◆14 AUGUST 2026 ◆PAGE-12 ◆₹ 7.00 | PANIKOILI | ◆ବର୍ଷ-୪୪ ◆ସଂଖ୍ୟା-୫୧ ◆ଶୁକ୍ରବାର ◆୧୪ ଅଗଷ୍ଟ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦




ସ୍ୱସ୍ତି ଶ୍ରେଷ୍ଠ ମହିଳା ସାଇକ୍ଲିଷ୍ଟ

▶ପୃଷ୍ଠା ୧୧ ଦେଖନ୍ତୁ...

# ବର୍ଷା ବିପ୍ରାତ

## ଦିନକରେ ନାକେଦମ୍

■ ଭୁବନେଶ୍ୱର, ୧୩।୮ (ସମିସ): ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଅଧିକ ଘନୀଭୂତ ହୋଇ ଅବପାତରେ ପରିଣତ ହୋଇଛି। ଏହାର ପ୍ରଭାବରେଗତ ୨୪ ଘଣ୍ଟା ମଧ୍ୟରେ ମୟୂରଭଞ୍ଜ, ବାଲେଶ୍ୱର, ସୁନ୍ଦରଗଡ଼ରେ ପ୍ରବଳ ବର୍ଷା ହୋଇଛି। ସେହିପରି କେନ୍ଦୁଝର ଓ ଭଦ୍ରକରେ ମଧ୍ୟ କିଛିକାଂଶରେ ବର୍ଷା ପ୍ରଭାବ ପକାଇଛି। ଫଳରେ ଉତ୍ତର ଓଡ଼ିଶାର ବିଭିନ୍ନ ନଦୀରେ ଏବେ ପୁଣି ଥରେ ବନ୍ୟା ସ୍ଥିତି ସୃଷ୍ଟି ହୋଇଛି। ସନ୍ଧ୍ୟା ସୁଦ୍ଧା ବୈତରଣୀ ନଦୀ ଆଖୁଆପଦାଠାରେ ସତର୍କ ସଙ୍କେତ ପାର୍ କରିଛି, ସେହିପରି ବୁଢ଼ାବଳଙ୍ଗ ମଧ୍ୟ ସତର୍କ ସଂକେତ ଉପରେ ପ୍ରବାହିତ ହେଉଛି ଓ ଜଳକା ଏବେ ବିପଦ ସଙ୍କେତ ଟପିଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଗତ ୨୪ ଘଣ୍ଟାରେ ଭୋଗରାଇରେ ସର୍ବାଧିକ ୨୩୬ ମିମି ବର୍ଷା ହୋଇଥିବା ବେଳେ ସମାଖୁଣ୍ଟାରେ ୨୩୦ ମିମି, ବାରିପଦାରେ ୨୧୫.୨ ମିମି ଏବଂ ରାଜଘାଟରେ ୨୦୪.୮ ମିମି ବର୍ଷା ରେକର୍ଡ ହୋଇଛି।୪ଟି ସ୍ଥାନରେ ଅତ୍ୟନ୍ତ ପ୍ରବଳ, ୧୫ଟି ସ୍ଥାନରେ ଅତି ପ୍ରବଳ ଏବଂ ୧୬ଟି ସ୍ଥାନରେ ପ୍ରବଳ ବର୍ଷା ରେକର୍ଡ ହୋଇଛି।

ଏହି ବର୍ଷା ଯୋଗୁଁ ବଡ଼ ବନ୍ୟା ଆଶଙ୍କା ନ ଥିଲେ ବି ତଳିଆ ଅଞ୍ଚଳରେ ପାଣି ଜମିବା ଆଶଙ୍କା ଦେଖା ଦେଇଛି ବୋଲି ଜଳ ସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଦିଲୀପ ରାଉତ କହିଛନ୍ତି। ଜଳକା, ସାଳନ୍ଦୀ ଓ ବୈତରଣୀ ନଦୀ ଉପରେ ଏବେ ସତର୍କ ନଜର ରହିଛି। ବିଶେଷ କରି ତିହିଡ଼ି, ଚାନ୍ଦବାଲି, ବାଲେଶ୍ୱର ସଦର, ବସ୍ତା ▶ପୃଷ୍ଠା-୭



କେନ୍ଦୁଝର: ଭୀମକୁଣ୍ଡରେ ବୈତରଣୀର ଭୀମ ଗର୍ଜନ



ବାରିପଦା: ଘରେ ପଶିଲା ବୁଢ଼ାବଳଙ୍ଗ, ସୁବର୍ଣ୍ଣରେଖା; ଗଛ ଉପରେ ବିପନ୍ନ

### ବଢୁଛି ବୈତରଣୀ, ବୁଢ଼ାବଳଙ୍ଗ, ଜଳକା

### ପୁଣି ଉତ୍ତର ଓଡ଼ିଶାରେ ବନ୍ୟା ଭୟ

### ୧୯ ବେଳକୁ ଆଉ ଏକ ଲଘୁଚାପ

## ବନ୍ୟାରେ ଭାସିଯାଇ ଯୁବକ ମୃତ

■ ରାଉରକେଲା, ୧୩।୮ (ସମିସ): ସ୍ଥାନୀୟ ପାନପୋଷ ବସ୍ତି ଅନ୍ତର୍ଗତ ପୁରୁଣା ହାଟ ନିକଟରେ ବନ୍ୟା ଜଳରେ ଭାସିଯାଇ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କ୍ରିଷ୍ଟା ଟିକ୍ ବେଡେକ(୪୦)। ଗୁରୁବାର ସକାଳୁ ଅବିଶ୍ରାନ୍ତ ବର୍ଷା ଯୋଗୁଁ ପାନପୋଷ ବସ୍ତିର ପୁରୁଣା ହାଟ ପାଖରୁ ଛେଣ୍ଡ ରେଳ ଫାଟକ ପର୍ଯ୍ୟନ୍ତ ଅଞ୍ଚଳ ଜଳାର୍ଣ୍ଣବ ହୋଇ ଯାଇଥିଲା। ଉକ୍ତ ସ୍ଥାନରେ ୪ ଫୁଟର ପାଣି ଲହଡ଼ି ଭାଙ୍ଗୁଥିଲା। କୌଣସି କାମରେ କ୍ରିଷ୍ଟା ଚାଲି ଚାଲି ରାସ୍ତା ପାର ହେଉଥିବା ବେଳେ ବର୍ଷା ଜଳରେ ଭାସି ନିଖୋଜ ହୋଇ ▶ପୃଷ୍ଠା-୭

### ସଂସଦର ଉଭୟ ଗୃହରେ ଏମ୍‌ଏମ୍‌ଡିଆର୍ ସଂଶୋଧନ ବିଲ୍ ଧ୍ୱନି ମତରେ ଗୃହୀତ

# ଓଡ଼ିଶାର ଆର୍ଥିକ ସ୍ୱାତନ୍ତ୍ର୍ୟତା ଉପରେ ଅଙ୍କୁଶ

■ ଭୁବନେଶ୍ୱର/ ନୂଆଦିଲ୍ଲୀ, ୧୩।୮ (ସମିସ): ଖଣିଜ ସମ୍ପଦ ଉପରେ ରାଜ୍ୟଗୁଡ଼ିକର ଟିକସ ଆଦାୟ କ୍ଷମତାକୁ ସଂକୁଚିତ କରାଯିବା ନିମନ୍ତେ କେନ୍ଦ୍ର ସରକାରଙ୍କ ଏମ୍‌ଏମ୍‌ଡ଼ିଆର୍ ସଂଶୋଧନ ବିଲ୍ ୨୦୨୬ ସଂସଦର ଉଭୟ ଗୃହରେ ଧ୍ୱନୀମତରେ ଗୃହୀତ ହୋଇଛି। ବିରୋଧୀଙ୍କ ତୀବ୍ର ବିରୋଧ ଓ ହଟ୍ଟଗୋଳ ମଧ୍ୟରେ ବୁଧବାର ଲୋକସଭାରେ ବିଲ୍ ପାରିତ ହୋଇଥିବାବେଳେ ଗୁରୁବାର ରାଜ୍ୟସଭାରେ ମଧ୍ୟ ବିଲ୍‌କୁ ପାରିତ କରିବାରେ ସରକାର ସକ୍ଷମ ହୋଇଛନ୍ତି। ଯାହାକୁ ନେଇ ଓଡ଼ିଶା ସମେତ ସାରା ଦେଶର ଖଣି ସମୃଦ୍ଧ ରାଜ୍ୟଗୁଡ଼ିକରେ ପ୍ରତିବାଦର ସ୍ୱର ତୀବ୍ର ହୋଇଛି। ବିଲ୍‌ରେ ଥିବା ନୂଆ ବ୍ୟବସ୍ଥା ୨୦୨୪ରେ ସୁପ୍ରିମକୋର୍ଟଙ୍କ ୯ ଜଣିଆ ସାମ୍ବିଧାନିକ ଖଣ୍ଡପୀଠଙ୍କ ରାୟର ଖୋଲା ଉଲ୍ଲଂଘନ କରିଥିବା ବିରୋଧୀ ଅଭିଯୋଗ କରିଛନ୍ତି । ଏହା ସହ ଏହି ବିଲ୍ ରାଜ୍ୟଗୁଡ଼ିକର ଆର୍ଥିକ ସ୍ୱାତନ୍ତ୍ର୍ୟତା ଓ କ୍ଷମତା ଉପରେ ଅଙ୍କୁଶ ଲଗାଇବା ପାଇଁ ଉଦ୍ଦିଷ୍ଟ ବୋଲି ମଧ୍ୟ କୁହାଯାଉଛି।

### କେନ୍ଦ୍ର ନିୟନ୍ତ୍ରଣରେ ରହିବ ରାଜ୍ୟର ଖଣି ସମୃଦ୍ଧ ଅଞ୍ଚଳ

### କୌଣସି ସେସ୍, ଟିକସ ଆଦାୟ କରିପାରିବନି ରାଜ୍ୟ

### ଓଡ଼ିଶାକୁ ମିଳିବ ନାହିଁ ପୂର୍ବ ବକେୟା ଲକ୍ଷାଧିକ କୋଟି

### ପ୍ରତିବର୍ଷ ରାଜ୍ୟ ହରାଇବ ହଜାର ହଜାର କୋଟି ରାଜସ୍ୱ

ଏମ୍‌ଏମ୍‌ଡ଼ିଆର୍ ଆକ୍ଟ ୧୯୫୭ରେ ରାଜ୍ୟ ସରକାର ଖଣି ଓ ଖଣି ପରିଚାଳନା କରୁଥିବା ସଂସ୍ଥାଠାରୁ ରାଜଭାଗ ଆଦାୟ କରିବା ସହ ଖଣିଜ ଅଧିକାର ଓ ଖଣିଜ ଜମି ଉପରେ କର, ସେସ୍ ଓ ଅନ୍ୟାନ୍ୟ ଲେଭି ଲଗାଇବାର କ୍ଷମତା ପାଇଥିଲେ। ମାତ୍ର କେନ୍ଦ୍ର ▶ପୃଷ୍ଠା-୭

### ବିଲ୍‌କୁ ବିଜେଡିର ତୀବ୍ର ବିରୋଧ

## ଓଡ଼ିଶାର ସ୍ୱାର୍ଥ ବିରୋଧୀ: ମାନସ

■ ନୂଆଦିଲ୍ଲୀ, ୧୩।୮ (ସମିସ): ଏମ୍‌ଏମ୍‌ଡ଼ିଆର୍ ସଂଶୋଧନ ବିଲ୍‌କୁ ରାଜ୍ୟସଭାରେ ତୀବ୍ର ବିରୋଧ କରିଛି ବିଜେଡି। ବିଲ୍ ଆଲୋଚନା ସମୟରେ ସାଂସଦ ମାନସ ମଙ୍ଗରାଜ ବିଲ୍‌କୁ ବିରୋଧ କରିବା ସହ ଏହା ଓଡ଼ିଶା ଓ ଅନ୍ୟ ଖଣିଜ ସମ୍ପଦପୂର୍ଣ୍ଣ ରାଜ୍ୟଗୁଡ଼ିକର ସ୍ୱାର୍ଥ ବିରୋଧୀ ବୋଲି ଅଭିହିତ କରିଛନ୍ତି। ଏହା ସହ ବିଲ୍‌କୁ ସିଲେକ୍ଟ କମିଟିକୁ ପଠାଇବାକୁ ମଧ୍ୟ ସେ ଦାବି କରିଛନ୍ତି ।

ଆଲୋଚନାରେ ଭାଗ ନେଇ ସେ କହିଛନ୍ତି ଯେ ଓଡ଼ିଶା ଦେଶର ଅନ୍ୟତମ ପ୍ରମୁଖ ଖଣିଜ ଉତ୍ପାଦନକାରୀ ରାଜ୍ୟ। ଲୁହାପଥର, ବକ୍ସାଇଟ୍, ମାଙ୍ଗାନିଜ୍ ସମେତ ବିଭିନ୍ନ ଖଣିଜ ସମ୍ପଦ ଦେଶର ଶିଳ୍ପ ବିକାଶରେ ବଡ଼ ଅବଦାନ ରଖୁଛି। କିନ୍ତୁ ଖଣି ଅଞ୍ଚଳର ଲୋକମାନେ ଦୀର୍ଘଦିନ ଧରି ପରିବେଶୀୟ ଓ ସାମାଜିକ କ୍ଷତିର ବହୁମୂଲ୍ୟ ଦେଇ ଆସୁଛନ୍ତି । ▶ପୃଷ୍ଠା-୭



## ଏହା ଏକ କଳା ବିଲ୍: ଜୟଦେବ

■ ଭୁବନେଶ୍ୱର, ୧୩।୮ (ସମିସ): ସଂସଦରେ ପାରିତ ହୋଇଥିବା ସଂଶୋଧିତ ଏମ୍‌ଏମ୍‌ଡିଆର୍ ବିଲ୍ ଦ୍ୱାରା ଓଡ଼ିଶା ଭଳି ଖଣିଜ ପ୍ରବଣ ରାଜ୍ୟ ଗୁରୁତର ଭାବେ ପ୍ରଭାବିତ ହେବେ। ଏହାକୁ ନେଇ ଦଳମତ ନିର୍ବିଶେଷରେ ଓଡ଼ିଶାରେ ବିରୋଧ ତୀବ୍ର ହେବାରେ ଲାଗିଛି। ଏହି କ୍ରମରେ ପ୍ରସଙ୍ଗକୁ ନେଇ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା ଏହି ବିଲ୍‌କୁ କଡ଼ା ବିରୋଧ କରିଛନ୍ତି। ଶ୍ରୀ ଜେନା କହିଛନ୍ତି, ଏହି ବିଲ୍ ଓଡ଼ିଶାବାସୀଙ୍କ ସ୍ୱାର୍ଥ ବିରୋଧୀ। ▶ପୃଷ୍ଠା-୭

### ଛାତ୍ରଙ୍କୁ ପୁଲିସ ବର୍ବରତା, ଦାନ ଚୋରି

## ଧୋଇଗଲା ମୌସୁମୀ ଅଧିବେଶନ

■ ନୂଆଦିଲ୍ଲୀ, ୧୩।୮ (ଏଜେନ୍ସି): ନିଟ୍ ପରୀକ୍ଷା ବିଭ୍ରାଟର ପ୍ରତିବାଦ କରୁଥିବା ଆନ୍ଦୋଳନକାରୀ ଛାତ୍ରଛାତ୍ରୀଙ୍କ ଉପରେ ଦିଲ୍ଲୀ ପୁଲିସର ଅମାନୁଷିକ କାର୍ଯ୍ୟାନୁଷ୍ଠାନ ଏବଂ ଅଯୋଧ୍ୟା ରାମ ମନ୍ଦିର ଚାନ୍ଦା ପ୍ରସଙ୍ଗକୁ କେନ୍ଦ୍ର କରି ସଂସଦର ମୌସୁମୀ ଅଧିବଶେନ ବରବାଦ ହୋଇଯାଇଛି। ବନ୍ଦେ ମାତରମ୍‌ର ଗାନ ଏବଂ ମାତ୍ର ୩ ମିନିଟ୍ ୧୦ ସେକେଣ୍ଡର ଶାନ୍ତ ପରିବେଶ ମଧ୍ୟରେ ସମାପ୍ତ ହୋଇଛି ଲୋକସଭାର ମୌସୁମୀ ଅଧିବେଶନ। ନିରବତାର ଏହି ସଂକ୍ଷିପ୍ତ ସମୟ ପରେ ବାଚସ୍ପତି ଓମ୍ ବିର୍ଲା ଗୃହକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ଘୋଷଣା କରିଛନ୍ତି। ଉପରୋକ୍ତ ପ୍ରସଙ୍ଗରେ ସମଗ୍ର ଅଧିବେଶନ ବିରୋଧୀଙ୍କ ପ୍ରବଳ ହଙ୍ଗାମା, ସ୍ଲୋଗାନବାଜି, ଅଭିଯୋଗ-ପ୍ରତ୍ୟାଭିଯୋଗ ମଧ୍ୟରେ ଅଚଳ ରହିଥିବା ବେଳେ ସରକାର କେତେକ ଗୁରୁତ୍ୱପୂର୍ଣ୍ଣ ବିଲ୍ ବିନା କୌଣସି ଆଲୋଚନାରେ ପାସ୍ କରାଇ ନେଇଛନ୍ତି।

ମୌସୁମୀ ଅଧିବେଶନର ଶେଷ ଦିବସରେ ଆଜି ସକାଳେ ଗୃହ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଲୋକସଭାରେ ଉପସ୍ଥିତ ହୋଇଥିଲେ। ବିରୋଧୀ ସାଂସଦମାନେ 'କ୍ଷମା ପ୍ରାର୍ଥନା କର' ଏବଂ 'ଲାଠିଚାଳନା ନିର୍ଦ୍ଦେଶ କିଏ ଦେଲା' ବୋଲି ▶ପୃଷ୍ଠା-୭



### ୩ ମିନିଟର 'ବନ୍ଦେ ମାତରମ୍' ନିରବତା

### ସଂସଦ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ

### ବିନା ଆଲୋଚନାରେ ୧୧ଟି ବିଲ୍ ପାରିତ

### ଶକ୍ତି ବିଭାଗର ବିଜ୍ଞପ୍ତିକୁ ନେଇ ବିବାଦ

## ପଛ ଦ୍ୱାରରେ ଓଇଆର୍‌ସି ଅଧ୍ୟକ୍ଷ ନିଯୁକ୍ତି ଯୋଜନା !

■ ଭୁବନେଶ୍ୱର, ୧୩।୮ (ସମିସ): ଡିଜି ନିଯୁକ୍ତି ବିବାଦ ଯୋଗୁଁ ଓଡ଼ିଶା ସାରା ଦେଶରେ ଚର୍ଚ୍ଚାର ପରିଧିରେ ରହିଛି। ଏତିକିବେଳେ ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ (ଓଇଆରସି)ରେ ଅଧ୍ୟକ୍ଷ ପଦରେ ନିଯୁକ୍ତି ପାଇଁ ଚାଲିଥିବା ପ୍ରକ୍ରିୟାରେ ଶକ୍ତି ବିଭାଗର ବିଜ୍ଞପ୍ତିକୁ ନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି। ନିଜ ପସନ୍ଦର ବ୍ୟକ୍ତିବିଶେଷଙ୍କୁ ଅଧ୍ୟକ୍ଷ ପଦରେ ବସାଇବା ପାଇଁ ଶାସକ ବିଜେପିର ଗୋଟିଏ ଗୋଷ୍ଠୀ ଉଦ୍ୟମ ଆରମ୍ଭ କରିଛନ୍ତି ଯେଉଁଥିପାଇଁ ଅଧ୍ୟକ୍ଷ ପଦ ପାଇଁ ଆବେଦନ ଅବଧିକୁ ଆଉ ୭ ଦିନ ବୃଦ୍ଧି କରାଯାଇଥିବା ଚର୍ଚ୍ଚା ହେଉଛି।

ଗତ ଜୁନ୍ ୨୫ ତାରିଖରେ ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ(ଓଇଆରସି) ଅଧ୍ୟକ୍ଷ ପଦରୁ ପ୍ରଦୀପ ଜେନା ଇସ୍ତଫା ଦେଇଥିଲେ। ଓଇଆରସି ଅଧ୍ୟକ୍ଷ ପଦବୀ ପରି ଗୁରୁତ୍ୱପୂର୍ଣ୍ଣ ପଦବୀ ଖାଲି ପଡ଼ିଥିବାରୁ ରାଜ୍ୟରେ ବିଦ୍ୟୁତ୍ କ୍ଷେତ୍ରରେ ଆବଶ୍ୟକୀୟ ସୁଧାର ଏବେ ଅଟକି ରହିଛି। ତେଣୁ ପ୍ରାଥମିକତାର ସହ ପଦ ପୂରଣ ପାଇଁ ସାଧାରଣରେ ଦାବି ହେଉଥିବା ବେଳେ ଶକ୍ତି ବିଭାଗର ଏକ ବିଜ୍ଞପ୍ତି ବିଶେଷଜ୍ଞ ମହଲରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ଅଧ୍ୟକ୍ଷ ପଦରେ ନିଯୁକ୍ତି ପାଇଁ ଶକ୍ତି ବିଭାଗ ପକ୍ଷରୁ ଗତ ଜୁଲାଇ ମାସ ୯ ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଆଶାୟୀନେ ଅଗଷ୍ଟ ୧୦ ତାରିଖ ମଧ୍ୟରେ ଆଶାୟୀ ନିର୍ଦ୍ଧାରିତ ଫର୍ମାଟରେ ଆବେଦନ କରିବାକୁ ଏଥିରେ କୁହାଯାଇଥିଲା। ଇଚ୍ଛୁକ ପ୍ରାର୍ଥୀଙ୍କର ଇଞ୍ଜିନିୟରିଂ, ଅର୍ଥ, ବାଣିଜ୍ୟ, ଅର୍ଥଶାସ୍ତ୍ର, ଆଇନ ଆଦି ବିଷୟରେ ଅଭିଜ୍ଞତା ଥିବା ନେଇ ବିଜ୍ଞପ୍ତିରେ ଉଲ୍ଲେଖ ରହିଥିଲା। ମିଳିଥିବା ସୂଚନା ଅନୁଯାୟୀ ଏହି ଧାର୍ଯ୍ୟ ୧ ମାସ ମଧ୍ୟରେ ଅନେକ ପ୍ରାର୍ଥୀ ବିଧିବଦ୍ଧ ଭାବରେ ଆବେଦନ କରିଛନ୍ତି। ଏହା ସତ୍ତ୍ୱେ ଶକ୍ତି ବିଭାଗ ଗତ ୧୦ ତାରିଖରେ ଅକସ୍ମାତ ଆଉ ଏକ ବିଜ୍ଞପ୍ତି ପ୍ରକାଶ କରି ଆବେଦନ ଅବଧିକୁ ଆଉ ୭ ଦିନ ଅର୍ଥାତ୍ ଆସନ୍ତା ୧୭ ତାରିଖ ଯାଏଁ ଘୁଞ୍ଚାଇ ଦେଇଛି। ଯାହାକୁ ନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି। ଏହି ୭ ଦିନିଆ ଆବେଦନ ଅବଧ ବୃଦ୍ଧି କାହା ସ୍ୱାର୍ଥରେ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଶକ୍ତି ବିଶେଷଜ୍ଞ ଓ ସମୀକ୍ଷକମହଲରେ ହେଉଥିବା ଆଲୋଚନା ଅନୁଯାୟୀ ଏକ ପ୍ରଭାବଶାଳୀ ଗୋଷ୍ଠୀ ନିଜ କୋଟେରୀର ବ୍ୟକ୍ତିବିଶେଷଙ୍କୁ ଏହି ଗୁରୁତ୍ୱପୂର୍ଣ୍ଣ ପଦବୀରେ ଥଇଥାନ କରିବାକୁ ଜୋରସୋରରେ ଲାଗି ପଡ଼ିଛନ୍ତି। ଏଥିପାଇଁ ଆବେଦନ ପାଇଁ ସମୟସୀମା ଶେଷ ହୋଇଯାଇଥିବାରୁ ଏହାକୁ ଆଉ ୭ ଦିନ ବୃଦ୍ଧି କରାଯାଇଛି। ▶ପୃଷ୍ଠା-୭

### କାହା ସ୍ୱାର୍ଥ ପାଇଁ ୭ ଦିନ ବଢ଼ିଲା ଆବେଦନ ଅବଧି

### ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଲେ ଶକ୍ତି ବିଶେଷଜ୍ଞ

### ଶକ୍ତି ବିଭାଗର ପ୍ରସ୍ତାବିତ ପ୍ରକଳ୍ପ ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

## ୨୦୩୦ ସୁଦ୍ଧା ସବୁଠି ଗୁଣାତ୍ମକ ବିଦ୍ୟୁତ୍ ସେବା


■ ଭୁବନେଶ୍ୱର, ୧୩।୮ (ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରବାର ଲୋକସେବା ଭବନରେ ଶକ୍ତି ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ଓ ଆଗାମୀ ଦିନରେ ହେବାକୁ ଥିବା ଶକ୍ତି ପ୍ରକଳ୍ପ ସମ୍ପର୍କରେ ସମୀକ୍ଷା କରିଛନ୍ତି। ବର୍ତ୍ତମାନ ରାଜ୍ୟରେ ୨୧୦ଟି ଗ୍ରୀଡ୍ ସବ୍‌ଷ୍ଟେସନ୍ କାର୍ଯ୍ୟକ୍ଷମ ଅଛି। ସେଥିମଧ୍ୟରୁ ଗତ ୨ ବର୍ଷ ମଧ୍ୟରେ ୧୫ଟି ନୂଆ ଗ୍ରୀଡ୍ ସବ୍‌ଷ୍ଟେସନ୍ ସ୍ଥାପନ କରାଯାଇଛି। ସେହିଭଳି ୨ ବର୍ଷ ମଧ୍ୟରେ ୭୮୮.୯୯ ସର୍କିଟ୍ କିଲୋମିଟର ଟ୍ରାନ୍ସମିସନ୍ ଲାଇନ୍ ମଧ୍ୟ ବିଛାଯାଇଛି। ବୈଠକରେ ୨୦୩୦ ସୁଦ୍ଧା ରାଜ୍ୟର ପ୍ରତ୍ୟେକ ଅଞ୍ଚଳକୁ ଗୁଣାତ୍ମକ ବିଦ୍ୟୁତ୍ ସେବା ଯୋଗାଇ ଦେବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଆରୋପ କରିଛନ୍ତି। ସରକାରଙ୍କ ପକ୍ଷରୁ କୁହାଯାଇଛି ଯେ ଅନୁଗୋଳ ଓ ସୁନ୍ଦରଗଡରେ ୨ଟି ୭୬୫/୪୦୦ କେଭି ଗ୍ରୀଡ୍ ▶ପୃଷ୍ଠା-୭

### ୨ ବର୍ଷ ମଧ୍ୟରେ ହୋଇଛି ୧୫ଟି ନୂଆ ଗ୍ରୀଡ୍ ସବ୍‌ଷ୍ଟେସନ୍ ପ୍ରତିଷ୍ଠା

### ୯ଟି ୪୦୦ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍ ନିର୍ମାଣ ପାଇଁ ଯୋଜନା ପ୍ରସ୍ତୁତ



### ଥମୁନାହିଁ ରାଜ୍ୟ ପୁଲିସ ମୁଖ୍ୟା ଚୟନ ବିବାଦ



## ଡିଜିପି ନିଯୁକ୍ତି ଉପରେ 'ସୁପ୍ରିମ' ଅଙ୍କୁଶ

■ ଭୁବନେଶ୍ୱର, ୧୩।୮ (ସମିସ): ରାଜ୍ୟରେ ଡିଜିପି ଚୟନ ଚାଲିଥିବା ବିବାଦ ଧୀରେ ଧୀରେ ରୋମାଞ୍ଚକର ହେବାରେ ଲାଗିଛି। ଆଇନଗତ ଲଢେଇ ଯୋଗୁଁ ପୁରୁଣା ଡିଜିପି ଯିବା ପୂର୍ବରୁ ରାଜ୍ୟରେ ଆଉ ନୂଆ ସ୍ଥାୟୀ ଡିଜିପି ନିଯୁକ୍ତି ହେବାର ସମ୍ଭାବନା ନାହିଁ। ଆସନ୍ତା ଅଗଷ୍ଟ ୧୮ ପର୍ଯ୍ୟନ୍ତ ରାଜ୍ୟର ଡିଜିପି ଚୟନ ଉପରେ ସର୍ବୋଚ୍ଚ ନ୍ୟାୟାଳୟ ସମ୍ପୂର୍ଣ୍ଣ ପ୍ରତିବନ୍ଧକ ଲଗାଇଛନ୍ତି ଓ ୟୁପିଏସ୍‌ସିକୁ କୌଣସି ସୁପାରିସ ନ କରିବାକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି। ତେବେ ଆସନ୍ତା ୧୬ ତାରିଖରେ ବର୍ତ୍ତମାନର ଡିଜି ଅବସର ନେଉଥିବାରୁ ସରକାର କାମଚଳା ଡ଼ିଜି ନିଯୁକ୍ତି କରିପାରନ୍ତି ବୋଲି ଚର୍ଚ୍ଚା ଆରମ୍ଭ ହୋଇଛି ।

### କୌଣସି ସୁପାରିସ ନ କରିବାକୁ ୟୁପିଏସ୍‌ସିକୁ ନିର୍ଦ୍ଦେଶ

### ମାର୍ଗଦର୍ଶିକା ଉଲ୍ଲଂଘନ ହୋଇଥିବା ଆମିକସ୍ କ୍ୟୁରିଙ୍କ ସନ୍ଦେହ

### ଜନସ୍ୱାର୍ଥ ମାମଲା ରୁଜୁକୁ ବିରୋଧ କଲେ ରାଜ୍ୟ ସରକାର

### ରାଜ୍ୟରେ କାମଚଳା ଡିଜି ନିଯୁକ୍ତି ନିମନ୍ତେ ପ୍ରକ୍ରିୟା ଆରମ୍ଭ

ରାଜ୍ୟ ପୁଲିସ ମୁଖିଆ ନିଯୁକ୍ତିରେ ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରା ଜାରି କରାଯାଇଥିବା ମାର୍ଗଦର୍ଶିକା ଉଲ୍ଲଂଘନ ହୋଇଥିବା ଅଭିଯୋଗ କରି ଜନସ୍ୱାର୍ଥ ମାମଲା ରୁଜୁ ପରେ ପୁଲିସ ଡିଜି ନିଯୁକ୍ତି ପ୍ରକ୍ରିୟା ବିବାଦ ଘେରକୁ ଆସିଛି । ସୁପ୍ରିମକୋର୍ଟରେ ଏହି ମାମଲା ଶୁଣାଣି ସମୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ଆଡ୍‌ଭୋକେଟ୍ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ଡିଜିପି ଚୟନ ପ୍ରକ୍ରିୟାରେ କୌଣସି ନିୟମର ଉଲଙ୍ଘନ ହୋଇ ନ ଥିବା ଯୁକ୍ତି ବାଢ଼ିଛନ୍ତି। ଏହା ସହ ସେବା କ୍ଷେତ୍ରରେ ଜନସ୍ୱାର୍ଥ ମାମଲା ଗ୍ରହଣୀୟତାକୁ ନେଇ ମଧ୍ୟ ସେ ପ୍ରଶ୍ନ ଉଠାଇଛନ୍ତି। ତେବେ ସୁପ୍ରିମକୋର୍ଟ ରାଜ୍ୟ ସରକାରଙ୍କ ଯୁକ୍ତିକୁ ଗ୍ରହଣ କରିନାହାନ୍ତି। ମୁଖ୍ୟ ବିଚାରପତି ସୂର୍ଯ୍ୟକାନ୍ତଙ୍କ ଅଧ୍ୟକ୍ଷତାରେ ଗଠିତ ୩ଜଣିଆ ଖଣ୍ଡପୀଠ ଏହି ମାମଲାରେ ବରିଷ୍ଠ ଆଇନ୍‌ଜୀବୀ ତଥା ପ୍ରକାଶ ସିଂ ମାମଲାର ତତ୍କାଳୀନ ଆମିକସ କ୍ୟୁରୋ ରାଜୁ ରାମଚନ୍ଦ୍ରନ୍‌ଙ୍କ ମତାମତ ଲୋଡିଛନ୍ତି। ଶ୍ରୀ ରାମଚନ୍ଦ୍ରନ ଓଡ଼ିଶାରେ ଡିଜିପି ନିଯୁକ୍ତି ପ୍ରକ୍ରିୟାରେ ପ୍ରକାଶ ସିଂ ମାମଲାରେ ସୁପ୍ରିମକୋର୍ଟ ପ୍ରଦାନ କରିଥିବା ମାର୍ଗଦର୍ଶିକା ଉଲ୍ଲଂଘନ ହୋଇଥିବା ମତାମତ ▶ପୃଷ୍ଠା-୭

## ନେତାଜୀଙ୍କୁ ଅପମାନ

# ବିଜେପି ସାଂସଦଙ୍କଠାରୁ ପ୍ରତ୍ୟାହୃତ ହେଲା 'ବଙ୍ଗ ବିଭୂଷଣ' ସମ୍ମାନ



ନୂଆଦିଲ୍ଲୀ, ୧୩।୮ (ଏଜେନ୍ସି): ସ୍ୱାଧୀନତା ସଂଗ୍ରାମୀ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଏବଂ ଆଜାଦ ହିନ୍ଦ୍ ଫୌଜ୍ ବିରୋଧରେ ଆପତ୍ତିଜନକ ମନ୍ତବ୍ୟ ଦେଇଥିବାରୁ ବିଜେପି ରାଜ୍ୟସଭା ସାଂସଦ ନଗେନ୍ଦ୍ର ରାୟ (ଅନନ୍ତ ମହାରାଜ)ଙ୍କଠାରୁ 'ବଙ୍ଗ ବିଭୂଷଣ' ସମ୍ମାନ ପ୍ରତ୍ୟାହାର କରିଛନ୍ତି ପଶ୍ଚିମବଙ୍ଗ ସରକାର। ଗତ ଫେବ୍ରୁଆରୀ ୨୧, ୨୦୨୬ରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ତାଙ୍କୁ ଏହି ରାଜ୍ୟର ସର୍ବୋଚ୍ଚ ବେସାମରିକ ସମ୍ମାନ ପ୍ରଦାନ କରିଥିଲେ। ଜୁଲାଇ ୧୯ ରେ ଦିନହାଟାରେ ଆୟୋଜିତ ଏକ ସଭାରେ ଅନନ୍ତ ମହାରାଜ କହିଥିଲେ ଯେ, 'ନେତାଜୀଙ୍କର ଆଜାଦ ହିନ୍ଦ୍ ଫୌଜ ଗଠନ କରିବାର ଦକ୍ଷତା ଥିଲା କି' ସେ ଦାବି କରିଥିଲେ ଯେ ଆଇଏନ୍‌ଏ'ରେ ଥିବା ସୈନିକମାନେ ବ୍ରିଟିଶ୍-ଭାରତୀୟ ସୈନ୍ୟ ଥିଲେ ଏବଂ ଏହାର ଅପବ୍ୟବହାର କରାଯାଇଥିଲା। ଏହି ମନ୍ତବ୍ୟ ପରେ ରାଜବଂଶୀ ସଂଗଠନ, ଫରୱାର୍ଡ ବ୍ଲକ ଏବଂ ଶାସକ ଟିଏମ୍‌ସି ସମେତ ବିଜେପିର ବରିଷ୍ଠ ନେତା ତଥାଗତ ରାୟ ମଧ୍ୟ ଏହାକୁ ନିନ୍ଦା କରିଥିଲେ। ଫରୱାର୍ଡ ବ୍ଲକ ପୁଲିସରେ ଏତଲା ଦେବା ସହ ତାଙ୍କ ସାଂସଦ ପଦ ରଦ୍ଦ ଦାବି କରିଛି।

## ଓଡ଼ିଶାରୁ ପୂର୍ବତନ ତୃଣମୂଳ କଂଗ୍ରେସ ବିଧାୟକ ନିର୍ମଳ ଘୋଷ ଗିରଫ



କୋଲକାତା, ୧୩।୮ (ଏଜେନ୍ସି): କୋଲକାତାର ଆର୍‌ଜି କର୍ ମେଡିକାଲ କଲେଜର ଜୁନିୟର ଡାକ୍ତରଙ୍କ ବଳାତ୍କାର ଓ ହତ୍ୟା ମାମଲାରେ ପୀଡ଼ିତାଙ୍କ ଶବକୁ ସନ୍ଦେହଜନକ ଭାବେ ତରବରିଆ ଭାବେ ଦାହ କରିବା ଅଭିଯୋଗରେ ତୃଣମୂଳ କଂଗ୍ରେସର ପୂର୍ବତନ ବିଧାୟକ ନିର୍ମଳ ଘୋଷଙ୍କୁ ଓଡ଼ିଶାରୁ ଗିରଫ କରାଯାଇଛି। ପ୍ରମାଣ ନଷ୍ଟ କରିବା, ଅପରାଧିକ ଷଡ଼ଯନ୍ତ୍ର ଏବଂ ପରିବାର ଲୋକଙ୍କ ସମ୍ମତି ବିନା ଜବରଦସ୍ତ ଶବ ଦାହ କରାଇବା ଅଭିଯୋଗରେ ତାଙ୍କୁ ଗିରଫ କରାଯାଇଛି। ସୂଚନାଯୋଗ୍ୟ, ୨୦୨୪ ଅଗଷ୍ଟରେ ଜୁନିୟର ମହିଳା ଡାକ୍ତରଙ୍କ ମୃତଦେହ ସେମିନାର ହଲ୍‌ରୁ ମିଳିଥିଲା।

# ସୁଖବୀର ସିଂହ ବାଦଲଙ୍କୁ ହତ୍ୟା ଉଦ୍ୟମ



ନାନ୍ଦେଡ, ୧୩।୮ (ଏଜେନ୍ସି): ଶିରୋମଣି ଅକାଳୀ ଦଳର ମୁଖ୍ୟ ତଥା ପଞ୍ଜାବର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ସୁଖବୀର ସିଂହ ବାଦଲଙ୍କୁ ମହାରାଷ୍ଟ୍ରର ନାନ୍ଦେଡ୍‌ସ୍ଥିତ ଏକ ଗୁରୁଦ୍ୱାର ପରିସରରେ ଜଣେ ନିହଙ୍ଗ ଧାରୁଆ କୃପାଣ ଦ୍ୱାରା ଆକ୍ରମଣ କରିଛନ୍ତି। ଗୁରୁବାର ସକାଳ ପ୍ରାୟ ୧୧ଟା ସମୟରେ ମାତା ସାହିବ କୌର ଅଞ୍ଚଳରେ ଥିବା ଗୁରୁଦ୍ୱାରରେ ଏହି ଅଭାବନୀୟ ଘଟଣା ଘଟିଛି। ଆକ୍ରମଣରେ ବାଦଲଙ୍କ ଡାହାଣ ହାତରେ ସାମାନ୍ୟ ଆଘାତ ଲାଗିଥିବା ବେଳେ ସେ ବର୍ତ୍ତମାନ ବିପଦମୁକ୍ତ ଅଛନ୍ତି। ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ ଘଟଣାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ବାଦଲ ନିଜର ଏକ ବ୍ୟକ୍ତିଗତ ଗସ୍ତରେ ପଞ୍ଜାବରୁ ନାନ୍ଦେଡ୍ ଆସିଥିଲେ। ଗୁରୁଦ୍ୱାର ଭିତରେ ପ୍ରାର୍ଥନା କରୁଥିବା ସମୟରେ ଜଣେ ନିହଙ୍ଗ ହଠାତ୍ କୃପାଣ ସାହାଯ୍ୟରେ ତାଙ୍କୁ ଆକ୍ରମଣ କରିବାକୁ ଚେଷ୍ଟା କରିଥିଲେ। ସୁରକ୍ଷା ଦାୟିତ୍ୱରେ ଥିବା ପୁଲିସ ଇନ୍ସପେକ୍ଟର ସନ୍ତୋଷ କେନ୍ଦ୍ରେ ତୁରନ୍ତ ବାଦଲଙ୍କୁ ବଞ୍ଚାଇବାକୁ ଯାଇ ନିଜେ ମଧ୍ୟ ଆହାତ ହୋଇଛନ୍ତି। ଘଟଣା ପରେ ବାଦଲଙ୍କୁ ସ୍ଥାନୀୟ ଯଶୋସାଇ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇ ପ୍ରାଥମିକ ଚିକିତ୍ସା ଯୋଗାଇ ଦିଆଯାଇଛି। ସୁରକ୍ଷାକର୍ମୀ ଓ ପୁଲିସ ଅଭିଯୁକ୍ତ ଆକ୍ରମଣକାରୀଙ୍କୁ ତୁରନ୍ତ କାବୁ କରି ଅଟକ ରଖିଛନ୍ତି। ଆକ୍ରମଣର କାରଣ ଜାଣିବା ପାଇଁ ପୁଲିସ ଉକ୍ତ ବ୍ୟକ୍ତିଙ୍କୁ ପଚରାଉଚୁରା ଚଳାଇବା ସହ ଅଧିକ ତଦନ୍ତ ଜାରି ରଖିଛି। ପ୍ରକାଶଥାଉ କି, ଏହା ପୂର୍ବରୁ ୨୦୨୪ ଡିସେମ୍ବର ମାସରେ ଅମୃତସରର ସ୍ୱର୍ଣ୍ଣ ମନ୍ଦିର ପରିସରରେ ଧାର୍ମିକ ଦଣ୍ଡ ବିଧାନର ଅଂଶସ୍ୱରୂପ ସେବା କରୁଥିବା ସମୟରେ ମଧ୍ୟ ବାଦଲଙ୍କୁ ଗୁଳିଚାଳନା ଦ୍ୱାରା ଆକ୍ରମଣ ଉଦ୍ୟମ କରାଯାଇଥିଲା।

# ଦୁର୍ଘଟଣାସ୍ଥଳରେ ୧୦ ମିନିଟ୍‌ରେ ନ ପହଞ୍ଚିଲେ ଆମ୍ବୁଲାନ୍ସକୁ ୧୦ ହଜାର ଜରିମାନା



ନୂଆଦିଲ୍ଲୀ, ୧୩।୮ (ଏଜେନ୍ସି): ଜାତୀୟ ରାଜପଥରେ ଦୁର୍ଘଟଣା ସମୟରେ ତୁରନ୍ତ ଚିକିତ୍ସା ସେବା ଯୋଗାଇଦେବା ପାଇଁ ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ (ଏନ୍‌ଏଚ୍‌ଏଆଇ) ନିୟମକୁ ଅଧିକ କଡ଼ାକଡ଼ି କରିଛି। ନୂଆ ନିୟମାନୁସାରେ, ଦୁର୍ଘଟଣା ସୂଚନା ପାଇବାର ୧୦ ମିନିଟ୍ ମଧ୍ୟରେ ଆମ୍ବୁଲାନ୍ସ ଦୁର୍ଘଟଣା ସ୍ଥଳରେ ନପହଞ୍ଚିଲେ କିମ୍ବା ଆହତଙ୍କୁ ଗୁରୁତ୍ୱପୂର୍ଣ୍ଣ 'ଗୋଲ୍‌ଡେନ୍ ଆୱାର' ମଧ୍ୟରେ ହସ୍ପିଟାଲରେ ନ ପହଞ୍ଚାଇଲେ ୧୦, ୦୦୦ ଟଙ୍କାର ଜରିମାନା ଦେବାକୁ ପଡ଼ିବ। ଜରୁରୀକାଳୀନ ହେଲ୍ପଲାଇନ୍ ନମ୍ବର '୧୦୩୩' ମାଧ୍ୟମରେ ଆସୁଥିବା ଆବେଦନ/ଟିକେଟ୍‌କୁ ୧ ମିନିଟ୍ ମଧ୍ୟରେ ଗ୍ରହଣ ନକଲେ ୫, ୦୦୦ ଟଙ୍କା ଏବଂ ପ୍ରତ୍ୟାଖ୍ୟାନ କଲେ ୧୦, ୦୦୦ ଟଙ୍କା ଜରିମାନା ଲାଗିବ। ଆମ୍ବୁଲାନ୍ସରେ 'ଏନ୍‌ଏଚ୍‌ଏଆଇ କେୟାର' ଆପ୍ କିମ୍ବା ଜିପିଏସ୍ ସେବା ଦିନକରେ ୧% ରୁ ଅଧିକ ସମୟ ଅକାମୀ ରହିଲେ ୨, ୫୦୦ ଟଙ୍କା ଜରିମାନା ଦେବାକୁ ହେବ। ପ୍ରତ୍ୟେକ ଆମ୍ବୁଲାନ୍ସକୁ ଦୈନିକ ୫ କିଲୋମିଟର 'ଡ୍ରାଇ ରନ୍' କରିବା ବାଧ୍ୟତାମୂଳକ କରାଯାଇଛି। ସଡ଼କ ଦୁର୍ଘଟଣାରେ ସମୟସୀମା ମଧ୍ୟରେ ଜରୁରୀକାଳୀନ ଚିକିତ୍ସା ଯୋଗାଇ ଦେଇପାରିଲେ ପ୍ରାୟ ୫୦ ପ୍ରତିଶତ ଜୀବନ ବଞ୍ଚାଯାଇପାରିବ। ଏହାକୁ ଦୃଷ୍ଟିରେ ରଖି ଏନ୍‌ଏଚ୍‌ଏଆଇ ନିଜର ଆମ୍ବୁଲାନ୍ସ ଓ ପାଟ୍ରୋଲିଂ ବ୍ୟବସ୍ଥାକୁ ଅଧିକ କାର୍ଯ୍ୟକ୍ଷମ କରିବା ପାଇଁ ଏହି କଠୋର ପଦକ୍ଷେପ ଗ୍ରହଣ କରିଛି।

# ଏୟାର ଇଣ୍ଡିଆର ସମସ୍ତ ପାଇଲଟଙ୍କର ନିଶା ପରୀକ୍ଷା

ନୂଆଦିଲ୍ଲୀ, ୧୩।୮ (ଏଜେନ୍ସି): ଫୁକେଟ-ଦିଲ୍ଲୀ ବିମାନର ମୁଖ୍ୟ ପାଇଲଟ ଗଞ୍ଜେଇ/ମାଦକ ଦ୍ରବ୍ୟ ସେବନ କରିଥିବା ଜଣାପଡ଼ିବା ପରେ ଏୟାର ଇଣ୍ଡିଆ ଗ୍ରୁପ୍ ପକ୍ଷରୁ ଗୁରୁବାରଠାରୁ ନିଜର ସମସ୍ତ ପାଇଲଟଙ୍କ ପାଇଁ ବାଧ୍ୟତାମୂଳକ 'ସବଷ୍ଟାନ୍ସ ସ୍କ୍ରିନିଂ' (ନିଶା ଦ୍ରବ୍ୟ



ପରୀକ୍ଷା) ଆରମ୍ଭ କରାଯାଇଛି। ବିମାନ ସେବାର ସୁରକ୍ଷା ଓ ଯାତ୍ରୀଙ୍କ ବିଶ୍ୱାସ ବଜାୟ ରଖିବା ପାଇଁ କମ୍ପାନୀ ଏହି ପଦକ୍ଷେପ ନେଇଛି। ଫୁକେଟ-ଦିଲ୍ଲୀ ବିମାନ ଘଟଣା ପରେ ବେସାମରିକ ବିମାନ ଚଳାଚଳ ସଚିବ ସମୀର ସିହ୍ନା ଏୟାର ଇଣ୍ଡିଆକୁ ସୁରକ୍ଷା ସୁନିଶ୍ଚିତ କରିବାକୁ କଠୋର ନିର୍ଦ୍ଦେଶ ଦେଇଥିଲେ। ଏୟାର ଇଣ୍ଡିଆର ବରିଷ୍ଠ ଭାଇସ୍ ପ୍ରେସିଡେଣ୍ଟ (ଫ୍ଲାଇଟ୍ ଅପରେସନ୍ସ) କ୍ୟାପ୍ଟେନ୍ ମନୀଷ ଉପଲ ପାଇଲଟମାନଙ୍କୁ ଚିଠି ଲେଖି ଜଣାଇଛନ୍ତି ଯେ, ସାଧାରଣ ନିୟମଠାରୁ ଆଗକୁ ଯାଇ ଅଗଷ୍ଟ ୧୩, ୨୦୨୬ ରୁ ସମସ୍ତ ପାଇଲଟଙ୍କର ଏହି ନିଶା ପରୀକ୍ଷା କରାଯିବ। ଗୁରୁଗ୍ରାମ ଏକାଡେମୀରେ ତାଲିମ ସମୟରେ, ବିମାନ ଉଡ଼ାଣ ପରେ ଫ୍ଲାଇଟ୍ ବ୍ରିଫିଂ ସେଣ୍ଟର କିମ୍ବା ନିଜ ନିଜ ବେସ୍‌ରେ ଏହି ପରୀକ୍ଷା କରାଯିବ। ବିମାନ ଚଳାଚଳ କ୍ଷେତ୍ରରେ ଉଚ୍ଚମାନର ସୁରକ୍ଷା ଓ ବ୍ୟବସାୟିକ ନୈତିକତା ବଜାୟ ରଖିବା ସହ ଯାତ୍ରୀଙ୍କ ଆସ୍ଥା ଫେରାଇ ଆଣିବା ପାଇଁ ଏୟାର ଇଣ୍ଡିଆ ଏହି କଡ଼ା ପଦକ୍ଷେପ ଗ୍ରହଣ କରିଛି।

## ଜାତିସଂଘ ନିରାପତ୍ତା ପରିଷଦର ରିପୋର୍ଟ

# ଲାଲ୍‌କିଲ୍ଲା ବିସ୍ଫୋରଣ ପଛରେ ଅଲ୍-କାଏଦା



**୧୧ ଜଣଙ୍କ ଜୀବନ ନେଇଥିଲା ଆତଙ୍କବାଦୀ ଆକ୍ରମଣ**

ନୂଆଦିଲ୍ଲୀ, ୧୩।୮ (ଏଜେନ୍ସି): ୨୦୨୫ ନଭେମ୍ବର ମାସରେ ଦିଲ୍ଲୀର ଐତିହାସିକ ଲାଲ୍‌କିଲ୍ଲା ନିକଟରେ ହୋଇଥିବା ମାରାତ୍ମକ କାର୍ ବିସ୍ଫୋରଣ ପଛରେ ଆତଙ୍କବାଦୀ ସଂଗଠନ 'ଅଲ୍-କାଏଦା ଇନ୍ ଦି ଇଣ୍ଡିଆନ୍ ସବ୍‌କଣ୍ଟିନେଣ୍ଟ' (ଏକ୍ୟୁଆଇଏସ୍)ର ସମ୍ପୃକ୍ତି ଥିବା ନେଇ ଜାତିସଂଘ ନିରାପତ୍ତା ପରିଷଦ (ୟୁଏନ୍‌ଏସ୍‌ସି) ସ୍ପଷ୍ଟ କରିଛି। ଜାତିସଂଘର ଆନାଲିଟିକାଲ୍ ସପୋର୍ଟ ଆଣ୍ଡ ସାଙ୍କସନ୍ସ ମନିଟରିଂ ଟିମ୍‌ର ୩୮ତମ ରିପୋର୍ଟରେ ଏହି ସୂଚନା ପ୍ରକାଶ ପାଇଛି। ରିପୋର୍ଟ ଅନୁସାରେ, ଏକ୍ୟୁଆଇଏସ୍ ଭାରତୀୟ ଉପମହାଦ୍ୱୀପରେ ନିଜର ଆଞ୍ଚଳିକ ନେଟୱାର୍କ ସୁଦୃଢ଼ କରିବା ସହ ଛୋଟ ଛୋଟ ଗୁପ୍ତ ଦଳ ମାଧ୍ୟମରେ ଆର୍ଥିକ ଓ ଯୋଗାଯୋଗ ବ୍ୟବସ୍ଥା ଗଢ଼ି ତୋଳିଛି। ପୂର୍ବରୁ ପ୍ରକାଶିତ ୩୭ତମ ରିପୋର୍ଟରେ ଏହି ଆକ୍ରମଣରେ 'ଜୈଶ୍-ଏ-ମହମ୍ମଦ'ର ହାତ ଥିବା ନେଇ ସନ୍ଦେହ କରାଯାଉଥିବା ବେଳେ, ନୂତନ ରିପୋର୍ଟରେ ଏହା ଅଲ୍-କାଏଦାର ସଂଗଠିତ କାର୍ଯ୍ୟ ବୋଲି ଆନୁଷ୍ଠାନିକ ଭାବେ ଦର୍ଶାଯାଇଛି। ୨୦୨୫ ନଭେମ୍ବର ସନ୍ଧ୍ୟାରେ ଲାଲ୍‌କିଲ୍ଲା ନିକଟରେ ଚାଲିଥିବା ଏକ କାର୍‌ରେ ବିସ୍ଫୋରଣ ଘଟି ୧୧ ଜଣ ପ୍ରାଣ ହରାଇଥିଲେ ଏବଂ ୨୫ରୁ ଊର୍ଦ୍ଧ୍ୱ ଗୁରୁତର ଆହାତ ହୋଇଥିଲେ। ଆତ୍ମଘାତୀ ବିସ୍ଫୋରଣକାରୀ ଉମର ଉନ୍ ନବୀ ଏହି ଗାଡ଼ି ଚଳାଉଥିବା ସନ୍ଦେହ କରାଯାଉଛି। ଅପରପକ୍ଷରେ ଭାରତର ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ଏହି ଘଟଣାରେ ୧୧ ଜଣ ଅଭିଯୁକ୍ତଙ୍କ ବିରୋଧରେ ୭, ୫୦୦ ପୃଷ୍ଠାର ଚାର୍ଜସିଟ୍ ଦାଖଲ କରିଛି, ଯାହା ଅଗଷ୍ଟ ୨୭ ତାରିଖରେ ନୂଆଦିଲ୍ଲୀର ରାଉଜ୍ ଆଭେନ୍ୟୁ କୋର୍ଟରେ ବିଚାର ପାଇଁ ଗ୍ରହଣ କରାଯିବ।

# ବିଜୁଳି ସଙ୍କଟ ବାଂଲାଦେଶ ଅନ୍ଧାର

ନୂଆଦିଲ୍ଲୀ, ୧୩।୮ (ଏଜେନ୍ସି): ସମ୍ପ୍ରତି ଗମ୍ଭୀର ଶକ୍ତି ସଙ୍କଟ ଦେଇ ଗତି କରୁଛି ପଡ଼ୋଶୀ ଦେଶ ବାଂଲାଦେଶ। ଗ୍ରାମାଞ୍ଚଳଗୁଡ଼ିକରେ ଦୈନିକ ୯ ରୁ ୧୦ ଘଣ୍ଟା ପର୍ଯ୍ୟନ୍ତ ବିଜୁଳି କାଟ୍ ହେଉଥିବା ବେଳେ ତାରିକ୍ ରହମାନ୍ ସରକାର ଦେଶରେ ଜରୁରୀକାଳୀନ ପଦକ୍ଷେପ ଗ୍ରହଣ କରିଛନ୍ତି। ବିଜୁଳି ସଞ୍ଚୟ ପାଇଁ ରାତି ୮ଟା ସୁଦ୍ଧା ସମସ୍ତ ଶପିଂ ମଲ୍, ବଜାର ଓ ଦୋକାନ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରାକୃତିକ ଗ୍ୟାସ୍ ଏବଂ ଏଲ୍‌ଏନ୍‌ଜି ଟର୍ମିନାଲ୍‌ରେ ନିଆଁ ଲାଗିବା ଏବଂ ଖରାପ ପାଣିପାଗ ଯୋଗୁଁ ଇନ୍ଧନ ଯୋଗାଣ ବାଧାପ୍ରାପ୍ତ ହୋଇଛି। ବାଂଲାଦେଶରେ ବିଦ୍ୟୁତ୍ ଚାହିଦା ୧୮, ୦୦୦ ମେଗାୱାଟ୍ ଥିବା ବେଳେ ଯୋଗାଣ ମାତ୍ର ୧୩, ୦୦୦ ମେଗାୱାଟ୍ ପହଞ୍ଚିପାରୁଛି। କ୍ରମାଗତ ବିଜୁଳି କାଟ୍ ଯୋଗୁଁ ଉତ୍ତ୍ୟକ୍ତ ଲୋକେ ବିଦ୍ୟୁତ୍ କାର୍ଯ୍ୟାଳୟ ଓ ଗ୍ରୀଡ୍‌ଗୁଡ଼ିକରେ ଭଙ୍ଗାରୁଜା ଏବଂ ନିଆଁ ଲଗାଇବା ସହ କର୍ମଚାରୀଙ୍କୁ ଆକ୍ରମଣ କରୁଛନ୍ତି। ଏଥିପାଇଁ ପୁଲିସ ସୁରକ୍ଷା ମଗାଯାଇଛି। ଚିଙ୍ଗୁଡ଼ି ଚାଷ, ବସ୍ତ୍ର ଶିଳ୍ପ ଏବଂ ବ୍ୟବସାୟୀମାନେ ଅତ୍ୟାଧିକ କ୍ଷତିଗ୍ରସ୍ତ ହେଉଛନ୍ତି। ଶକ୍ତି ସଙ୍କଟରୁ ମୁକ୍ତି ପାଇବା ପାଇଁ ବାଂଲାଦେଶ ସରକାର 'ଭାରତ-ବାଂଲାଦେଶ ମୈତ୍ରୀ ପାଇପଲାଇନ୍' ମାଧ୍ୟମରେ ଅତିରିକ୍ତ ଡିଜେଲ ଯୋଗାଇଦେବାକୁ ଭାରତକୁ ଅନୁରୋଧ କରିଛନ୍ତି।

## ନୋଏଡ଼ାରେ ଯୁବତୀଙ୍କୁ ହତ୍ୟା

ନୋଏଡ଼ା, ୧୩।୮ (ଏଜେନ୍ସି): ଉତ୍ତର ପ୍ରଦେଶ ନୋଏଡ଼ାର ବରୌଲା ଗ୍ରାମସ୍ଥିତ ଏକ ପେଇଂ ଗେଷ୍ଟ (ପିଜି)ରୁ ଆସାମର ୧୯ ବର୍ଷୀୟା ଯୁବତୀ ମହକ ଅହମ୍ମଦଙ୍କ ରକ୍ତାକ୍ତ ଶବ ଉଦ୍ଧାର କରାଯାଇଛି। କଳି ଓ ଝଗଡ଼ାକୁ କେନ୍ଦ୍ର କରି ସମାନ ପିଜିରେ ରହୁଥିବା ବିହାରର ଜଣେ ବି-ଟେକ୍ ସ୍ନାତକ ଯୁବକ ତାଙ୍କୁ ହତ୍ୟା କରିଥିବା ସନ୍ଦେହ କରାଯାଉଛି। ପୁଲିସ ଅଭିଯୁକ୍ତ ରମଣଙ୍କୁ ହାଜତକୁ ନେଇ ପଚରାଉଚରା ଚଳାଇଛି। ଅଗଷ୍ଟ ୮ ତାରିଖ ରାତିରେ ମଦ୍ୟପାନ କରୁଥିବା ରମଣଙ୍କ ସହ ମହକ ଓ ତାଙ୍କ ସାଙ୍ଗ ସଞ୍ଜନାଙ୍କର ବାରଣ୍ଡାରେ କୌଣସି କଥାକୁ ନେଇ କଳି ହୋଇଥିଲା। ପରଦିନ ସଞ୍ଜନା କାମରେ ବାହାରକୁ ଯାଇ ଫେରିବା ପରେ ମହକଙ୍କୁ ନପାଇ ତାଙ୍କ ଫୋନ୍‌ବନ୍ଦ ପାଇଥିଲେ। ଅଗଷ୍ଟ ୧୦ ତାରିଖରେ ରମଣଙ୍କ ତାଲାବନ୍ଦ ଘରୁ ଦୁର୍ଗନ୍ଧ ବାହାରିବାରୁ ମାଲିକ ପୁଲିସକୁ ଖବର ଦେଇଥିଲେ। ପୁଲିସ ତାଲା ଭାଙ୍ଗି ମହକଙ୍କ କ୍ଷତବିକ୍ଷତ ଶବ ଉଦ୍ଧାର କରିଥିଲା। ପିଜି ମାଲିକଙ୍କ ଅଭିଯୋଗ ଆଧାରରେ ରମଣଙ୍କ ବିରୋଧରେ ହତ୍ୟା ମାମଲା ରୁଜୁ କରାଯାଇଛି। ଫୋରେନ୍ସିକ ଟିମ୍ ଏବଂ ପୁଲିସ ମହକଙ୍କ ମୋବାଇଲ୍ ଫୋନ୍, କଲ୍ ରେକର୍ଡ ଏବଂ ଘଟଣାର ମୂଳ କାରଣ ସମ୍ପର୍କରେ ତଦନ୍ତ ଚଳାଇଛନ୍ତି। ଆସାମରୁ ନିଜ ପରିବାରକୁ ନ ଜଣାଇ ମହକ ନୋଏଡ଼ା ଆସିଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ପରିବାର ଲୋକେ ନୋଏଡ଼ାରେ ପହଞ୍ଚି ଶବ ଚିହ୍ନଟ କରିଛନ୍ତି।

## ନର୍ସଙ୍କ ସନ୍ଦେହଜନକ ମୃତ୍ୟୁ

କୋଲକାତା, ୧୩।୮ (ଏଜେନ୍ସି): କୋଲକାତାର ନୀଲ୍ ରତନ ସରକାର (ଏନ୍‌ଆର୍‌ଏସ୍) ମେଡିକାଲ କଲେଜ ଓ ହସ୍ପିଟାଲରେ ବୁଧବାର ରାତ୍ରି ଡ୍ୟୁଟି ସମୟରେ ଜଣେ ୩୦ ବର୍ଷୀୟା ସେବିକା (ନର୍ସ)ଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ହସ୍ପିଟାଲର ଏଚ୍‌ଡିୟୁ ୱାର୍ଡର ଶୌଚାଳୟ ଭିତରୁ ତାଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାର କରାଯାଇଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ଉକ୍ତ ନର୍ସ ଜଣକ ରାତି ପ୍ରାୟ ୧୦ଟା ୨୦ ମିନିଟ୍‌ରେ ଶୌଚାଳୟକୁ ଯାଇଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ସେ ଫେରିନଥିବାରୁ ଅନ୍ୟ ସହକର୍ମୀମାନେ ଯାଇ ଦେଖିବା ବେଳେ କବାଟ ଭିତରୁ ବନ୍ଦ ଥିଲା। ବାରମ୍ବାର ଡାକିବା ପରେ ମଧ୍ୟ କୌଣସି ଶବ୍ଦ ନମିଳିବାରୁ ସହକର୍ମୀମାନେ କବାଟ ଭାଙ୍ଗି ତାଙ୍କୁ ଅଚେତ ଅବସ୍ଥାରେ ତଳେ ପଡ଼ିଥିବା ଦେଖିବାକୁ ପାଇଥିଲେ। ତୁରନ୍ତ ତାଙ୍କୁ ଚିକିତ୍ସା ପାଇଁ ନିଆଯାଇଥିଲେ ହେଁ ଉପସ୍ଥିତ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଣାସ୍ଥଳରୁ ସୁସାଇଡ୍ ନୋଟ୍ ମିଳିନାହିଁ। ସୂଚନା ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ମୃତ୍ୟୁର ପ୍ରକୃତ କାରଣ ଜାଣିବା ପାଇଁ ଶବ ବ୍ୟବଚ୍ଛେଦ) ରିପୋର୍ଟକୁ ଅପେକ୍ଷା କରାଯାଇଛି।

# ଝାଡ଼ଖଣ୍ଡ ଛାତ୍ର ଆନ୍ଦୋଳନ: ୫୦୦ ଜଣଙ୍କ ବିରୋଧରେ ଏତଲା

ରାଞ୍ଚି, ୧୩।୮ (ଏଜେନ୍ସି): ଝାଡ଼ଖଣ୍ଡ ଷ୍ଟାଫ୍ ସିଲେକ୍ସନ କମିଶନ ଗ୍ରାଜୁଏଟ୍ ଲେଭଲ୍ (ଜେଏସଏସସି-ସିଜିଏଲ୍) ପରୀକ୍ଷା ବାତିଲ ଏବଂ ଏହାର କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ତଦନ୍ତ ଦାବିରେ ଏଠାରେ ଚାଲିଥିବା ଛାତ୍ର ଆନ୍ଦୋଳନ ଗୁରୁବାର ୨୦ ଦିନରେ ପହଞ୍ଚିଛି। ଗତ ଅଗଷ୍ଟ ୧୦ ତାରିଖରେ ବିଧାନସଭା ଘେରାଉ ପାଇଁ ଉଦ୍ୟମ କରିଥିବା ଅଭିଯୋଗରେ ପୋଲିସ ପ୍ରାୟ ୫୦୦ ଜଣ ଆନ୍ଦୋଳନକାରୀ ଛାତ୍ରଙ୍କ ବିରୋଧରେ ଏଫଆଇଆର ରୁଜୁ କରିଛି। ଏଥିସହିତ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କ ବାସଭବନ ଚାରିପାଖରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ଆନ୍ଦୋଳନକାରୀ ଛାତ୍ରମାନଙ୍କ ମଧ୍ୟରୁ ୬ ଜଣ ଅନଶନ ଜାରି ରଖିଥିବା ବେଳେ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚିନ୍ତା ବୃଦ୍ଧି ପାଇଛି। ଛାତ୍ର ନେତା ରାଧେ କୁମାର କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ସେମାନଙ୍କ ଦାବି ନଶୁଣିବା ଦୁର୍ଭାଗ୍ୟଜନକ। ଆନ୍ଦୋଳନକାରୀମାନେ ସେମାନଙ୍କ ନେତା ଦେବେନ୍ଦ୍ରନାଥ ମାହାତୋଙ୍କୁ ବେଆଇନ ଭାବେ ଅଟକ ରଖାଯାଇଥିବା ଅଭିଯୋଗ କରିବା ସହ ମୁଖ୍ୟମନ୍ତ୍ରୀଙ୍କ ସହ ସିଧାସଳଖ ଆଲୋଚନା କରିବାକୁ ଦାବି କରିଛନ୍ତି। ଅନ୍ୟପକ୍ଷରେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ରଘୁବର ଦାସ ଛାତ୍ରମାନଙ୍କୁ ଭେଟି ସମର୍ଥନ ଜଣାଇଛନ୍ତି। ସରକାର ସପ୍ତାହକ ମଧ୍ୟରେ ଏହି ପ୍ରଶ୍ନପତ୍ର ଲିକ୍ ଓ ନିଯୁକ୍ତି ଦୁର୍ନୀତିର ସିବିଆଇ ତଦନ୍ତ ନିର୍ଦ୍ଦେଶ ନଦେଲେ, ସେ ନିଜେ ବିର୍ସା ମୁଣ୍ଡାଙ୍କ ନାମରେ ଅନଶନରେ ବସିବେ ବୋଲି ଚେତାବନୀ ଦେଇଛନ୍ତି। ସରକାର ଦାବି ପୂରଣ ନକରିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଛାତ୍ରମାନେ ସ୍ପଷ୍ଟ କରିଛନ୍ତି।

# ଲୋକସଭା ବାଚସ୍ପତିଙ୍କ ଚା' ପାର୍ଟିକୁ କଂଗ୍ରେସ, ଟିଏମସି, ଏସପିର ବର୍ଜନ

ନୂଆଦିଲ୍ଲୀ, ୧୩।୮ (ଏଜେନ୍ସି): ମୌସୁମୀ ଅଧିବେଶନ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ହେବା ପରେ ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କ ଦ୍ୱାରା ଆୟୋଜିତ ପାରମ୍ପରିକ ସୌଜନ୍ୟମୂଳକ ଚା' ଚକ୍ରକୁ ବିରୋଧୀ 'ଇଣ୍ଡିଆ' ମେଣ୍ଟର ପ୍ରମୁଖ ଦଳଗୁଡ଼ିକ ବର୍ଜନ କରିଛନ୍ତି। କଂଗ୍ରେସ, ତୃଣମୂଳ କଂଗ୍ରେସ (ଟିଏମସି) ଏବଂ ସମାଜବାଦୀ ପାର୍ଟି (ଏସପି)ର ନେତାମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇନଥିବା ବେଳେ 'ଇଣ୍ଡିଆ' ମେଣ୍ଟର ଅନ୍ୟତମ ସହଯୋଗୀ ଡିଏମକେ ନେତ୍ରୀ କାନିମୋଝି ଏଥିରେ ଅଂଶଗ୍ରହଣ କରିଥିଲେ। ବାଚସ୍ପତିଙ୍କ କକ୍ଷରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ସମେତ ଶାସକ ମେଣ୍ଟର ଏକାଧିକ ବରିଷ୍ଠ ନେତା ଓ ମନ୍ତ୍ରୀ ଉପସ୍ଥିତ ଥିଲେ। ଗୃହ କାର୍ଯ୍ୟ ମୁଲତବୀ ପରେ ପ୍ରତି ଅଧିବେଶନ ଶେଷରେ ଏହି ପାରମ୍ପରିକ ଚା' ଚକ୍ର ଆୟୋଜନ କରାଯାଇଥାଏ। ଅପରପକ୍ଷରେ, ରାଜ୍ୟସଭା ଅଧ୍ୟକ୍ଷ ସିପି ରାଧାକୃଷ୍ଣନ୍‌ଙ୍କ ଦ୍ୱାରା ଆୟୋଜିତ ଚା' ଚକ୍ରରେ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ୍‌ଗେ ଏବଂ ସଂସଦୀୟ ଦଳ ପ୍ରମୁଖ ସୋନିଆ ଗାନ୍ଧୀଙ୍କ ସମେତ ଉଚ୍ଚସଦନର ଅନେକ ବିରୋଧୀ ନେତା ଯୋଗ ଦେଇଥିଲେ। ସଂସଦର ଉଭୟ ସଦନ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ହେବା ପରେ ବାଚସ୍ପତି ଓ ରାଜ୍ୟସଭା ଅଧ୍ୟକ୍ଷ ନିଜ ନିଜ କକ୍ଷରେ ଏହି ଆପ୍ୟାୟନ କାର୍ଯ୍ୟକ୍ରମର ଆୟୋଜନ କରିଥିଲେ।

**ରାଜ୍ୟସଭା ଅଧ୍ୟକ୍ଷଙ୍କ କାର୍ଯ୍ୟକ୍ରମରେ ଥିଲେ ଖଡ୍‌ଗେ, ସୋନିଆ**

# ଆୟର୍ଲ୍ୟାଣ୍ଡ ପାଲଟୁଛି ନୂଆ ମଦ ଉତ୍ପାଦନକାରୀ ଦେଶ

**୨୦୨୬ରେ ପ୍ରଚୁର ଅଙ୍ଗୁର ଅମଳ**



ଡବ୍ଲିନ୍, ୧୩।୮ (ଏଜେନ୍ସି): ବିଶ୍ୱବ୍ୟାପୀ ଜଳବାୟୁ ପରିବର୍ତ୍ତନ ଏବଂ ତାପମାତ୍ରା ବୃଦ୍ଧି ଯୋଗୁଁ ୟୁରୋପର ଦକ୍ଷିଣାଞ୍ଚଳ ଦେଶଗୁଡ଼ିକରେ ଗ୍ରୀଷ୍ମପ୍ରବାହ ଓ ଦାବାନଳ ଭଳି ସଙ୍କଟ ଦେଖାଦେଇଥିବା ବେଳେ ଆୟର୍ଲ୍ୟାଣ୍ଡ ପାଇଁ ଏହା ଏକ ନୂଆ ଆଶାର କିରଣ ସାଜିଛି। ଦିନେ ଅଙ୍ଗୁର ଚାଷ ପାଇଁ ଅନୁପଯୁକ୍ତ ମନେକରାଯାଉଥିବା ଆୟର୍ଲ୍ୟାଣ୍ଡ ଏବେ ଏକ ପ୍ରମୁଖ ୱାଇନ୍ (ମଦ୍ୟ) ଉତ୍ପାଦନକାରୀ ଦେଶ ଭାବେ ଉଭା ହେଉଛି। ୨୦୨୬ ମସିହାର ଗ୍ରୀଷ୍ମ ଋତୁରେ ଏଠାକାର ଚାଷୀମାନେ ପ୍ରଚୁର ପରିମାଣରେ ଅଙ୍ଗୁର ଅମଳ କରିଥିବା ବେଳେ ବୈଦେଶିକ ନିବେଶକମାନଙ୍କ ଆଗ୍ରହ ବୃଦ୍ଧି ପାଇଛି। ସମ୍ପ୍ରତି ଆୟରଲ୍ୟାଣ୍ଡରେ ୪୨ଟି ଅଙ୍ଗୁର ବଗିଚା (ଭିନୟାର୍ଡ) ରହିଛି, ଯେଉଁଥିମଧ୍ୟରୁ ୫ଟି ବ୍ୟାବସାୟିକ ସ୍ତରରେ ନିବନ୍ଧିତ ହୋଇ ୱାଇନ୍ ପ୍ରସ୍ତୁତ କରୁଥିବା ବେଳେ ଅନ୍ୟ ୩୭ଟି ଗବେଷଣା, ପରୀକ୍ଷାମୂଳକ ଓ ବ୍ୟକ୍ତିଗତ ବ୍ୟବହାର ପାଇଁ କାର୍ଯ୍ୟ କରୁଛି। ଆୟରଲ୍ୟାଣ୍ଡର ଥଣ୍ଡା ପାଣିପାଗ ଓ ମୃତ୍ତିକା ଅଙ୍ଗୁର ଚାଷ ପାଇଁ ବେଶ୍ ଅନୁକୂଳ ସାବ୍ୟସ୍ତ ହେଉଛି। ଚାଷୀମାନେ ସୋଲାରିସ୍, ରୋଣ୍ଡୋ, ଚାର୍ଡନେ, ରିଜଲିଂ ଓ ପିନୋଟ୍ ଭଳି ରୋଗପ୍ରତିରୋଧକ ଅଙ୍ଗୁର କିସମ ସଫଳତାର ସହ ଚାଷ କରୁଛନ୍ତି। ଏହାଛଡ଼ା, ଆୟରଲ୍ୟାଣ୍ଡର ପାଣିପାଗ ଯୋଗୁଁ ଏଠାରେ ପ୍ରସ୍ତୁତ ୱାଇନ୍‌ରେ ଆଲକୋହଲ୍ ପରିମାଣ ୧୨ ପ୍ରତିଶତରୁ କମ୍ ରହୁଛି, ଯାହା ସ୍ୱାସ୍ଥ୍ୟସଚେତନ ଗ୍ରାହକଙ୍କୁ ଆକୃଷ୍ଟ କରୁଛି। ଜଳବାୟୁର ଅନୁକୂଳତା ସହ ଗୁଣବତ୍ତା ବଜାୟ ରଖିପାରିଲେ ଆଗାମୀ ଦିନରେ ଆୟର୍ଲ୍ୟାଣ୍ଡ ବିଶ୍ୱ ୱାଇନ୍ ବଜାରରେ ଏକ ପ୍ରମୁଖ ସ୍ଥାନ ଗ୍ରହଣ କରିବ ବୋଲି ବିଶେଷଜ୍ଞମାନେ ଆଶା ପ୍ରକାଶ କରିଛନ୍ତି।

# ଉତ୍ତରାଖଣ୍ଡରେ ଖଡ୍‌ଗେଙ୍କ ସଭା ପରେ ଶୁଦ୍ଧୀକରଣ ବିବାଦ





**ରାଜ୍ୟସଭାରେ ହଙ୍ଗାମା, ତଦନ୍ତ ଆଶ୍ୱାସନା ଦେଲେ ନଡ୍ଡା**

ନୂଆଦିଲ୍ଲୀ, ୧୩।୮ (ଏଜେନ୍ସି): ଉତ୍ତରାଖଣ୍ଡର ହଲଦ୍ୱାନୀସ୍ଥିତ ରାମଲୀଳା ମୈଦାନରେ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ୍‌ଗେଙ୍କ ସଭା ପରେ ଏକ ଦକ୍ଷିଣପନ୍ଥୀ ସଂଗଠନ ପକ୍ଷରୁ କରାଯାଇଥିବା 'ଶୁଦ୍ଧିକରଣ' ଓ ଯଜ୍ଞକୁ ନେଇ ଗୁରୁବାର ସଂସଦର ଉଚ୍ଚସଦନ ରାଜ୍ୟସଭାରେ ପ୍ରବଳ ହଙ୍ଗାମା ସୃଷ୍ଟି ହୋଇଛି। ଗୃହରେ ଏହି ପ୍ରସଙ୍ଗ ଉଠାଇ ବିରୋଧୀ ଦଳ ନେତା ଖଡ୍‌ଗେ ନିଜର ଗଭୀର କ୍ଷୋଭ ପ୍ରକାଶ କରିବା ସହ ଗଣତନ୍ତ୍ର ଓ ସମ୍ବିଧାନର ସୁରକ୍ଷା ନେଇ ପ୍ରଶ୍ନ ଉଠାଇଛନ୍ତି। ଅପରପକ୍ଷରେ କେନ୍ଦ୍ରମନ୍ତ୍ରୀ ଜେପି ନଡ୍ଡା ଏହି ଘଟଣାକୁ ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଆଖ୍ୟା ଦେବା ସହ ଏଥିରେ ଶାସକ ଦଳର କୌଣସି ସମ୍ପୃକ୍ତି ନାହିଁ ବୋଲି ସ୍ପଷ୍ଟ କରିଛନ୍ତି। ସଂସଦର ମୌସୁମୀ ଅଧିବେଶନର ଶେଷ ଦିନରେ ଗୃହ କାର୍ଯ୍ୟ ଆରମ୍ଭ ହେବା ମାତ୍ରକେ ଖଡ୍‌ଗେ ଅଭିଯୋଗ କରିଥିଲେ ଯେ, ଗତ ଅଗଷ୍ଟ ୮ ତାରିଖରେ ସେ ହଲଦ୍ୱାନୀର ଏକ ଜନସଭାରେ ଜନସାଧାରଣଙ୍କ ସମସ୍ୟା ସମ୍ପର୍କରେ ଭାଷଣ ଦେଇଥିଲେ। ମାତ୍ର ସଭା ଶେଷ ହେବାର ଦୁଇ ଦିନ ପରେ ସେହି ମଞ୍ଚକୁ ଶୁଦ୍ଧିକରଣ କରାଯାଇଥିଲା। ଜଣେ ଦଳିତ ନେତା ହୋଇଥିବାରୁ ଏଭଳି କାର୍ଯ୍ୟ କରାଯାଇଛି ବୋଲି ଦର୍ଶାଇ ସେ ପ୍ରଶ୍ନ କରିଥିଲେ ଯେ, ଏହା କ'ଣ ଗଣତନ୍ତ୍ରର ଶୋଭା ପାଏ ଏହି ଘଟଣାରେ ଜଡ଼ିତ ବ୍ୟକ୍ତିଙ୍କ ବିରୋଧରେ ମାମଲା ରୁଜୁ କରି ଗିରଫ କରିବାକୁ ସେ ଦାବି କରିଥିଲେ। ସଭାପତି ଏହି ପ୍ରସଙ୍ଗରେ କହିଥିଲେ ଯେ ଅସ୍ପୃଶ୍ୟତାଠାରୁ ବଡ଼ ପାପ ଜଗତରେ କିଛି ନାହିଁ ଏବଂ ଏହା ନିନ୍ଦନୀୟ। ଶାସକ ଦଳ ପକ୍ଷରୁ କେନ୍ଦ୍ରମନ୍ତ୍ରୀ ନଡ୍ଡା କହିଥିଲେ ଯେ ବିଜେପି ଏଭଳି କାର୍ଯ୍ୟକଳାପକୁ କଦାପି ସମର୍ଥନ କରେ ନାହିଁ। ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେବା ସହ ଖଡ୍‌ଗେଙ୍କ ମନରେ ଆଘାତ ପହଞ୍ଚିଥିବାରୁ ଦୁଃଖ ପ୍ରକାଶ କରିଥିଲେ। ଅପରପକ୍ଷରେ ଉତ୍ତରାଖଣ୍ଡ ପ୍ରଦେଶ କଂଗ୍ରେସ ସଭାପତି ଗଣେଶ ଗୋଦିୟାଲ ଅଭିଯୋଗ କରିଛନ୍ତି ଯେ, ବିଜେପି ସହ ଜଡ଼ିତ ଶ୍ରୀରାମସେନା ନାମକ ସଂଗଠନ ଏହି କାର୍ଯ୍ୟ କରି ସମାଜରେ ଜାତିଗତ ବିଭାଜନ ସୃଷ୍ଟି ଚେଷ୍ଟା କରୁଛି। ଅନ୍ୟପକ୍ଷରେ ସଂଗଠନର ସଦସ୍ୟମାନେ କହିଛନ୍ତି ଯେ ରାମଲୀଳା ମୈଦାନ ଏକ ଧାର୍ମିକ ସ୍ଥଳ ଏବଂ ସଭା ସମୟରେ ଅନ୍ୟ ଧର୍ମର ନାରାବାଜି ହୋଇଥିବାରୁ ସେମାନେ ଏହି ହବନ କରିଥିଲେ। ଉତ୍ତରାଖଣ୍ଡର ଶାସକ ଦଳର ପ୍ରବକ୍ତା ମଧ୍ୟ ଏହି ମୈଦାନର ଧାର୍ମିକ ପବିତ୍ରତା ନଷ୍ଟ ହୋଇଥିବା କାରଣରୁ ଶ୍ରଦ୍ଧାଳୁଙ୍କ ମନରେ ଆଘାତ ଲାଗିଥାଇପାରେ ବୋଲି ପ୍ରତିକ୍ରିୟା ଦେଇଛନ୍ତି। ସଂସଦରୁ ରାଜ୍ୟ ପର୍ଯ୍ୟନ୍ତ ଏହି ପ୍ରସଙ୍ଗକୁ ନେଇ କଂଗ୍ରେସ, ରାଷ୍ଟ୍ରୀୟ ଜନତା ଦଳ ଓ ବିଜେପି ମଧ୍ୟରେ ତୀବ୍ର ବାକ୍‌ଯୁଦ୍ଧ ଜାରି ରହିଛି। ଶାସକ ଦଳ ଘଟଣାରୁ ଦୂରତା ବଜାୟ ରଖିବା ସହ ତଦନ୍ତର ପ୍ରତିଶ୍ରୁତି ଦେଇଥିବା ବେଳେ, ବିରୋଧୀ ଦଳଗୁଡ଼ିକ ଏହାକୁ ଦଳିତ ବିରୋଧୀ ମାନସିକତାର ପ୍ରତୀକ ବୋଲି କହି ପ୍ରଧାନମନ୍ତ୍ରୀଙ୍କ କ୍ଷମାପ୍ରାର୍ଥନା ଦାବି କରିଛନ୍ତି।

ସକାଳ THE SAKALA


# ବର୍ଷା ଓ ବନ୍ୟାରେ ଉବୁଟୁବୁ ଉତ୍ତର-ପଶ୍ଚିମ ଓଡ଼ିଶା

### ମୟୂରଭଞ୍ଜରେ ପ୍ରବଳ ବର୍ଷା ପାଇଁ ବନ୍ୟା ଓ ଜଳବନ୍ଦୀ ସ୍ଥିତି

## ବୃଦ୍ଧି ପାଉଛି ସମସ୍ତ ନଦୀର ଜଳସ୍ତର; ୨୨ ବ୍ଲକ୍, ୨୮ ପଞ୍ଚାୟତର ୪୫ଟି ଗାଁ ପ୍ରଭାବିତ

ବାରିପଦା, ୧୩।୮(ସମିସ): ବୁଧବାର ରାତିରୁ ଗୁରୁବାର ପୂର୍ବାହ୍ନ ପର୍ଯ୍ୟନ୍ତ ନିରବଚ୍ଛିନ୍ନ ବାଦଲ ପଠା ବର୍ଷା ପାଇଁ ମୟୂରଭଞ୍ଜ ଜିଲ୍ଲାରେ ବନ୍ୟା ଓ ଜଳବନ୍ଦୀ ପରିସ୍ଥିତି ସୃଷ୍ଟି ହୋଇଛି। ଜିଲ୍ଲାର ୨୨ଟି ବ୍ଲକ୍‌ରେ ଏହି ବର୍ଷା ଓ ବନ୍ୟାର ପ୍ରଭାବରେ ପଡ଼ିଛି। ବଡ଼ସାହି, ବେତନଟୀ, ବାରିପଦା, ବାଙ୍ଗିରିପୋଷି,





- ବାରିପଦା ମ୍ୟୁନିସିପାଲଟିର ୬ ୱାର୍ଡରେ ଘରେ ପଶିଲା ଡ୍ରେନ୍ ପାଣି
- ପ୍ରଭାବିତ ୧,୭୩୫ ଲୋକଙ୍କ ପାଇଁ ୧୨ ଆଶ୍ରୟସ୍ଥଳୀ
- ୧୪ଟି ସ୍ଥାନରେ ରନ୍ଧାଖାଦ୍ୟ ବ୍ୟବସ୍ଥା
- ମାଛ ଧରିବାକୁ ଯାଇ ଜଣେ ମୃତ
- ଭାସିଯାଇ ଗଛରେ ଆଶ୍ରିତ ଯୁବକ ଉଦ୍ଧାର

ବହଳଦା, ଗୋପବନ୍ଧୁନଗର, ଖୁଣ୍ଟା, କୁସୁମୀ, କୁଳିଅଣା, କରଞ୍ଜିଆ, ଠାକୁରମୁଣ୍ଡା, ତିରିଂ, ରାସଗୋବିନ୍ଦପୁର, ଶାମାଖୁଣ୍ଟା, ଜାମଦା, ଯଶିପୁର, ଶୁଳିଆପଦା, ରାଇରଙ୍ଗପୁର, ଶୁକ୍ଳି, ରରୁଆଁ, ମୋରଡ଼ା ଓ ବିଜାତଳା ଆଦି ବ୍ଲକରେ ଜଳବନ୍ଦୀ ପରିସ୍ଥିତି ଦେଖାଦେଇଛି। ଜିଲ୍ଲାରେ ପ୍ରବାହିତ ସୁବର୍ଣ୍ଣରେଖା, ବୁଢ଼ାବଳଙ୍ଗ, ଜମ୍ବୀରା, ଗଙ୍ଗାହାର, ଖଡଖାଇ, କାହ୍ନୁ, ଖଇରୀଭଣ୍ଡନ, ବାଉଁଶ, ଦେଓ ଆଦି ନଦୀରେ ବନ୍ୟା ଜଳ ଦ୍ରୁତଗତିରେ ବୃଦ୍ଧି ପାଉଛି। ରିପୋର୍ଟ ଲେଖାଯିବା ବେଳକୁ ତଳମୁଣ୍ଡର ତଳିଆ ଓ ଚାଷଜମିରେ ବନ୍ୟା ଜଳ ପ୍ରବେଶ କରିଛି। ଅନେକ ସ୍ଥାନରେ ବର୍ଷା ଓ ବନ୍ୟା ଜଳ ରାସ୍ତା ଓ ପୋଲ ଉପରେ ପ୍ରବାହିତ ପାଇଁ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡ଼ିଛି।

ଏହି ପରିସ୍ଥିତିରେ ୨୮ଟି ପଞ୍ଚାୟତ ଓ ୪୫ଟି ଗ୍ରାମ ପ୍ରଭାବିତ ହୋଇଛି। ବାରିପଦା ମୁନିସିପାଲିଟିର ୬ଟି ୱାର୍ଡରେ ମଧ୍ୟ ଡ୍ରେନ ପାଣି ଲୋକଙ୍କ ଘରେ ପ୍ରବେଶ କରିଛି। ଏ ପର୍ଯ୍ୟନ୍ତ ପ୍ରାୟ ୧,୭୩୫ ଲୋକ ପ୍ରଭାବିତ ହୋଇଛନ୍ତି ଓ ୨୧୫ଟି ଘର କ୍ଷତିଗ୍ରସ୍ତ ହୋଇଛି। ଯେଉଁଥିରେ ଦୁଇଟି କୁଡ଼ିଆ ଓ ୧୧ଟି ଗୁହାଳ ଅଛି। ପ୍ରଶାସନ ପକ୍ଷରୁ ୧୦ଟି ଆଶ୍ରୟସ୍ଥଳୀ ଖୋଲାଯାଇଛି ଓ ୧୪ଟି ସ୍ଥାନରେ ବିପନ୍ନ ଲୋକଙ୍କୁ ରନ୍ଧାଖାଦ୍ୟ ପ୍ରଦାନ କରାଯାଉଛି।

ବାରିପଦା ସହରରେ ପରିସ୍ଥିତି ଅଧିକ ଖରାପ ରହିଛି। ମ୍ୟୁନିସିପାଲିଟିର ଅଧିକାଂଶ ୱାର୍ଡରେ ଡ୍ରେନ୍ ପାଣି ଲୋକଙ୍କ ଘରେ ପ୍ରବେଶ କରିଛି। ଜରାଳୀ, ସରାଳୀ ଓ ଶୁକଯୋଡ଼ା ମହାନାଳ ବର୍ଷାଋତୁ ପୂର୍ବରୁ ଖନନ ଓ ସଫେଇ ଅଭାବରୁ ଏହି ସମସ୍ୟା ତୀବ୍ର ହୋଇଥିବା କୁହାଯାଉଛି। ଗତକାଲି ରାତିରୁ ଆଜି ସକାଳ ୧୦ଟା ମଧ୍ୟରେ ଜିଲ୍ଲାର ଶ୍ୟାମାଖୁଣ୍ଟା ବ୍ଲକ୍‌ରେ ସର୍ବାଧିକ ୨୩୦ ମିଲିମିଟର ବର୍ଷା ରେକର୍ଡ ହୋଇଥିବାବେଳେ ବାରିପଦାରେ ୨୦୮ ମିଲିମିଟର ବର୍ଷା ହୋଇଥିବା ଜଣାପଡିଛି। ଏହାଛଡ଼ା ବାଙ୍ଗିରିପୋଷିରେ ୧୭୦.୮ ମିମି, ବେତନଟୀରେ ୧୬୭ ମିମି, ବଡ଼ସାହିରେ ୧୫୨ ମିମି, ମୋରଡାରେ ୧୩୨ ମିମି, କୁଳିଅଣାରେ ୧୩୦ ମିମି, ରାସଗୋବିନ୍ଦପୁରରେ ୧୨୮ ମିମି ଓ ଯଶିପୁର ବ୍ଲକରେ ୧୨୭.୪ ମିମି ବର୍ଷା ରେକର୍ଡ ହୋଇଛି। ଫଳରେ ବିଭିନ୍ନ ସ୍ଥାନରେ ଜଳନିଷ୍କାସନ ବ୍ୟବସ୍ଥା ବିଫଳ ହୋଇଛି। ସହର ଉପକଣ୍ଠ ଅସନଯୋଡ଼ା ନିକଟରେ ୧୮ ନଂ ଜାତୀୟ ରାଜପଥ ଉପରେ ବର୍ଷାଜଳ ପ୍ରବାହ କାରଣରୁ ଦୁଇଚକିଆ ଓ ଛୋଟ ଚାରିଚକିଆ ଯାନ ଚଳାଚଳ ବନ୍ଦ ରହିଥିଲା। ସନ୍ଧ୍ୟା ବେଳକୁ ବୁଢ଼ାବଳଙ୍ଗ ବନ୍ୟା ଜଳ ବାରିପଦା ସହରର ମଧୁବନ ଅଞ୍ଚଳରେ ପ୍ରବେଶ କରୁଛି। ଜିଲ୍ଲା ପ୍ରଶାସନ ପରିସ୍ଥିତି ଉପରେ ନଜର ରଖିଛି ଓ ଆବଶ୍ୟକ ସ୍ଥାନରେ ଉଦ୍ଧାର କାର୍ଯ୍ୟ ଜାରି ରଖିଛି। ଜିଲ୍ଲାପାଳ ହେମକାନ୍ତ ସଏଙ୍କ ନିର୍ଦ୍ଦେଶକ୍ରମେ ଆବଶ୍ୟକ ସ୍ଥାନରେ ବିଦ୍ୟାଳୟଗୁଡ଼ିକୁ ଆଶ୍ରୟସ୍ଥଳୀ ଭାବେ ବ୍ୟବହାର ପାଇଁ ବିଡିଓ ଓ ତହସିଲଦାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଅପରପକ୍ଷରେ ଛାତ୍ରଛାତ୍ରୀଙ୍କ ସୁରକ୍ଷା ଦୃଷ୍ଟିରୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଗୁରୁବାର ଜିଲ୍ଲାର ପ୍ରଥମରୁ ଦ୍ୱାଦଶ ପର୍ଯ୍ୟନ୍ତ ସମସ୍ତ ବିଦ୍ୟାଳୟ ବନ୍ଦ ରଖାଯାଇଥିଲା। ବଡ଼ସାହି ବ୍ଲକରେ ଜଣେ ଯୁବକ ମାଛ ଧରିବାକୁ ଯାଇ ବନ୍ଧପାଣିରେ ଭାସି ମୃତ୍ୟୁବରଣ କରିଥିବାବେଳେ ବାଙ୍ଗିରିପୋଷିରେ ପୋଲ ପାରି ସମୟରେ ଭାସିଯାଇ ଗଛ ଡାଳରେ ଆଶ୍ରୟ ନେଇଥିବା ଜଣେ ଯୁବକ ନୂଆଗାଁର ବାଜୁନ ହାଁସଦା (୩୫)ଙ୍କୁ ଓଡ୍ରାଫ ଟିମ ସୁରକ୍ଷିତ ଭାବରେ ଉଦ୍ଧାର କରିଛି। ବର୍ଷା କମିଥିଲେ ହେଁ ଉପମୁଣ୍ଡର ବର୍ଷା ଜଳ ପାଇଁ ନଦୀରେ ବନ୍ୟା ପରିସ୍ଥିତି ଉପରେ ପ୍ରଶାସନ ନଜର ରଖିଛି। ଜିଲ୍ଲାପାଳ, ଏସପିଙ୍କ ସମେତ ସମସ୍ତ ଅଧିକାରୀ ବିଭିନ୍ନ ଅଞ୍ଚଳ ଗସ୍ତ କରି ରିଲିଫ ଓ ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରୁଛନ୍ତି।



ପାଣି ଘେରରେ କେନ୍ଦୁଝର ଜିଲ୍ଲାର ପାଟଣା ବୈତରଣୀ ନଦୀ ତଟସ୍ଥ ପରମେଶ୍ୱର ମନ୍ଦିର

### ପାଟଣା ଓ ଆନନ୍ଦପୁରରେ ଜଳସ୍ତର ବିପଦ ସଙ୍କେତ ଉପରେ

## ପୁଣି ଆନନ୍ଦପୁର ରିଂ ବନ୍ଧରେ ଘାଇ

କେନ୍ଦୁଝର/ଆନନ୍ଦପୁର, ୧୩।୮(ସମିସ): କେନ୍ଦୁଝର ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ବୁଧବାର ରାତ୍ରିରୁ ଲାଗିରହିଥିବା ଲଗାଣ ବର୍ଷା କାରଣରୁ ବୈତରଣୀ ପୁଣିଥରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଉପର ମୁଣ୍ଡରେ ପ୍ରବଳ ବର୍ଷା ଫଳରେ ବୈତରଣୀ ଜଳସ୍ତର ଲଗାତାର ବୃଦ୍ଧି ପାଉଛି। ପାଟଣାଠାରେ ବୈତରଣୀ ଜଳସ୍ତର ବିପଦ ସଂକେତ ଟପି ସାରିଛି। ଏଠାରେ ବିପଦ ସଙ୍କେତ ୩୧୧.୧୦ ମିଟର ରହିଛି। ରାତି ୯ଟା ସୁଦ୍ଧା ବୈତରଣୀରେ ଜଳସ୍ତର ୩୯.୨୭୦ ମିଟର୍‌ରେ ପ୍ରବାହିତ ହେଉଥିବା ସୂଚନା ରହିଛି। ଏଠାରେ ବୈତରଣୀର ସତର୍କ ସଂକେତ ୩୭.୪୪୫ ମିଟର ରହିଛି। ବିପଦ ସଂକେତ ୩୮.୩୬୦ ମିଟର ରହିଛି। ଆଜି ସନ୍ଧ୍ୟା ୭ରେ ଏଠାରେ ସତର୍କ ସଂକେତ ଉପରେ ଜଳ ପ୍ରବାହିତ ହେଲାଣି। ଏଠାରେ ୭ଟା ବେଳକୁ ୩୮.୧୮୦ ମିଟରରେ ବୈତରଣୀ ପ୍ରବାହିତ ହେଉଛି। ରାତ୍ରି ବେଳକୁ ବିପଦ ସଂକେତ ଟପିବ ବୋଲି ଅନୁମାନ କରାଯାଉଛି। ବୈତରଣୀ ଜଳସ୍ତର ବୃଦ୍ଧିକୁ ଆଖିରେ ରଖି ପ୍ରଶାସନ ପକ୍ଷରୁ ସମସ୍ତ ସତର୍କତା ପଦକ୍ଷେପ ନିଆଯାଉଛି। ତେବେ ଆନନ୍ଦପୁର ବୈତରଣୀ ରିଙ୍ଗରୋଡ୍‌ରେ ପୁଣି ଘାଇ ସୃଷ୍ଟି ହୋଇଥିବାରୁ କ୍ଷୟକ୍ଷତି ଆଶଙ୍କା ବୃଦ୍ଧି ପାଇଛି।



## ଲଗାଣ ବର୍ଷାରେ ଗାଁଠୁ ସହର ଜଳବନ୍ଦି





ବାଲେଶ୍ୱର,୧୩।୮(ସମିସ): ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁଁ ବାଲେଶ୍ୱର ଜିଲ୍ଲାରେ ଜନଜୀବନ ସମ୍ପୂର୍ଣ୍ଣ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଆଜି ଜିଲ୍ଲାରେ ସମୁଦାୟ ୧୩୪୬ମିମି ବର୍ଷା ରେକର୍ଡ କରାଯାଇଥିବା ବେଳେ ହାରାହାରି ବର୍ଷା ପରିମାଣ ୧୧୨.୧୭ ମିଲିମିଟର ରହିଛି। ବିଶେଷ କରି ଭୋଗରାଇ ବ୍ଲକରେ ସର୍ବାଧିକ ୨୩୬ ମିମି ବର୍ଷା ହୋଇଥିବା ବେଳେ ବସ୍ତା ବ୍ଲକରେ ୨୦୨ ମିମି, ଜଳେଶ୍ୱରରେ୧୬୨ ମିମି, ବାଲିଆପାଳରେ ୧୩୭ ମିମି, ରେମୁଣାରେ ୧୨୬ ମିମି, ବାହାନଗାରେ ୧୨୦ ମିମି, ବାଲେଶ୍ୱର ସଦରରେ ୯୫ ମିମି, ନୀଳଗିରିରେ ୮୮ ମିମି, ଔପଦାରେ ୬୨ ମିମି, ସୋରୋରେ ୫୭ ମିମି, ସିମୁଳିଆରେ ୩୫ମିମି ଏବଂ ଖଇରାରେ୨୬ମିମି ବର୍ଷା ରେକର୍ଡ ହୋଇଛି। ଆଗାମୀ ସମୟରେ ଭାରି ବର୍ଷାର ସମ୍ଭାବନାକୁ ଦୃଷ୍ଟିରେ ରଖି ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଜିଲ୍ଲାକୁ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି। ହଠାତ ବର୍ଷାର ପରିମାଣ ବୃଦ୍ଧି ପାଇବା ଯୋଗୁଁ ସହରଠାରୁ ଆରମ୍ଭ କରି ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ସବୁଠି ଜଳବନ୍ଦୀ ସ୍ଥିତି ସୃଷ୍ଟି ହୋଇଛି। ସହରରେ ସଠିକ ଡ୍ରେନେଜ ବ୍ୟବସ୍ଥା ନ ଥିବାରୁ କୃତ୍ରିମ ବନ୍ୟା ପରିସ୍ଥିତି ଉପୁଜିଛି।

ପୌରପାଳିକାର ୨୬ନମ୍ବର ୱାର୍ଡ ଅନ୍ତର୍ଗତ କଂଗ୍ରେସ ଅଫିସ ଲେନ, ଓଟି ରୋଡ, ଏକତା ନଗର, ଗୁଡ଼ିଦା,ଚଡ଼ିଆ ପୋଲ ଓ ସିନେମା ଛକ ଭଳି ଜନବହୁଳ ଅଞ୍ଚଳଗୁଡ଼ିକରେ ରାସ୍ତା ଉପରେ ଦୁଇଫୁଟ ପର୍ଯ୍ୟନ୍ତ ପାଣି ପ୍ରବାହିତ ହେଉଛି। ମୁଖ୍ୟ ରାସ୍ତା ନୂଆସାହି ଛକ ନିକଟରେ ଜଳମଗ୍ନ ହୋଇ ପଡ଼ିଥିବାରୁ ଯୋଗାଯୋଗ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଛି। ଡ୍ରେନ ନାଳ ଗୁଡିକ ନିୟମିତ ସଫା ହେଉ ନ ଥିବାରୁ ଦୂଷିତ ପାଣି ସିଧାସଳଖ ଲୋକଙ୍କ ଘର ଭିତରକୁ ପଶିଯାଉଛି। ଫଳରେ ରୋଷେଇ କରିବାଠାରୁ ଆରମ୍ଭ କରି ପିଲାଙ୍କ ପାଠପଢ଼ା ପର୍ଯ୍ୟନ୍ତ ସବୁକିଛି ଠପ୍ ହୋଇଯାଇଛି। ପ୍ରତିବର୍ଷ ବର୍ଷା ଦିନେ ସହରବାସୀ ଏହି ଦୁର୍ଦ୍ଦଶା ଭୋଗୁଥିବା ବେଳେ ପ୍ରଶାସନ ଓ ପୌରପାଳିକା କେବଳ କାଗଜକଲମରେ ପ୍ରସ୍ତୁତି ନାମରେ ନାଟକ କରୁଛନ୍ତି ବୋଲି ସ୍ଥାନୀୟ ବାସିନ୍ଦା ଜୟଶ୍ରୀ ଆଚାର୍ଯ୍ୟ ଓ ବିଧାନ ଚନ୍ଦ୍ର ଜେନା ଅଭିଯୋଗ କରିଛନ୍ତି। ଅନ୍ୟପଟେ ଲଗାଣ ବର୍ଷା ଯୋଗୁଁ ଜିଲ୍ଲାର ପ୍ରମୁଖ ନଦୀ ଗୁଡ଼ିକର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ବୁଢ଼ାବଳଙ୍ଗ ଓ ଜଳକା ନଦୀର ଉପରମୁଣ୍ଡରେ ପ୍ରବଳ ବର୍ଷା ହେଉଥିବାରୁ ସନ୍ଧ୍ୟା ସୁଦ୍ଧା ନଦୀର ଜଳସ୍ତର ଅଧିକ ବଢ଼ିବା ଆଶଙ୍କା କରାଯାଉଛି। ବର୍ଷା ପ୍ରଭାବରେ ବୈଶିଙ୍ଗା-ରୁପସା ରାସ୍ତା ବିଚ୍ଛିନ୍ନ ହୋଇଯାଇଥିବା ବେଳେ ବସ୍ତା ଶମ୍ଭୁନାଥ ସ୍କୁଲର ପାଚେରୀ ଭୁଶୁଡ଼ି ପଡ଼ିଛି। ସ୍ଥିତିର ମୁକାବିଲା ପାଇଁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ପ୍ରଶାସନିକ କଳ ସମ୍ପୂର୍ଣ୍ଣ ସଜାଗ ରହିଛି। ଜିଲ୍ଲା ଜରୁରୀକାଳିନ ଅଧିକାରୀ ଚିନ୍ମୟ କୁମାର ରାଉତଙ୍କ ସୂଚନା ଅନୁସାରେ, ପ୍ରଭାବିତ ତଳିଆ ଅଞ୍ଚଳଗୁଡ଼ିକରେ ତୁରନ୍ତ ରିଲିଫ କ୍ୟାମ୍ପ ଖୋଲାଯାଇ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଉଛି। ଉଦ୍ଧାର କାର୍ଯ୍ୟ ପାଇଁ ୧୨ଟି ଅଗ୍ନିଶମ ବାହିନୀ ଓ ଗୋଟିଏ ଓଡ୍ରାଫ ଟିମ୍ ମୁତୟନ ହୋଇଛନ୍ତି। ପ୍ରଭାବିତଙ୍କୁ ରନ୍ଧା ଓ ଶୁଖିଲା ଖାଦ୍ୟ ଯୋଗାଇ ଦିଆଯାଉଛି। ଜଳ ନିଷ୍କାସନ ପାଇଁ ପମ୍ପସେଟ ଓ ସ୍ୱାସ୍ଥ୍ୟ ସେବା ପାଇଁ ସ୍ୱାସ୍ଥ୍ୟ ଟିମ୍ ପ୍ରସ୍ତୁତ ରଖାଯାଇଛି। କେବଳ ସାମୟିକ ରିଲିଫ ବ୍ୟବସ୍ଥା ନୁହେଁ ବରଂ ଏକ ବ୍ୟାପକ ଡ୍ରେନେଜ ମାଷ୍ଟର ପ୍ଲାନ ପ୍ରସ୍ତୁତ କରି ତୁରନ୍ତ କାର୍ଯ୍ୟକାରୀ କଲେ ହିଁ ବାଲେଶ୍ୱରବାସୀଙ୍କୁ ଏହି କୃତ୍ରିମ ବନ୍ୟା ଦାଉରୁ ସ୍ଥାୟୀ ମୁକ୍ତି ମିଳିପାରିବ। ଅନ୍ୟପଟେ ସଦର ବ୍ଲକର ୬ଟି ପଞ୍ଚାୟତ ହଳଦୀପଦା, କଣିପଦା, ରୁପସା, ଆଙ୍କୋ, ଗୋପୀନାଥପୁର, ରାଇସୁଆଁ ଆଦି ଗାଁର ଲୋକ ଏବେ ଜଳବନ୍ଦୀ ଅବସ୍ଥାରେ ରହିଛନ୍ତି। ବ୍ଲକ ପ୍ରଶାସନ ପକ୍ଷରୁ ଜଳବନ୍ଦୀରେ ରହିଥିବା ଲୋକଙ୍କ ମଧ୍ୟରୁ ୨ଶହରୁ ଅଧିକ ଲୋକଙ୍କୁ ଉଦ୍ଧାର କରାଯାଇଛି ବୋଲି ସଦର ବିଡ଼ିଓ ଉତ୍ତମ କୁମାର ଜେନା ସୂଚନା ଦେଇଛନ୍ତି।

## ବର୍ଷାରେ ବେହାଲ ଇସ୍ପାତନଗରୀ

ରାଉରକେଲା,୧୩।୮(ସମିସ): ଦୁଇ ଘଣ୍ଟା ଧରି ମୂଷଳ ଧାରାରେ ବର୍ଷା ଯୋଗୁଁ ଉବୁଟୁବୁ ହୋଇଛି ସ୍ମାର୍ଟସିଟି ରାଉରକେଲା। ଯୁଆଡ଼େ ଚାହିଁବ ଖାଲି ପାଣି ଆଉ ପାଣି। ଅଧିକାଂଶ ଅଞ୍ଚଳ ଜଳାର୍ଣ୍ଣବ ହୋଇଥିବାବେଳେ ବିଭିନ୍ନ ଅଞ୍ଚଳରେ ଆଣ୍ଠୁଏରୁ ଛାତି କିମ୍ବା ବେକ ପର୍ଯ୍ୟନ୍ତ ପାଣି ଜମି ରହିବା ଦ୍ୱାରା ସହରବାସୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ସହରର ତଳିଆ ଅଞ୍ଚଳ ବସ୍ତିଠୁ ଆରମ୍ଭ କରି ଭିଆଇପି ଏରିଆ କ୍ୱାର୍ଟର୍ସ, ରାସ୍ତାଘାଟ ସବୁଆଡ଼େ ଜଳମଗ୍ନ ହୋଇପଡ଼ିଛି। ରାସ୍ତା ଓ ଡ୍ରେନ୍ ସବୁ ଏକାକାର ହୋଇପଡ଼ିଛି। ସବୁଠାରୁ ଅଧିକ ଚିନ୍ତାର କାରଣ ପାଲଟିଛି ତଳିଆ ଓ ବସ୍ତି ଅଞ୍ଚଳ। ଘର ଆଗରେ ପାଣି ଜମିବା ସହ ଅନେକ ସ୍ଥାନରେ ଘରେ ପାଣି ପଶିବାର ଆଶଙ୍କା ଦେଖାଦେଇଛି। ଲୋକମାନେ ନିଜ ଘରର ସାମଗ୍ରୀ ସୁରକ୍ଷିତ ସ୍ଥାନକୁ ନେବାରେ ବ୍ୟସ୍ତ ରହିଛନ୍ତି। ବର୍ଷା ଜାରି ରହିଲେ ସ୍ଥିତି ଆହୁରି ଗମ୍ଭୀର ହେବାର ଆଶଙ୍କା ରହିଛି। ତେଣୁ ଜଳବନ୍ଦୀ ଅଞ୍ଚଳରେ ରହୁଥିବା ଲୋକଙ୍କୁ ସତର୍କ ରହିବା ସହ ଅତ୍ୟାବଶ୍ୟକ ନଥିଲେ ପାଣି ଭର୍ତ୍ତି ରାସ୍ତାରେ ଯାତାୟାତ ନ କରିବାକୁ ଅନୁରୋଧ କରାଯାଉଛି। ରାଉରକେଲାର ବର୍ଷାର ଏହି ଦୃଶ୍ୟ ଏବେ ସହରର ଜଳନିଷ୍କାସନ ବ୍ୟବସ୍ଥା ଓ ନିମ୍ନାଞ୍ଚଳର ସୁରକ୍ଷାକୁ ନେଇ ବଡ଼ ପ୍ରଶ୍ନ ଠିଆ କରିଛି।



- ଯୁଆଡେ ଦେଖିବ ପାଣି ଆଉ ପାଣି
- ବସ୍ତି, ରାସ୍ତାଠାରୁ ଘର ଭିତରରେ ୨ରୁ ୫ ଫୁଟ ପାଣି
- ଜୀବନଯାତ୍ରା ବ୍ୟାହତ; ଯାତାୟାତ ଠପ୍

ସୂଚନାଯୋଗ୍ୟ ଯେ, ବୁଧବାର ରାତିଠାରୁ ଅଞ୍ଚଳରେ ବର୍ଷା ଲାଗି ରହିଥିବା ବେଳେ ଗୁରୁବାର ସକାଳେ ପ୍ରାୟ ଦୁଇ ଘଣ୍ଟା ଧରି ମୂଷଳଧାରାରେ ବର୍ଷା ହେବାରୁ ସହରର ସ୍ଥିତି ବେହାଲ୍ ହୋଇ ପଡ଼ିଥିଲା। ବିପର୍ଯ୍ୟନ୍ତ ଡ୍ରେନେଜ୍ ବ୍ୟବସ୍ଥା ଯୋଗୁ ଜଳ ନିଷ୍କାସନ ହୋଇ ନପାରି ଚାହୁଁ ଚାହୁଁ ସମଗ୍ର ଅଞ୍ଚଳ ଜଳମଗ୍ନ ହୋଇପଡ଼ିଥିଲା। ରିଂ ରୋଡ୍ ଓ ମେନ୍ ରୋଡ୍ ସମେତ ବିଭିନ୍ନ ପ୍ରମୁଖ ରାସ୍ତାରେ ପାଣି ଜମିଥିବା ବେଳେ ବାସନ୍ତୀ କଲୋନୀର ଜିଏମ ବ୍ଲକ ରାସ୍ତାରେ ୪ ଫୁଟର ପାଣି ବହିବା ସହ ସମସ୍ତ ଘର ଭିତରେ ଡ୍ରେନ ପାଣି ପଶିଯାଇଥିଲା। ରାଉରକେଲା ମହାନଗର ନିଗମର ଡେପୁଟି କମିଶନର ଅନିତା ନାୟକ ପହଞ୍ଚି ଜଳବନ୍ଦୀ ଥିବା ଲୋକଙ୍କୁ ଭେଟିଥିଲେ।

ସେହିପରି ଏହି ପ୍ରବଳ ବର୍ଷା ଯୋଗୁଁ ବାସନ୍ତୀ କଲୋନୀର ଡିଏଭି ପୋଖରୀ ଭର୍ତ୍ତି ହୋଇ ଓଭରଫ୍ଲୋ ହୋଇ ରାସ୍ତା ଉପରେ ୨ ଫୁଟ ଉଚ୍ଚର ପାଣି ଲହଡ଼ି ମାରିଥିଲା। ସେଠାରେ ଥିବା ସରୋବର ପାର୍କରେ ଏହି ପାଣି ପଶି ବ୍ୟାପକ କ୍ଷୟକ୍ଷତି ଘଟାଇଛି।

ଛେଣ୍ଡ କଲୋନୀର ଆଫୋଡେବୁଲ ଆପାର୍ଟମେଣ୍ଟର ଗ୍ରାଉଣ୍ଡ ଫ୍ଲୋର ଘରଗୁଡିକରେ ୫ ଫୁଟର ପାଣି ଜମି ରହିଛି। ଛେଣ୍ଡ କଲୋନୀ ସ୍ଥିତ ବିର୍ସା ମୁଣ୍ଡା ହକି ଷ୍ଟାଡିୟମ୍‌ର ୬ ନମ୍ବର ଗେଟ ସମ୍ମୁଖରେ ୪ ଫୁଟ ପାଣି ପ୍ରବାହିତ ହେବା ସହ ସେଠାରେ ଥିବା ସବୁ ଘର ଭିତରେ ୪/୫ ଫୁଟ ଉଚ୍ଚର ପାଣି ଜମି ରହିଛି। ରିମ୍ପ ଛକ, ବିଏସଏନଏଲ ଛକ, କଳିଙ୍ଗ ବିହାର, ପାନପୋଷ ପୁରୁଣା ହାଟ, ଛେଣ୍ଡ ରେଲଓ୍ୱେ ଟ୍ରାକ, କୋଅପରେଟିଭ କଲୋନୀ, ଛେଣ୍ଡ ଆରଡିଏ କଲୋନୀ, ପାନପୋଷ ସ୍ପୋର୍ଟସ ହଷ୍ଟେଲ ନିକଟ ପୋଲ ତଳ ଆଦି ଅଞ୍ଚଳରେ ୨ରୁ ୩ ଫୁଟ ପାଣି ଲହଡି ମାରିଥିଲା। ଠାରୁ ବନ୍ଧମୁଣ୍ଡାର ତିଳକନଗର ପର୍ଯ୍ୟନ୍ତ ଅନେକ ଅଞ୍ଚଳ ପ୍ରଭାବିତ ହୋଇଥିଲା। ପ୍ରବଳ ବର୍ଷା ଯୋଗୁଁ ଶଙ୍ଖ, କୋଏଲ ଓ ବ୍ରାହ୍ମଣୀ ନଦୀର ଜଳସ୍ତର ବୃଦ୍ଧି ପାଇଛି।



## ବୈତରଣୀରେ ଆସୁଛି ପୁଣି ବଡ଼ବନ୍ୟା !

ବାରିକପୁର,୧୩।୮(ସମିସ): ପ୍ରଥମ ବନ୍ୟାକୁ ୧୫ ଦିନ ଯାଇ ନ ଥିବାବେଳେ ଭଣ୍ଡାରିପୋଖରୀ ବ୍ଲକ୍ ଦେଇ ଯାଇଥିବା ବୈତରଣୀ ନଦୀରେ ପୁଣି ବଡ଼ ବନ୍ୟା ଆସୁଛି। ନଦୀର ଉପର ମୁଣ୍ଡରେ ଲଘୁଚାପ ଜନିତ ବର୍ଷା ମୂଷଳ ଧାରାରେ ହେବା ଯୋଗୁଁ ଏହି ବନ୍ୟା ଦେଖା ଦେଇଥିବା କୁହାଯାଇଛି। ଗତ ବୁଧବାରଠାରୁ ଗୁରୁବାର ସକାଳ ଯାଏଁ ଆନନ୍ଦପୁରଠାରେ ୨୧.୬ ମିମି ବର୍ଷା ରେକର୍ଡ ହୋଇଥିବାବେଳେ ଚମ୍ପୁଆଠାରେ ୧୧୯ ମିମି, ସ୍ୱାମପାଟଣାଠାରେ ୭୨.୮ ମିମି ଓ କେନ୍ଦୁଝରଠାରେ ୪୭ ମିମି ବର୍ଷା ରେକର୍ଡ ହୋଇଛି। ସେହିଭଳି ଗୁରୁବାର ସକାଳଠାରୁ ସନ୍ଧ୍ୟା ଯାଏଁ ଚମ୍ପୁଆଠାରେ ୭୩.୨ ମିମି, ସ୍ୱାମପାଟଣାଠାରେ ୩୭.୪ ମିମି ଓ ଆନନ୍ଦପୁରଠାରେ ୧୧.୮ ମିମି ବର୍ଷା ହୋଇଥିବା ରେକର୍ଡ ହୋଇଛି। ଏହାଛଡ଼ା କେନ୍ଦୁଝର ଜିଲ୍ଲା ପଡ଼ୋଶୀ ମୟୂରଭଞ୍ଜ ଜିଲ୍ଲାରେ ମାତ୍ରାଧିକ ବର୍ଷା କାରଣରୁ ବୈତରଣୀ ନଦୀ ସହିତ ସଂଯୋଗ ରହିଥିବା କିଛି ପାହାଡ଼ିଆ ନାଳରେ ପାଣି ଆସୁଥିବା କୁହାଯାଉଛି। ତେଣୁ ନଦୀର ଆନନ୍ଦପୁରଠାରେ ଗୁରୁବାର ସନ୍ଧ୍ୟା ୬ଟା ସୁଦ୍ଧା ବନ୍ୟାଜଳ ବିପଦ ସତର୍କ ସୂଚନା ଟପିଥିବା ସୂଚନା ମିଳିଛି। ଏଠାରେ ବିପଦ ସଂକେତ ୩୮.୩୬୦ ମିଟର ଥିବାବେଳେ ବନ୍ୟା ପାଣି ସତର୍କ ସ୍ତର ୩୭.୪୪୫ ମିଟର ଉପରେ ପ୍ରବାହିତ ହେଉଛି। ସେହିଭଳି ଆଖୁଆପଦା ଆନିକଟଠାରେ ସନ୍ଧ୍ୟା ୬ଟାରୁ ଜଳସ୍ତର ବୃଦ୍ଧି ପାଉଥିବା ଜଣାପଡ଼ିଛି। ଦିନ ତମାମ ଜଳସ୍ତର ହ୍ରାସ ପାଉଥିବାବେଳେ ସନ୍ଧ୍ୟାବେଳୁ ଏହା ବୃଦ୍ଧି ହୋଇଛି। ଏଠାରେ ବିପଦ ସତର୍କ ସୂଚନା ୧୭.୮୩ ମିଟର ରହିଥିବାବେଳେ ସନ୍ଧ୍ୟା ୭ଟା ସୁଦ୍ଧା ୧୭.୨୧ ମିଟରରେ ଜଳ ପ୍ରବାହିତ ହେଉଛି। ଶୁକ୍ରବାର ସକାଳୁ ବନ୍ୟାର ରୂପରେଖ ସ୍ପଷ୍ଟ ଜଣାପଡ଼ିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।



## ରାମତୀର୍ଥ ରାସ୍ତାରେ ୩ ଫୁଟ୍ ପାଣି; ଯାତାୟାତ ବାଧାପ୍ରାପ୍ତ



ଚମ୍ପୁଆ, ୧୩।୮ (ସମିସ): ଲଗାଣ ବର୍ଷାରେ ବେହାଲ ହୋଇପଡ଼ିଛି ଚମ୍ପୁଆ ଅଞ୍ଚଳ। ଗତ ବୁଧବାର ରାତିରୁ ଲାଗିରହିଥିବା ପ୍ରବଳ ବର୍ଷା ଯୋଗୁଁ ଚମ୍ପୁଆ ସହର ସମେତ ବିଭିନ୍ନ ଅଞ୍ଚଳରେ ଜଳବନ୍ଦି ପରିସ୍ଥିତି ସୃଷ୍ଟି ହୋଇଛି। ରାସ୍ତାଘାଟରେ ବର୍ଷାଜଳ ଜମି ରହିବା ସହ ଅନେକ ସ୍ଥାନରେ ଯାତାୟାତ ବାଧାପ୍ରାପ୍ତ ହୋଇଛି। ବିଶେଷକରି ଚମ୍ପୁଆ-ରାମତୀର୍ଥ ରାସ୍ତାର ଗୋଧୂଳି ଅଞ୍ଚଳରେ ପ୍ରାୟ ୩ ଫୁଟ୍ ଉଚ୍ଚତାରେ ବର୍ଷାଜଳ ପ୍ରବାହିତ ହେଉଥିବାରୁ ଯାତାୟାତ ଗୁରୁତର ଭାବେ ପ୍ରଭାବିତ ହେବା ସହିତ ଠପ ହୋଇଯାଇଛି। ରାସ୍ତା ଉପରେ ପାଣି ଚାଲୁଥିବାରୁ ଯାନବାହନ ଚଳାଚଳ ସହ ଦୈନନ୍ଦିନ ଯାତାୟାତ ମଧ୍ୟ ପ୍ରଭାବିତ ହୋଇଛି। କେନ୍ଦ୍ରୀୟ ଜଳ ଆୟୋଗର କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ଆଜି ସକାଳ ୮ଟା ସୁଦ୍ଧା ଚମ୍ପୁଆ ଅଞ୍ଚଳରେ ୧୧୯ ମିଲିମିଟର ବର୍ଷା ରେକର୍ଡ ହୋଇଛି। ଏତେ ପରିମାଣର ବର୍ଷା ଯୋଗୁଁ ନଦୀ, ନାଳ ଓ ଜଳାଶୟର ଜଳସ୍ତର ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି। ଫଳରେ ଚମ୍ପୁଆର ବିଭିନ୍ନ ତଳିଆ ଅଞ୍ଚଳରେ ବର୍ଷାପାଣି ଜମି ରହିଥିବାରୁ ଲୋକେ ଜଳବନ୍ଦି ସମସ୍ୟାର ସମ୍ମୁଖୀନ ହୋଇଛନ୍ତି।

## ବର୍ଷା ପାଣିରେ ଜଳବନ୍ଦି ଚମ୍ପୁଆର ସରକାରୀ କାର୍ଯ୍ୟାଳୟ

## ୬ ନଂ ୱାର୍ଡରେ ରାସ୍ତା ଓ ଘରେ ପଶିଲା ପାଣି

ଚମ୍ପୁଆ, ୧୩।୮ (ସମିସ): ଲଗାଣ ବର୍ଷା ଯୋଗୁଁ ଚମ୍ପୁଆ ସହରର ସ୍ଥିତି ବେହାଲ ହୋଇପଡ଼ିଛି। ବର୍ଷାଜଳ ନିଷ୍କାସନ ବ୍ୟବସ୍ଥା ଠିକ୍ ନଥିବା ସହ ଲଗାଣ ବର୍ଷା ଫଳରେ ସହରର ବିଭିନ୍ନ ଅଞ୍ଚଳରେ ଜଳବନ୍ଦି ସମସ୍ୟା ଦେଖାଦେଇଛି। ଏଥିରୁ ସରକାରୀ କାର୍ଯ୍ୟାଳୟଗୁଡ଼ିକ ମଧ୍ୟ ବାଦ୍ ପଡ଼ିନାହାନ୍ତି। ବର୍ଷାଜଳ କାର୍ଯ୍ୟାଳୟ ପରିସର ସମେତ ଭିତରକୁ ପଶିଯିବାରୁ କର୍ମଚାରୀମାନେ ଜଳବନ୍ଦି ଅବସ୍ଥାରେ କାମ କରିବାକୁ ବାଧ୍ୟ ହୋଇଛନ୍ତି। ବିଶେଷକରି ଚମ୍ପୁଆ ଶିଶୁ ବିକାଶ କାର୍ଯ୍ୟାଳୟ ଭିତରେ ବର୍ଷାଜଳ ପଶି ଲହଡ଼ି ମାରୁଥିବା ଦେଖାଯାଇଛି। ଫଳରେ କର୍ମଚାରୀଙ୍କ ଦୈନନ୍ଦିନ କାର୍ଯ୍ୟ ବାଧାପ୍ରାପ୍ତ ହେବା ସହ କାର୍ଯ୍ୟାଳୟର ବିଭିନ୍ନ ସାମଗ୍ରୀ ଓ ଦଲିଲପତ୍ର ନଷ୍ଟ ହେବାର ଆଶଙ୍କା ଦେଖାଦେଇଛି। ସେହିପରି ଚମ୍ପୁଆ ତହସିଲ କାର୍ଯ୍ୟାଳୟ ପରିସରରେ ମଧ୍ୟ ବର୍ଷାପାଣି ପଶିଥିବା ବେଳେ ଉଠା ଜଳସେଚନ କାର୍ଯ୍ୟାଳୟ ମଧ୍ୟ ଜଳବନ୍ଦି ହୋଇପଡ଼ିଛି। ସରକାରୀ କାର୍ଯ୍ୟାଳୟଗୁଡ଼ିକରେ ବର୍ଷାପାଣି ପ୍ରବେଶ କରିବା ଘଟଣାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଅନ୍ୟପକ୍ଷରେ, ଚମ୍ପୁଆ ଏନ୍ଏସିର ୬ ନମ୍ବର ୱାର୍ଡରେ ମଧ୍ୟ ବର୍ଷାଜଳ ଯୋଗୁଁ ସ୍ଥିତି ଦୟନୀୟ ହୋଇପଡ଼ିଛି। ରାସ୍ତା ଉପରେ ବର୍ଷାପାଣି ଜମି ରହିବା ସହ ଅନେକ ଘର ଭିତରକୁ ମଧ୍ୟ ପାଣି ପଶିଥିବା ଜଣାପଡ଼ିଛି। ଫଳରେ ଲୋକମାନେ ନାନା ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ସହରରେ





**ଡ୍ରେନେଜ୍ ବ୍ୟବସ୍ଥା ନେଇ ଉଠିଲା ପ୍ରଶ୍ନ**


ବର୍ଷାଜଳ ନିଷ୍କାସନ ପାଇଁ ଡ୍ରେନ୍ ବ୍ୟବସ୍ଥା ଥିଲେ ମଧ୍ୟ ଅନେକ ସ୍ଥାନରେ ଏହା ଠିକ୍ ଭାବେ କାର୍ଯ୍ୟକ୍ଷମ ନଥିବା ଯୋଗୁଁ ବର୍ଷା ହେଲେ ପାଣି ରାସ୍ତା, ଘର ଓ କାର୍ଯ୍ୟାଳୟ ପରିସରକୁ ପଶିଯାଉଛି। ପ୍ରତିବର୍ଷ ବର୍ଷା ଋତୁରେ ଏଭଳି ସମସ୍ୟା ଦେଖାଦେଉଥିଲେ ମଧ୍ୟ ଏହାର ସ୍ଥାୟୀ ସମାଧାନ ହୋଇ ନଥିବାରୁ ଏନ୍ଏସିର ଡ୍ରେନେଜ୍ ବ୍ୟବସ୍ଥାକୁ ନେଇ ପ୍ରଶ୍ନ ଉଠିଛି। ଏପଟେ ବର୍ଷାଜଳ ନିଷ୍କାସନ ସମସ୍ୟାର ସମାଧାନ ପାଇଁ ଏନ୍ଏସି କର୍ତ୍ତୃପକ୍ଷ ସମସ୍ତ ୱାର୍ଡର ସ୍ଥିତି ଉପରେ ନଜର ରଖିବା ସହ ଆବଶ୍ୟକ ପଦକ୍ଷେପ ନେବାକୁ ତତ୍ପର ହୋଇଥିବା ଜଣାପଡ଼ିଛି। ସହରରେ ବର୍ଷାଜଳ ନିଷ୍କାସନର ସ୍ଥାୟୀ ବ୍ୟବସ୍ଥା କରାଯାଇ ଏଭଳି ଜଳବନ୍ଦି ସମସ୍ୟାରୁ ସହରବାସୀଙ୍କୁ ମୁକ୍ତି ଦେବାକୁ ସାଧାରଣରେ ଦାବି ହୋଇଛି।

## ବାଦଲ ଫଟା ବର୍ଷା

## ପାଟଣା-ସାହାରପଡ଼ା ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି

ତୁରୁମୁଙ୍ଗା, ୧୩।୮ (ସମିସ): କେନ୍ଦୁଝର ଜିଲ୍ଲାର ବୁଧବାର ରାତିରୁ ଅବିଶ୍ରାନ୍ତ ବର୍ଷା ଲାଗି ରହିଛି। ପାଟଣା ଓ ସାହାରପଡା ବ୍ଲକ ଅଞ୍ଚଳ ବେହାଲ ହୋଇ ପଡିଛି। ସାହାରପଡା ବ୍ଲକ ଅଞ୍ଚଳରେ ପ୍ରବଳ ବର୍ଷା ନିକଟ ରେ ଭିରଳ ନଦୀ ପୋଲ ଉପରେ ପ୍ରାୟ ୩ ଫୁଟ ଉଚ୍ଚର ବନ୍ୟାଜଳ ପ୍ରବାହିତ ହେଉଥିବାରୁ ରାସ୍ତାରେ ଗାଡ଼ି ଚଳାଚଳ ସମ୍ପୂର୍ଣ୍ଣ ବ୍ୟାହତ ହୋଇ ସାହାରପଡାଠାରୁ ମାଛଗଡ଼ ଓ ଆଖପାଖ ଅଞ୍ଚଳକୁ ଅବବାହିକାରେ ଗତ ୨୪ ଘଣ୍ଟା ମଧ୍ୟରେ ୭୨.୦୮ ଏବଂ ସାହାରପଡା ବ୍ଲକ ଅଞ୍ଚଳ ରେ ୫୫.୦୪ ମିଲିମିଟର ବର୍ଷା ରେକର୍ଡ ହୋଇଛି। ଏଥିସହ ବୈତରଣୀ ନଦୀର ଉପରମୁଣ୍ଡ ଚମ୍ପୁଆ ଅଞ୍ଚଳରେ ଭଣ୍ଡାରକୁ ସେକେଣ୍ଡ ପ୍ରତି ୯୭ କ୍ୟୁସେକ ଜଳ ପ୍ରବେଶ କରୁଥିବା ବେଳେ ୧୧୯ କ୍ୟୁସେକ ଜଳ ନିଷ୍କାସନ କରାଯାଉଛି। ଜଳଭଣ୍ଡାରର ୩ ଓ ୪ ନମ୍ବର ଗେଟ ଦେଇ ବନ୍ୟାଜଳ ନିଷ୍କାସନ କରାଯାଉଛି।





ପାଟଣା ବୈତରଣୀ ନଦୀ ବିପଦ ସଙ୍କେତ ପାର



ଭିରଳ ନଦୀ

ଯୋଗୁଁ କୁମୁଳା ବାହାଳି ତେଲ ନଦୀ ପୋଲ ଉପରେ ୪ ଫୁଟର ବନ୍ୟା ଜଳ ପ୍ରବାହିତ ହେଉଛି। ଫଳରେ କେନ୍ଦୁଝରରୁ ମୟୂରଭଞ୍ଜ ମଧ୍ୟରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଉପର ମୁଣ୍ଡ ଶିମିଳିପାଳ ଅଞ୍ଚଳରେ ବର୍ଷା ଯୋଗୁଁ ନଦୀ ବଢି ସହ ପୋଲ ଉପରେ ବନ୍ୟାଜଳ ପ୍ରବାହିତ ହେଉଛି। ପୋଲ ଉପରେ ପାଣି ଚାଲିଥିବା ଯୋଗୁଁ ସାହାରପଡା ବ୍ଲକର ଦାମାହୁଦା ଓ ମାଛଗଡ଼ ଅଞ୍ଚଳରୁ ମୟୂରଭଞ୍ଜ ଜିଲ୍ଲାର ଠାକୁରମୁଣ୍ଡା ଅଞ୍ଚଳକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ସେହିପରି ସାହାରପଡା-ମାଛଗଡ଼ ରାସ୍ତାର ପଇତାମଜା ଯୋଗାଯୋଗ ବିଚ୍ଛିନ୍ନ ହୋଇପଡ଼ିଛି। ଧାନବେଣି କପୁଣ୍ଡି ରାସ୍ତାର ପାଇଦା ନାଳର ବନ୍ୟାଜଳ ଆସି ରାସ୍ତା ଉପରେ ୨ ଫୁଟ ର ବନ୍ୟାଜଳ ପ୍ରବାହିତ ହେଉଥିବାରୁ ପାଟଣା ମୁଖ୍ୟାଳୟଠାରୁ ସାହାରପଡା ବ୍ଲକ କପୁଣ୍ଡି ବନବୀର, ମିରିଗିଖୋଜି କୁଣ୍ଡୁଳା ଆଦି ଅଞ୍ଚଳକୁ ଯୋଗାଯୋଗ ବିଚ୍ଛିନ୍ନ ହେବା ସହ ପାଟଣା ମୁଖ୍ୟାଳୟଠାରୁ ସାହାରପଡା ବ୍ଲକର ୫ଟି ପଞ୍ଚାୟତକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି।

କେନ୍ଦ୍ରୀୟ ଜଳ ଆୟୋଗ ବିଭାଗର ସୂଚନା ଅନୁସାରେ ପାଟଣା ବୈତରଣୀ ନଦୀ ଗତ ୨୪ ଘଣ୍ଟା ମଧ୍ୟରେ ୧୧୯ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ବୈତରଣୀ ନଦୀର ଜଳସ୍ରୋତ ବୃଦ୍ଧି ପାଇ ଅପରାହ୍ନ ୪ଟା ପାଟଣାଠାରେ ବିପଦ ସଙ୍କେତ ପାର ହୋଇଛି। ଏଠାରେ ବିପଦ ସଙ୍କେତ ୩୧୧.୧୦ ଥିବା ବେଳେ ସନ୍ଧ୍ୟା ୬.୩୦ ସୁଦ୍ଧା ଏଠାରେ ୩୧୧.୯୭ ମିଟର ବନ୍ୟାଜଳ ପ୍ରବାହିତ ହେଉଛି। ସେହିପରି ଲଗାଣ ବର୍ଷା ଯୋଗୁଁ କାନଝାରୀ ଜଳ ଭଣ୍ଡାରର ଜଳସ୍ରୋତ ବୃଦ୍ଧି ପାଇଥିବାରୁ ଜଳ ଭଣ୍ଡାରର ଦୁଇଟି ଗେଟ୍ ଖୋଲାଯାଇ ବନ୍ୟାଜଳ ନିଷ୍କାସିତ ହେଉଛି। ଜଳ

ଏଥିସହ ପ୍ରବଳ ବର୍ଷା ଯୋଗୁଁ ପାଟଣା ତହସିଲ ଅଞ୍ଚଳରେ ୮ଟି ଘର ଭାଙ୍ଗିଥିବା ବେଳେ ସାହାରପଡା ତହସିଲ ଅଞ୍ଚଳରେ ୪ଟି ଘର ଭାଙ୍ଗିଥିବା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ପାଟଣା ତହସିଲ ଖିରେଇଟାଙ୍ଗିରୀ ଆରଆଇ ସର୍କଲର ବାଉଁଶୁଳି ଗ୍ରାମର ପଦ୍ମିନୀ ନାଏକ, ଭୁଲୁଦା ଗ୍ରାମର ର ତ୍ରିନାଥ ନାଏକ, ଅଜିତ ମହାକୁଡ଼, ହୀରାପଶି ଗ୍ରାମର ହେମନ୍ତ ମୋଦି, ସୁମତି ମୁଣ୍ଡା, ଡାବରଚୁଆ ଗ୍ରାମର ନିରୂପମା ନାଏକ ଏବଂ ଭଅଁରପୁର ଗ୍ରାମର ଅହଲ୍ୟା ମହାନ୍ତ ଦୁବେରାଜ ମୁଣ୍ଡାଙ୍କ ଘର ଭାଙ୍ଗିଛି।

## ବଡବିଲ-ବଲାଣି, ନାଲଦା, ଠାକୁରାଣୀ ଓ ଭଦ୍ରାସାହି ବିଚ୍ଛିନ୍ନ

ବଡବିଲ,୧୩।୮ (ସମିସ): ଖଣି ସହରାଞ୍ଚଳରେ ଲଘୁଚାପଜନିତ ଲଗାଣବର୍ଷାରେ ବଡବିଲ ପୌରାଞ୍ଚଳ ସହିତ ବଲାଣି, ବାଲାଗୋଡ଼ା, ସେରେଣ୍ଡା, ଭଦ୍ରାସାହି, ରୋଇଡା ପଞ୍ଚାୟତ ବର୍ଷା ପାଣିରେ ଉବୁଟୁବୁ ହୋଇଥିବା ଜଣାପଡିଛି। ଗତ ୧୨ ତାରିଖ ବିଳମ୍ବିତ ରାତି ୧୨ଟାରୁ ଲଗାଣ ବର୍ଷା ଯୋଗୁଁ ସ୍ଥାନୀୟ ଚମ୍ପକେଶ୍ୱର୍ ନାଳ, କାରୋ ନଦୀର ଜଳସ୍ତର ବୃଦ୍ଧି ପାଇଥିଲା। ଫଳରେ ବଡବିଲ-ବଲାଣୀ ରାସ୍ତା ଚମ୍ପୁଆ ନାଳ ନିକଟ ପୋଲ ଉପରେ ୫ ଫୁଟର ପାଣି, ବଡବିଲ ସେରେଣ୍ଡା ରାଜ୍ୟ ରାଜପଥ, ସେରେଣ୍ଡା ନିକଟରେ ୪ ଫୁଟ ର ପାଣି, ଠାକୁରାଣୀ, ବାଲାଗୁଡ଼ା, ବଲାଣୀ ପଞ୍ଚାୟତ ରେ ମଧ୍ୟ ଏକାଧିକ ସ୍ଥାନରେ ବନ୍ୟା ଜଳ ପାଇଁ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଥିଲା। ବଡବିଲ ପୌରାଞ୍ଚଳର ୧୫ଟି ୱାର୍ଡ ଥିବାବେଳେ, ଆଜି ଲଗାଣ ବର୍ଷା ଯୋଗୁ ୱାର୍ଡ ୱାର୍ଡ ଏଭଳିକି ବସ୍ତି ବସ୍ତି ମଧ୍ୟରେ ଘଣ୍ଟା ଘଣ୍ଟା ଧରି ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଥିଲା। ଦୀର୍ଘ ୧୫ ଘଣ୍ଟା ପରେ ବସ୍ତି ବସ୍ତି ମଧ୍ୟରେ ସମ୍ୟକ୍ ଯୋଗାଯୋଗ ହୋଇଥିଲେ ହେଁ ପୁନର୍ବାର ବର୍ଷା ଯୋଗୁ ଲୋକେ ଘରୁ ପଦାକୁ ବାହାରୁ ନଥିଲେ। ସହରାଞ୍ଚଳରେ ବେଆଇନ ଭାବେ ଗଢି ଉଠିଥିବା ବସ୍ତି ଓ ବଡ ବଡ ଅଟ୍ଟାଳିକାଗୁଡିକ ନିୟମକୁ ବେଖାତିର କରି ନିର୍ମାଣ କରୁଥିବାରୁ ବର୍ଷା ପାଣି ନିଷ୍କାସିତ ନ ହୋଇ ଘରେ ପଶୁଥିବା ଅଭିଯୋଗ ହେଉଛି। ବଡ଼ବିଲ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ରମେଶଚନ୍ଦ୍ର ନାୟକ, ପୌରାଧ୍ୟକ୍ଷ ଲକ୍ଷ୍ମଣ ମହାନ୍ତ ଓ ସାଂସଦ ପ୍ରତିନିଧି




ନୀଳମଣି ମହାନ୍ତ ପ୍ରଭାବିତ ଅଞ୍ଚଳ ବୁଲିବା ସହ ସହସ୍ରାଧିକ ଲୋକଙ୍କୁ ଅସ୍ଥାୟୀ ଶିବିରକୁ ସ୍ଥାନାନ୍ତରିତ କରିଥିବା ଜଣାପଡ଼ିଛି। ମାଉସୀ ମା' ମନ୍ଦିର ନିକଟ ନାଳକୁ ଲାଗି ହୋଇଥିବା ଅବରୋଧ ଯୋଗୁଁ ସେଠାରେ ଅଧିକ ଲୋକ ପ୍ରଭାବିତ ହୋଇଥିବା ଜଣାପଡିଛି। ସେହିପରି ରୋଇଡା ପଞ୍ଚାୟତସ୍ଥିତ ତିସ୍କୋ ପୋଲ ପାରି ହେଉଥିବା ବେଳେ ଜଣେ ଭାସି ଯାଇଥିବା ବେଳେ ସେ କୌଶଳକ୍ରମେ ଏକ ଗଛ ଡାଳକୁ ଧରି ରକ୍ଷା ପାଇଥିବା ଜଣାପଡିଛି।

## ପିଟାନାଳି ପୋଲ ଉପରେ ବନ୍ୟାଜଳ; ଜନଜୀବନ ପ୍ରଭାବିତ

ତେଲକୋଇ, ୧୩।୮ (ସମିସ): କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକରେ ବୁଧବାର ମଧ୍ୟ ରାତ୍ରୀରୁ ଗୁରୁବାର ମଧ୍ୟାହ୍ନ ଯାଏଁ ପ୍ରବଳ ବର୍ଷା ହେବା ଫଳରେ ନଦୀ ନାଳ ଫୁଲି ଉଠିବା ସହିତ ଜଳସ୍ତର ବୃଦ୍ଧି ପାଇଛି। କେତେକ ସ୍ଥାନରେ ପୋଲ ଉପରେ ବନ୍ୟାଜଳ ପ୍ରବାହିତ ହେବାରୁ ସ୍ଥାନୀୟ ଅଞ୍ଚଳକୁ ଓ ଶିକ୍ଷକଶିକ୍ଷୟତ୍ରୀ ବିଦ୍ୟାଳୟକୁ ଯାଇ ପାରି ନଥିଲେ। ସ୍ଥାନୀୟ ବାସିନ୍ଦା ମଧ୍ୟ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ସେହିପରି କରଦାଙ୍ଗିସ୍ଥିତ ଘୁରୁଡ଼ିଆ ନାଳ ପୋଲ ଉପରେ ବନ୍ୟା ଜଳ ପ୍ରବାହିତ ହେବାରୁ କରଦାଙ୍ଗୀ ପଞ୍ଚାୟତ ମୁଖ୍ୟାଳୟ ସମେତ ସରେଇ ଗ୍ରାମକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଥିଲା। ଏହି ସବୁ



ପୋଲ ବହୁ ପୁରାତନ ହୋଇଥିବା ବେଳେ କମ୍ ଉଚ୍ଚତା ବିଶିଷ୍ଟ। ଫଳରେ ସାମାନ୍ୟ ବର୍ଷା ହେଲେ ମଧ୍ୟ ଉକ୍ତ ପୋଲ ଉପରେ ବନ୍ୟାଜଳ ପ୍ରବାହିତ ହେବା ସୁନିଶ୍ଚିତ। ଓଡ଼ିଶା ଆଦର୍ଶ ବିଦ୍ୟାଳୟକୁ ସଂଯୋଗ ଯୋଗାଯୋଗ ବିଚ୍ଛିନ୍ନ ହୋଇ ପଡ଼ିଥିଲା। ଓରିଆ ବିରିଡା ପଞ୍ଚାୟତ ପିଟାନାଳି ଓ ସାପଲାଞ୍ଜି ଗ୍ରାମ ମଧ୍ୟରେ ଥିବା ଜରଡା ନାଳ ପୋଲ ଉପରେ ୩ଫୁଟ ଉଚ୍ଚରେ ବନ୍ୟାଜଳ ପ୍ରବାହିତ ହେବାରୁ ସାପଲାଞ୍ଜିକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଥିଲା। ଫଳରେ ସାପଲାଞ୍ଜିଠାରେ ଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟକୁ ମଧ୍ୟ ଯୋଗାଯୋଗ ବିଚ୍ଛିନ୍ନ ହୋଇଥିଲା। ଛାତ୍ରଛାତ୍ରୀ କରୁଥିବା ଜରଡା ନାଳ ଉପରେ ନୂତନ ପୋଲ ନିର୍ମାଣ ପାଇଁ ଦୀର୍ଘ ବର୍ଷ ହେବ ଦାବୀ ହୋଇ ଆସୁଥିଲେ ସୁଦ୍ଧା ଅଦ୍ୟାବଧି ବ୍ୟବସ୍ଥା ହୋଇନାହିଁ। ଫଳରେ ପ୍ରତିବର୍ଷ ଛାତ୍ର ଛାତ୍ରୀ ଏହି ସମସ୍ୟାରେ ସମ୍ମୁଖୀନ ହେଉଥିବା ସହିତ ପାଠପଢାରୁ ବଞ୍ଚିତ ହେଉଛନ୍ତି। ସ୍ଥାନୀୟ ବିଡିଓ ଏଥିପ୍ରତି ଦୃଷ୍ଟି ଦେବାକୁ ଅଭିଭାବକ ମହଲରୁ ଦାବି ହୋଇଛି।

## ସୁନା ନଦୀରେ ଭୀଷଣ ବନ୍ୟା

## ନଦୀକୂଳିଆ ୱାର୍ଡରେ ପାଣି; ବାଚୁ ହଟିଂରେ ଯୋଗାଯୋଗ ବିଚ୍ଛିନ୍ନ

ଯୋଡ଼ା, ୧୩।୮ (ସମିସ): ଲଗାଣ ବର୍ଷା ଯୋଡ଼ା ଖଣି ଅଞ୍ଚଳର ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଛି। ଯୋଡ଼ା ପୌରପାଳିକାର ବିଭିନ୍ନ ୱାର୍ଡରେ ଜଳବନ୍ଦି ପରିସ୍ଥିତି ସୃଷ୍ଟି ହୋଇଛି। ଏପରିକି ସୁନା ନଦୀରେ ଜଳସ୍ତର ବୃଦ୍ଧି ପାଇ ଭୀଷଣ ବନ୍ୟା ପରିସ୍ଥିତି ଦେଖାଦେଇଛି। ନଦୀ କଡରେ ଥିବା ବିଭିନ୍ନ ୱାର୍ଡର ତଳିଆ ଅଞ୍ଚଳରେ ବଢ଼ି ପାଣି ପଶି ଲୋକଙ୍କ ଦୁର୍ଦ୍ଦଶା ବଢ଼ାଇଛି। ବନ୍ୟା ପାଣି ଅନେକ ଲୋକଙ୍କ ଘରେ ପଶିଯିବାରୁ ଖଟ, ବିଛଣା, ଆସବାବପତ୍ର ସମେତ ବହୁ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ପାଣିରେ ବୁଡ଼ି ନଷ୍ଟ ହୋଇଥିବା ଜଣାପଡ଼ିଛି। ହଠାତ୍ ପାଣି ଘର ଭିତରକୁ ପଶିଯିବାରୁ ଅନେକ ପରିବାର ନିଜର ଆବଶ୍ୟକ ସାମଗ୍ରୀ ସୁରକ୍ଷିତ ସ୍ଥାନକୁ ନେବାକୁ ମଧ୍ୟ ସୁଯୋଗ ପାଇ ନଥିବା ଦେଖିବାକୁ ମିଳିଛି।

ସବୁଠାରୁ ଅଧିକ ଦୁର୍ଦ୍ଦଶା ଯୋଡ଼ା ପୌରପାଳିକା ଅନ୍ତର୍ଗତ ବାଚୁ ହଟିଂ ଅଞ୍ଚଳରେ ଦେଖାଦେଇଛି। ବଢ଼ି ପାଣି ଯୋଗୁଁ ବାଚୁ ହଟିଂକୁ ଯାତାୟାତ ଓ ଯୋଗାଯୋଗ ପ୍ରାୟ ବିଚ୍ଛିନ୍ନ ହୋଇପଡ଼ିଛି। ମଣି କାରୁଆ ଓ ସରସ୍ୱତୀ ନାଏକଙ୍କ ଘର ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିବା ବେଳେ ଅନ୍ୟ କିଛି ଘର ବିପଦସଂକୁଳ ଅବସ୍ଥାରେ ଅଛି। ୧୨ ନମ୍ବର ୱାର୍ଡ ବାଂଶପାଣିଠାରେ ଲୋକ ଜଳବନ୍ଦି ହୋଇ ରହିଛନ୍ତି। ସେହିପରି ସେଣ୍ଟ ଟେରେସା ନିକଟ କଲୋନୀରେ ପାଣି ଜମି ରହିବା ଦ୍ୱାରା ଚାରିଚକିଆ ଯାନଗୁଡିକ ବୁଡିଯିବାର ଦେଖାଦେଇଛି। ପୌରପାଳିକା ପକ୍ଷରୁ ଜେସିବି ସାହାଯ୍ୟରେ ରାସ୍ତା କାଟି ପାଣି ନିଷ୍କାସନ କରାଯାଉଛି। ଆଗାମୀ ସମୟରେ ଯଦି ବର୍ଷା ଆହୁରି ଜୋର ଧରେ, ତେବେ ପରିସ୍ଥିତି ଅଣାୟତ୍ତ ହେବାର ଆଶଙ୍କା ରହିଛି।

ଅନ୍ୟପକ୍ଷରେ, ଚଳିତ ଲଘୁଚାପ ଜନିତ ବର୍ଷାକୁ ନେଇ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଭାରି ବର୍ଷା ଓ ଜଳବନ୍ଦୀ ଆଶଙ୍କା ରହିଥିବା ନେଇ ପାଣିପାଗ ବିଭାଗ ସତର୍କ କରିଛି। ଏଭଳି ସ୍ଥିତିରେ ଯୋଡ଼ା ପୌରପାଳିକା ଓ ପ୍ରଶାସନ ପକ୍ଷରୁ ବନ୍ୟା ପ୍ରଭାବିତ ଅଞ୍ଚଳରେ ତୁରନ୍ତ ରିଲିଫ୍, ଶୁଖିଲା ଖାଦ୍ୟ, ପିଇବା ପାଣି ଓ ଆବଶ୍ୟକ ସହାୟତା ଯୋଗାଇବା ସହ ବିପଦସଙ୍କୁଳ ଘରେ ରହୁଥିବା ପରିବାରଙ୍କୁ ସୁରକ୍ଷିତ





ସ୍ଥାନକୁ ନେବା ପାଇଁ ଦାବି ହୋଇଛି। ବର୍ଷା ଜାରି ରହିଲେ ନଦୀ ଜଳସ୍ତର ଆହୁରି ବଢ଼ିପାରେ ଥିବାରୁ ତଳିଆ ଅଞ୍ଚଳବାସୀଙ୍କ ମଧ୍ୟରେ ଏବେ ଭୟ ଓ ଆଶଙ୍କା ବଢ଼ିଛି। ତେବେ ଆଜି ସକାଳ ସମୟରୁ ଯୋଡ଼ା ପୌରାଧକ୍ଷ ଜଗଦୀଶ ପ୍ରସାଦ ସାହୁ, ଉପାଧ୍ୟକ୍ଷା ସନ୍ଧ୍ୟା ପାତ୍ର, ବିଭିନ୍ନ ୱାର୍ଡର କାଉନସିଲର, କାର୍ଯ୍ୟନିର୍ବାହୀ ଅଧିକାରିଣୀ ଶ୍ୱେତପଦ୍ମା ଧଳ, ପୌରପାଳିକା କର୍ମଚାରୀ, ଟ୍ରକ ମାଲିକ ସଙ୍ଘ ସମ୍ପାଦକ ସୁଶାନ୍ତ ବାରିକ ବିଭିନ୍ନ ୱାର୍ଡର ବୁଡି ଅଞ୍ଚଳ ବୁଲି ସ୍ଥିତି ପରଖିଥିବା ବେଳେ ଆବଶ୍ୟକ ସ୍ଥଳେ ଲୋକଙ୍କୁ ସହଯୋଗ କରିବା ସହ ଜଳ ନିଷ୍କାସନ ବ୍ୟବସ୍ଥା କରିଛନ୍ତି। ବୁଡି ଅଞ୍ଚଳଗୁଡିକରେ ରନ୍ଧା ଖାଦ୍ୟ, ଶୁଖିଲା ଖାଦ୍ୟ ଯୋଗାଇ ଦେଇଥିବା ନେଇ ପୌରାଧକ୍ଷ ଜଗଦୀଶ ପ୍ରସାଦ ସାହୁ ସୂଚନା ପ୍ରଦାନ କରିଛନ୍ତି।

## ଯୋଡ଼ା ବ୍ଲକ୍‌ରେ ସର୍ବାଧିକ ବର୍ଷା; ହାଟଡିହିରେ ସର୍ବନିମ୍ନ

କେନ୍ଦୁଝର, ୧୩।୮ (ସମିସ): କେନ୍ଦୁଝର ଜିଲ୍ଲାର ବିଭିନ୍ନ ବ୍ଲକ ଅଞ୍ଚଳରେ ବୁଧବାର ରାତ୍ରି ସମୟରୁ ଲଗାଣ ବର୍ଷା ଲାଗିରହିଛି। ଫଳରେ ସାଧାରଣ ଜୀବନଯାତ୍ରା ପ୍ରଭାବିତ ହୋଇଛି। ଲାଗୁଚାପ ବର୍ଷା ଆଗକୁ ଦିନେ ଦୁଇଦିନ ପର୍ଯ୍ୟନ୍ତ ଲାଗିରହିବ ବୋଲି ପାଣିପାଗ ବିଭାଗର ଆଗୁଆ ସୂଚନାରୁ ଜଣାପଡିଛି। ଗୁରୁବାର ଜିଲ୍ଲାର ବିଭିନ୍ନ ବ୍ଲକ ଅଞ୍ଚଳରେ ବର୍ଷା ଲାଗିରହିଥିବା ସୂଚନା ମିଳିଛି। ଯୋଡ଼ା ବ୍ଲକରେ ସର୍ବାଧିକ ବର୍ଷା ରେକର୍ଡ ହୋଇଥିବାବେଳେ ହାଟଡିହି ବ୍ଲକରେ ସର୍ବନିମ୍ନ ବର୍ଷା ରେକର୍ଡ ହୋଇଛି। ସୂଚନା ଅନୁସାରେ ଗୁରୁବାର ଯୋଡ଼ା ବ୍ଲକରେ ୯୬.୨ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ସେହିଭଳି ହାଟଡିହି ବ୍ଲକରେ ୭.୨ ମିଲିମିଟର ବର୍ଷା ହୋଇଥିବା ସୂଚନା ମିଳିଛି। ଏପଟେ କେନ୍ଦୁଝର ସଦର ବ୍ଲକ ଅଞ୍ଚଳରେ ୨୬.୨ ମିଲିମିଟର ବର୍ଷା ହୋଇଥିବାବେଳେ ବାଂଶପାଳ ବ୍ଲକ ଅଞ୍ଚଳରେ ୨୨.୨ ମିଲିମିଟର ବର୍ଷା ହୋଇଥିବା ଜଣାପଡିଛି। ଅନ୍ୟପକ୍ଷରେ ତେଲକୋଇ ବ୍ଲକ ଅଞ୍ଚଳରେ ୪୫.୪ ମିଲିମିଟର, ପାଟଣା ବ୍ଲକ ଅଞ୍ଚଳରେ ୫୧.୨ ମିଲିମିଟର, ସାହାରପଡା ବ୍ଲକରେ ୫୫.୪ ମିଲିମିଟର, ଘଟଗାଁ ବ୍ଲକରେ ୨୦.୪ ମିଲିମିଟର, ହରିଚନ୍ଦନପୁର ବ୍ଲକ ଅଞ୍ଚଳରେ ୭.୪ ମିଲିମିଟର, ଆନନ୍ଦପୁର ବ୍ଲକ ଅଞ୍ଚଳରେ ୧୮.୨ ମିଲିମିଟର, ଘସିପୁରା ବ୍ଲକରେ ୨୪.୩ ମିଲିମିଟର, ଚମ୍ପୁଆ ବ୍ଲକ ଅଞ୍ଚଳରେ ୬୦.୨ ମିଲିମିଟର ଏବଂ ଝୁମ୍ପୁରା ବ୍ଲକ ଅଞ୍ଚଳରେ ୮୮.୨ ମିଲିମିଟର ବର୍ଷା ହୋଇଥିବା ସୂଚନା ମିଳିଛି।

## ବିଭିନ୍ନ ସ୍ଥାନରେ 'ଘରେ ଘରେ ତ୍ରିରଙ୍ଗା' ଯାତ୍ରା

ଆନନ୍ଦପୁର, ୧୩।୮ (ସମିସ): ଆନନ୍ଦପୁର ବିଜେପି ଯୁବମୋର୍ଚ୍ଚା ସଭାପତି ଧବଳେଶ୍ୱର ସାହୁଙ୍କ ନେତୃତ୍ୱରେ ଆଜି 'ଘରେ ଘରେ ତ୍ରିରଙ୍ଗା' ଯାତ୍ରାର ଏକ ଭବ୍ୟ କାର୍ଯ୍ୟକ୍ରମ ଓ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଭାରତର ସ୍ୱାଧୀନତା ପାଇଁ ଅମୂଲ୍ୟ ବଳିଦାନ ଦେଇଥିବା ବୀର ସହିଦମାନଙ୍କୁ ସ୍ମରଣ କରି ଦେଶର ଏକତା ଓ ଅଖଣ୍ଡତାକୁ ସୁଦୃଢ଼ କରିବାର ସଂକଳ୍ପ ନିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ନେତା ଅଲୋକ ସେଠୀ, ପୂର୍ବତନ ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ମହେଶ୍ୱର ସାହୁ, ବରିଷ୍ଠ ବିଜେପି ନେତା ଭଗବାନ ସାହୁ, ଜିଲ୍ଲା ସମ୍ପାଦକ ଇ. ଦୀପକ ଜେନା, ଯୁବମୋର୍ଚ୍ଚା ରାଜ୍ୟ ମୁଖପାତ୍ର ଯଜ୍ଞ ପ୍ରସାଦ, ଜିଲ୍ଲା ଯୁବମୋର୍ଚ୍ଚା ସମ୍ପାଦକ ଅଭିନାଶ ସେଠୀ, ଜିଲ୍ଲା ଯୁବମୋର୍ଚ୍ଚା ସଂଯୋଜକ ଦିଲୀପ ବେଜ, ଆନନ୍ଦପୁର ନଗର ମଣ୍ଡଳ ସମ୍ପାଦକ ସନ୍ଦୀପ ଜେନା, ବିଶ୍ୱ ହିନ୍ଦୁ ପରିଷଦରର ଅକ୍ଷୟ ସାହୁ ସମେତ ବହୁ ଦଳୀୟ ନେତା, ଯୁବ କାର୍ଯ୍ୟକର୍ତ୍ତା ଓ ଦେଶପ୍ରେମୀ ଜନସାଧାରଣ ଉପସ୍ଥିତ ଥିଲେ। ଏହି ତ୍ରିରଙ୍ଗା ଯାତ୍ରା ମାଧ୍ୟମରେ ପ୍ରତ୍ୟେକ ଘରେ ଜାତୀୟ ପତାକା ଉଡ଼ାଇବା ସହ ଯୁବପିଢ଼ିଙ୍କ ମନରେ ଦେଶପ୍ରେମ, ଜାତୀୟ ଗର୍ବ ଓ ଦାୟିତ୍ୱବୋଧ ଜାଗ୍ରତ କରିବାର ଆହ୍ୱାନ ଦିଆଯାଇଥିଲା।



ସେହିପରି ଆନନ୍ଦପୁର ବିଜେପି ନଗର ମଣ୍ଡଳ ସଭାପତି ହେମନ୍ତ ସାହୁଙ୍କ ସଂଯୋଜନାରେ ଫକୀରପୁରଠାରେ ତ୍ରିରଙ୍ଗା ଯାତ୍ରା ସପ୍ତା ବଜାରରୁ ଆରମ୍ଭ ହୋଇ ବାଲୁଙ୍କେଶ୍ୱର ମନ୍ଦିର ନିକଟରେ ଶେଷ ହୋଇଛି। ପଦଯାତ୍ରାରେ ବରିଷ୍ଠ ବିଜେପି ନେତା ରାମଚନ୍ଦ୍ର ସାହୁ, ବିଶ୍ୱପ୍ରତାପ ଜେନା, ଆଲୋକ ସେଠୀ, ମହେଶ୍ୱର ସାହୁ, ଶାନ୍ତନୁ ସେଠୀ, ନଗର ମଣ୍ଡଳ ସାଧାରଣ ସମ୍ପାଦକ ମାନସ ସାହୁ, ମଳୟ ମିଶ୍ର, ଯୁବମୋର୍ଚ୍ଚା ଜିଲ୍ଲା ସଂଯୋଜକ ଆଶିଷ ବେହେରା, ସୁମତି ଜେନା, ପ୍ରଣୟିନୀ ବ୍ରହ୍ମ, ବବିତା ଶତପଥୀ, ଯୁବମୋର୍ଚ୍ଚା ସିପୁନ ଦାଶ, ବ୍ରଜକିଶୋର ଦାଶ, ଚକ୍ରଧର ରାଉଳ, ଦୀପକ ରାମ, ବୁଦ୍ଧଦେବ ସାହୁ, ଅଳକା ପଟ୍ଟନାୟକ, କନକଲତା ଦାସ, ବୈଜୟନ୍ତୀ ବିଶ୍ୱାଳ, ସାନୁଜା ଜେନା, ଲାୟନ୍ ଘୋଷ, ସିପୁ ଜେନା ପ୍ରମୁଖ ପରିଚାଳନା କରିଥିଲେ।

ଅନ୍ୟପକ୍ଷରେ, ଆନନ୍ଦପୁର ନିର୍ବାଚନମଣ୍ଡଳୀ ବେଲବାହାଲି ମଣ୍ଡଳ ବିଜେପି ପକ୍ଷରୁ 'ହରଘର ତ୍ରିରଙ୍ଗା' କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ବାରିଗାଁ ପେଟ୍ରୋଲପମ୍ପଠାରୁ ବେଲବାହାଲୀ ଗ୍ରାମ ପରିକ୍ରମା କରି ହରିଡାପାଳ ପର୍ଯ୍ୟନ୍ତ ବାଇକ୍ ଶୋଭାଯାତ୍ରା କରାଯାଇଥିଲା। ଦଳୀୟ କାର୍ଯ୍ୟକର୍ତ୍ତା ଓ ସମର୍ଥକମାନେ ହାତରେ ଜାତୀୟ ପତାକା ଧରି ଯାତ୍ରାରେ ସାମିଲ ହୋଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମଣ୍ଡଳ ସଭାପତି ଚନ୍ଦ୍ରମଣି ସେଠି, ବିଜେପି ନେତା ଆଲୋକ ସେଠୀ, ରାମଚନ୍ଦ୍ର ସାହୁ, ମହେଶ୍ୱର ସାହୁ, ସରପଞ୍ଚ ଦୀପ୍ତି ସାହୁ, ଶାନ୍ତନୁ ସେଠୀ, ବିଶ୍ୱପ୍ରତାପ ଜେନା, ତାପସ ଜେନା, ବଳରାମ ସାହୁ, ଅନାଦି ସାହୁ, ସତ୍ୟଭାମା ଖୁଣ୍ଟିଆ, ସୁରଥ ଜେନା, ସଞ୍ଜୟ ବାରିକ, ପ୍ରଶାନ୍ତ ମାଝୀ, ବ୍ରଜକିଶୋର ପାଢ଼ୀ, ଅନନ୍ତ ବାରିକ, ରତ୍ନାକର ବାରିକ ସମେତ ଶତାଧିକ କର୍ମକର୍ତ୍ତା ଯୋଗ ଦେଇଥିଲେ।

## ଗୟଳମୁଣ୍ଡା ରାସ୍ତା କାଦୁଅରେ ପଚପଚ

ଆନନ୍ଦପୁର, ୧୩।୮ (ସମିସ): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକ୍ ଅନ୍ତର୍ଗତ ଗୟଳମୁଣ୍ଡା ଛକଠାରୁ ଡାହିମାଳିଆ ସାହି ଦେଇ କୁନ୍ଦାସାହିକୁ ସଂଯୋଗ କରୁଥିବା ପ୍ରାୟ ୩ କିଲୋମିଟର ରାସ୍ତା ଏବେ ଗ୍ରାମବାସୀଙ୍କ ପାଇଁ ମରଣଯନ୍ତା ପାଲଟିଛି। ଦୀର୍ଘବର୍ଷ ଧରି ଏହି ରାସ୍ତାର ଉନ୍ନତିକରଣ ହୋଇ ନଥିବାରୁ ସାମାନ୍ୟ ବର୍ଷା ହେଲେ ରାସ୍ତାରେ କାଦୁଅ ଓ ପାଣି ଜମି ଯାତାୟାତ ପ୍ରାୟ ଦୁର୍ବିସହ ହୋଇପଡୁଛି। ଏହି ସାହିରେ ପ୍ରାୟ ୨୫୦ରୁ ଊର୍ଦ୍ଧ୍ୱ ପରିବାରର ୧୩୦୦ରୁ ଅଧିକ ଲୋକ ବସବାସ କରୁଥିବାରୁ ଅଞ୍ଚଳବାସୀଙ୍କ ପାଇଁ ଗୟଳମୁଣ୍ଡା ଛକ ସହିତ ଯୋଗାଯୋଗର ଏକମାତ୍ର ମୁଖ୍ୟ। ରାସ୍ତାର ଅବସ୍ଥା ଖରାପ ଥିବାରୁ ଦୈନନ୍ଦିନ ଜୀବନଯାପନଠାରୁ ଆରମ୍ଭ କରି ଶିକ୍ଷା, ସ୍ୱାସ୍ଥ୍ୟ ଓ ବ୍ୟବସାୟ ପର୍ଯ୍ୟନ୍ତ ବିଭିନ୍ନ କ୍ଷେତ୍ରରେ ଲୋକେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ରାସ୍ତାର ବିଭିନ୍ନ ସ୍ଥାନରେ ଗାତ ସୃଷ୍ଟି ହୋଇଥିବାବେଳେ ସେଥିରେ ବର୍ଷାଜଳ ଜମି ରହୁଛି। କେତେକ ସ୍ଥାନରେ ଆଣ୍ଠୁଏ ପର୍ଯ୍ୟନ୍ତ କାଦୁଅ ହୋଇଯାଉଥିବାରୁ ଛାତ୍ରଛାତ୍ରୀଙ୍କୁ ସେହି କାଦୁଅ ମଧ୍ୟଦେଇ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଯିବାକୁ ପଡୁଛି। ଫଳରେ ଠିକ ସମୟରେ ଶିକ୍ଷାନୁଷ୍ଠାନରେ ପହଞ୍ଚିବା ମଧ୍ୟ କଷ୍ଟକର ହେଉଛି। ଗ୍ରାମର ବୃଦ୍ଧ, ଗର୍ଭବତୀ ମହିଳା, ରୋଗୀ ଓ ଅନ୍ୟ ଜରୁରିକାଳୀନ ଆବଶ୍ୟକତା ଥିବା ଲୋକମାନେ ମଧ୍ୟ ଏହି ରାସ୍ତା ଦେଇ ଯାତାୟାତ କରନ୍ତି। ରାସ୍ତା ଅବସ୍ଥା ଦୟନୀୟ ହୋଇପଡିଥିବାରୁ ଜରୁରୀ ସମୟରେ ଡାକ୍ତରଖାନାକୁ ରୋଗୀ ନେବା ମଧ୍ୟ ଏକ ବଡ଼ ସମସ୍ୟା ହୋଇପଡୁଛି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ରାସ୍ତା ଅବସ୍ଥା ଯୋଗୁଁ ଆମ୍ବୁଲାନ୍ସ ଭଳି ଜରୁରୀ ସେବାରେ ବ୍ୟାଘାତ ସୃଷ୍ଟି ହେଉଛି। ଶ୍ରମିକମାନଙ୍କୁ ମଧ୍ୟ ପ୍ରତିଦିନ ଯାତାୟାତ ପାଇଁ ଏହି ରାସ୍ତା ଉପରେ ନିର୍ଭର କରିବାକୁ ପଡୁଛି। ବ୍ୟାଙ୍କ, ବଜାର, ଡାକ୍ତରଖାନା ଓ ବିଭିନ୍ନ ସରକାରୀ କାର୍ଯ୍ୟ ପାଇଁ ଲୋକଙ୍କୁ ଏହି ରାସ୍ତା ଦେଇ ଯିବାକୁ ହେଉଛି। ରାସ୍ତା ସମସ୍ୟା ସମ୍ପର୍କରେ ସ୍ଥାନୀୟ ସରପଞ୍ଚ ଓ ବ୍ଲକ୍ ପ୍ରଶାସନକୁ ବାରମ୍ବାର ଅବଗତ କରାଯାଇଛି। ରାସ୍ତାର ମରାମତି ଓ ସ୍ଥାୟୀ ଉନ୍ନତିକରଣ ପାଇଁ ଅନେକଥର ଦାବି ଜଣାଇଥିଲେ ମଧ୍ୟ ଏଯାବତ୍ ସ୍ଥାୟୀ ସମାଧାନ ହୋଇନଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢୁଛି। ଗ୍ରାମବାସୀଙ୍କ ଦାବିଯେ ପ୍ରଥମ ପର୍ଯ୍ୟାୟରେ

**ବର୍ଷାରେ ବଢୁଛି ଛାତ୍ରଛାତ୍ରୀଙ୍କ ଦୁର୍ଦ୍ଦଶା**



ରାସ୍ତାରେ ମୋରମ ଓ ମାଟି ପକାଇ ଉଚ୍ଚତା ବୃଦ୍ଧି କରାଯାଉ। ଏହାସହିତ ଜଳ ନିଷ୍କାସନ ବ୍ୟବସ୍ଥା କରାଯାଇ ଦୀର୍ଘମିଆଦି ଭିତ୍ତିରେ ପିଚୁ କିମ୍ବା କଂକ୍ରିଟ୍ ରାସ୍ତା ନିର୍ମାଣ କରାଯାଉ। ରାସ୍ତା ସମସ୍ୟାକୁ ଯୁଦ୍ଧକାଳୀନ ଭିତ୍ତିରେ ସମାଧାନ କରିବାକୁ ପ୍ରଶାସନ ନିକଟରେ ଦାବି କରିଛନ୍ତି। ରାସ୍ତା ନିର୍ମାଣ କେବଳ ଯାତାୟାତର ସୁବିଧା ନୁହେଁ, ଏହା ଗ୍ରାମବାସୀଙ୍କ ଶିକ୍ଷା, ସ୍ୱାସ୍ଥ୍ୟ, ଜୀବିକା ଓ ଦୈନନ୍ଦିନ ଜୀବନ ସହ ଜଡ଼ିତ। ତେଣୁ ଆଉ ବିଳମ୍ବ ନକରି ଗୟଳମୁଣ୍ଡା ରାସ୍ତାର ଉନ୍ନତିକରଣ କରାଯାଉ ବୋଲି ଗ୍ରାମବାସୀ ଦୃଢ଼ ଦାବି ଜଣାଇଛନ୍ତି।

# ଅବିଶ୍ରାନ୍ତ ବର୍ଷା ଫୁଲୁଛି ବୁଢ଼ାବଳଙ୍ଗ, କୂଳ ଲଙ୍ଘିଲା ଗଙ୍ଗାହାର

ବଡ଼ସାହି,୧୩।୮ (ସମିସ):

ପୁଣି ୧୦/୧୨ ଦିନର ବ୍ୟବଧାନ ପରେ ବଡ଼ସାହି ବ୍ଲକ୍‌ରେ ବନ୍ୟା ପରିସ୍ଥିତି ଲୋକଙ୍କୁ ବେହାଲ କରିଛି। ବୁଧୁବାର ରାତି ତମାମ ବର୍ଷା (୧୫୨ ମିଲିମିଟର) ଫଳରେ ବଡ଼ସାହି ବ୍ଲକ୍‌ରେ ନାହିଁ ନ ଥିବା ସ୍ଥିତି ଉପୁଜିଛି। ବ୍ଲକ୍ ମଧ୍ୟ ଦେଇ ପ୍ରଭାବିତ ବୁଢ଼ାବଳଙ୍ଗ କୂଳ ଲଙ୍ଘିବାକୁ ଥିବାବେଳେ ଗଙ୍ଗାହାର କୂଳ ଲଙ୍ଘିଛି। ବର୍ଷା ଲାଗି ରହିଲେ ବନ୍ୟା ପରିସ୍ଥିତି ଭୟଙ୍କର ରୂପ ଧାରଣ କରିବା ସମ୍ଭାବନାକୁ ଏଡାଇ ଦିଆଯାଇ ନ ପାରେ। ଶହ ଶହ ଏକର ଚାଷଜମି ଓ ପରିବା ଚାଷ ବନ୍ୟା ଜଳରେ ବୁଡ଼ି ରହିଥିବାବେଳେ ଚାଷୀ ମୁଣ୍ଡରେ ହାତ ଦେଇ ବସିଛି। ବଡ଼ସାହି-କୁଆମରା ରାସ୍ତାର ଖଡ଼ିକାପଦା ପୋଲ, ବଡ଼ସାହି-ଉଦଳା ରାସ୍ତାର ଦାମୋଦରପୁର ପୋଲ, ବଡ଼ସାହି-ବେତନଟୀ ରାସ୍ତାର ଜୁଣପଦା ଓ ବେଲପାଳ ରାସ୍ତା, ମାଣତ୍ରୀ-ବେତନଟୀ ରାସ୍ତା, ପ୍ରତାପପୁର-ହରିପୁର ରାସ୍ତାର ମାଧବୀନାଳ ପୋଲ ଉପରେ ପାଣି ଚାଲୁଥିବାରୁ





ଯୋଗାଯୋଗ ବିଚ୍ଛିନ୍ନ ହୋଇପଡ଼ିଛି। ନଦୀର ଜଳସ୍ତର ଆହୁରି ବୃଦ୍ଧି ପାଉଥିବାବେଳେ ନଦୀ କୂଳିଆ ଲୋକଙ୍କ ଚିନ୍ତା ବଢିଛି। ଯୋଗାଯୋଗ ବିଚ୍ଛିନ୍ନ ହୋଇଥିବା ମୁଖ୍ୟ ରାସ୍ତା, ନଦୀ, ନାଳ, ତଳିଆ ଅଞ୍ଚଳ, ଜଳବନ୍ଦୀ ସ୍ଥାନରୁ ଦୂରରେ ରହିବା ପାଇଁ ପ୍ରଶାସନ ପକ୍ଷରୁ ନିବେଦନ କରାଯିବା ସହିତ ମାଇକ୍ ଯୋଗେ ଲୋକଙ୍କୁ ସଚେତନ କରାଯାଇଛି । ପାଣି ଭିତରେ ଲୋକମାନେ ବିପଦପୂର୍ଣ୍ଣ ଭାବେ ପାର ହେବାକୁ ଚେଷ୍ଟା କରୁଥିବାରୁ ସେଠାରେ ପୁଲିସ ମୁତୟନ କରାଯାଇଛି। ଜିଲ୍ଲାପାଳ ହେମକାନ୍ତ ସଏ, ଏସପି ବରୁଣ ଗୁଣ୍ଟୁପାଲି, ବିଧାୟକ ସନାତନ ବିଜୁଳି, ଅତିରିକ୍ତ ଜିଲ୍ଲାପାଳ ଇଶ୍ୱର ଚନ୍ଦ୍ର ନାୟକ ଓ ଦୁଃଖବନ୍ଧୁ ନାୟକ, ବିଡିଓ ବନଜା ଦାସଙ୍କ ସହିତ ବିଭିନ୍ନ ପ୍ରଭାବିତ ଅଞ୍ଚଳ ବୁଲି ପରିସ୍ଥିତିର ଅନୁଧ୍ୟାନ କରି ଫେରିଛନ୍ତି। ତହସିଲଦାର ବିଶ୍ୱନାଥ ବିଶ୍ୱାଳ ଓ ବିଡିଓ ବନଜା ଦାସ ଗଣମାଧ୍ୟମ ପ୍ରତିନିଧି ଓ ନିର୍ବାଚିତ ପ୍ରତିନିଧିଙ୍କ ସହିତ ଯୋଗାଯୋଗରେ ଥିବାବେଳେ ସଦାସର୍ବଦା ସୂଚନା ପ୍ରଦାନ କରିବା ସହିତ ସୂଚନା ସଂଗ୍ରହ କରୁଛନ୍ତି।

ପାନୁଆ ବନ୍ଧରେ ମାଛ ଧରିବାକୁ ଯାଇ ପ୍ରଖର ସ୍ରୋତରେ ଭାସିଯାଇ ଜଣେ ଯୁବକ ମୃତ୍ୟୁବରଣ କରିଛନ୍ତି। ମୃତକ ଜଣକ ହେଲେ ପାଡ଼ଁଶିଆ ଗ୍ରାମର ପ୍ରଫୁଲ୍ଲ ଖଟୁଆଳ। ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇଛି। କଂଗ୍ରେସ ଦଳ ପକ୍ଷରୁ ବରିଷ୍ଠ ନେତା ପ୍ରକାଶ କରମହାପାତ୍ର, ବ୍ଲକ୍ ସଭାପତି ଶଶାଙ୍କଶେଖର କର, ପୂର୍ବତନ ସରପଞ୍ଚ ବିରଞ୍ଚିନାରାୟଣ ମହାପାତ୍ର, ରୁହ୍ୟା ସିଂ ମାନଗୋବିନ୍ଦପୁର ପଞ୍ଚାୟତର ବିଭିନ୍ନ ପ୍ରଭାବିତ ଗ୍ରାମକୁ ଯାଇ ଲୋକଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରିଛନ୍ତି। ବଡସାହି ସିଏଚସି ପକ୍ଷରୁ ଏକ ସ୍ୱାସ୍ଥ୍ୟ ଟିମ ମଧ୍ୟ ଡୁମୁରିଆ, ଶାଳଗାଁ ଓ ପତରାପଦା ଯାଇ ଲୋକଙ୍କ ସ୍ୱାସ୍ଥ୍ୟ ଅବସ୍ଥା ବୁଝିବା ସହିତ, ବର୍ତ୍ତମାନ ପରିସ୍ଥିତିରେ କିପରି ଚଳିବାକୁ ପଡିବ, ସେ ସମ୍ପର୍କରେ ସଚେତନ କରିଥିବା ଜଣାଯାଇଛି। ବର୍ଷା ଯଦିଓ କମିଛି, ନଦୀର ଜଳ ବୃଦ୍ଧି ହେଉଥିବାରୁ ଲୋକେ ଆତଙ୍କିତ ରହିଛନ୍ତି। କେତେକ ସ୍ଥାନରେ ଶୁଖିଲା ଖାଦ୍ୟ ଦେବା ଆରମ୍ଭ ହୋଇଥିବାବେଳେ ଆବଶ୍ୟକ ସ୍ଥଳେ ରନ୍ଧା ଖାଦ୍ୟ ବ୍ୟବସ୍ଥା କରାଯିବ ବୋଲି ବିଡିଓ ବନଜା ଦାସ ସୂଚନା ଦେଇଛନ୍ତି। ସେହିପରି ବହୁ ମାଟି ନଡା ଛପର ଘର ଭାଙ୍ଗିପଡିଥିବା ଜଣାଯାଇଛି। ତହସିଲଦାର ଓ ଆରଆଇଙ୍କ ଦୃଷ୍ଟି ଆକର୍ଷଣ କରିବାକୁ କୁହାଯାଇଛି।

## ଲଗାଣ ବର୍ଷାରେ ଶୁକ୍ଳିରେ କୃତ୍ରିମ ବନ୍ୟା



ଶୁକ୍ଳି, ୧୩।୮ (ସମିସ): ଲଘୁଚାପଜନିତ ଲଗାଣ ବର୍ଷାରେ ବେହାଲ ମୟୂରଭଞ୍ଜ। ରାତି ସାରା ବର୍ଷା ହେବା ଫଳରେ ନାହିଁ ନ ଥିବା ସମସ୍ୟା ଦେଖାଦେଇଛି। ବର୍ଷା ପାଣି ଲୋକଙ୍କ ଘରେ ପଶିଛି। ଶୁକ୍ଳି ବଜାରର ଲୋକ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିବା ଦେଖିବାକୁ ମିଳିଛି। କୃତ୍ରିମ ବନ୍ୟା ହେବାର ମୁଖ୍ୟ କାରଣ ହେଉଛି ସରକାରୀ ଯୋଜନା। ଶୁକ୍ଳି ବଜାର ମଧ୍ୟ ଦେଇ ପୂର୍ତ୍ତ ବିଭାଗ ରାସ୍ତା ଯାଇଛି। ପୂର୍ତ୍ତ ବିଭାଗ ରାସ୍ତା ନିର୍ମାଣ ବେଳେ ସ୍ଥାନୀୟ ଲୋକଙ୍କ ସ୍ୱାର୍ଥ୍ୟକୁ ଅଣଦେଖା କରିଛି। ସ୍ଥାନୀୟ ବାସିନ୍ଦାଙ୍କ ଘରଠାରୁ ଦୁଇ ଫୁଟ ଉଚ୍ଚା ହୋଇଛି ରାସ୍ତା। ରାସ୍ତାର ଦୁଇ ପାର୍ଶ୍ୱରେ ଡ୍ରେନ ନିର୍ମାଣ ହୋଇଛି ସତ କିନ୍ତୁ ଡ୍ରେନରେ ପାଣି କେମିତି ଯିବ ତାହାର କୌଣସି ବ୍ୟବସ୍ଥା କରାଯାଇନାହିଁ କିମ୍ବା ଡ୍ରେନ ପାଣି ବିଷ୍କାସନ ପାଇଁ କୌଣସି କଲଭର୍ଟର ବି ବ୍ୟବସ୍ଥା ନାହିଁ। ଡ୍ରେନ ପାଣି ଡ୍ରେନେଜ ନ ହୋଇ ଲୋକଙ୍କ ଘରେ ପଶୁଛି। ଶୁକ୍ଳି ବଜାରର ଡାହାଣୀଗଡିଆଠାରୁ ବ୍ଲକ ପର୍ଯ୍ୟନ୍ତ ଡ୍ରେନ ପାଣି ଜମା ହୋଇ ରହୁଛି। ଶୁକ୍ଳି ଡାକ୍ତରଖାନା ରାସ୍ତାରେ ଆଣ୍ଠୁଏ ପାଣି ଜମା ହୋଇଛି। ମେଡିକାଲ ଷ୍ଟାଫ କ୍ୱାଟର ସମେତ ଆଖପାଖ ଅଞ୍ଚଳର ଲୋକଙ୍କ ଘରେ ପାଣି ପଶିବା ସହିତ ଜଳବନ୍ଦୀ ଭଳି ଦୟନୀୟ ସ୍ଥିତି କାଟୁଛନ୍ତି ଲୋକ।

## ବେହାଲ ଡାକ୍ତରଖାନା, ରୋଗୀ ସେବା ବିପର୍ଯ୍ୟସ୍ତ

ମୋରଡା,୧୩।୮ (ସମିସ): ମୋରଡା ବ୍ଲକର ମୁଖ୍ୟ ଡାକ୍ତରଖାନା ବାରମାଇଲସ୍ଥ କିଶାନତାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅବସ୍ଥା ଶୋଚନୀୟ ହୋଇପଡିଛି। ଲଗାଣ ବର୍ଷା



ଯୋଗୁଁ ସ୍ୱାସ୍ଥ୍ୟକେନ୍ଦ୍ରରେ ପାଣି ଲହରି ମାରୁଛି। ଫଳରେ ରୋଗୀ ସେବା ବିପର୍ଯ୍ୟସ୍ତ ହୋଇପଡିଛି। ସେହିପରି ଡାକ୍ତରଖାନା ସମ୍ମୁଖରେ ମଧ୍ୟ ଆଣ୍ଠୁଏ ଉଚ୍ଚର ବର୍ଷା ପାଣି ଲହଡି ଭାଙ୍ଗୁଥିବାରୁ ଡାକ୍ତରଖାନାକୁ ଯିବାକୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେବେ ଏମିତି ପରିସ୍ଥିତି ପ୍ରତିବର୍ଷ ହେଉଥିଲେ ମଧ୍ୟ ପ୍ରଶାସନ ସବୁଜାଣି ଚୁପ ବସିଛି, ଯାହାକୁ ନେଇ ଅଞ୍ଚଳରେ ଅସନ୍ତୋଷ ତେଜୁଛି। ଏ ନେଇ ଡାକ୍ତରଖାନା ଅଧିକାରୀ ହାମ୍ବିରା ମୁର୍ମୁଙ୍କୁ ପଚାରିବାରୁ ରାସ୍ତା କଡରେ ଥିବା ଡ୍ରେନ ଡାକ୍ତରଖାନାରୁ ଉଚ୍ଚରେ ରହୁଥିବାରୁ ସଠିକ ଭାବେ ପାଣି ନିଷ୍କାସନ ହୋଇପାରୁନାହିଁ। ମୋରଡା ବିଧାୟକ ତଥା ନଗର ଉନ୍ନୟନ ମନ୍ତ୍ରୀଙ୍କୁ ଅବଗତ କରାଇବା ପରେ ମଧ୍ୟ ବର୍ତ୍ତମାନ ସୁଦ୍ଧା କୌଣସି ପଦକ୍ଷେପ ନିଆଯାଇନାହିଁ।

## ଜାମୁଘାଟ ପୋଲ ଉପରେ ୪ ଫୁଟର ପାଣି

ଉଦଳା,୧୩।୮ (ସମିସ): ଉଦଳା କଇଁସାରୀ ଜାମୁଘାଟ ଅସ୍ଥାୟୀ ପୋଲ ଉପରେ ୪ ଫୁଟ ଉଚ୍ଚର ପାଣି ପ୍ରବାହିତ ହେଉଛି। ଲଗାଣ ବର୍ଷା ଓ ଉପର ମୁଣ୍ଡରେ ବର୍ଷା କାରଣରୁ ନଦୀର ଜଳସ୍ତର ବୃଦ୍ଧି ଯୋଗୁଁ ଅସ୍ଥାୟୀ ପୋଲ ଉପରେ ପାଣି ପ୍ରଭାବିତ ହେଉଛି। ଉକ୍ତ ଅସ୍ଥାୟୀ ପୋଲ ଉପରେ ପାଣି ପ୍ରଭାବିତ ହେବା ଦ୍ୱାରା ଉଦଳା-ବାଲେଶ୍ୱରକୁ ଯାତାୟାତ ସମ୍ପୂର୍ଣ୍ଣ ଠପ ହୋଇଯାଇଛି। ଗତକାଲି ରାତିରୁ ବର୍ଷା ଲାଗି ରହିଥିବା ଓ ଉପର ମୁଣ୍ଡାରେ ପ୍ରବଳ ବର୍ଷା ହେବାରୁ ଦେଓ ନଦୀ ଜଳସ୍ତର ବୃଦ୍ଧି ପାଇଛି। ଫଳରେ ନଦୀ ଉପକୂଳ ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।



## ବାଉଁଶ ନଦୀ ପୋଲ ଉପରେ ୫ ଫୁଟର ପାଣି



ବେତନଟୀ, ୧୩।୮ (ସମିସ): ଲଗାଣ ବର୍ଷା ଯୋଗୁଁ ମୟୂରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକରେ ଜନଜୀବନ ସମ୍ପୂର୍ଣ୍ଣ ଅସ୍ତବ୍ୟସ୍ତ ହୋଇପଡ଼ିଛି। ବେତନଟୀ-ଦହିକୁଟି ମୁଖ୍ୟ ରାସ୍ତାରେ ଥିବା ବାଉଁଶ ନଦୀ ପୋଲ ଉପରେ ପ୍ରାୟ ୫ ଫୁଟର ବନ୍ୟା ଜଳ ପ୍ରବାହିତ ହେଉଥିବାରୁ ଏହି ପ୍ରମୁଖ ଯୋଗାଯୋଗ ବ୍ୟବସ୍ଥା ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇଯାଇଛି। ପୋଲ ଉପରେ ପାଣିର ସ୍ରୋତ ପ୍ରବାହିତ ହେଉଥିବାରୁ ଉଭୟ ପାର୍ଶ୍ୱରେ ଶତାଧିକ ଯାତ୍ରୀ, ଗାଡ଼ି ଓ ସ୍ଥାନୀୟ ଲୋକେ ଅଟକି ରହିଛନ୍ତି। ଦହିକୁଟି ଓ ଏହାର ଆଖପାଖ ଅଞ୍ଚଳର ଶତାଧିକ ଗ୍ରାମବାସୀ ନିତ୍ୟାବଶ୍ୟକ ସାମଗ୍ରୀ, ସ୍ୱାସ୍ଥ୍ୟସେବା ଓ ଗମନାଗମନ ପାଇଁ ନାହିଁ ନଥିବା ହନ୍ତସନ୍ତ ହେଉଛନ୍ତି। କେତେକ ବିପଦପୂର୍ଣ୍ଣ ଭାବେ ପାଣି ମଧ୍ୟରେ ରାସ୍ତା ପାର ହେବାକୁ ଚେଷ୍ଟା କରୁଥିବାରୁ ବଡ଼ଧରଣର ଦୁର୍ଘଟଣାର ଆଶଙ୍କା ପ୍ରକାଶ ପାଇଛି। ପ୍ରଶାସନ ତୁରନ୍ତ ଘଟଣାସ୍ଥଳ ସମୀକ୍ଷା କରି ବିକଳ୍ପ ଯୋଗାଯୋଗ ଓ ଜରୁରୀ ସହାୟତା ଯୋଗାଇଦେବାକୁ ଦାବି ହେଉଛି।

## ବର୍ଷା ଆଣିଛି ଗାଁ ପାଇଁ ବିପଦ

କୁଆମରା,୧୩।୮ (ସମିସ): ଲଘୁଚାପ ପ୍ରଭାବରେ କ୍ରମାଗତ ବର୍ଷା ଲାଗି ରହିବା ଯୋଗୁଁ ଗୋପବନ୍ଧୁନଗର ବ୍ଲକର ବିଭିନ୍ନ ପଞ୍ଚାୟତର ଗାଁରେ ବର୍ଷା ଜଳ ନିଷ୍କାସନ ହୋଇ ନ ପାରି ନାନା ସମସ୍ୟା ଦେଖାଦେଇଛି। ଗାଁଗୁଡିକରେ ଡ୍ରେନେଜ ସମସ୍ୟା ଯୋଗୁଁ ଘର ଗୁଡ଼ିକରେ ପାଣି ପଶୁଛି। ସାଇଁକୁଳାରେ ୨୦ରୁ ଅଧିକ ପରିବାର ପାଣିଘେର ମଧ୍ୟରେ ରହିଛନ୍ତି। ଘରୁ ବାହାରକୁ ବାହାରିଲେ ଆଣ୍ଠୁଏ ପାଣି। ବାରମ୍ବାର ଦାବି ହୋଇଆସୁଥିଲେ ମଧ୍ୟ ଡ୍ରେନେଜ ନିର୍ମାଣ ପ୍ରତି କେହି ଦୃଷ୍ଟି ଦେଉନାହାଁନ୍ତି। ସେହିପରି ତଳକଡଦା ଗ୍ରାମର ଗାଁ ଦାଣ୍ଡରେ ଫୁଟେରୁ ଅଧିକ ବର୍ଷା ଜଳ ଲହଡ଼ି ମାରୁଛି। ଦୁଇ ପାର୍ଶ୍ୱରେ ଡ୍ରେନେଜ ଥିଲେ ମଧ୍ୟ ଜଳ ନିଷ୍କାସନର ପ୍ରତିବନ୍ଧକ ସାଜିଛି। କୁଆମରା ଗ୍ରାମର ତଳସାହିରେ ବର୍ଷା ଜଳ ନିଷ୍କାସନ ହୋଇ ନ ପାରି ଘର ଚାରି ପାଖରେ ଜମି ରହିଛି।



## ବୈଶିଙ୍ଗାରେ ଜଳବନ୍ଦୀ ଅବସ୍ଥା

ବୈଶିଙ୍ଗା,୧୩।୮ (ସମିସ): ବେତନଟୀ ବ୍ଲକର ବୈଶିଙ୍ଗା ଓ ଏହାର ଆଖପାଖ ଅଞ୍ଚଳରେ ବର୍ଷା ଯୋଗୁଁ ଜନଜୀବନ ସମ୍ପୂର୍ଣ୍ଣ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଗତ ୨୪ ଘଣ୍ଟା ମଧ୍ୟରେ ଅଞ୍ଚଳରେ ୧୭୦ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ବୁଢ଼ାବଳଙ୍ଗ ନଦୀର ଜଳସ୍ତର ବିପଦ ସଂକେତ ଉପରେ ପ୍ରବାହିତ ହେଉଥିବାରୁ ବିଭିନ୍ନ ତଳିଆ ଅଞ୍ଚଳ ଜଳମଗ୍ନ ହୋଇ ସାଧାରଣ ଜୀବନଯାତ୍ରା ଗୁରୁତର ଭାବେ ପ୍ରଭାବିତ ହୋଇଛି। ଗଣ୍ଡବାଙ୍କ, ପ୍ରତୀମାଦେଇପୁର, ପାଟଳିପୁରା, ଦାରିହା, କାଠପାଳ, ନାଖରା, ସିଙ୍ଗଲାମୁଣ୍ଡଳି ଓ ଢେଁଫଉଦା ଭଳି ତଳିଆ ଗ୍ରାମରେ ବର୍ଷାଜଳ ଲୋକଙ୍କ ଘର ଭିତରେ ପଶିଛି। ବୈଶିଙ୍ଗା-ବଡ଼ସାହି ରାସ୍ତା କ୍ଷୀରପଦା ନିକଟରେ ମୁଖ୍ୟ ରାସ୍ତା ଉପରେ ବନ୍ୟାଜଳ ପ୍ରବାହିତ ହେଉଥିବାରୁ ଯାତାୟାତ ସମ୍ପୂର୍ଣ୍ଣ ବନ୍ଦ ରହିଛି। ବୈଶିଙ୍ଗା-ରୁପ୍‌ସା ରାସ୍ତାର ବ୍ରଜମୋହନ ଫିଲିଙ୍ଗ ଷ୍ଟେସନ ନିକଟରେ ପ୍ରାୟ ୩ ଫୁଟ ଉଚ୍ଚର ବର୍ଷାଜଳ ପ୍ରବାହିତ ହେବା ସହ ପିଚୁ ରାସ୍ତାର ଗୋଟିଏ ପାର୍ଶ୍ୱର୍ ସମ୍ପୂର୍ଣ୍ଣ ଧସିଯାଇଛି। ବର୍ତ୍ତମାନର ସ୍ଥିତିକୁ ଦୃଷ୍ଟିରେ ରଖି ପ୍ରଶାସନ ତୁରନ୍ତ ଘଟଣାସ୍ଥଳର ସମୀକ୍ଷା କରିବା ସହ ପ୍ରଭାବିତ ଅଞ୍ଚଳରେ ରିଲିଫ୍ ଓ ସହାୟତା ଯୋଗାଇଦେବା ଜରୁରୀ ହୋଇପଡ଼ିଛି। ଏଥିସହିତ କେନାଲ ଜଳ ପରିଚାଳନାରେ ସୁଧାର ଆଣିବାକୁ ସାଧାରଣରେ ଦାବି ହେଉଛି।



## କୂଳ ଲଘିଂଲା ନାଲୁହା ନଦୀ

କୁଆମରା,୧୩।୮ (ସମିସ): ଲଘୁଚାପ ପ୍ରଭାବରେ ବୁଧବାର ସନ୍ଧ୍ୟାରୁ ଗୁରୁବାର ସକାଳ ପର୍ଯ୍ୟନ୍ତ ମୁଷଳ ଧାରାରେ ବର୍ଷା ଲାଗି ରହିବା ଯୋଗୁଁ ଗୋପବନ୍ଧୁନଗର ବ୍ଲକ ଦେଇ ପ୍ରବାହିତ ଗଙ୍ଗାହାର ଓ ନାଲୁହା ନଦୀରେ ବନକ୍ରା ପରିସ୍ଥିତି ଦେଖାଦେଇଛି। ଆଜି ମଧ୍ୟାହ୍ନରେ ଉଭୟ ନଦୀର ବନ୍ୟା ଜଳ ଆସିବା ଯୋଗୁଁ ଖଡିକାପଦା କଲଭର୍ଟ ଉପରେ ୪ ଫୁଟ ଉଚ୍ଚରେ ବନ୍ୟାଜଳ ପ୍ରବାହିତ ହେଉଛି। ଫଳରେ ବଡ଼ସାହି-କୁଆମରା ଯୋଗାଯୋଗ ବିଚ୍ଛିନ୍ନ ହୋଇପଡିଛି। ଚଳିତ ବର୍ଷ ଗଙ୍ଗାହାର ନଦୀର ଏହା ତୃତୀୟ ବନ୍ୟା। ଏହି ନଦୀର ବନ୍ୟା ଜଳ ଏବେ କୂଳ ଲଘିଂବା ଯୋଗୁଁ କେତେକ ଚାଷଜମି ଜଳମଗ୍ନ ହୋଇପଡିଛି। ନାଲୁହା ନଦୀ କୂଳ ଲଘିଂବାରେ ଲାଗିଛି। ଫଳରେ ଏହି ବ୍ଲକର୍ ପଶୁଦା ପଞ୍ଚାୟତର କେତେକ ଗ୍ରାମ ଓ ଚାଷଜମୀ ପ୍ରଭାବିତ ହୋଇଛି। ଖଡିକାପଦାକୁ ଲାଗି ପଶୁଦା ପଞ୍ଚାୟତର ଭୋଳପଦା ଓ୍ କୁଆମରା ପଞ୍ଚାୟତର କସିବଣୀ ଗ୍ରାମର ଲୋକେ ଭୟଭୀତ ଅବସ୍ଥାରେ ରହିଛନ୍ତି। ସେହିପରି ଦେଓ ନଦୀର ବନ୍ୟା ଜଳ ଆସିବା ଯୋଗୁଁ କଇଁସାରୀ ନିକଟସ୍ଥ ଜାମୁଘାଟ ଅସ୍ଥାୟୀ ପୋଲ ଉପରେ ୪ ଫୁଟ ଉଚ୍ଚର ବନ୍ୟା ଜଳ ପ୍ରବାହିତ ହେଉଛି। ବୁଧବାର ସନ୍ଧ୍ୟାରୁ ଗୁରୁବାର ସକାଳ ସୁଦ୍ଧା ୬୫ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବିଡିଓ ପୃଥୀରାଜ ପରିଡା କହିଛନ୍ତି।



## କାହ୍ନୁ ସେତୁ ଉପରେ ପାଣି ସୁଅ

ରାଇରଙ୍ଗପୁର,୧୩।୮ (ସମିସ): ଲଗାଣ ବର୍ଷାରେ ବାମନଘାଟୀ ଉପଖଣ୍ଡର ବିଭିନ୍ନ ବ୍ଲକ୍ ଓ ପଞ୍ଚାୟତରେ ନଦୀରେ ବନ୍ୟା ଯୋଗୁଁ ଗମନାଗମନ ସମ୍ପୂର୍ଣ୍ଣ ଠପ୍ ହୋଇଛି। କାହ୍ନୁ ସେତୁ ଉପରେ ପାଣି ସୁଅ ଚାଲିଥିବାରୁ କୁସୁମୀ ବ୍ଲକ ଅନ୍ତର୍ଗତ ବାଲିଆଡିପା, ଟେଣ୍ଟୋପୋଷି ଓ ରାଷ୍ଟ୍ରପତିଙ୍କ ପୈତୃକ ଜନ୍ମ ମାଟି ଗାଁ, ହାଟବାଦଡା ଓ ଜାମଦା ବ୍ଲକ ଗମନାଗମନ ବାଧାପ୍ରାପ୍ତ ରହିଛି। ବାଦାମପାହାଡ କଲୋନୀ ସାହିର ସବୁ ଘରେ ପାଣି ପଶିଛି। ରାଇରଙ୍ଗପୁର ବ୍ଲକର ହଳଦା ପଞ୍ଚାୟତର ଚମ୍ପରେଇ, ସାନବାଇକଳା, ସିଜୁକଳା ଗାଁ ଅଧା ଜଳମଗ୍ନ ରହିଛି।



## ବେତନଟୀ ବେହାଲ, ଘରେ ପଶିଲା ପାଣି

ବେତନଟୀ,୧୩।୮ (ସମିସ): ବେତନଟୀ ବ୍ଲକ ଅଞ୍ଚଳରେ ଗତକାଲି ରାତିରୁ ଲାଗିରହିଥିବା ଅବିଶ୍ରାନ୍ତ ବର୍ଷା ଯୋଗୁଁ ସାଧାରଣ ଜୀବନଯାପନ ସମ୍ପୂର୍ଣ୍ଣ ବ୍ୟାହତ ହୋଇପଡ଼ିଛି। ବର୍ଷା ଜଳ ନିଷ୍କାସିତ ହୋଇନପାରି ଅଞ୍ଚଳର ଅନେକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଓ ଆବାସିକ ଅଞ୍ଚଳରେ ଜଳବନ୍ଦୀ ପରିସ୍ଥିତି ସୃଷ୍ଟି ହୋଇଛି। ବେତନଟୀ କଲେଜ ପରିସର, ଟିଭିଏସ୍ ଶୋ'ରୁମ୍ ଆଖପାଖ, ବେତନଟୀ ଡାକ୍ତରଖାନା ପାଶ୍ୱର୍ ଅଞ୍ଚଳ ସମେତ ବିଜୟ ଦାସ ଓ ନିଶା ଦିଦିଙ୍କ ଘର ନିକଟସ୍ଥ ବାସସ୍ଥଳୀରେ ପାଣି ପଶିଛି। ଘର ଭିତରେ ପାଣି ପଶିବା ଫଳରେ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ ନଷ୍ଟ ହେବା ସହ ରନ୍ଧାବଢ଼ା ଓ ରହିବାରେ ଗୁରୁତର ସମସ୍ୟା ଦେଖାଦେଇଛି। ପରିସ୍ଥିତିକୁ ଦୃଷ୍ଟିରେ ରଖି ସ୍ଥାନୀୟ ପ୍ରଶାସନ ତୁରନ୍ତ ଡ୍ରେନେଜ୍ ସଫେଇ ଓ ହାଇପାୱାର ପମ୍ପ ଜରିଆରେ ଜଳ ନିଷ୍କାସନ ବ୍ୟବସ୍ଥା କରିବାକୁ ଦାବି ହୋଇଛି।



## ବନ୍ୟା ଜଳରେ ଭାସିଯାଇଥିବା ଯୁବକ ଗଛରୁ ଉଦ୍ଧାର

ବାରିପଦା, ୧୩।୮ (ସମିସ): ଲଗାଣ ବର୍ଷା ପାଇଁ ମୟୂରଭଞ୍ଜ ଜିଲ୍ଲା ବାଙ୍ଗିରିପୋଷି ବ୍ଲକ ଶ୍ୟାମସୁନ୍ଦରପୁର ପଞ୍ଚାୟତ ନୂଆଗାଁଠାରେ ଥିବା ପୋଲ ପାରି ସମୟରେ ଶଙ୍କରେଇ ନଦୀ ବନ୍ୟା ପାଣିରେ ଭାସିଯାଇ ଭାଗ୍ୟ ବଶତଃ ଏକ ଗଛ ଡାଳରେ ଆଶ୍ରୟ ନେଇଥିବା ଯୁବକଙ୍କୁ ଓଡ୍ରାଫ ଟିମ ପାୱାର ବୋଟ ସହାୟତାରେ ଉଦ୍ଧାର କରିଛନ୍ତି। ଯୁବକ ଜଣଙ୍କ ନୂଆଗାଁର ବାଜୁନ ହାଁସଦା (୩୫)। ବାଙ୍ଗିରିପୋଷି ବିଡିଓ, ତହସିଲଦାର, ଥାନା ଅଧିକାରୀଙ୍କ ମିଳିତ ତତ୍ତ୍ୱାବଧାନରେ ଓଡ୍ରାଫ୍ ଟିମ୍ ଓ ଅଗ୍ନିଶମ ବାହୀନିଙ୍କ ଆପ୍ରାଣ ଚେଷ୍ଟା ଓ ସଙ୍ଘର୍ଷ ବଳରେ ଯୁବକଙ୍କୁ ସୁରକ୍ଷିତ ସହ ଉଦ୍ଧାର ପରେ ପୂର୍ବତନ ମନ୍ତ୍ରୀ ସୁଦାମ ମାରାଣ୍ଡି ତାଙ୍କୁ ଭେଟିବା ସହିତ ସମସ୍ତଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି। ଭାରି ବର୍ଷା ପାଇଁ ବାଙ୍ଗିରିପୋଷି ବ୍ଲକରେ ପ୍ରବାହିତ ସମସ୍ତ ନଦୀନାଳ ସହିତ ବୁଢାବଳଙ୍ଗ ନଦୀ ବନ୍ୟା ବ୍ୟାପକ କ୍ଷୟକ୍ଷତି କରିଛି। ଅନେକଙ୍କ ଘରେ ବନ୍ୟା ପାଣି ପଶି ଯାଇଥିବାବେଳେ ଶ୍ରୀ ମାରାଣ୍ଡି କ୍ଷତିଗ୍ରସ୍ତ ପରିବାରଙ୍କୁ ଭେଟି ରିଲିଫ ଓ ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ପ୍ରଶାସନ ସହିତ ଆଲୋଚନା କରିଛନ୍ତି।



## ● ଶିମିଳିପାଳରେ ଭାରି ବର୍ଷା
## ବାରିପଦା ରେଞ୍ଜରେ ସର୍ବାଧିକ ୧୯୭ ମିମି



ବାରିପଦା, ୧୩।୮ (ସମିସ): ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ସ୍ଥାନରେ ଗତ ୨୪ ଘଣ୍ଟାରେ ଅବିଶ୍ରାନ୍ତ ବର୍ଷା ହୋଇଛି। ଶିମିଳିପାଳ ଜାତୀୟ ଅଭୟାରଣ୍ୟରେ ମଧ୍ୟ ଭାରି ବର୍ଷା ରେକର୍ଡ କରାଯାଇଛି। ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ କ୍ଷେତ୍ର ନିର୍ଦ୍ଦେଶକ ତଥା ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ଡ ପ୍ରକାଶ ଚାନ୍ଦ ଗୋଗେନାନୀଙ୍କ ସୂଚନା ଅନୁସାରେ ଶିମିଳିପାଳ ବାରିପଦା ରେଞ୍ଜ ଅଞ୍ଚଳରେ ସର୍ବାଧିକ ୧୯୭.୩୫୮ ମିଲିମିଟର୍ ବର୍ଷା ହୋଇଛି। ନଅଣାରେ ୧୨୬.୪ ମିମି, ବରେହିପାଣିରେ ୧୧୮.୬୧୮ ମିମି ଓ ରାମତୀର୍ଥରେ ୧୧୭.୩୪୮ ମିମି ବର୍ଷା ରେକର୍ଡ ହୋଇଛି। ସେହିପରି ଡୁକୁରାରେ ୧୧୧.୭୬ ମିମି, ବଡ଼ଗାଁରେ ୧୦୪.୧୪ ମିମି, ପିଠାବଟାରେ ୯୧.୪୪ ମିମି, କବାଟଘାଇରେ ୮୬.୩୬ ମିମି, ପୋଡ଼ାଡ଼ିହାରେ ୮୫.୫୯୮ ମିମି, ଭଞ୍ଜବସାରେ ୭୨.୩୯ ମିମି, ଚାହାଲାରେ ୭୨.୨ ମିମି, ବୁଢାବଳଙ୍ଗରେ ୭୦.୨ ମିମି, କୁଳିପାଳରେ ୬୪.୦୦୮ ମିମି, ଉପରବାରାହାକାମୁଡରେ ୪୬.୬ ମିମି, କେନ୍ଦୁମୁଣ୍ଡିରେ ୩୫.୫୬ ମିମି, ସାତକୋସିଆରୁ ୨୧.୦୮୨ ମିମି ଓ ଠାକୁରମୁଣ୍ଡାରେ ୧୨.୭ ମିମି ବର୍ଷା ରେକର୍ଡ ହୋଇଛି। ଶିମିଳିପାଳ ଅଞ୍ଚଳରେ ମଧ୍ୟମରୁ ଭାରି ବର୍ଷା ହୋଇଥିବାରୁ ନଦୀନାଳରେ ପାଣିର ପ୍ରବାହ ବୃଦ୍ଧି ପାଉଛି। ଜିଲ୍ଲା ପ୍ରଶାସନ ଓ ବିପଦ ମୁକାବିଲା ବିଭାଗ ସତର୍କ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ସବୁଆଡ଼େ ପାଣି, ଯାତାୟାତ ଠପ୍

ମୋରଡା,୧୩।୮ (ସମିସ): ମୋରଡା ବ୍ଲକ୍‌ରେ ଅବିଶ୍ରାନ୍ତ ବର୍ଷା ପାଇଁ ଚିତ୍ରଡା ରାଜାବନ୍ଧ ଉପରେ ୫ ଫୁଟ ଉପରେ ବର୍ଷା ଜଳ ପ୍ରବାହିତ ହେଉଥିବାରୁ ଯାତାୟାତ ବନ୍ଦ ରହିଛି। ଉକ୍ତ ବ୍ଲକର ସମାଇଡିହି ଗ୍ରାମରେ କେନାଲ ପାଣି ଗାଁ ଭିତରକୁ ପ୍ରବେଶ କରିବା ଫଳରେ ଲୋକେ ରାସ୍ତା ଉପରେ ପାଲ ଟାଙ୍ଗି ରହୁଥିବା ଦେଖିବାକୁ ମିଳିଛି। ବନ୍ୟା ଜଳ ଘୋଳମୁଁହା ପଞ୍ଚାୟତର ଘୋଳମୁଁହା, ଗଣ୍ଡଗୁହାଳି ଗାଁରେ ପ୍ରବେଶ କରିବାରୁ ଓଡ୍ରାଫ ଟିମ, ଦମକଳ ବାହିନୀ ସାହାଯ୍ୟରେ ଲୋକଙ୍କୁ ସୁରକ୍ଷିତ ଜାଗାକୁ ଅଣାଯାଇଛି। ସେହିପରି ବାରମାଇଲ-ବାଘଡା ରାସ୍ତାର ମୋହନପୁର ପୋଲ ଉପରେ ବର୍ଷା ପାଣି ପ୍ରବାହିତ ହେଉଛି। ତେବେ ବନ୍ୟା ପ୍ରବାହିତ ଅଞ୍ଚଳକୁ ଜିଲ୍ଲାପାଳ ହେମକାନ୍ତ ସୟ, ଅତିରିକ୍ତ ନେତ୍ରାନନ୍ଦ ମଲ୍ଲିକ ପରିଦର୍ଶନ କରି ସ୍ଥିତି ପରଖିଛନ୍ତି। ସମସ୍ତ ଲୋକଙ୍କୁ ସୁରକ୍ଷିତ ଭାବେ କିପରି ସ୍ଥାନାନ୍ତରିତ କରାଯିବ, ଲୋକଙ୍କୁ ଖାଦ୍ୟ, ପିଇବା ପାଣିର ବ୍ୟବସ୍ଥା କରାଯିବ ବୋଲି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମଲ୍ଲିକ କହିଛନ୍ତି।



### ଧସିଲା ବୁଢ଼ାବଳଙ୍ଗ ନଦୀବନ୍ଧ ପଥର ପ୍ୟାକିଂ

# ବିପଦରେ ଜାମଦାପାଳ-ବାଲିପାଳ ବନ୍ଧ

ବୈଶିଙ୍ଗା,୧୩।୮ (ସମିସ):

ନଦୀକୂଳ ସୁରକ୍ଷା ପାଇଁ ପଥର ପ୍ୟାକିଂ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଲା। ତେବେ କିଛି ବର୍ଷ ମଧ୍ୟରେ ଧସିଲା ପଥର ପ୍ୟାଚିଂ। ବୁଢ଼ାବଳଙ୍ଗ ନଦୀର ପ୍ରଖର ସ୍ରୋତ ସାମ୍ନାରେ ତିଷ୍ଠି ପାରିଲାନି ନିର୍ମିତ ପଥର ପ୍ୟାକିଂ। ବର୍ତ୍ତମାନ ପୁଣି ଆଡ଼ିବନ୍ଧ କୂଳକ୍ଷୟର ସମ୍ମୁଖୀନ ହୋଇଥିବାରୁ ବଡ଼ ବନ୍ୟା ଆସିଲେ ନଦୀ ଗତିପଥ ବଦଳାଇବାର ଆଶଙ୍କା ସୃଷ୍ଟି ହୋଇଛି। ଏଥିସହ ଜରଦାପାଳ-ବାଲିପାଳ ବନ୍ଧ ପ୍ରତି ବିପଦ ସୃଷ୍ଟି ହୋଇଛି।

ହାତୀକୋଟ ପଞ୍ଚାୟତ ଅଧୀନ ବାଲିପାଳ ଅଞ୍ଚଳରେ ବୁଢ଼ାବଳଙ୍ଗ ନଦୀର କୂଳକ୍ଷୟ ରୋକିବା ପାଇଁ କରାଯାଇଥିବା ପଥର ପ୍ୟାଚିଂର ବଡ଼ ଅଂଶ ଏବେ ନଦୀଗର୍ଭରେ। ନିର୍ମାଣ ସମୟରେ ଗୁଣବତ୍ତା ଓ ବୈଷୟିକ ମାନଦଣ୍ଡ ନେଇ ପ୍ରଶ୍ନ ଉଠିଥିଲେ ମଧ୍ୟ ସେତେବେଳେ ତାହାକୁ ଗୁରୁତ୍ୱ ଦିଆଯାଇ ନ ଥିବା ଅଭିଯୋଗ ହୋଇଛି। ନିର୍ମାଣରେ ତ୍ରୁଟି ଥିଲା କି? ନଦୀ ମାଟିର ପ୍ରକୃତି, ଭୂମିର ଗଠନ ଓ ସ୍ରୋତର ତୀବ୍ରତା ଅନୁଧ୍ୟାନ କରି ପଥର ପ୍ୟାଚିଂର ବୈଷୟିକ ଡିଜାଇନ କରାଯିବା କଥା। ଏଠାରେ ଆବଶ୍ୟକ ବୈଷୟିକ ପ୍ରକ୍ରିୟା ଠିକ୍ ଭାବେ ଅନୁସରଣ ହୋଇଥିଲା କି ନାହିଁ, ତାହା ଏବେ ବଡ଼ ପ୍ରଶ୍ନ। ନିର୍ମାଣରେ ବ୍ୟବହୃତ ପଥରର ମାନ, ପ୍ୟାଚିଂର ଗଭୀରତା, ଡିଜାଇନ ଓ କାର୍ଯ୍ୟର ଗୁଣବତ୍ତା ଯାଞ୍ଚ କରିବାକୁ ଦାବି ହୋଇଛି। ଅଭିଯୋଗ ସତ୍ତ୍ୱେ ଚୁପ୍ ଥିଲା ବିଭାଗ। ନିର୍ମାଣ ସମୟରୁ ହିଁ ନିମ୍ନମାନର ପଥର ଓ ତ୍ରୁଟିପୂର୍ଣ୍ଣ କାମ ନେଇ ସ୍ଥାନୀୟ ଯୁବ ସମାଜସେବୀ ବାଗଦା ମାରାଣ୍ଡିଙ୍କ ସମେତ ଅଞ୍ଚଳବାସୀ ଅଭିଯୋଗ କରିଥିଲେ। ଅଭିଯୋଗର ଯଥାର୍ଥ ଯାଞ୍ଚ ହୋଇ ନ ଥିବା ଅଭିଯୋଗ ରହିଛି। ଏବେ ପଥର ପ୍ୟାଚିଂ ଭୁଶୁଡ଼ିବା ପରେ ସେହି ପ୍ରଶ୍ନ ପୁଣି ସାମ୍ନାକୁ ଆସିଛି। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ ଗତ ଦଶନ୍ଧି ମଧ୍ୟରେ ବୁଢ଼ାବଳଙ୍ଗର କୂଳକ୍ଷୟ ଯୋଗୁଁ ଚାଷଜମି ଓ ରାସ୍ତା ଆଡ଼କୁ ପ୍ରାୟ ୧୦୦ ଫୁଟ୍ ପର୍ଯ୍ୟନ୍ତ ମାଡ଼ିଆସିଛି। ଏବେ ପଥର ପ୍ୟାକିଂ ଭୁଶୁଡ଼ିଯିବାରୁ ପୁଣି ଆଡ଼ିବନ୍ଧ ପ୍ରତି ବିପଦ ସୃଷ୍ଟି ହୋଇଛି। ବନ୍ୟା ଆସିଲେ ବଦଳିଯିବ କି ନଦୀର ଗତିପଥ? "ବର୍ତ୍ତମାନ ଲଗାଣ ବର୍ଷା ଯୋଗୁଁ ନଦୀର ଜଳସ୍ତର ବଢୁଥିବାରୁ ଆଡ଼ିବନ୍ଧ ଉପରେ ବିପଦ ଆହୁରି ବଢ଼ିଛି। ଯଦି ବଡ଼ ବନ୍ୟା ଆସେ ଓ ଦୁର୍ବଳ ଆଡ଼ିବନ୍ଧ ଭାଙ୍ଗିଯାଏ, ତେବେ ନଦୀ ନୂଆ ଗତିପଥ ଧରିବାର ଆଶଙ୍କା ରହିଛି। ଏହା ହେଲେ ହାତୀକୋଟ ଓ ଭାଗବତଚନ୍ଦ୍ରପୁର ପଞ୍ଚାୟତର ଅନେକ ଗାଁ, ଚାଷଜମି ଓ ରାସ୍ତା ପ୍ରଭାବିତ ହେବା ସମ୍ଭାବନା ରହିଛି। ପଥର ପ୍ୟାଚିଂ ଭୁଶୁଡ଼ିବା ଘଟଣାର ନିରପେକ୍ଷ ତଦନ୍ତ ସହ ନିର୍ମାଣରେ ବ୍ୟବହୃତ ସାମଗ୍ରୀ, ଡିଜାଇନ ଓ ବ୍ୟୟ ଅର୍ଥର ଯାଞ୍ଚ କରାଯାଇ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଦାବି ହୋଇଛି।



ସକାଳ
THE SAKALA

# ସମ୍ପାଦକୀୟ



ପ୍ରତିଯୋଗୀଙ୍କ ସହିତ ଯୁଦ୍ଧ ଯେପରି ଅପରିହାର୍ଯ୍ୟ, ପ୍ରତିବେଶୀଙ୍କ ସହିତ ବନ୍ଧୁତା ସେପରି ଜରୁରୀ।
-ବେଞ୍ଜାମିନ୍ ଫ୍ରାଙ୍କଲିନ୍

## ନ୍ୟାୟ ମନ୍ଦିରରେ ଦୁର୍ନୀତି

ଦିଲ୍ଲୀ ଉଚ୍ଚ ନ୍ୟାୟାଳୟର ପୂର୍ବତନ ବିଚାରପତି ଯଶୋବନ୍ତ ବର୍ମାଙ୍କ ସରକାରୀ ବାସଭବନ ପରିସରରୁ ଅର୍ଦ୍ଧଦଗ୍ଧ ନଗଦ ଟଙ୍କା ମିଳିବାର ଘଟଣାର ତଦନ୍ତ କରୁଥିବା ଯୁଗ୍ମ ସଂସଦୀୟ କମିଟି ସଂସଦରେ ରିପୋର୍ଟ ଦାଖଲ କରିଛି। ରିପୋର୍ଟରେ ଶ୍ରୀବର୍ମାଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଛି। ଆମ ଦେଶରେ ଦୁର୍ନୀତିର ଚେର କେତେ ଗଭୀରକୁ ଯାଇସାରିଛି ଏବଂ ଏହାର ସ୍ୱରୂପ କେତେ କୁତ୍ସିତ ଓ ବୀଭତ୍ସ ହୋଇସାରିଛି, ଉପରୋକ୍ତ ଘଟଣା ତାହାର କେବଳ ଏକ ଉଦାହରଣ ମାତ୍ର। ଏବେ ପ୍ରଶ୍ନ ଉଠିଛି ସେ ଯେଉଁ ମାମଲାଗୁଡ଼ିକର ବିଚାର କରି ରାୟ ଦେଇଥିଲେ ତାହା ସ୍ୱଚ୍ଛ ଓ ନିରପେକ୍ଷ ହୋଇଥିବ କିପରି? ଦୁର୍ନୀତି ଓ ଅନିୟମିତା, ଅପରାଧ ଆଦି ମାମଲାରେ ପୀଡ଼ିତଙ୍କୁ ନ୍ୟାୟ ଦେବା ପାଇଁ ଗଠିତ ନ୍ୟାୟମନ୍ଦିରର ନ୍ୟାୟାଧୀଶ ମାନେ ଯଦି ନ୍ୟାୟବନ୍ତ, ସଚ୍ଚୋଟ, ସାଧୁ ଓ ନୀତିନିଷ୍ଠ ନୁହନ୍ତି ତେବେ ଗୁହାରି କରିବା କାହାକୁ? ଏହି ଘଟଣା ପରେ ନ୍ୟାୟମନ୍ଦିରରୁ ଜନସାଧାରଣଙ୍କ ଆସ୍ଥା ତୁଟିଯିବ ଏବଂ ରାୟ ଉପରେ ସନ୍ଦେହ ବିଜଡ଼ିତ ସ୍ୱଚ୍ଛତାର ପ୍ରଶ୍ନଚିହ୍ନଟିଏ ଲାଗିଯିବ।

କେବଳ ବଜାରରେ କିଣାବିକାକୁ ଛାଡ଼ିଦେଲେ ଆଜି ଏଭଳି କୌଣସି କ୍ଷେତ୍ର ଦୁର୍ନୀତି-ଦାନବର କବଳରୁ ବର୍ତ୍ତି ନାହିଁ। ସରକାରୀ ଫାଇଲ୍ ଦୂରର କଥା ହାତଗୁଞ୍ଜା ନ ଦେଲେ ଅନେକ ସ୍ଥାନରେ ଡାକ୍ତର ରୋଗୀ ଦେଖୁନାହିଁ କି ପୁଲିସ୍ ଅଭିଯୋଗ ରଖୁନାହିଁ। ଶିକ୍ଷା ଅଧିକାର ଏବଂ ଖାଦ୍ୟ ସୁରକ୍ଷା ଆଇନ୍ ପରି ମହତାକାଂକ୍ଷା ଯୋଜନା ମଧ୍ୟ ଲାଞ୍ଚ ବିନା ଆଗକୁ ବଢ଼ିପାରୁନାହିଁ। ଏପରିକି ବିନା ହାତଗୁଞ୍ଜାରେ ବିଚାରପତିଙ୍କ ରାୟ ମଧ୍ୟ କାର୍ଯ୍ୟକାରୀ ହୋଇପାରୁନାହିଁ। ଅପରପକ୍ଷରେ ଏହି ହାତଗୁଞ୍ଜାରେ ଶିଳ୍ପପତିମାନେ ସାମ୍ରାଜ୍ୟ ତୋଳିପାରୁଛନ୍ତି। ଆମ ଶାସନ ବ୍ୟବସ୍ଥାର ଏକ ବିଡ଼ମ୍ବନା ହେଉଛି ସରକାର ବଦଳିଲେ ଅଧୁଆ ମୂଳା ଧୂଆ ମୂଳା ହୋଇଯାଏ ଏବଂ ଦୁର୍ନୀତିଗୁଡ଼ିକ ନୀତି ପାଲଟି ଯାଏ। ଏଭଳି କାଦୁଆ ପିଙ୍ଗା ରାଜନୀତିର ପରିବେଶରେ ପରିପୁଷ୍ଟ ହୋଇ ଦୁର୍ନୀତି ତା'ର କାୟା ବିସ୍ତାର କରିଚାଲେ। ଗରିବର ଜାତି ନାହିଁ କି ଦୁର୍ନୀତି ରାଜନୀତି ମାନେ ନାହିଁ। ଯେତେବେଳ ପର୍ଯ୍ୟନ୍ତ ମାନବ ଦୁର୍ନୀତି-ଦାନବ କୋଳରେ ବସିବାକୁ ସୁଖ ମଣୁଥିବ, କୌଣସି ଶାସନ, ପ୍ରଶାସନ ଯେତେ ସାଧ ସାଧନା କଲେ ମଧ୍ୟ ବ୍ୟବସ୍ଥାରୁ ଦୁର୍ନୀତି ହଟିବ ନାହିଁ। ତେଣୁ ଦୁର୍ନୀତିରେ ଅତିଷ୍ଠ ହୋଇ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ମାଡ଼ ତତ୍ତ୍ୱ ଆପଣେଇବା ପାଇଁ ଜନସାଧାରଣଙ୍କୁ ଆହ୍ୱାନ ଦେଇଥିଲେ।

ଦୁର୍ନୀତି ଦାନବ ଟଙ୍କା, ସୁନା, ରୁପା, ସୌଖୀନ ଓ ମୂଲ୍ୟବାନ ସାମଗ୍ରୀ, ଆସବାବପତ୍ର, ପାନ, ଚକୋଲେଟ୍, ମିଠାଇ ପ୍ୟାକେଟ୍ ଆଦି ରୂପରେ ସର୍ବସାଧାରଣଙ୍କ ଆଖିଆଗରେ ନିର୍ଭୟରେ ଗୋଟିଏ ହାତରୁ ଅନ୍ୟ ହାତକୁ ଡେଇଁ ଚାଲିଛି। ଜନସାଧାରଣ କେବଳ ନିରବ ଦ୍ରଷ୍ଟା ହୋଇ ସାଲିସ୍ କରିବା କିମ୍ବା ଦୁର୍ନୀତି ଦାନବର ତାଡ଼ନାରେ ଅତିଷ୍ଠ ହେବା ବ୍ୟତୀତ ବିକଳ୍ପ ନାହିଁ। ଯେଉଁ କେତେକ ଧରପଗଡ଼ ହେଉଛି ତାହା ସମୁଦ୍ର ବାଲିରୁ ଚିମୁଟାଏ ମାତ୍ର। ପରିସ୍ଥିତି ଏପରି ହେଲାଣି ଯେ ହାତଗୁଞ୍ଜା ସଂସ୍କୃତି ଶାସନ ପ୍ରଶାସନ ଓ ବ୍ୟବସ୍ଥାର ସୀମା ଡେଇଁ ପରିବାରକୁ ଧସେଇ ପଶିଲାଣି। ଦୁର୍ନୀତି ନିବାରଣ ସପ୍ତାହ ପାଳନ ଓ ସଂକଳ୍ପ ଗ୍ରହଣ କେବଳ ଔପଚାରିକରେ ସୀମିତ ରହିଥିବା ପର୍ଯ୍ୟନ୍ତ ଦୁର୍ନୀତି-ଦାନବର ଦୌରାତ୍ମ୍ୟରୁ ତ୍ରାହି ପାଇବାର ସମ୍ଭାବନା ନାହିଁ।

## ଏଫ୍‌ସିଆରଏ ବିବାଦ

ସଂସଦର ସଦ୍ୟସମାପ୍ତ ମୌସୁମୀ ଅଧିବେଶନରେ ଲୋକସଭାରେ ଉପସ୍ଥାପିତ ବୈଦେଶିକ ପାଣ୍ଠି ଅନୁଦାନ(ନିୟନ୍ତ୍ରଣ) ସଂଶୋଧନ ବିଧେୟକକୁ ନେଇ ରାଜନୀତି ଓ ବାଦବିବାଦ ତୀବ୍ର ହେବା ପରେ ଅଧିକ ବିଚାରବିମର୍ଶ ଲାଗି ଏହାକୁ ଯୁଗ୍ମ ସଂସଦୀୟ କମିଟିକୁ ପଠାଇ ଦିଆଯାଇଛି। ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟକୁ ଲକ୍ଷ୍ୟରେ ରଖି ଏହି ବିଧେୟକ ପ୍ରସ୍ତୁତ କରାଯାଇଛି ବୋଲି ବିରୋଧୀ ଦଳ ଅଭିଯୋଗ କରୁଛନ୍ତି।

ଦେଶରେ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରୁଥିବା ବେସରକାରୀ ବା ସ୍ୱେଚ୍ଛାସେବୀ ସଂଗଠନ(ଏନ୍‌ଜିଓ)ମାନେ ବିଦେଶରୁ ଗ୍ରହଣ କରୁଥିବା ପାଣ୍ଠି/ଅନୁଦାନ/ଦାନ ଯେଭଳି ଦେଶର ବୃହତ୍ତର ସ୍ୱାର୍ଥର ପରିପନ୍ଥୀମୂଳକ କାର୍ଯ୍ୟ ଏବଂ ସରକାରୀ ବିରୋଧୀ କାର୍ଯ୍ୟରେ ନିୟୋଜିତ ନ ହୁଏ ତାହାର ତଦାରଖ ସହିତ ଉକ୍ତ ପାଣ୍ଠିର ଉପଯୁକ୍ତ ପରିଚାଳନା କରିବା ପାଇଁ ୨୦୧୧ ମେ ୧ ତାରିଖରୁ ଏଫ୍‌ସିଆରଏ ଆଇନ କାର୍ଯ୍ୟକାରୀ ହୋଇଛି। ବିଦେଶୀ ପାଣ୍ଠି ଗ୍ରହଣ ପାଇଁ କୌଣସି ସଂସ୍ଥା ଏହି ଆଇନ ଅଧୀନରେ ପଞ୍ଜିକୃତ ହେବା ବାଧ୍ୟତାମୂଳକ। ବର୍ତ୍ତମାନ ସୁଦ୍ଧା ଏହି ଆଇନ ଅଧୀନରେ ୧୬ ହଜାର ସଂସ୍ଥା ପଞ୍ଜିକୃତ ହୋଇଥିବା ବେଳେ ବାର୍ଷିକ ହାରାହାରି ୨୨ ହଜାର କୋଟି ଟଙ୍କାର ବୈଦେଶିକ ମୁଦ୍ରା ଦାନ ଆକାରରେ ଗ୍ରହଣ କରିଛନ୍ତି। ସମୟର ଆବଶ୍ୟକତା ଅନୁଯାୟୀ ଏହି ଆଇନ ୨୦୧୬, ୨୦୧୮, ୨୦୨୦ରେ ସଂଶୋଧନ ହୋଇସାରିଥିଲେ ମଧ୍ୟ ପୁନର୍ବାର ସଂଶୋଧନ ହେବାକୁ ଯାଉଛି।

ପ୍ରସ୍ତାବିତ ସଂଶୋଧନ ଅନୁଯାୟୀ ସନ୍ଦେହ ଆଧାରରେ କୌଣସି ଏନ୍‌ଜିଓ(ବିଶେଷକରି ଧାର୍ମିକ ସଂସ୍ଥା)ର ପଞ୍ଜୀକରଣକୁ ସାମୟିକ ବାତିଲ୍ କରାଯାଇପାରିବ ଏବଂ ଉକ୍ତ ସଂସ୍ଥାର ସମ୍ପତ୍ତି ପରିଚାଳନା ଓ ଅଧିଗ୍ରହଣ ପାଇଁ ଜଣେ ସରକାରୀ ତତ୍ତ୍ୱାବଧାରକଙ୍କୁ ନିଯୁକ୍ତ କରାଯିବ। ସନ୍ଦେହ ଆଧାରରେ ଯେକୌଣସି ପଞ୍ଜିକୃତ ଏନ୍‌ଜିଓର ପାଣ୍ଠି ପରିଚାଳନାକୁ ସରକାର ଯାଞ୍ଚ କରିପାରିବେ। ସେହିପରି ପଞ୍ଜିକରଣର ନବୀକରଣ ଆବେଦନରେ ବିଳମ୍ବ ଘଟିଲେ କିମ୍ବା କାରଣଦର୍ଶାଅ ନୋଟିସ୍‌ର ନିର୍ଦ୍ଧାରିତ ସମୟ ଭିତରେ ଜବାବ ଦାଖଲ ନ ହେଲେ ମଧ୍ୟ ଉକ୍ତ ସଂସ୍ଥାର ପଞ୍ଜୀକରଣ ବାତିଲ୍ କରାଯିବ।

ଏହି ଆଇନକୁ କେନ୍ଦ୍ର ସରକାରଙ୍କ ବୁଲ୍‌ଡୋଜର ଆଇନ ଭାବେ ବର୍ଣ୍ଣନା କରି ବିରୋଧୀ ଦଳ ଅଭିଯୋଗ କରୁଛନ୍ତି ଯେ ଦେଶର ସଂଖ୍ୟାଲଘୁ ସମ୍ପ୍ରଦାୟ ଦ୍ୱାରା ପରିଚାଳିତ ଧାର୍ମିକ ଅନୁଷ୍ଠାନଗୁଡ଼ିକୁ ବନ୍ଦ କରିଦେବା ପାଇଁ କେନ୍ଦ୍ର ସରକାର ଷଡ଼ଯନ୍ତ୍ର କରିଛନ୍ତି। କିନ୍ତୁ ଏହାପଛରେ ଥିବା ରାଜନୀତି ଦୃଷ୍ଟିକୋଣରୁ ଊର୍ଦ୍ଧ୍ୱରେ ଉଠି ବିଚାର କଲେ ଆଇନଟି ସେଭଳି ଧର୍ମବିରୋଧୀ ବୋଲି ଜଣାପଡୁନାହିଁ। କାରଣ ପଞ୍ଜିକରଣ ବାତିଲ୍ ହେଲେ ମଧ୍ୟ ଉକ୍ତ ସଂସ୍ଥାର ଧର୍ମୀୟ ରୀତିନୀତି ସ୍ୱାଭାବିକ ଢଙ୍ଗରେ ଜାରି ରହିବ ବୋଲି ବିଧେୟକରେ ଉଲ୍ଲେଖ ରହିଛି। ସେହିପରି ଦେଶ ଭିତରେ ରହି ବିଦେଶୀ ସମ୍ବଳରେ ଦେଶବିରୋଧୀ କାର୍ଯ୍ୟକୁ ନିୟନ୍ତ୍ରଣ କରିବା ଲାଗି ଯଦି କୌଣସି ଆଇନ ପ୍ରଣୟନ ହୁଏ ତେବେ ତାହା ନିତାନ୍ତ ସ୍ୱାଗତଯୋଗ୍ୟ।

## 'ଆୟୁଷ୍ମାନ-ଭାରତ'ର ଯନ୍ତ୍ରଣା

ଗୌରୀ ପ୍ରସାଦ ମହାପାତ୍ର

ଦେଶର ଅନ୍ୟତମ ସର୍ବାଧିକ ପ୍ରଚାରିତ ସରକାରୀ ଯୋଜନା 'ଆୟୁଷ୍ମାନ ଭାରତ'ର ଯନ୍ତ୍ରଣା ରୋଗଠାରୁ ମଧ୍ୟ ବଳି ଯାଇଥିବା ଅଭିଯୋଗ ପରିପ୍ରେକ୍ଷୀରେ ଓଡ଼ିଶାରେ କାର୍ଯ୍ୟରତ ସାମ୍ବାଦିକଙ୍କ ପାଇଁ ପୂର୍ବ ସରକାର ଅମଳରେ ପ୍ରଚଳିତ 'ଗୋପବନ୍ଧୁ ସାମ୍ବାଦିକ ବୀମା ଯୋଜନା'କୁ 'ଆୟୁଷ୍ମାନ ଭାରତ'ରେ ବିଲୟ କରିବାକୁ ରାଜ୍ୟ ସରକାର ଯୋଜନା କରୁଥିବା ସୂଚନା ମିଳିବା ପରେ ସ୍ୱାଭାବିକ ଭାବେ ସାମ୍ବାଦିକ ସଂଘମାନଙ୍କରେ ପ୍ରତିବାଦର ସ୍ୱର ଉଠିଛି। ୨୦୨୪ ମସିହାରେ ଓଡ଼ିଶାରେ ବିଜେପି କ୍ଷମତାକୁ ଆସିବା ପରେ 'ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା(ବିଏସ୍‌କେୱାଇ)'କୁ ହଟାଇ 'ଆୟୁଷ୍ମାନ ଭାରତ'(ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା-ଗୋପବନ୍ଧୁ ଜନଆରୋଗ୍ୟ ଯୋଜନା) ଯୋଜନା କାର୍ଯ୍ୟକାରୀ କରିଛନ୍ତି। 'ବିଏସ୍‌କେୱାଇ'ଠାରୁ ଏହା ଅନେକାଂଶରେ ଉତ୍କୃଷ୍ଟ ହେବ ବୋଲି ଆଶା କରିଥିବା ଓଡ଼ିଶାବାସୀ ଏବେ 'ବିଏସ୍‌କେୱାଇ'କୁ ଝୁରୁଛନ୍ତି। ସମ ଅବସ୍ଥା ଓଡ଼ିଶାର ସାମ୍ବାଦିକମାନେ ଭୋଗିବେ ବୋଲି ଆଶଙ୍କା ପ୍ରକାଶ ପାଇଛି।

ବଡ଼ ବଡ଼ ଘରୋଇ ଡାକ୍ତରଖାନାରେ ମାଗଣାରେ ଉନ୍ନତମାନର ଚିକିତ୍ସା 'ଆୟୁଷ୍ମାନ ଭାରତ'ରେ ମିଳିବ ବୋଲି ଯେଉଁ ପ୍ରଚାର ହେଉଛି ତାହା ପଛର ବାସ୍ତବତା କିନ୍ତୁ ଭିନ୍ନ ଓ ଭୟଙ୍କର। ବସ୍ତୁତଃ ସ୍ୱାଧୀନ ଗଣତାନ୍ତ୍ରିକ ରାଷ୍ଟ୍ରରେ ଜନତାଙ୍କୁ ସମ୍ବିଧାନ ପ୍ରଦତ୍ତ ମୌଳିକ ଅଧିକାର(ସ୍ୱାସ୍ଥ୍ୟସେବା)କୁ ସୁନିଶ୍ଚିତ କରିବାରେ ଜନତାଙ୍କ ଦ୍ୱାରା ନିର୍ବାଚିତ ଏକ ସରକାରର ଅଙ୍ଗୀକାରବଦ୍ଧତା ଓ ଉତ୍ତରଦାୟିତ୍ୱ ପ୍ରତି 'ଆୟୁଷ୍ମାନ ଭାରତ' ସ୍ୱତଃ ପ୍ରଶ୍ନଚିହ୍ନଟିଏ ଲଗାଇ ଦେଉଛି। 'ଆୟୁଷ୍ମାନ ଭାରତ' ସହିତ 'ପ୍ରତାରଣା' ଭଳି ଶବ୍ଦଟିଏ ଯୁକ୍ତ ହୋଇଯିବା ପଛରେ ରହିଛି ଏହାର ପରିଚାଳନାଗତ ବିଭ୍ରାଟ ଏବଂ ସ୍ୱାସ୍ଥ୍ୟ ସେବା ପ୍ରଦାନରେ ସରକାରଙ୍କ ସମ୍ବେଦନହୀନତା। 'ବିଏସ୍‌କେୱାଇ' ଭଳି 'ଗୋପବନ୍ଧୁ ସାମ୍ବାଦିକ ବୀମା ଯୋଜନା'ରେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବାଧାରହିତ ଓ ସର୍ତ୍ତରହିତ ଚିକିତ୍ସା ସୁବିଧା ମିଳୁଛି। ଆପତ୍‌କାଳୀନ ଚିକିତ୍ସା କ୍ଷେତ୍ରରେ ଟଙ୍କା ଦେଇ ଚିକିତ୍ସିତ ହୋଇଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ତାହାର ଭରଣା ହୋଇପାରୁଛି। କିନ୍ତୁ 'ଆୟୁଷ୍ମାନ ଭାରତ' ଯୋଜନା ଏତେ ସର୍ତ୍ତସମ୍ବଳିତ ଯେ ଆଶୁ ଚିକିତ୍ସା ସୁବିଧା ମିଳିବା ତ ଦୂରର କଥା ଅନେକ ରୋଗର ଚିକିତ୍ସା ଏହି ଯୋଜନା ଅଧୀନରେ ଆସୁନାହିଁ। ବାରମ୍ବାର ଅଭିଯୋଗ ଓ ଦାବି ପରେ କିଛିଦିନ ତଳେ ପ୍ରାକ୍ ଚିକିତ୍ସା ନିଦାନ ଓ ପରୀକ୍ଷା ଖର୍ଚ୍ଚକୁ ଏବଂ ଗତ ସପ୍ତାହରେ ଅତିରିକ୍ତ ୯୧ଟି କର୍କଟ ରୋଗକୁ ଓଡ଼ିଶା ସରକାର 'ଆୟୁଷ୍ମାନ ଭାରତ'ରେ ସାମିଲ୍ କରିଛନ୍ତି। ଅର୍ଥାତ୍ ଗତ ଦୁଇବର୍ଷ ଧରି ରୋଗୀମାନେ 'ଆୟୁଷ୍ମାନ ଭାରତ' କାର୍ଡଧାରୀ ହୋଇ ମଧ୍ୟ ଏଥିରୁ ବଞ୍ଚିତ ହୋଇ ଆସୁଥିଲେ। ଚକ୍ଷୁ, ଦନ୍ତ ସମେତ ଆହୁରି ଅନେକ ଜନସ୍ୱାସ୍ଥ୍ୟ ସମ୍ବନ୍ଧୀୟ ରୋଗର ଚିକିତ୍ସା ଅଦ୍ୟାବଧି ଏଥିରେ ଅନ୍ତର୍ଭୁକ୍ତ ହୋଇନାହିଁ। ତେଣୁ 'ଆୟୁଷ୍ମାନ ଭାରତ' ଯୋଜନାରେ ସାମିଲ୍ ହେଲେ ଅବଶିଷ୍ଟ ଓଡ଼ିଶାବାସୀଙ୍କ ଭଳି ସାମ୍ବାଦିକମାନେ ମଧ୍ୟ ପ୍ରଭାବିତ ହେବେ।

କେବଳ ସରକାରୀ, ଟ୍ରଷ୍ଟ କିମ୍ବା ଏନ୍‌ଜିଓ ପରିଚାଳିତ ଡାକ୍ତରଖାନାକୁ ବାଦ୍ ଦେଲେ ଅତ୍ୟାଧୁନିକ ଓ ଉନ୍ନତମାନର ଘରୋଇ ଡାକ୍ତରଖାନା(କର୍ପୋରେଟ୍ ହସ୍ପିଟାଲ୍)ମାନଙ୍କରେ 'ଆୟୁଷ୍ମାନ ଭାରତ'ର ବାସ୍ତବତା କିଭଳି ତାହା କେବଳ ଭୁକ୍ତଭୋଗୀ ବା ଅନୁଭବୀମାନେ ହିଁ କହିପାରିବେ। ନଗଦ ପୈଠ(କ୍ୟାସ୍ ବେସଡ୍) କିମ୍ବା ଅନ୍ୟ ବୀମାଧାରୀ ରୋଗୀଙ୍କ ପାଇଁ ଘରୋଇ ଡାକ୍ତରଖାନାମାନଙ୍କରେ ଦିଆଯାଉଥିବା ଚିକିତ୍ସା ସେବାର ଗୁଣାତ୍ମକ ମାନ 'ଆୟୁଷ୍ମାନ ଭାରତ' ହିତାଧିକାରୀଙ୍କ ପାଇଁ ପ୍ରଯୁଜ୍ୟ ନୁହେଁ। 'ଆୟୁଷ୍ମାନ ଭାରତ' ଯୋଜନାରେ କେଉଁ ରୋଗ ପାଇଁ କେଉଁ ଜେନେରିକ୍ ଔଷଧ ଓ ଇଞ୍ଜେକସନ୍ ଦିଆଯିବ ତାହାର ନିର୍ଦ୍ଦିଷ୍ଟ କୋଡ୍ ବା ପ୍ରତୀକ ଜାରି ହୋଇଛି, ଯାହା ତୁଳନାତ୍ମକ ଭାବେ ଶସ୍ତା। ତେଣୁ ତାହାର ଉପାଦେୟତା ମଧ୍ୟ ସେହି ଅନୁଯାୟୀ ବିଳମ୍ବିତ ବା ପ୍ରଭାବଶାଳୀ ନୁହେଁ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ମତ ଦେଇଛନ୍ତି। ଯଦି କୌଣସି ଡାକ୍ତର ରୋଗୀର ସଙ୍କଟାପନ୍ନ ଅବସ୍ଥା ଦେଖି ଆଶୁ ଫଳପ୍ରଦ ପାଇଁ କୌଣସି ଉନ୍ନତ ବ୍ରାଣ୍ଡର ଔଷଧ କିମ୍ବା ଇଞ୍ଜେକସନ୍ ଦିଅନ୍ତି ତେବେ ତାହା 'ଆୟୁଷ୍ମାନ କର୍ତ୍ତୃପକ୍ଷ'ଙ୍କ ଦ୍ୱାରା ଅଗ୍ରାହ୍ୟ ହୋଇଯାଉଛି ଏବଂ ସେହି ଖର୍ଚ୍ଚକୁ ସମ୍ପୃକ୍ତ ଡାକ୍ତରଖାନା ଭରଣା କରିବାକୁ ପଡୁଛି। ତେଣୁ ଡାକ୍ତରମାନେ ସବୁ ଜାଣି ମଧ୍ୟ ବାଧ୍ୟବାଧକତାରେ 'ଆୟୁଷ୍ମାନ ଭାରତ' କାର୍ଡଧାରୀଙ୍କୁ କେବଳ ସରକାରୀ ଅନୁମୋଦିତ ଜେନେରିକ୍ ଔଷଧ ଦେବାକୁ ପଡୁଛି।

ଗୋଟିଏ ଦୁଇଟି ଉଦାହରଣରେ ଏହା ଆହୁରି ସହଜରେ ବୁଝି ହେବ। ଭାରତରେ ହୃଦ୍‌ଘାତ ଉପଚାର/ଅସ୍ତ୍ରୋପଚାର ପାଇଁ ଉଦ୍ଦିଷ୍ଟ ଷ୍ଟାଣ୍ଡାର୍ଡ ଷ୍ଟେଣ୍ଟ ମୂଲ୍ୟ ସର୍ବନିମ୍ନ ୭ ହଜାର ଟଙ୍କାରୁ ଆରମ୍ଭ କରି ସର୍ବାଧିକ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରହିଛି। 'ଆୟୁଷ୍ମାନ ଭାରତ' କାର୍ଡଧାରୀଙ୍କ ପରିବାରକୁ ବର୍ଷକୁ ୫ ଲକ୍ଷ ଟଙ୍କାର ଚିକିତ୍ସା ଖର୍ଚ୍ଚ ମାଗଣାରେ ମିଳୁଥିବାରୁ ସେ ଉନ୍ନତ ମାନର ଅର୍ଥାତ୍ ୧ ଲକ୍ଷ ଟଙ୍କାର ଷ୍ଟେଣ୍ଟ ଲଗାଇବାକୁ ଅଗ୍ରାଧିକାର ଦେବା ସ୍ୱାଭାବିକ; କିନ୍ତୁ 'ଆୟୁଷ୍ମାନ ଭାରତ' ଯୋଜନାରେ ୩୮ ହଜାର-୪୩ ହଜାର ଟଙ୍କା ମୂଲ୍ୟର ଷ୍ଟେଣ୍ଟ ପାଇଁ ଅନୁମୋଦନ ରହିଛି। ସେହିପରି କର୍କଟ ରୋଗ ପାଇଁ ଉଦ୍ଦିଷ୍ଟ କେମୋ ଥେରାପିରେ ଗୋଟିଏ ସେସନ୍‌ରେ ସାଧାରଣତଃ ୮ ହଜାର ଟଙ୍କାରୁ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ ହେଉଥିବା ବେଳେ 'ଆୟୁଷ୍ମାନ ଭାରତ' କାର୍ଡଧାରୀମାନଙ୍କ ପାଇଁ ମାତ୍ର ୪-୫ହଜାର ଟଙ୍କାର ବ୍ୟବସ୍ଥା ରହିଛି। କେମୋଥେରାପିର ପ୍ରାକ୍ ଓ ପରବର୍ତ୍ତୀ ଚିକିତ୍ସା ଅତିରିକ୍ତ ନଗଦ ଟଙ୍କା ଦେଇ କରିବାକୁ ପଡୁଛି। ଘରୋଇ ଡାକ୍ତରଖାନାରେ ଆଇସିୟୁ ଶଯ୍ୟାର ଦୈନିକ ଖର୍ଚ୍ଚ ହାରାହାରି ୧୦ ହଜାର ଟଙ୍କା ହୋଇଥିବା ବେଳେ 'ଆୟୁଷ୍ମାନ ଭାରତ' କାର୍ଡଧାରୀଙ୍କ ପାଇଁ ସେ ବାବଦରେ ଅନୁମୋଦିତ ଦୈନିକ ସର୍ବାଧିକ ଖର୍ଚ୍ଚ ମାତ୍ର ୪ ହଜାର ଟଙ୍କା। ଅନ୍ୟାନ୍ୟ ଜଟିଳ ଚିକିତ୍ସାରେ ମଧ୍ୟ ସମାନ ସ୍ଥିତି, ଯାହା ସମ୍ପର୍କରେ ସାଧାରଣ ରୋଗୀଟିଏ ଜାଣିବାର ଉପାୟ ନାହିଁ।

କାର୍ଡଧାରୀଙ୍କ ଆକାଉଣ୍ଟରେ ୫ ଲକ୍ଷ ଟଙ୍କା ଥିବା ସତ୍ତ୍ୱେ ତା'କୁ ନିମ୍ନମାନର ଚିକିତ୍ସାରେ ଆପ୍ୟାୟିତ କରାଯିବା କେଉଁ ପ୍ରକାର ନ୍ୟାୟ ବୋଲି ଏବେ ପ୍ରଶ୍ନ ଉଠୁଛି। ଏହା 'ଜାତି ଗଲା ପେଟ ପୂରିଲା ନାହିଁ' ଭଳି ଅବସ୍ଥା। ମାଗଣାରେ ରାସନ୍ ମିଳିବ କେବଳ ବଞ୍ଚିବା ପାଇଁ; ତାହା ପୁଷ୍ଟିକର କି ନୁହେଁ ସେ ଚିନ୍ତା କରିବା ସରକାରଙ୍କ ଦାୟିତ୍ୱ ନୁହେଁ। ସରକାରଙ୍କ ଏହି ମାନସିକତା ବୋଧହୁଏ 'ଆୟୁଷ୍ମାନ ଭାରତ' ଯୋଜନାରେ ମଧ୍ୟ ପ୍ରତିଫଳିତ ହେଉଛି। 'ନାହିଁ ମାମୁଠାରୁ କଣା ମାମୁ' ଭଳ ନ୍ୟାୟରେ 'ଆୟୁଷ୍ମାନ ଭାରତ' ଯୋଜନାରେ ଚିକିତ୍ସା ତ ମିଳୁଛି; କିନ୍ତୁ ତାହା ଉନ୍ନତମାନର ଆଦୌ ନୁହେଁ। କେବଳ ସରକାରଙ୍କ ଅନୁକମ୍ପାରେ ଉପକୃତ ହୋଇଛି ବୋଲି ଅନୁଭବଟିଏ ନେଇ ରୋଗୀ ଡାକ୍ତରଖାନାରୁ ଫେରୁଛି। ତେଣୁ ଜାଣିବା ଶୁଣିବା କେତେଜଣ 'ଆୟୁଷ୍ମାନ ଭାରତ' କାର୍ଡଧାରୀ ଅଗତ୍ୟା ନଗଦ ପୈଠ କରି ବରଂ ଭଲ ଚିକିତ୍ସା ବିକଳ୍ପକୁ ଆଦରି ନେବାକୁ ବାଧ୍ୟ ହେଉଛନ୍ତି।

ଅଧିକନ୍ତୁ 'ବିଏସ୍‌କେୱାଇ'ରେ ରୋଗ ନିଦାନ, ଚିକିତ୍ସା ଓ ଆନୁଷଙ୍ଗିକ ଖର୍ଚ୍ଚର ବିସ୍ତୃତ ଓ ସରଳ ବିବରଣୀ ହିତାଧିକାରୀ ଜାଣିପାରୁଥିବା ବେଳେ 'ଆୟୁଷ୍ମାନ ଭାରତ' ଯୋଜନାରେ ସେ ବ୍ୟବସ୍ଥା ନାହିଁ। ରୋଗୀର ଫିଙ୍ଗରପ୍ରିଣ୍ଟ, ଆଇଭିୟୁ, ଚିକିତ୍ସା କରିଥିବା ଡାକ୍ତରମାନଙ୍କ ଫଟୋ, ପ୍ରେସ୍କ୍ରିପ୍‌ସନ୍, ଔଷଧ ଷ୍ଟ୍ରିପ୍, ଚିକିତ୍ସା ଉପକରଣ ଆଦି ଅନାବଶ୍ୟକ ଓ ଅସମ୍ଭବ ତଥ୍ୟବହୁଳ ସର୍ତ୍ତ ଯୋଗୁଁ 'ଆୟୁଷ୍ମାନ ଭାରତ' ଯୋଜନାରେ ଚିକିତ୍ସା ଏତେ ଜଟିଳ ଓ ସମୟସାପେକ୍ଷ ହୋଇଛି ଯେ ଉଭୟ କାର୍ଡଧାରୀ ଓ ଡାକ୍ତରଖାନା କର୍ତ୍ତୃପକ୍ଷ ନୟାନ୍ତ ହୋଇ ପଡୁଥିବା ଅଭିଯୋଗ ହେଉଛି। ଜଣେ ରୋଗୀଙ୍କୁ ଦାଖଲ କରିବା ପୂର୍ବରୁ କେବଳ ଅନୁମୋଦନ ଆଣିବାକୁ ବେଳେବେଳେ ୪୮ ଘଣ୍ଟା ଲାଗିଯାଉଛି। ଯଦି ଜଣେ ଗୁରୁତର ରୋଗୀ ଆସନ୍ତି ଏବଂ ତାଙ୍କୁ ଆଶୁ ଚିକିତ୍ସା ଆବଶ୍ୟକ ପଡ଼େ ସେ କ୍ଷେତ୍ରରେ ରୋଗୀଙ୍କ ସମ୍ପର୍କୀୟ ନଗଦ ଜମା କରି ଚିକିତ୍ସା ଆରମ୍ଭ କରିବାକୁ ବାଧ୍ୟ ହେଉଛନ୍ତି। ଥରେ ନଗଦ ଜମା କରି ପଞ୍ଜିକୃତ ହୋଇଗଲେ ଆଉ ତାହା 'ଆୟୁଷ୍ମାନ ଭାରତ' ଯୋଜନାକୁ ପରିବର୍ତ୍ତନ ହେବ ନାହିଁ ବୋଲି ଘରୋଇ ଡାକ୍ତରଖାନାଗୁଡ଼ିକ କଠୋର ସର୍ତ୍ତ ରଖୁଛନ୍ତି। ଏହାର ତଦାରଖ କିମ୍ବା ଆପତ୍ତି ଅଭିଯୋଗ ଶୁଣିବା ପାଇଁ ମଧ୍ୟ ବ୍ୟବସ୍ଥା ନାହିଁ। ତେଣୁ 'ବିଏସ୍‌କେୱାଇ'ର କାର୍ଡଧାରୀମାନେ 'ଆୟୁଷ୍ମାନ ଭାରତ'ର ହିତାଧିକାରୀ ହେବା ପରେ ଆତ୍ମୀୟ/ସମ୍ପର୍କୀୟ ରୋଗୀଙ୍କୁ ଧରି ଏ ଡାକ୍ତରଖାନାରୁ ସେ ଡାକ୍ତରଖାନା ଦୌଡ଼ିବାର ଯନ୍ତ୍ରଣା ସହିବାକୁ ବାଧ୍ୟ ହେଉଛନ୍ତି।

ଅପରପକ୍ଷରେ ଅନେକ ଘରୋଇ ଡାକ୍ତରଖାନା ବା କର୍ପୋରେଟ୍ ହସ୍ପିଟାଲ୍‌ରେ ଡାକ୍ତରମାନେ 'ଆୟୁଷ୍ମାନ ଭାରତ' ଯୋଜନା କାର୍ଯ୍ୟକାରୀ ହେଉ ନାହିଁ ବୋଲି ରୋକ୍‌ଠୋକ୍ ଶୁଣାଇ ଦେଉଛନ୍ତି କିମ୍ବା ସୀମିତ ସଂଖ୍ୟକ ଶଯ୍ୟା ବ୍ୟବସ୍ଥା କରିଛନ୍ତି। ଏହି ଯୋଜନା ଲାଗୁ କରିବା ପାଇଁ ଗତବର୍ଷ ସର୍ବଭାରତୀୟସ୍ତରରେ ଘରୋଇ ଡାକ୍ତରଖାନାମାନେ ଅଧିକ ପ୍ରତିଶତ ସେବା ଖର୍ଚ୍ଚ ଦାବି କରିଥିଲେ। ଏପରିକି ଚିକିତ୍ସା ବାବଦ ଖର୍ଚ୍ଚ ଭରଣାରେ ବୀମା କମ୍ପାନୀ ଓ କେନ୍ଦ୍ର ସରକାର ଟାଳଟୁଳ ନୀତି ଅବଲମ୍ବନ କରୁଥିବାରୁ ଏବଂ ଜଟିଳ ଓ ଗୁରୁତର ଚିକିତ୍ସା ବାବଦ ଖର୍ଚ୍ଚ ଏହି ଯୋଜନାରେ ଖୁବ୍ କମ୍ ଥିବାରୁ ଦେଶର ୬୦୦ରୁ ଊର୍ଦ୍ଧ୍ୱ ଘରୋଇ ଡାକ୍ତରଖାନା ଏହି ଯୋଜନାରୁ ଓହରି ଆସିବା ପାଇଁ ଗତ ବର୍ଷ ନିଷ୍ପତ୍ତି ନେଇଥିଲେ। ଏପରିକି ଡବଲ୍ ଇଞ୍ଜିନ ସରକାର ଥିବା ଜାତୀୟ ରାଜଧାନୀ ଦିଲ୍ଲୀରେ ମଧ୍ୟ ଘରୋଇ ଡାକ୍ତରଖାନାମାନେ ଏହି ଯୋଜନାରେ ସାମିଲ୍ ହୋଇ ନଥିବା ଜଣାପଡ଼ିଛି। ଏବେ ସ୍ଥିତିରେ ସୁଧାର ଆସିଛି କି ନାହିଁ ସେ ସମ୍ପର୍କିତ ସଦ୍ୟତମ ସୂଚନା ଉପଲବ୍ଧ ନାହିଁ।

ବିଶାଳ ଜନସଂଖ୍ୟା ବିଶିଷ୍ଟ ଭାରତବର୍ଷରେ ସ୍ୱାସ୍ଥ୍ୟ ସେବା ଭଳି ସମ୍ବେଦନଶୀଳ କ୍ଷେତ୍ରର ପରିଚାଳନା ଓ ରୂପାୟନରେ ଯଦି ରାଜନୀତିକରଣ ହେବ ତେବେ ସମସ୍ୟା ଉପୁଜିବା ନିଶ୍ଚିତ। ତେଣୁ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପ୍ରଚାରସର୍ବସ୍ୱ ରାଜନୀତି ମାନସିକତାରୁ ଊର୍ଦ୍ଧ୍ୱକୁ ଉଠି 'ଆୟୁଷ୍ମାନ ଭାରତ'କୁ ଆହୁରି ସରଳ ଓ ଜନମୁଖୀ କରିବା ନିହାତି ଆବଶ୍ୟକ। ଅନ୍ତତଃ ସ୍ୱାସ୍ଥ୍ୟ ସେବା ଭଳି ଏକ ସମ୍ବେଦନଶୀଳ କ୍ଷେତ୍ର ରାଜନୀତିରୁ ଊର୍ଦ୍ଧ୍ୱରେ ରଖିବାକୁ ବିନମ୍ର ନିବେଦନ।

ଭୁବନେଶ୍ୱର, ମୋ: ୯୩୩୮୦୮୭୯୦୦

## ଏକ ବିପର୍ଯ୍ୟୟ-ସହନଶୀଳ ଭବିଷ୍ୟତର ପଥ

ଡଃ ପୁଷ୍କର ଜେନା

ଓଡ଼ିଶାର ବନ୍ୟା ଇତିହାସ ଦୀର୍ଘ। ଓଡ଼ିଶା ପୁଣିଥରେ ବନ୍ୟାର ଏକ କଠିନ ପର୍ଯ୍ୟାୟ ଅତିକ୍ରମ କରୁଛି। ବର୍ତ୍ତମାନର ପ୍ରାଥମିକତା ମାନବ ଓ ଗୃହପାଳିତ ପଶୁପକ୍ଷୀମାନଙ୍କର ଜୀବନର ସୁରକ୍ଷା ହେବା ଉଚିତ। ଜଳବନ୍ଦୀ ପରିବାର, ବୃଦ୍ଧ, ଶିଶୁ, ମହିଳା, ଦିବ୍ୟାଙ୍ଗ, ଗର୍ଭବତୀ ଏବଂ ଅତ୍ୟନ୍ତ ଦରିଦ୍ର ପରିବାରଙ୍କୁ ଚିହ୍ନଟ କରି ଲକ୍ଷ୍ୟଭିତ୍ତିକ ସହାୟତା ଦିଆଯିବା ଆବଶ୍ୟକ। ଖାଦ୍ୟ, ପଶୁଖାଦ୍ୟ, ପାନୀୟ ଜଳ, ଔଷଧ, ସ୍ୱଚ୍ଛତା ସାମଗ୍ରୀ, ଅସ୍ଥାୟୀ ଆଶ୍ରୟ ଓ ଆବଶ୍ୟକ ଘରୋଇ ସାମଗ୍ରୀର ଯୋଗାଣ 'ଶେଷ ଲୋକ ପର୍ଯ୍ୟନ୍ତ' ପହଞ୍ଚିବା ଦରକାର। ଜଳ କମିବା ପରେ ମଧ୍ୟ ରିଲିଫ୍ ଆବଶ୍ୟକତା ଶେଷ ହୁଏ ନାହିଁ; ବରଂ ପାନୀୟ ଜଳ, ସ୍ୱାସ୍ଥ୍ୟ, ସ୍ୱଚ୍ଛତା ଓ ଜୀବିକାର ପୁନରୁଦ୍ଧାର ନୂଆ ଆହ୍ୱାନ ହୋଇଥାଏ। ତେଣୁ ବନ୍ୟା ପରିଚାଳନାକୁ କେବଳ ଜଳସମ୍ପଦ ବିଭାଗର ଦାୟିତ୍ୱ ଭାବେ ଦେଖିଲେ ହେବ ନାହିଁ। ଏହା ଜଳସମ୍ପଦ, କୃଷି, ଗ୍ରାମୀଣ ବିକାଶ, ପଞ୍ଚାୟତିରାଜ, ସ୍ୱାସ୍ଥ୍ୟ, ଗୃହ, ଶକ୍ତି, ପରିବହନ, ପରିବେଶ ଓ ଅର୍ଥନୀତି ସମସ୍ତ ବିଭାଗର ସମନ୍ୱିତ ବିକାଶ ପ୍ରଶ୍ନ।

ବନ୍ୟା ସମୟରେ ଜୀବନ ରକ୍ଷା, ଉଦ୍ଧାର, ଖାଦ୍ୟ, ପାନୀୟ ଜଳ, ଔଷଧ ଓ ଆଶ୍ରୟ ହେଉଛି ପ୍ରାଥମିକତା। ରାଜ୍ୟ ସରକାର ମଧ୍ୟ ଉଚ୍ଚସ୍ତରୀୟ ସମୀକ୍ଷାରେ ବନ୍ୟା ରିଲିଫ୍ ଓ କ୍ଷତିପୂରଣକୁ ପ୍ରାଥମିକତା ଦେଇଛନ୍ତି। ବିପର୍ଯ୍ୟୟ ସମୟରେ ବିଭିନ୍ନ ବିଭାଗ ଯଦି ନିଜ ନିଜ ଭାବରେ କାର୍ଯ୍ୟ କରନ୍ତି, ତେବେ ସମୟ ଓ ସମ୍ପଦର ଅପଚୟ ହୋଇପାରେ। ତେଣୁ ରାଜ୍ୟସ୍ତରରେ ଏକ 'ଇଣ୍ଟିଗ୍ରେଟେଡ୍ ଫ୍ଲଡ୍ ରେସ୍‌ପନ୍ସ ଆଣ୍ଡ ରିକଭରି କମାଣ୍ଡ ସେଣ୍ଟର'କୁ ଅଧିକ ଶକ୍ତିଶାଳୀ କରିବା ଆବଶ୍ୟକ। ଏହା ରିଅଲ୍-ଟାଇମ୍ ଭାବରେ ନଦୀ ଜଳସ୍ତର, ବର୍ଷା, ଜଳ ଆବଦ୍ଧତା, ରାସ୍ତା, ବିଦ୍ୟୁତ, ପାନୀୟ ଜଳ ଓ ମାନବୀୟ ଆବଶ୍ୟକତାର ତଥ୍ୟ ସଂଗ୍ରହ କରିବ। ଏହାଦ୍ୱାରା ଉଚ୍ଚସ୍ତରରେ ତ୍ୱରିତ ନିଷ୍ପତ୍ତି, ଜିଲ୍ଲାସ୍ତରରେ ଦ୍ରୁତ କାର୍ଯ୍ୟାନ୍ୱୟନ ଓ ଗ୍ରାମସ୍ତରରେ ତତ୍କାଳ ସହାୟତା ସମ୍ଭବ ହେବ।

ବିପର୍ଯ୍ୟୟ ସମୟରେ ପ୍ରଥମ ସହାୟତା ପ୍ରାୟତଃ ସରକାରୀ ଦଳ ପହଞ୍ଚିବା ପୂର୍ବରୁ ସ୍ଥାନୀୟ ଲୋକମାନେ ହିଁ କରନ୍ତି। ତେଣୁ ପ୍ରତ୍ୟେକ ଗ୍ରାମ ପଞ୍ଚାୟତରେ ବିପର୍ଯ୍ୟୟ ପରିଚାଳନା ଯୋଜନା ରହିବା ଉଚିତ। ଯୁବକ, ମହିଳା ସ୍ୱୟଂସହାୟକ ଗୋଷ୍ଠୀ, ଶିକ୍ଷକ, ଆଶା କର୍ମୀ, ଅଙ୍ଗନବାଡ଼ି କର୍ମୀ, ମତ୍ସ୍ୟଜୀବୀ ଓ ସ୍ଥାନୀୟ ସ୍ୱେଚ୍ଛାସେବୀମାନଙ୍କୁ ପ୍ରଥମ ଗୋଷ୍ଠୀ ସହାୟକ ଭାବରେ ପ୍ରଶିକ୍ଷିତ କରାଯିବା ଆବଶ୍ୟକ। ଏହା ହେବ ଓଡ଼ିଶାର ପଞ୍ଚାୟତିରାଜ ଓ ଜନଭାଗୀଦାରୀଭିତ୍ତିକ ବିପର୍ଯ୍ୟୟ ପରିଚାଳନାର ଏକ ନୂଆ ମଡେଲ୍।

ଭବିଷ୍ୟତର ବନ୍ୟା ନିୟନ୍ତ୍ରଣ ଯୋଜନା କେବଳ ବନ୍ଧରେ ସୀମିତ ନୁହେଁ ଆହୁରି ବ୍ୟାପକ କରିବାର ସମୟ ଆସିଛି। ଆମର ବନ୍ୟା ନୀତିର ମୂଳ ଆଧାର ହେଉ କୃଷି, ମାଛଚାଷ, ବନୀକରଣ + ଜଳଗ୍ରହଣ ଅଞ୍ଚଳ ସୁରକ୍ଷା + ମାଟି ସଂରକ୍ଷଣ + ଜଳାଭୂମି ପୁନରୁଦ୍ଧାର + ନଦୀପଥ ସୁରକ୍ଷା + ବୈଜ୍ଞାନିକ ଡ୍ରେନେଜ୍ + ନଦୀ ଅବବାହିକା ପରିଚାଳନା + ଆଗୁଆ ସତର୍କୀକରଣ + ବନ୍ୟା-ସହନଶୀଳ ଭିତ୍ତିଭୂମି। ବିପର୍ଯ୍ୟୟ-ସହନଶୀଳ ଗ୍ରାମପଞ୍ଚାୟତ ହେଉ ବିକଶିତ ଓଡ଼ିଶାର ମୂଳ ଏକକ।

ଓଡ଼ିଶାର ଇତିହାସ ବାତ୍ୟା, ବନ୍ୟା, ମରୁଡ଼ି ଓ ଅନେକ ପ୍ରାକୃତିକ ବିପଦର ସାକ୍ଷୀ। କିନ୍ତୁ ଓଡ଼ିଶାର ଆଉ ଏକ ପରିଚୟ ରହିଛି ସଙ୍କଟରୁ ଶିଖିବା, ସଂଗଠିତ ହେବା ଓ ପୁଣି ଉଠି ଦୌଡ଼ିବାର ଅସାଧାରଣ କ୍ଷମତା। ବିକଶିତ ଓଡ଼ିଶାର ଅର୍ଥ କେବଳ ଚଉଡ଼ା ରାସ୍ତା, ଉଚ୍ଚ ଅଟ୍ଟାଳିକା ଓ ଶିଳ୍ପ ନୁହେଁ। ଯେଉଁ ଗାଁର ଲୋକ ବନ୍ୟା ଆସିଲେ ନିରାପଦ ରହିପାରିବେ, ଯେଉଁ କୃଷକ ଫସଲ ନଷ୍ଟ ହେଲେ ମଧ୍ୟ ଶୀଘ୍ର ଜୀବିକାକୁ ଫେରିପାରିବେ, ଯେଉଁ ପରିବାରର ଘର ବାତ୍ୟା ଓ ବନ୍ୟାରେ ସୁରକ୍ଷିତ ରହିବ ସେହି ହେଉଛି ପ୍ରକୃତ ବିକାଶ। ଆଜିର ବନ୍ୟା ଆମ ପାଇଁ କେବଳ ଏକ ବିପଦ ନୁହେଁ; ଏହା ଏକ ନୀତିଗତ ସୁଯୋଗ। ଆମର ବିପର୍ଯ୍ୟୟ ପରିଚାଳନାକୁ ପୁନର୍ବିଚାର କରିବାର, ସ୍ଥାନୀୟ ଲୋକଙ୍କୁ କେନ୍ଦ୍ରରେ ରଖିବାର, ବିଜ୍ଞାନ ଓ ପ୍ରଯୁକ୍ତିକୁ ଜନଜୀବନ ସହିତ ଯୋଡ଼ିବାର ଏବଂ ଓଡ଼ିଶାକୁ ଏକ ବିଶ୍ୱସ୍ତରୀୟ ଜଳବାୟୁ ଓ ବିପର୍ଯ୍ୟୟ ସହନଶୀଳ ରାଜ୍ୟ ଭାବେ ଗଢ଼ିବା ଦରକାର।

ଭୁବନେଶ୍ୱର, ମୋ: ୯୩୩୭୮୪୭୭୯୩

## କୋଇଲି ପୂଜନ

### ମା' ପାର୍ବତୀଙ୍କୁ ସମର୍ପିତ କୋକିଳା ବ୍ରତ

ଓଜସ୍ୱିନୀ

ବେଦ, ଉପନିଷଦ ଏବଂ ବିଭିନ୍ନ ପୌରାଣିକ ଗ୍ରନ୍ଥର ନିର୍ଦ୍ଦେଶମତେ ତେତ୍ରିଶକୋଟି ଦେବଦେବୀଙ୍କ ପୂଜାର୍ଚ୍ଚନା ସହିତ ସେମାନଙ୍କର ବାହନ କିମ୍ବା ପ୍ରତୀକ ବହନ କରୁଥିବା ବିଭିନ୍ନ ପଶୁପକ୍ଷୀଙ୍କୁ ମଧ୍ୟ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବେ ପୂଜାର୍ଚ୍ଚନା କରାଯିବାର ପରମ୍ପରା ପ୍ରଚଳିତ। କେତେକ ପୁରାଣ ମତବାଦ ଅନୁସାରେ କୋଇଲି କାମଦେବଙ୍କ ସହଚର। ଭାରତର କେତେକ ସ୍ଥାନରେ 'କୋକିଳା ବ୍ରତ' ପାଳନ କରାଯାଏ, ଯେଉଁଥିରେ କୋଇଲିକୁ ପରୋକ୍ଷ ଭାବେ ପୂଜା କରାଯାଏ। ଏହାବ୍ୟତୀତ ଉତ୍ତରାଖଣ୍ଡରେ ମା' କୋକିଳା ଦେବୀଙ୍କ ମନ୍ଦିର ଅଛି। କୋଇଲିର ନାମାନୁସାରେ ନାମିତ କୋକିଳା ଦେବୀ ନ୍ୟାୟର ଦେବୀ ଭାବେ ମଧ୍ୟ ପରିଚିତା। ଶନିଦେବଙ୍କୁ ଶ୍ରୀକୃଷ୍ଣ କୋଇଲି ରୂପରେ ଦର୍ଶନ ଦେଇଥିବା କଥାନୁସାରେ ମଥୁରାରେ 'କୋକିଳାବନ' ନାମକ ଗୋଟିଏ ପବିତ୍ର ଓ ସିଦ୍ଧ ସ୍ଥାନ ମଧ୍ୟ ରହିଛି।

'କୋକିଳା ବ୍ରତ' ମୁଖ୍ୟତଃ ଉତ୍ତର ଭାରତ ସମେତ ପଶ୍ଚିମ ଓ ଦକ୍ଷିଣ ଭାରତର କିଛିସ୍ଥାନରେ ପାଳିତ ହୁଏ। ଏହି ବ୍ରତ ଦେବୀ ସତୀ ଓ ଭଗବାନ ଶିବଙ୍କୁ ସମର୍ପିତ। ଆଷାଢ଼ ଶୁକ୍ଳ ପୂର୍ଣ୍ଣିମାଠାରୁ ଶ୍ରାବଣ ଶୁକ୍ଳ ପୂର୍ଣ୍ଣିମା ପର୍ଯ୍ୟନ୍ତ ପାଳିତ ଏହି ବ୍ରତରେ ଦେବୀ ପାର୍ବତୀଙ୍କୁ କୋକିଳା ବା କୋଇଲି ରୂପରେ ପୂଜା କରାଯାଏ। କୋକିଳା ବ୍ରତ ସହିତ ଅନେକ ବିଶ୍ୱାସ ଜଡ଼ିତ। ବିଶ୍ୱାସ କରାଯାଏ ଯେ, କୋକିଳା ବ୍ରତ କରୁଥିବା ମହିଳାମାନେ ଅଖଣ୍ଡ ସୌଭାଗ୍ୟବତୀ ଏବଂ ସଦା ଅହ୍ୟସୁଲକ୍ଷଣୀ ହୋଇଥା'ନ୍ତି। ମୃତ୍ୟୁ ପରେ ମହିଳାମାନେ ମା' ପାର୍ବତୀଙ୍କ ଧାମକୁ ଯା'ନ୍ତି। ବ୍ରତରେ ମାଟିରେ ତିଆରି କୋଇଲି (କୋକିଳ) ମୂର୍ତ୍ତି ପୂଜା କରିବା ଦ୍ୱାରା ଅବିବାହିତାଙ୍କୁ ଉତ୍ତମ ସ୍ୱାମୀ ପ୍ରାପ୍ତ ହୋଇଥା'ନ୍ତି। ଏହାବ୍ୟତୀତ ବିବାହ ପୂର୍ବରୁ ଆସୁଥିବା ବାଧାବିଘ୍ନରୁ ମୁକ୍ତି ପାଇବା ପାଇଁ ମଧ୍ୟ ଏହି ବ୍ରତ ପାଳନ କରାଯାଏ। କୋକିଳା ବ୍ରତ 'ଭୌମଦୋଷ' ଦୂର କରିଥାଏ। ବିବାହିତାମାନେ ଏହି ବ୍ରତ ପ୍ରଭାବରୁ ସୁଖମୟ ବୈବାହିକ ଜୀବନ ସହିତ ଧନ, ଉତ୍ତମ ସ୍ୱାସ୍ଥ୍ୟ ଏବଂ ସ୍ୱାମୀଙ୍କର ଦୀର୍ଘାୟୁର ପୁଣ୍ୟ ପ୍ରାପ୍ତ କରିଥା'ନ୍ତି।

### ବିଚିତ୍ର ବିଶ୍ୱାସ

ଏହି ବ୍ରତ ପଛରେ ଥିବା ପୌରାଣିକ କାହାଣୀ ଏହିପରି - ଦକ୍ଷ ପ୍ରଜାପତିଙ୍କ ମହାଯଜ୍ଞରେ ମହାଦେବଙ୍କୁ ଅପମାନ ପୂର୍ବକ ନିମନ୍ତ୍ରଣ ନ କରିବା ପରେ ସ୍ୱାମୀଙ୍କ ଅପମାନ ସହ୍ୟ କରି ନ ପାରି ଦେବୀସତୀ ଯଜ୍ଞାଗ୍ନିରେ ଝାସ ଦେଇଥିଲେ। ତ୍ରିକାଳଦର୍ଶୀ ମହାଦେବ ଏହି ସବୁ ଅଘଟଣ ସମ୍ପର୍କରେ ପୂର୍ବରୁ ଆଶଙ୍କା କରି ଦେବୀସତୀଙ୍କୁ ଯଜ୍ଞସ୍ଥଳକୁ ଯିବା ପାଇଁ ବାରଣ କରିଥିଲେ। କିନ୍ତୁ ଦେବୀସତୀ ଶିବଙ୍କ ଆଦେଶକୁ ନ ମାନି ଯଜ୍ଞସ୍ଥଳକୁ ଯାଇଥିଲେ। ତେଣୁ ଭଗବାନ ଶିବ ସତୀଙ୍କୁ କ୍ଷମା କରିପାରିଲେ ନାହିଁ। ଭଗବାନ ଶିବ ଦଶହଜାର ବର୍ଷ ପର୍ଯ୍ୟନ୍ତ କୋଇଲି ଭାବେ ରହିବାକୁ ଦେବୀସତୀଙ୍କୁ ଅଭିଶାପ ଦେଇଥିଲେ। ସେବେଠାରୁ ଦେବୀସତୀ ନନ୍ଦନବନରେ କୋକିଳ ପକ୍ଷୀ ଭାବରେ ବାସ କଲେ। ଦଶହଜାର ବର୍ଷ ପରେ ଦେବୀସତୀ ଦେବୀପାର୍ବତୀଙ୍କ ରୂପରେ ପୁନର୍ଜନ୍ମ ନେଲେ ଏବଂ ଘୋର ତପସ୍ୟା ଓ ଉପବାସ ଓ ଆରାଧନା କରିବା ପରେ ସ୍ୱାମୀ ଭାବରେ ଭଗବାନ ଶିବଙ୍କୁ ପୁନର୍ବାର ପାଇଥିଲେ।

କୋକିଳା ବ୍ରତରେ ଉପବାସ କରୁଥିବା ମହିଳାମାନେ ସୂର୍ଯ୍ୟୋଦୟ ପୂର୍ବରୁ ଉଠି ଦଶଟି ସୁଗନ୍ଧିତ ଔଷଧି (ଯେପରିକି ଜଟାମାଂସୀ, ହଳଦୀ, ଚନ୍ଦନ ଇତ୍ୟାଦି) ମିଶ୍ରିତ ଶୁଦ୍ଧ ଜଳରେ ସ୍ନାନ କରିବା ପରେ ଷୋଳଶୃଙ୍ଗାରରେ ନିଜକୁ ସଜାଇବା ସହିତ ଅତର ଲଗାଇଥା'ନ୍ତି। ଏହିସବୁ ଔଷଧଗୁଡ଼ିକୁ ରାତିସାରା ପାଣିରେ ବୁଡ଼ାଇ ରଖାଯାଇଥାଏ। ନିତ୍ୟକର୍ମ ପରେ ସଦ୍ୟଉଦିତ ସୂର୍ଯ୍ୟ ଦେବତାଙ୍କୁ ଚଣା ପୂଜା କରାଯାଏ। ମହିଳାମାନେ ମନକୁ ମନ୍ଦ ଚିନ୍ତାଧାରା ଏବଂ କାମନାରୁ ମୁକ୍ତ ରଖି କଠୋର ଉପବାସ କରିଥା'ନ୍ତି। ଦିନସାରା ବ୍ରତ ରଖିବା ପରେ କୋଇଲିର କୁହୁତାନ ବା ଡାକ ଶୁଣି ସେମାନେ ଉପବାସ ସମାପ୍ତ କରିଥା'ନ୍ତି। ଉପବାସ ଦିନଠାରୁ ଆରମ୍ଭ କରି ପରବର୍ତ୍ତୀ ଆଠ ଦିନ ପର୍ଯ୍ୟନ୍ତ ଏହି ନିୟମଗୁଡ଼ିକ ପାଳନ କରାଯାଏ।(କ୍ରମଶଃ...)

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବର୍ଷା ବିପ୍ଳବ...

ଓ ଦଶରଥପୁର ଭଳି ଅଞ୍ଚଳରେ ଜଳବନ୍ଦୀ ସମସ୍ୟା ଲାଗି ରହିବାର ଆଶଙ୍କା ରହିଛି। ଅବପାତଟି ଆଗାମୀ ୨୪ଘଣ୍ଟା ଯାଏଁ ଉତ୍ତରପଶ୍ଚିମ ଦିଗରେ ଗତି କରିବା ସହ ପଶ୍ଚିମବଙ୍ଗ ଦେଇ ଝାଡ଼ଖଣ୍ଡ ମୁହାଁ ହେବା ସମ୍ଭାବନା ରହିଛି। ପ୍ରଭାବରେ ଓଡ଼ିଶାର ସୀମାନ୍ତବର୍ତ୍ତୀ ଜିଲ୍ଲା ସମେତ ଉତ୍ତର ଓଡ଼ିଶାର ପ୍ରମୁଖ ନଦୀଗୁଡ଼ିକର ଉପରମୁଣ୍ଡରେ ବର୍ଷା କରାଇବାର ଆଶଙ୍କା ବଢ଼ିଛି।

ପାଣିପାଗ କେନ୍ଦ୍ର ସୂଚନା ଅନୁସାରେ ଆସନ୍ତାକାଲି ସମ୍ବଲପୁର, ସୁନ୍ଦରଗଡ଼, ଝାରସୁଗୁଡ଼ା ଓ ବରଗଡ଼ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଆଶଙ୍କା ରହିଛି। ଏଥିପାଇଁ ଏହି ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ପ୍ରବଳ ବର୍ଷା ପାଇଁ କେନ୍ଦୁଝର, ବାଲେଶ୍ୱର, ମୟୂରଭଞ୍ଜ, ଅନୁଗୋଳ, ଦେବଗଡ଼, ବୌଦ୍ଧ, ସୋନପୁର, ବଲାଙ୍ଗୀର ଓ ନୂଆପଡ଼ା ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଅନ୍ୟପଟେ ଆସନ୍ତା ୧୯ କିମ୍ବା ୨୦ ବେଳକୁ ପୁଣି ଏକ ଲଘୁଚାପ ସୃଷ୍ଟି ହେବାର ଆଶଙ୍କା ରହିଛି। ଏହାଦ୍ୱାରା ପୁଣି ଥରେ ସାରା ରାଜ୍ୟରେ ବର୍ଷା ଆଶଙ୍କା ବଢ଼ିଛି।

ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି, ରାଜ୍ୟରେ ଆସନ୍ତା ସପ୍ତାହରେ ମଧ୍ୟ ବର୍ଷା ଜାରି ରହିବ। ଓଡ଼ିଶା ଉପରେ ଶକ୍ତିଶାଳୀ ମୌସୁମୀ ବାୟୁ ସକ୍ରିୟ କରୁଛି। ଫଳରେ ୧୩-୧୫ ଅଗଷ୍ଟରେ ଉତ୍ତର, ମଧ୍ୟ ଓ ପଶ୍ଚିମ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ବିଶେଷକରି କେନ୍ଦୁଝର, ମୟୂରଭଞ୍ଜ, ଅନୁଗୋଳ, ସମ୍ବଲପୁର, ସୁନ୍ଦରଗଡ଼ ଓ ଝାରସୁଗୁଡ଼ାରେ ବ୍ୟାପକ ଭାବେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ। ତେବେ ୧୮-୧୯ ବେଳକୁ ପୁଣି ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସଙ୍କେତ ମିଳୁଛି। ଏହି ଆଧାରରେ ୧୯-୨୦ ଅଗଷ୍ଟ ଆଡ଼କୁ ନୂତନ ଲଘୁଚାପ ସୃଷ୍ଟି ହୋଇପାରେ। ଏହା ବର୍ତ୍ତମାନର ପ୍ରଣାଳୀଠାରୁ କିଛି ଦକ୍ଷିଣ ଦିଗରେ ଗତି କଲେ ମଧ୍ୟ ଓଡ଼ିଶାର କେନ୍ଦ୍ରୀୟ ଓ ଉପକୂଳ ଅଞ୍ଚଳରେ ପୁଣି ବ୍ୟାପକ ବର୍ଷା ହୋଇପାରେ ବୋଲି ପ୍ରଫେସର ପଶୁପାଳକ କହିଛନ୍ତି।

### ବନ୍ୟାରେ ଭାସିଯାଇ...

ଯାଇଥିଲେ। ବର୍ଷା ଛାଡ଼ିବା ପରେ ଜଳସ୍ତର ସାମାନ୍ୟ ହ୍ରାସ ପରେ କ୍ରିଷ୍ଟାଙ୍କ ଶବ ନିକଟସ୍ଥ ଏକ ଡ୍ରେନରେ ଲାଗି ଅଟକି ରହିଥିଲା। ସ୍ଥାନୀୟ ଲୋକେ ଶବ ଦେଖି ପୁଲିସକୁ ସୂଚନା ଦେଇଥିଲେ। ପୁଲିସ ଶବ ଉଦ୍ଧାର କରି ବ୍ୟବଚ୍ଛେଦ ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

### ଓଡ଼ିଶାର ଆର୍ଥିକ...

ସରକାରଙ୍କ ନୂଆ ସଂଶୋଧନରେ ରାଜ୍ୟଗୁଡ଼ିକର ଖଣିଜ ଅଧିକାରକୁ କ୍ଷୁର୍ଣ୍ଣ କରାଯାଇଛି। ରାଜ୍ୟରେ ଥିବା ଖଣିଜ ଜମି ଉପରେ ସରକାର କର, ସେସ ବା କୌଣସି ଲେଭି ଲଗାଇ ପାରିବେ ନାହିଁ ବୋଲି ବ୍ୟବସ୍ଥା ହୋଇଛି । ଏଥିପାଇଁ କେନ୍ଦ୍ର ସରକାର ନିର୍ଦ୍ଧାରଣ କରିବାକୁ ଥିବା ନିୟମ ଓ ସର୍ତ୍ତ ପାଳନ କରିବାକୁ ପଡ଼ିବ। ଅର୍ଥାତ୍ ଖଣିଜ ସମ୍ପଦରୁ ରାଜ୍ୟ ସରକାରଙ୍କୁ କମ୍ ରାଜସ୍ୱ ମିଳିବ । ବିଲ୍‌ରେ ନୂତନ ଭାବରେ ସଂଯୋଗ କରାଯାଇଥିବା ଧାରା ୯(ଡ଼ି) ଅନୁସାରେ ଖଣିଜ ସମ୍ପଦର ପରିମାଣ, ମୂଲ୍ୟ, ରୟାଲଟି କିମ୍ବା ଅନ୍ୟ କୌଣସି ଆଧାରରେ ରାଜ୍ୟ ସରକାର କୌଣସି ଟିକସ ଲଗାଇ ପାରିବେ ନାହିଁ। କେବଳ ସେତିକି ନୁହେଁ ପୂର୍ବରୁ ଆଦାୟ ହୋଇ ନ ଥିବା ରାଜସ୍ୱ ଓ ଲେଭିକୁ ମଧ୍ୟ ଏହି ବିଲ୍‌ରେ ଅବୈଧ ଘୋଷଣା କରାଯାଇଛି।

ମାତ୍ର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏହି ବିଲ୍ ରାଜ୍ୟଗୁଡ଼ିକର ସାମ୍ବିଧାନିକ ଅଧିକାରକୁ କ୍ଷୁର୍ଣ୍ଣ କରାଯାଇଛି। ଜୁଲାଇ ୨୦୨୪ରେ ସୁପ୍ରିମକୋର୍ଟଙ୍କ ୯ ଜଣିଆ ଖଣ୍ଡପୀଠ ଏମ୍‌ଏମ୍‌ଡ଼ିଆର୍ ଆକ୍ଟରେ ଦିଆଯାଉଥିବା ରାଜଭାଗ ବା ରୟାଲଟି 'ଟିକସ' ପର୍ଯ୍ୟାୟଭୁକ୍ତ ନୁହେଁ। ସୁପ୍ରିମକୋର୍ଟଙ୍କ ଏହି ରାୟ ରାଜ୍ୟଗୁଡ଼ିକୁ ସଂବିଧାନର ସପ୍ତମ ଅନୁସୂଚୀର ରାଜ୍ୟ ତାଲିକାର ଏଣ୍ଟ୍ରି ୪୯ ଓ ୫୦ ଅନୁଯାୟୀ ଖଣିଜ ଅଧିକାର ଓ ଖଣିଜ ଜମି ଉପରେ କର ଲଗାଇବାର କ୍ଷମତା ଥିବା ସ୍ପଷ୍ଟ କରିଥିଲା। ଏହା ସହିତ ରାଜ୍ୟର କର ଲଗାଇବାର ସାମ୍ବିଧାନିକ କ୍ଷମତାକୁ କେବଳ ରୟାଲଟି ଆଦାୟ ବ୍ୟବସ୍ଥା ଦ୍ୱାରା ରୋକାଯାଇପାରିବ ନାହିଁ ବୋଲି ରାୟରେ କୁହାଯାଇଥିଲା। ମାତ୍ର ନୂତନ ବିଲ୍‌ରେ ସୁପ୍ରିମକୋର୍ଟଙ୍କ ଉକ୍ତ ରାୟର ପ୍ରଭାବକୁ ସଂକୁଚିତ କରାଯାଇଛି । ଫଳରେ ଓଡ଼ିଶା ପୂର୍ବରୁ ପାଇବାକୁ ଥିବା ବକେୟା ପ୍ରାୟ ୧.୨ ଲକ୍ଷ କୋଟି ଟଙ୍କା ତ ହରାଇବ; ଏହା ସହ ନୂତନ ଭାବରେ କୌଣସି ଟିକସ ବା ସେସ୍ ଆଦାୟ କରିପାରିବ ନାହିଁ। ଏହାଦ୍ୱାରା ରାଜ୍ୟକୁ ପ୍ରତିବର୍ଷ ହଜାର ହଜାର କୋଟି ଟଙ୍କା ହରାଇବାର ଆଶଙ୍କା ସୃଷ୍ଟି ହୋଇଛି।

ଅନ୍ୟପକ୍ଷରେ ଲୁହାପଥର, କୋଇଲା, ବକ୍ସାଇଟ୍, ମାଙ୍ଗାନିଜ, କ୍ରୋମାଇଟ୍ ଆଦି ଖଣିଜ ସମ୍ପଦରୁ ଓଡ଼ିଶା ବିପୁଳ ପରିମାଣର ରୟାଲଟି ପାଇଥାଏ । ରାଜ୍ୟର ଅଣଟିକସ ରାଜସ୍ୱର ସିଂହଭାଗ ଅର୍ଥାତ୍ ୮୦ ପ୍ରତିଶତରୁ ଊର୍ଦ୍ଧ୍ୱ ଖଣି ରାଜସ୍ୱରୁ ମିଳିଥାଏ । ରାଜ୍ୟରେ ବିକାଶ କ୍ଷେତ୍ରରେ ଏହାର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥାଏ । ତେଣୁ ରାଜ୍ୟର କର ଓ ସେସ୍ ଲଗାଇବାର କ୍ଷମତା କମିଲେ ଓଡ଼ିଶା ଭଳି ଖଣିଜ ସମୃଦ୍ଧ ରାଜ୍ୟର ଆର୍ଥିକ ସ୍ୱାୟତ୍ତତା ଉପରେ ପ୍ରଭାବ ପଡ଼ିବାର ଆଶଙ୍କା ରହିଛି । କେବଳ ଓଡ଼ିଶା ନୁହେଁ, ଏହି ନୂଆ ନିୟମ ଦ୍ୱାରା ଝାଡଖଣ୍ଡ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର ଓ ବିହାର ପରି ରାଜ୍ୟଗୁଡ଼ିକ ମଧ୍ୟ ପ୍ରଭାବିତ ହେବା ଆଶଙ୍କା ସୃଷ୍ଟି ହୋଇଛି । ମଧ୍ୟପ୍ରଦେଶ, ମହାରାଷ୍ଟ୍ର ଓ ବିହାରରେ ଏହାକୁ ନେଇ ବିରୋଧୀଦଳଗୁଡ଼ିକ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି । ଝାଡଖଣ୍ଡ ମୁଖ୍ୟମନ୍ତ୍ରୀ ଏହାକୁ ବିରୋଧ କରାଯିବାକୁ ଚେତାବନୀ ଦେଇଛନ୍ତି । ଓଡ଼ିଶାରେ ମଧ୍ୟ ଏହାକୁ ନେଇ ବିରୋଧୀ ବିଜେଡି ଓ କଂଗ୍ରେସ କେନ୍ଦ୍ର ସରକାରଙ୍କୁ ତୀବ୍ର ସମାଲୋଚନା କରିଛନ୍ତି । ରାଜ୍ୟର ସ୍ୱାୟତ୍ତତା ଓ ଆର୍ଥିକ ସ୍ୱାଧୀନତା ଉପରେ ଏହା ଆଘାତ ବୋଲି ମଧ୍ୟ ଅଭିହିତ କରିଛନ୍ତି ।

### ଓଡ଼ିଶାର ସ୍ୱାର୍ଥ...

ବିଲ୍‌ରେ ଧାରା-୯ (ଡ଼ି)ର ବ୍ୟବସ୍ଥା ଅନୁସାରେ ଖଣିଜ ଅଧିକାର ଓ ଖଣିଜ ସମ୍ପଦ ଥିବା ଜମି ଉପରେ ରାଜ୍ୟ ସରକାରଙ୍କ ଦ୍ୱାରା କର, ସେସ୍ କିମ୍ବା ଅନ୍ୟାନ୍ୟ ଲେଭି ଲଗାଇବାର କ୍ଷମତା ଉପରେ କେନ୍ଦ୍ରୀୟ ନିୟନ୍ତ୍ରଣ ବଢ଼ିପାରେ। ଏହା ଫଳରେ ଖଣିଜ ସମୃଦ୍ଧ ରାଜ୍ୟଗୁଡ଼ିକର ଆର୍ଥିକ ସ୍ୱାୟତ୍ତତା ଓ ରାଜସ୍ୱ ସଂଗ୍ରହର କ୍ଷମତା ସୀମିତ ହେବ। ଓଡ଼ିଶା ପରି ଖଣିଜ ସମୃଦ୍ଧ ରାଜ୍ୟ ପାଇଁ ଖଣିଜ ରାଜସ୍ୱ କେବଳ ସରକାରୀ ଆୟର ଏକ ସ୍ରୋତ ନୁହେଁ । ଖଣି ପ୍ରଭାବିତ ଅଞ୍ଚଳରେ ରାସ୍ତା, ଶିକ୍ଷା, ସ୍ୱାସ୍ଥ୍ୟ, ପୁନର୍ବାସ, ଜୀବିକା ଓ ପରିବେଶ ପୁନରୁଦ୍ଧାର ଭଳି କାର୍ଯ୍ୟରେ ଏହି ରାଜସ୍ୱର ଗୁରୁତ୍ୱ ରହିଛି । ତେଣୁ ଏହି ଆର୍ଥିକ କ୍ଷେତ୍ରକୁ ସଂକୁଚିତ କରାଗଲେ ଏହାର ସିଧାସଳଖ ପ୍ରଭାବ ରାଜ୍ୟର ବିକାଶ ଓ ଖଣି ଅଞ୍ଚଳର ଲୋକଙ୍କ ଉପରେ ପଡ଼ିବ ବୋଲି ଶ୍ରୀ ମଙ୍ଗରାଜ କହିଛନ୍ତି ।

ସେ ପୁଣି କହିଛନ୍ତି ଯେ ବିଲ୍‌ଟି ସଂଘୀୟ ବ୍ୟବସ୍ଥାକୁ ମଧ୍ୟ ଦୁର୍ବଳ କରିବାର ଆଶଙ୍କା ରହିଛି । ଖଣିଜ ସମ୍ପଦ ସମ୍ପର୍କିତ ରାଜ୍ୟଗୁଡ଼ିକର ଆର୍ଥିକ ଓ ସାମାଜିକ ପରିସ୍ଥିତି ଭିନ୍ନ। ଓଡ଼ିଶାର ଖଣି ଅଞ୍ଚଳରେ ଆଦିବାସୀ ସମୁଦାୟ, ସ୍ଥାନୀୟ ଜନସାଧାରଣ ଓ ପରିବେଶୀୟ ସମସ୍ୟା ସହ ଜଡ଼ିତ ଅନେକ ସ୍ୱତନ୍ତ୍ର ପ୍ରସଙ୍ଗ ରହିଛି। ଏପରି ସ୍ଥିତିରେ ଗୋଟିଏ ସମାନ କେନ୍ଦ୍ରୀୟ ନୀତି ଦ୍ୱାରା ସବୁ ରାଜ୍ୟର ସମସ୍ୟା ସମାଧାନ କରିବା ବାସ୍ତବସମ୍ମତ ନୁହେଁ । ନିବେଶ ବୃଦ୍ଧି ଓ ଇଜ୍ ଅଫ୍ ଡୁଇଂ ବିଜିନେସନ ନାମରେ ଖଣି କ୍ଷେତ୍ରର ସଂସ୍କାରକୁ ଆମେ ବିରୋଧ କରୁନାହୁଁ । ମାତ୍ର କୌଣସି ମୂଲ୍ୟରେ ରାଜ୍ୟର ନ୍ୟାୟସଙ୍ଗତ ରାଜସ୍ୱ ଅଧିକାର କିମ୍ବା ଖଣି ପ୍ରଭାବିତ ଲୋକଙ୍କ ସ୍ୱାର୍ଥ ସହ ସାଲିସ କରାଯାଇ ପାରିବ ନାହିଁ।

ଖଣି ଉତ୍ତୋଳନ ଓ ଶିଳ୍ପ ବିକାଶକୁ ଓଡ଼ିଶା ସମର୍ଥନ କରିଆସିଛି; କିନ୍ତୁ ଖଣିଜ ସମ୍ପଦରୁ ଖଣିଜ ସମୃଦ୍ଧ ରାଜ୍ୟ ଓ ସ୍ଥାନୀୟ ଲୋକଙ୍କୁ ନ୍ୟାୟସଙ୍ଗତ ଏବଂ ଦୀର୍ଘସ୍ଥାୟୀ ଲାଭ ମିଳିବା ଆବଶ୍ୟକ। ତେଣୁ ବିଲ୍‌ଟିକୁ ତରବରିଆ ଭାବେ ପାସ୍ ନ କରି ରାଜ୍ୟଗୁଡ଼ିକ ସହ ବ୍ୟାପକ ପରାମର୍ଶ ଓ ସାମ୍ବିଧାନିକ ଯାଞ୍ଚ ପାଇଁ ସିଲେକ୍ଟ କମିଟିକୁ ପଠାଯିବା ଉଚିତ୍ ହେବ ବୋଲି ଶ୍ରୀ ମଙ୍ଗରାଜ କହିଛନ୍ତି ।

### ଏହା ଏକ...

ଯେତେବେଳେ ସଂସଦ ଚାଲି ପାରୁ ନାହିଁ, ସେହି ସମୟରେ ରାଜ୍ୟମାନଙ୍କର ସ୍ୱାର୍ଥ ବିରୋଧୀ ବିଲ୍‌କୁ ଧ୍ୱନିମତରେ ପାସ୍ କରାଯାଇଛି। ଏହାକୁ ଦେଶବାସୀ କେବେ ଗ୍ରହଣ କରିବେ ନାହିଁ। ସଂଘୀୟ ବ୍ୟବସ୍ଥାରେ ଦେଶ ଓ ରାଜ୍ୟ ଭିତରେ ଯେଉଁ ବ୍ୟବସ୍ଥା ରହିଥିଲା, ତାହାକୁ ବଳି ଦିଆଯାଇଛି । ଜଣେ ଖଣିପ୍ରବଣ ଜିଲ୍ଲାର ବାସୀନ୍ଦା ଭାବେ ସେ ଏହି ବିଲ୍‌କୁ ସମ୍ପୂର୍ଣ୍ଣ ବିରୋଧ କରୁଥିବା କହିଛନ୍ତି ।

ଶ୍ରୀ ଜେନା କହିଛନ୍ତି, କେନ୍ଦୁଝର ଭଳି ଜିଲ୍ଲା ଖଣିଜ ସମ୍ପଦରେ ଭରପୁର ଥିବା ସତ୍ତ୍ୱେ ଏହି ଜିଲ୍ଲା ବହୁ କ୍ଷେତ୍ରରେ ପଛୁଆ ରହିଛି। ଖଣି ରୟାଲ୍ଟି ବୃଦ୍ଧି ଦ୍ୱାରା ଏହି ଜିଲ୍ଲାବାସୀ କିଛି ଉପକୃତ ହୋଇପାରିବେ ବୋଲି ଆଶା ଥିଲା । କିନ୍ତୁ ଏ ସରକାର ସବୁ ଦିନ ପାଇଁ ଏହି ଆଶାକୁ ବୁଡ଼ାଇ ଦେଇଛି। ଓଡ଼ିଶା ଏବେ ୫୦ ହଜାର କୋଟି ଟଙ୍କା କ୍ଷତି ସହିବ। ଏତେ ପରିମାଣରେ ଅର୍ଥ କ୍ଷତି ସହିବା ଦ୍ୱାରା କିପରି ଓଡ଼ିଶା ଭଳି ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣ ରାଜ୍ୟ ଆଗକୁ ବଢ଼ିବ ଏବେ ପ୍ରଶ୍ନ ଉଠିଛି । ଓଡ଼ିଶାର ଖଣିଖାଦାନକୁ କମ୍ପାନୀ ହାତରେ ଟେକିଦେବା ପାଇଁ କେନ୍ଦ୍ର ସରକାର ଏଭଳି ବିଲ୍ ପାସ୍ କରିଛି। ଏହାଦ୍ୱାରା କେନ୍ଦୁଝର ଜିଲ୍ଲା ସବୁଠୁ ଅଧିକ କ୍ଷତିଗ୍ରସ୍ତ ହେବ। ଏହି ବିଲ୍ ଦ୍ୱାରା ରାଜ୍ୟଗୁଡ଼ିକ ନିଜର ଅଧିକାର ହରାଇଛନ୍ତି ।

ଏହି କଳା ବିରୋଧରେ ଯେଉଁ ସାଂସଦମାନେ ବିରୋଧ କରିଛନ୍ତି, ସେମାନଙ୍କୁ ଶ୍ରୀ ଜେନା ଧନ୍ୟବାଦ୍ ଜଣାଇଛନ୍ତି । ଏହାସହିତ ସାଂସଦ ମାନସ ମଙ୍ଗରାଜ ଏହି ବିଲ୍‌କୁ ସିଲେକ୍ଟ କମିଟିକୁ ପଠାଇବାକୁ ଦାବି କରିଥିବାରୁ ବ୍ୟକ୍ତିଗତ ଭାବେ ଶ୍ରୀ ମଙ୍ଗରାଜଙ୍କୁ ଶ୍ରୀ ଜେନା ଧନ୍ୟବାଦ ଜଣାଇଛନ୍ତି । ସେ ଏହି ବିଲ୍ ପାଇଁ ଲଢ଼ିବା ସହ ଓଡ଼ିଶା ରାଜ୍ୟର ସ୍ୱାର୍ଥ ପାଇଁ ଲଢ଼େଇ କରିଛନ୍ତି ବୋଲି ଶ୍ରୀ ଜେନା କହିଛନ୍ତି। ରାଜ୍ୟର ଏତେବଡ଼ କ୍ଷତି ବିରୋଧରେ ଯଦି ଓଡ଼ିଶା ବିଜେପି ସରକାର ପାଟି ନ ଖୋଲେ ତେବେ ଲୋକେ ସେମାନଙ୍କୁ ଯବାବ ଦେବେ । କେନ୍ଦୁଝର ଭଳି କେବଳ ଖଣି ଅଞ୍ଚଳ ନୁହେଁ; ରାଜ୍ୟର ଏହା ବଡ଼ କ୍ଷତି । ସବୁ ରାଜ୍ୟ ଏହା ବିରୋଧରେ ରହିବେ । କେନ୍ଦ୍ର ବାଧ ହୋଇ ଚାଷୀ ଆଇନ୍ ଭଳି ଏହି ବିଲ୍‌କୁ ସେମାନେ ଫେରାଇବାକୁ ବାଧ ହେବେ ।

### ଧୋଇଗଲା ମୌସୁମୀ...

ନାରାବାଜି କରି ହଙ୍ଗାମା କରିଥିଲେ। ଛାତ୍ର ଆନ୍ଦୋଳନ ଉପରେ ପୁଲିସ କାର୍ଯ୍ୟାନୁଷ୍ଠାନକୁ ନେଇ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ଇସ୍ତଫା ଦାବିରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ସମେତ ସମଗ୍ର ବିରୋଧୀ ଦଳ ସ୍ଲୋଗାନ ଦେଇଥିଲେ । ପ୍ରଧାନମନ୍ତ୍ରୀ ପହଞ୍ଚିବା ପରେ ବନ୍ଦେ ମାତରମ ଗାନ କରଯାଇଥିଲା। ଏହି ସମୟରେ ଗୃହ ତିନି ମିନିଟ ଦଶ ସେକଣ୍ଡ ପାଇଁ ନିରବ ରହିଥିଲା। ଏହାପରେ ବାଚସ୍ପତି ଗୃହକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ଘୋଷଣା କରିଥିଲେ। ରାଜ୍ୟସଭାରେ ମଧ୍ୟ କିଛି ସମୟ ପାଇଁ ହଟ୍ଟଗୋଳ ହୋଇଥିଲା । ତେବେ ଖଣି ଓ ଖଣିଜ ବିଲ୍ ପାସ୍ ହେବାପରେ ଗୃହକୁ ଅଧ୍ୟକ୍ଷ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ଘୋଷଣା କରିଥିଲେ ।

> **ମାତ୍ର କେତେ ମିନିଟ୍‌ରେ ପାରିତ ବିଲ୍‌ଗୁଡ଼ିକ ହେଲା-**
>
> - ଜାତୀୟ ସମ୍ମାନ ଅପମାନ ନିରୋଧୀ (ସଂଶୋଧନ) ବିଲ୍: ୧୪ ମିନିଟ୍
> - ଟ୍ରିବ୍ୟୁନାଲ୍ ସଂସ୍କାର ବିଲ୍: ୧୨ ମିନିଟ୍
> - ଜାତୀୟ ସମବାୟ ବିକାଶ ନିଗମ (ସଂଶୋଧନ) ବିଲ୍: ୧୦ ମିନିଟ୍
> - ଖଣି ଓ ଖଣିଜ (ବିକାଶ ଓ ନିୟନ୍ତ୍ରଣ) ସଂଶୋଧନ ବିଲ୍: ୫ ମିନିଟ୍
> - ବ୍ୟାଙ୍କର୍ସ ବୁକ୍ସ ପ୍ରମାଣ ବିଲ୍: ୫ ମିନିଟ୍
> - ଜନ୍ମ ଓ ମୃତ୍ୟୁ ପଞ୍ଜୀକରଣ (ସଂଶୋଧନ) ବିଲ୍: ୪ ମିନିଟ୍
> - ଉଚ୍ଚତମ ନ୍ୟାୟାଳୟ (ବିଚାରପତି ସଂଖ୍ୟା) ସଂଶୋଧନ ବିଲ୍: ୪ ମିନିଟ୍
> - କେରଳ (ନାମ ପରିବର୍ତ୍ତନ) ବିଲ୍: ୪ ମିନିଟ୍
> - କ୍ଷୁଦ୍ର, ସୂକ୍ଷ୍ମ ଓ ମଧ୍ୟମ ଉଦ୍ୟୋଗ ବିକାଶ (ସଂଶୋଧନ) ବିଲ୍: ୩ ମିନିଟ୍
> - କରପାତ ଓ ଅନ୍ୟାନ୍ୟ ନିୟମ (ସଂଶୋଧନ) ବିଲ୍: ୩ ମିନିଟ୍

ଏହି ଅଧିବେଶନରେ ପ୍ରଶ୍ନପତ୍ର ଲିକ୍ ନିରୋଧୀ ଆଇନକୁ ଛାଡ଼ିଦେଲେ ଅନ୍ୟ କୌଣସି ବିଲ୍ ଉପରେ ବିସ୍ତୃତ ଆଲୋଚନା ହୋଇପାରିନାହିଁ। ପ୍ରଶ୍ନପତ୍ର ଲିକ୍ ଆଇନ ଉପରେ ପ୍ରାୟ ୧୧ ଘଣ୍ଟା ଆଲୋଚନା ହୋଇଥିବା ବେଳେ, ଅନ୍ୟ ୧୦ଟି ଗୁରୁତ୍ୱପୂର୍ଣ୍ଣ ବିଲ୍ ମାତ୍ର କେଇ ମିନିଟ୍ ମଧ୍ୟରେ ଗୃହର ହଟଗୋଳ ଭିତରେ ଧ୍ୱନିମତରେ ପାରିତ ହୋଇଛି । ସଂସଦ ଭବନ ପରିସରରେ ମଧ୍ୟ ବିଜେପି ଓ କଂଗ୍ରେସ ପରସ୍ପର ବିରୋଧରେ ପ୍ରତିବାଦ ପ୍ରଦର୍ଶନ କରିବା ସହ ଅଧିବେଶନର ଅନ୍ତ ଘଟାଇଛନ୍ତି ।

### ୨୦୩୦ ସୁଦ୍ଧା...

କାର୍ଯ୍ୟକ୍ଷମ ଥିବା ବେଳେ ଗୋପାଳପୁର ଓ ପାରାଦୀପରେ ୨ଟି ୭୬୫/୪୦୦ କେଭି ବିଶିଷ୍ଟ ଗ୍ରୀଡ୍ ଷ୍ଟେସନ୍ ନିର୍ମାଣ କରାଯାଉଛି । ଏହା ସହିତ କୋଲାବିରା, ଡୁବୁରି ଓ ଆଠଗଡ ନିକଟସ୍ଥ ବେତଖୋଲି ଠାରେ ଆଉ ୩ଟି ୭୬୫/୪୦୦ କେଭି ସବ୍‌ଷ୍ଟେସନ୍ ନିର୍ମାଣ କରିବା ପାଇଁ ଯୋଜନା କରାଯାଇଛି। ରାଜ୍ୟରେ ୪୦୦ କେଭି ବିଶିଷ୍ଟ ୫ଟି ଗ୍ରୀଡ୍ ସବ୍‌ଷ୍ଟେସନ୍ ଥିବା ବେଳେ ଆଉ ୪ଟି ୪୦୦ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍ ନିର୍ମାଣାଧୀନ ରହିଛି ଏବଂ ୨ଟି ଟେଣ୍ଡର ଷ୍ଟେଜ୍‌ରେ ଅଛି । ଆଗକୁ ଆହୁରି ୯ଟି ୪୦୦ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍ ନିର୍ମାଣ କରିବାର ଯୋଜନା ରହିଛି। ଏସବୁ ସବ୍‌ଷ୍ଟେସନ୍ ଗୁଡ଼ିକ କାର୍ଯ୍ୟକ୍ଷମ ହେଲେ ଓଡ଼ିଶାରେ ବିଦ୍ୟୁତ୍ ସମସ୍ୟା ରହିବ ନାହିଁ। ସେହିପରି ବିଭିନ୍ନ ଗ୍ରୀଡ୍ ଗୁଡ଼ିକର ଆଧୁନିକୀକରଣ କାର୍ଯ୍ୟ ମଧ୍ୟ ହାତକୁ ନିଆଯାଇଛି। ୨୦୩୦-୩୧ ସୁଦ୍ଧା ରାଜ୍ୟରେ ପ୍ରାୟ ୫୯୦ଟି ଶିଳ୍ପ ପ୍ରକଳ୍ପ ସ୍ଥାପନ ହେବାକୁ ଯାଉଛି । ଏହି ଶିଳ୍ପ ସଂସ୍ଥା ତଥା ଉପଭୋକ୍ତା ମାନଙ୍କ ପାଇଁ ଗୁଣାତ୍ମକ ବିଦ୍ୟୁତ୍ ଯୋଗାଣକୁ ଦୃଷ୍ଟିରେ ରଖି ରାଜ୍ୟରେ ୧୬ ହଜାର କୋଟି ଟଙ୍କାର ଶକ୍ତି ପ୍ରକଳ୍ପ ନିର୍ମାଣ କରାଯିବ । ଏହି ବୈଠକରେ ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ଉନ୍ନୟନ କମିଶନର ଡି.କେ ସିଂହ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର, ଶକ୍ତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଶାଲ ଦେବ, ଓପିଟିସିଏଲର ସିଏମଡି ଭାସ୍କରଜ୍ୟୋତି ଶର୍ମା ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

### ପଛ ଦ୍ୱାରରେ...

ଅତଏବ ଏହି ୭ ଦିନ ମଧ୍ୟରେ ଯିଏ ଆବେଦନ କରିଥିବେ, ସେମାନଙ୍କ ମଧ୍ୟରୁ ଜଣେ ଓଇଆରସି ଅଧ୍ୟକ୍ଷ ହେବା ଏକପ୍ରକାର ନିଶ୍ଚିତ ବୋଲି ଆଲୋଚନା ହେଉଛି । ଅପରପକ୍ଷେ ଯିଏବି ଅଧ୍ୟକ୍ଷ ହୁଅନ୍ତୁ ପଛେ, ଶକ୍ତି ତଥା ଏ ସମ୍ବନ୍ଧିତ କ୍ଷେତ୍ରରେ ତାଙ୍କର ଲମ୍ବା ଅନୁଭବ ରହିବା ଆବଶ୍ୟକ। ଏପରି ହେଲେ ରାଜ୍ୟର ଶକ୍ତି ଚାହିଦା ତଥା ସ୍ୱାର୍ଥ ପୂର୍ତ୍ତି ସହଜରେ ହୋଇପାରିବ ବୋଲି ମତପ୍ରକାଶ ପାଇଛି । ତେଣୁ ନିଜେ ମୁଖ୍ୟମନ୍ତ୍ରୀ ଏଥିରେ ହସ୍ତକ୍ଷେପ କରି ନିଯୁକ୍ତି ପ୍ରକ୍ରିୟାରେ ସ୍ୱଚ୍ଛତା ରଖିବାକୁ ସାଧାରଣରେ ଦାବି ହେଉଛି ।

### ଡିଜିପି ନିଯୁକ୍ତି...

ଦେବା ପରେ ସର୍ବୋଚ୍ଚ ନ୍ୟାୟାଳୟ ଆସନ୍ତା ୧୮ ତାରିଖ ପର୍ଯ୍ୟନ୍ତ ପରବର୍ତ୍ତୀ ଡିଜି ନିଯୁକ୍ତି ଉପରେ ଅଙ୍କୁଶ ଲଗାଇଛନ୍ତି ।

ଏପଟେ ଅଗଷ୍ଟ ୧୬ରେ ବର୍ତ୍ତମାନର ପୁଲିସ ଡିଜି ୱାଇବି ଖୁରାନିଆଙ୍କ ଅବସର ନେବେ ଓ ରାଜ୍ୟ ସରକାର ତାଙ୍କର ଅବସରକୁ ଅନୁମୋଦନ ଦେଇ ସାରିଛନ୍ତି । ଏହି ସମୟ ମଧ୍ୟରେ ଡିଜିପି ନିଯୁକ୍ତି ନ ହେଲେ ରାଜ୍ୟରେ ଡିଜିପି ପଦଟି ଖାଲି ପଡ଼ିବ । ଏଣୁ କାର୍ଯ୍ୟକାରୀ ଡିଜିପି ନିଯୁକ୍ତି ହିଁ ଏକମାତ୍ର ବିକଳ୍ପ ହୋଇପାରେ ବୋଲି କୁହାଯାଉଛି । ପୂର୍ବରୁ ସୁପ୍ରିମକୋର୍ଟ ଅନେକ ରାଜ୍ୟରେ କାର୍ଯ୍ୟକାରୀ ଡିଜିପି ନିଯୁକ୍ତିକୁ ନେଇ ଅସନ୍ତୋଷ ପ୍ରକାଶ କରିଥିଲେ। ୮ଟି ରାଜ୍ୟକୁ ଅବମାନନା ନୋଟିସ ମଧ୍ୟ ଜାରି କରିଥିଲେ। ଓଡ଼ିଶା ମଧ୍ୟ ସେହି ତାଲିକାରେ ଥିଲା, କିନ୍ତୁ ପରେ ଖୁରାନିଆଙ୍କୁ ସ୍ଥାୟୀ ଡିଜିପି ଭାବେ ନିଯୁକ୍ତି ଦେଇ ରାଜ୍ୟ ସରକାର ସେ ବିବାଦରୁ ମୁକୁଳିଥିଲେ। ଏବେ ପୁନର୍ବାର ଅନୁରୂପ ସ୍ଥିତି ଉପୁଜିଛି। ଏହି ପରିପ୍ରେକ୍ଷୀରେ ସରକାର ସମ୍ଭବତଃ ଜଣେ କାମଚଳା ଡ଼ିଜି ନିଯୁକ୍ତି ଦେଇ ପାରନ୍ତି । ବରିଷ୍ଠ ଆଇପିଏସ୍ ତଥା କ୍ରାଇମବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ରଙ୍କ ନାମ କାମଚଳା ଡ଼ିଜି ପାଇଁ ଚର୍ଚ୍ଚାର ପରିଧିରେ ରହିଛି । ଏହି ପରିପ୍ରେକ୍ଷୀରେ ଅଗଷ୍ଟ ୧୮ ତାରିଖର ଶୁଣାଣି ଉପରେ ଏବେ ସମସ୍ତଙ୍କ ନଜର ରହିଛି। ସେଦିନ ଆମିକସ୍ କ୍ୟୁରୀଙ୍କ ଚୂଡ଼ାନ୍ତ ରିପୋର୍ଟ ଏବଂ ରାଜ୍ୟ ସରକାରଙ୍କ ପକ୍ଷ ଶୁଣିବା ପରେ ସୁପ୍ରିମକୋର୍ଟ ଏହି ମାମଲାରେ ସ୍ପଷ୍ଟ ନିର୍ଦ୍ଦେଶ ଦେଇପାରନ୍ତି ବୋଲି କୁହାଯାଉଛି ।


**DHAMNAGAR COLLEGE**
DHAMNAGAR, BHADRAK, ODISHA-756117
Website: dhamnagarcollege.org.in
Ref. No. 310 / 2026 Date: 12.08.2026

Applications are invited from eligible retired Guest Lecturers in the subjects of English, History, Chemistry, Logic & Philosophy, and Urdu, who are below 69 years of age and possess the requisite qualifications for the respective subjects. Interested and eligible candidates may apply online through the provided links in the HIMS Portal (https://hims.odisha.gov.in) within 15 days from 16.08.2026 to 30.08.2026. The remuneration for the above posts shall be as per the Notification of the Department of Higher Education (DHE), Odisha.

Sd/- Principal-cum-Secretary
Dhamnagar College, Dhamnagar



13001/1530/2627

**WATCO**
**OFFICE OF THE GENERAL MANAGER, WATCO DIVISION-II, BHUBANESWAR,**
Near Rajiv Bhawan, Unit-V, Bhubaneswar-751001, Odisha, India
Telefax: - +91-674-2390322 E-mail – gmdivtwowatco@gmail.com

NATIONAL COMPETITIVE BIDDING THROUGH e-PROCUREMENT

**Invitation For Bids (IFB)**
**Dtd.13.08.2026**

| | | | |
|---|---|---|---|
| 01 | Nos of the work | : | 03 Nos (Three nos works) |
| 02 | Estimate cost | : | Rs.59.30 Lakhs to 99.84 Lakhs |
| 03 | Period of completion | : | 02 (Two) Years |
| 04 | Class of contractor | : | B Class |
| 05 | Date & Time of availability of bid document In the portal | : | From 11.00 AM of Dt.17.08.26 to 5.00 PM of 31.08.2026 |
| 06 | Last date / time of receipt of bids in the portal | : | 5.00 PM of 31.08.2026 |
| 07 | Last date & time of seeking clarification | : | 5.00 PM of 21.08.2026 |
| 08 | Date & Time of opening of bids | : | At 12.30 PM of 01.09.2026 |
| 09 | Name and Address of the Officer Inviting Bid | : | General Manager WATCO Division-II, BBSR |

Further details can be seen from the e-Procurement portal "https://www.tendersorissa.gov.in"

OIPR-13001/13089/1/26-27/0007

GENERAL MANAGER (SEPH),
WATCO DIVISION-II, BHUBANESWAR



**VEHICLE FOR SALE**
MARUTI ERTIGA SMART HYBRID LXI Regn No. OD-02-CX-7545 in as is where is condition. Contact: M/S Sundaram Finance Limited, BHUBANESWAR RETAIL BRANCH, Ph:9437575689, within 7 days.

**VEHICLE FOR SALE**
MARUTI DZIRE CAR 2023 Regn No. OD-33-AH-6469 in as is where is condition. Contact: M/S Sundaram Finance Limited, PARADIP BRANCH, Ph:0672-2295252, within 7 days

**FOR SALE**
1 Number of MARUTI ALTO K10 VXI CAR, Registration No.- OD-22-CU-6010, Model- 2024, ENGINE NO – K10CN1263398, CHASSIS NO - MA3SFM61S RD283330, For Details, contact - 8895995989, 9437355692, Second floor, Plot No-353/2585, Building No-723/1793,At-Bypass Chhaka, Above Punjab National Bank, Po-Salandi Bypass, Via-Kuansa, BHADRAK-756100, PH. NO-06784-250703



25001/924/2627 E-Mail ID: eerw_blgr@yahoo.co.in

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION: BOLANGIR**
**e Procurement Notice**
**IFB IDENTIFICATION NO. EEBLGR-Online-04-2026-27**

| | | | |
|---|---|---|---|
| 1. | Name of work | : | Building Works |
| 2. | Total no of works | : | 17 (Seventeen) nos |
| 3. | Approximate Estimated Cost | : | Rs. 2.52 to 6.72 Lakh |
| 4. | Time for completion | : | 2 (Two) calendar months |
| 5. | Mode of Submission of tender | : | Tender should be submitted online in www.tendersodisha.gov.in |
| 6. | Other details are as follow | : | As per TCN No. EEBLGR-Online-04/2026-27 |

| Procurement Officer | Bid Identification No. | Availability of Tender on line for bidding | | Last date and time of seeking tender clarification | Date & time of opening of tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 6 | 7 |
| Executive Engineer, R.W. Division, Bolangir | EEBLGR-online-04/2026-27 | 20.08.2026 at 11.00 A.M | 10.09.2026 upto 5.00PM | 09.09.2026 upto 1.00PM | 11.09.2026 at 11.00A.M |

- Further details can be seen from the website www.tendersodisha.gov.in
- Any Corrigendum/Addendum will be displayed in the above e tender website only.

OIPR-25001/25068/1/26-27/2007

Executive Engineer
R.W. Division, Bolangir.



25001/916/2627 e-mail : rwdmohana@gmail.com

**GOVERNMENT OF ODISHA**
**OFFICE OF THE EXECUTIVE ENGINEER**
**RURAL WORKS DIVISON, MOHANA**
**NATIONAL COMPETITIVE BIDDING THROUGH e-Procurement**
**Identification No. Online Tender 09/MOHANA/2026-27**

1. Name of the work : Road work
2. Total No. Work : 01 (One) Nos
3. Estimated Cost : Rs 83.05 lakhs
4. Class of Contractor : As per annexure
5. Period of Completion : As per annexure
6. Other Details:-

| Procurement Officer | Bid Identification No. | No. of Works | Availability of Tender online for bidding | | Last Date & Time of seeking tender clarification | Date & Time of opening of tender | |
|---|---|---|---|---|---|---|---|
| | | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 | 8 |
| Executive Engineer, Rural Works Division, Mohana | Online Tender 09/MOHANA /2026-27 | 01 (One) No. of Road work | 17.08.2026 from 10.00 AM | 24.08.2026 upto 5.00 PM | 21.08.2026 upto 5.00 PM | 25.08.2026 at 11.00 AM | Will be Intimated later |

OIPR-25001/25148/1/26-27/0012

Executive Engineer
R.W. Division, Mohana



19001/188/2627

**GOVERNMENT OF ODISHA**
**DEPARTMENT OF PANCHYATIRAJ & DRINKING WATER**
**Office of the Block Development Officer, Panchayat Samiti Boden, Nuapada-766111**
**e - Procurement Notice No. (PSBDN) 02/2026-27**
**e-mail address: ori-boden@nic.in**

No. 2437 **PERCENTAGE RATE TENDER** Date 06.08.2026

The Block Development Officer, Panchayat Samiti Boden, Dist-Nuapada, Pin-766111, Odisha on behalf of Governor of Odisha invites **"PERCENTAGE RATE Bids" IN SINGLE COVER SYSTEM,** in electronic tendering system for the construction work detailed in the table below, which are eventually to be draw on P1 agreement.

| Package No | Notice ID No. (PSBDN) 02/2026-27 |
|---|---|
| Nature of Work | i-2 Nos of Crematorium.<br>ii-8 Nos of building. |
| Approximate value of work | i. Construction of Crematorium in self located cluster village Bandhpada Gp Karlakote-Rs 9.62 lakh(Excluding GST).<br>ii. Construction of crematorium in self located cluster village Kanakpur Gp karlakote-Rs 9.85 lakh(Excluding GST).<br>iii. Construction of Panchayat samiti conference Hall Building-Rs 16.21 lakh(Excluding GST).<br>iv. Construction of Addl. Class room at Upper primary school litisargi Under Litisargi GP Rs 10.08 lakh(Excluding GST)<br>v. Construction of AEE Quarter-RS-11.76 lakh(Excluding GST)<br>vi. Construction of Addl. Class Room at Govt PS Bandhapada,Karlakot GP-Rs 14.95 lakh(Excluding GST)<br>vii. Construction of Addl. Class Room at Govt PS Bhoipada,Litisargi GP Rs 14.95 (Excluding GST)<br>viii. Construction of Addl. Class Room at Boden SSD High School unit 1,Boden GP Rs -14.94 (Excluding GST)<br>ix. Construction of Library-cum-Reading Room at Boden,Boden GP,Rs-13.08(Excluding GST)<br>x. Construction of Addl. Class Room at Boden SSD High School unit 2,Boden GP Rs-14.94(Excluding GST) |
| Period of Completion | 06 (Six) Calendar Months |
| Classification of Bidder | "D" & "C" Class only |
| Bid documents available Date and Time. | 07.08.2026 10.00 AM to 20.08.2026 up to 5.30 P.M |
| Bid clarification start date & Closing date. | 07.08.2026 10.00 AM to 20.08.2026 up to 5.30 P.M |
| Date, Time and Venue of opening of bid online. | 21.08.2026 at 11.00 AM at office of the Block Development Officer, Panchayat Samiti Boden, Dist-Nuapada |
| If stipulation arises the Tender will be decided through Lottery System. | 28.08.2026 at 03.00 P.M After evaluation at office of the Block Development Officer, Panchayat Samiti Boden, Dist-Nuapada |

Further details can be seen any addendum / corrigendum / cancellation to the above notice will be published in the Govt. website www.tendersodisha.gov.in only.

OIPR-19001/19525/1/26-27/0001

Block Development Officer
Boden



**AFFIDAVIT**
I, Swati Biswal, aged about 39 years, W/o- Ghanashyam Biswal, Resident of AT/PO-Sindurpan k, PS-Sadar, Dist-Sambalpur, PIN-768005, ODISHA, declared by this Affidavit No. 437/2026, Dated 10.08.2026, That now onwards I shall Be Known as **JOLLEY BISWAL** for all future Purposes.

**AFFIDAVIT**
I, RABINDRA SETHI, age about 54 years, S/o- Bhikari Sethi, At/Po- Resident of AT/PO-Ward No-9, Tala Sahi, Near Budhi Maa Mandir, Dhabalei Maa Mandir, Dhabalei, Lenkudipada, Nayagarh-752070, ODISHA, declared by this Affidavit No. 935, Dated 13.08.2026, That now onwards I shall Be Known as **RABINDRA KUMAR SETHI** for all future Purposes.

**AFFIDAVIT**
I, Sheikh Rahul Amin, aged about 65 years, S/o- Belal Sheikh, Resident of Chadeibhol, PO-Ghosada, PS-Karanjia, Dist-Mayurbhanj, PIN-757037, ODISHA, declared by this Affidavit, No. 3579, Dtd. 07.08.2026, That now onwards I shall Be Known as **SHAIKH RUHUL AMIN** for all future Purposes.

**AFFIDAVIT**
By virtue of an affidavit before the Executive Magistrate, Tangi, Khordha, No 1653, dtd:11.08.2026, **I, SUNITA DASH,** W/o.: ANANDA CHANDRA DASH, resident of Vill- Bhatasahi, Dia, P.O./P.S.– Nirakarpur, Dist- Khordha, hereby declare that I have changed my name from **SUNITA DASH to BASANTI DASH.** Henceforth, I shall be known as **BASANTI DASH** for all purposes.
Sd/- BASANTI DASH

**AFFIDAVIT**
By virtue of an affidavit (SI No.03, dtd-12/08/2026) sworn before the Executive Magistrate, Sohela, Bargarh. I, Keshaba Sahu, S/o- Suryabali Sahu, Permanent & current resident of At: Mangalpali , PO- Rengali, PS: Sohela, Dist: Bargarh, Pin-768033, Odisha declare that I have changed my minor son's name from Mukshyajit Sahu (old name) to Meyar Sahu (new name). Henceforth, he shall be known as **Meyar Sahu** (new name) for all purpose.

**AFFIDAVIT**
By virtue of an affidavit sworn before Notary Public, Bhubaneswar, dated 06/08/2026 I, Tuni Sanseth, Address At- Srirampur, Po-Srirampur, Ps- Kotagarh, Dist-Kandhamal, Odisha, Pin-762105, declare that I have changed my name from Kinu Sanaset to Tuni Sanseth. Henceforth, I shall be known as **TUNI SANSETH.**
Tuni Sanseth

**AFFIDAVIT**
By virtue of an affidavit sworn before The Notary Public, Titilagarh, on dated- 13/08/2026. I, **Baishnaba Rana** (new name), S/o Bhima Rana, permanent & current resident of AT: Dumerpada, PO: Muribahal, PS: Muribahal, Dist: Balangir, State: Odisha, PIN: 767037 declare that I have changed my name from **Bastam Rana** (old name) to **Baishnaba Rana** (new name). Henceforth, I shall be known as **Baishnaba Rana** (new name) for all future purposes.
**Baishnaba Rana**

**AFFIDAVIT**
By Virtue of an affidavit sworn before Executive Magistrate Kanas. No-3244, dated 10/08/2026 I, Smt. Suryakanti Jena W/O- Dhaneswar Jena resident of At- Paikamara, Po-Kalapadar, Ps- Gadisagoda, Block- Kanas, Dist- Puri, Odisha, Pin- 752017 declare that I have changed the name of my Son from **Rudraskhay Jena** to **Rudrakshya Jena**. Henceforth, He shall be known as **RUDRAKSHYA JENA** for all purpose.
**Suryakanti Jena**

**AFFIDAVIT**
By virtue of an affidavit (CF No. 840, dtd- 11/08/2026) sworn before The Executive Magistrate, Jamankira, Sambalpur. I, **Rukmani Kerketta,** W/o- Bhima Kerketa, resident of Vill: Sanbhaluchuan, PO: Katangapani, PS: Jamankira, Dist: Sambalpur, Odisha declare that I have changed my name from **Rupan Kerketa** to **Rukmani Kerketta** in my SBI Saving Account, vide **Account No. 35122902070** under SBI Jamankira Branch. Henceforth, I shall be known as **Rukmani Kerketta,** W/o- **Bhima Kerketa** for all official and non-official purposes.
**Rukmani Kerketta**

ସକାଳ THE SAKALA



# ଶ୍ରେଣୀଗୃହରେ ପାଣି, ବାତ୍ୟା ଆଶ୍ରୟସ୍ଥଳୀରେ ପାଠପଢ଼ା



**ଚନ୍ଦନେଶ୍ୱର, ୧୩।୮ (ସମିସ)**

ଶିକ୍ଷାର ମନ୍ଦିରରେ ପାଠପଢ଼ିବା ପାଇଁ ଆସୁଥିବା କୋମଳମତି ପିଲାଙ୍କୁ ଯେଉଁଠି ନିରାପଦ ଓ ସୁସ୍ଥ ପରିବେଶ ମିଳିବା କଥା, ସେଠାରେ ବର୍ଷା ହେଲେ ଶ୍ରେଣୀଗୃହରେ ପାଣି ପଶିଯାଉଛି। ଫଳରେ ଶ୍ରେଣୀକକ୍ଷ ଛାଡ଼ି ବାତ୍ୟା ଆଶ୍ରୟସ୍ଥଳୀରେ ପାଠ ପଢ଼ିବାକୁ ବାଧ ହେଉଛନ୍ତି ଛାତ୍ରଛାତ୍ରୀ। ଦୀର୍ଘଦିନ ଧରି ଏଭଳି ଅବ୍ୟବସ୍ଥା ଲାଗିରହିଥିଲେ ମଧ୍ୟ ସ୍ଥାୟୀ ସମାଧାନ ନ ହେବାରୁ ଅଭିଭାବକ ଓ ସ୍ଥାନୀୟ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଭୋଗରାଇ ବ୍ଲକର ସାହାବାଜିପୁର ୟୁଜିୟୁପି ବିଦ୍ୟାଳୟ ୧୯୬୦ ମସିହାରେ ପ୍ରତିଷ୍ଠିତ ଏକ ପୁରାତନ ଶିକ୍ଷାନୁଷ୍ଠାନ। ଶିଶୁ ବାଟିକାଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରାୟ ୩୨୦ ଜଣ ଛାତ୍ରଛାତ୍ରୀ ଏଠାରେ ଅଧ୍ୟୟନ କରୁଛନ୍ତି। ଦୀର୍ଘ ବର୍ଷ ଧରି ଅଞ୍ଚଳର ଶିକ୍ଷା ବିକାଶରେ ଏହି ବିଦ୍ୟାଳୟର ଅବଦାନ ରହିଥିଲେ ମଧ୍ୟ ବର୍ତ୍ତମାନ ଜଳ ନିଷ୍କାସନ ସମସ୍ୟା ଯୋଗୁଁ ଏଠାକାର ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ବର୍ଷା ହେଲେ ବିଦ୍ୟାଳୟ ପରିସରରେ ପାଣି ଜମି ରହିବା ସହ ଶ୍ରେଣୀଗୃହ ମଧ୍ୟରେ ପାଣି ପଶିଯାଉଛି। ଜଳ ନିଷ୍କାସନ ପାଇଁ ଉପଯୁକ୍ତ ଡ୍ରେନେଜ୍ ବ୍ୟବସ୍ଥା ନଥିବାରୁ ବର୍ଷାଜଳ ଦୀର୍ଘ ସମୟ ଧରି ଜମି ରହୁଛି। ପିଲାମାନଙ୍କୁ ପାଣି ମଧ୍ୟରେ ଯାତାୟାତ କରିବାକୁ ପଡୁଥିବାରୁ ଛୋଟ ଛାତ୍ରଛାତ୍ରୀଙ୍କ ସୁରକ୍ଷା ନେଇ ଅଭିଭାବକମାନେ ଚିନ୍ତିତ ହୋଇପଡ଼ିଛନ୍ତି। ପାଣିରେ ଯାତାୟାତ କରିବା ସମୟରେ ପିଲାଙ୍କ ଜୋତା, ପୋଷାକ ଓ ବହିପତ୍ର ଓଦା ହେଉଛି। ଅନ୍ୟପକ୍ଷରେ ଦୀର୍ଘ ସମୟ ଧରି ଜମି ରହୁଥିବା ଅପରିଷ୍କାର ପାଣି ଯୋଗୁଁ ମଶା ଓ ବିଭିନ୍ନ କୀଟପତଙ୍ଗ ବଢ଼ିବାର ଆଶଙ୍କା ରହୁଛି। ଏଭଳି ପରିବେଶ

**▸▸ ସାହାବାଜିପୁର ବିଦ୍ୟାଳୟରେ ୩୨୦ ପିଲାଙ୍କ ଦୁର୍ଦ୍ଦଶା**

**▸▸ ସ୍ଥାୟୀ ଜଳ ନିଷ୍କାସନ ବ୍ୟବସ୍ଥା ଦାବି**

ପିଲାମାନଙ୍କ ସ୍ୱାସ୍ଥ୍ୟ, ନିରାପତ୍ତା ଓ ନିୟମିତ ପାଠପଢ଼ା ପାଇଁ ଚିନ୍ତାର କାରଣ ପାଲଟିଛି। ଶ୍ରେଣୀଗୃହରେ ପାଣି ପଶିଯିବା ପରେ ପାଠପଢ଼ା ବନ୍ଦ ନ କରିବା ପାଇଁ ବାଧ ହୋଇ ବାତ୍ୟା ଆଶ୍ରୟସ୍ଥଳୀରେ ପିଲାମାନଙ୍କୁ ପଢ଼ାଯାଉଛି। ମାତ୍ର ଏହା ଏକ ସ୍ଥାୟୀ ବିକଳ୍ପ ନୁହେଁ। ଶ୍ରେଣୀକକ୍ଷ ଭଳି ଶିକ୍ଷାଦାନ ପାଇଁ ଉପଯୁକ୍ତ ପରିବେଶ ନ ମିଳିବାରୁ ଶିକ୍ଷକମାନଙ୍କୁ ପାଠପଢ଼ା ପରିଚାଳନାରେ ଅସୁବିଧା ହେଉଛି। ଏହାର ସିଧାସଳଖ ପ୍ରଭାବ ପିଲାମାନଙ୍କ ଶିକ୍ଷାଗ୍ରହଣ ଉପରେ ପଡୁଛି। ଏହା ସହ ବିଦ୍ୟାଳୟରେ ୮ ଜଣ ଶିକ୍ଷକ ଥିଲେ ମଧ୍ୟ କେଉର ପ୍ରଧାନଶିକ୍ଷକ ନଥିବାରୁ ବିଦ୍ୟାଳୟର ପ୍ରଶାସନିକ କାର୍ଯ୍ୟ ଓ ଦୈନନ୍ଦିନ ପରିଚାଳନାରେ ସମସ୍ୟା ଦେଖାଦେଉଛି। ଏଥିସହ ହିନ୍ଦୀ ଓ ସଂସ୍କୃତ ଶିକ୍ଷକ ନିଯୁକ୍ତି ପାଇଁ ମଧ୍ୟ ବିଭାଗୀୟ ଅଧିକାରୀଙ୍କୁ ଜଣାଇଥିବା ସତ୍ତ୍ୱେ ଏପର୍ଯ୍ୟନ୍ତ ସୁଫଳ ମିଳିନଥିବା ଅଭିଯୋଗ ହୋଇଛି। ଅଭିଭାବକମାନଙ୍କ କହିବା କଥା, ପିଲାଙ୍କ ଶିକ୍ଷା ଓ ସୁରକ୍ଷା ସହ କୌଣସି ପ୍ରକାର ଅବହେଳା ଗ୍ରହଣୀୟ ନୁହେଁ। ପ୍ରତିବର୍ଷ ବର୍ଷା ସମୟରେ ପାଣି ଜମିବା ଓ ଶ୍ରେଣୀଗୃହରେ ପାଣି ପଶିବାର ସମସ୍ୟାର ଅସ୍ଥାୟୀ ସମାଧାନ ନୁହେଁ, ସ୍ଥାୟୀ ପ୍ରତିକାର ଆବଶ୍ୟକ। ବିଦ୍ୟାଳୟ ପରିସରରେ ତୁରନ୍ତ ଡ୍ରେନେଜ୍ ନିର୍ମାଣ ସହ ଜଳ ନିଷ୍କାସନର ସୁବ୍ୟବସ୍ଥା କରାଗଲେ ଏହି ସମସ୍ୟାର ସ୍ଥାୟୀ ସମାଧାନ ହୋଇପାରିବ। ତେଣୁ ବିଦ୍ୟାଳୟରେ ତୁରନ୍ତ ସ୍ଥାୟୀ ଜଳ ନିଷ୍କାସନ ବ୍ୟବସ୍ଥା, କେଉର ପ୍ରଧାନଶିକ୍ଷକ, ହିନ୍ଦୀ ଓ ସଂସ୍କୃତ ଶିକ୍ଷକ ନିଯୁକ୍ତି ସହ ଆବଶ୍ୟକ ଭିତ୍ତିଭୂମିର ବିକାଶ କରାଯାଉ ବୋଲି ଅଭିଭାବକ ଓ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ବିଭାଗୀୟ ଅଧିକାରୀମାନେ ଘଟଣାସ୍ଥଳ ପରିଦର୍ଶନ କରି ସମସ୍ୟାର ବାସ୍ତବ ସ୍ଥିତି ଅନୁଧ୍ୟାନ କରି ତୁରନ୍ତ ପଦକ୍ଷେପ ନେବାକୁ ଦାବି ହୋଇଛି।

# ପାଣି ଘେରରେ ଜଳେଶ୍ୱରପୁର ପ୍ରାଥମିକ ବିଦ୍ୟାଳୟ

**ବାଲେଶ୍ୱର (ଉତ୍ତର)/ଚନ୍ଦନେଶ୍ୱର ୧୩।୮ (ସମିସ):** ଲଘୁଚାପଜନିତ ଲଗାଣ ବର୍ଷାରେ ଭୋଗରାଇ ବ୍ଲକ ଜଳେଶ୍ୱରପୁର ପଞ୍ଚାୟତ ଅନ୍ତର୍ଗତ ବାଡ଼ି ଜଳେଶ୍ୱରପୁର ପ୍ରାଥମିକ ବିଦ୍ୟାଳୟ ଏବେ ସମ୍ପୂର୍ଣ୍ଣ ଭାବେ ବର୍ଷାଜଳ ଘେରରେ ରହିଛି। ବିଦ୍ୟାଳୟକୁ ଯିବା ପାଇଁ ନିର୍ମିତ ରାସ୍ତାର ଅଭାବ ଓ ଜଳ ନିଷ୍କାସନ ବ୍ୟବସ୍ଥା ନଥିବାରୁ ବର୍ଷା ହେଲେ ସ୍କୁଲ ପରିସର ଓ ଯାତାୟାତ ପଥରେ ଆଣ୍ଠୁଏ ପର୍ଯ୍ୟନ୍ତ ପାଣି ଜମି ରହୁଛି। ଫଳରେ କୋମଳମତି ଛାତ୍ରଛାତ୍ରୀମାନେ ବିପଦପୂର୍ଣ୍ଣ ଭାବେ ପାଣି ଭିତରେ ପଶି ବିଦ୍ୟାଳୟକୁ ଯିବାଆସିବା କରୁଛନ୍ତି। ସୂଚନା ଅନୁଯାୟୀ, ବାଡ଼ି ଜଳେଶ୍ୱରପୁର ପ୍ରାଥମିକ ବିଦ୍ୟାଳୟ ୨୦୦୭ ମସିହାରେ ସ୍ଥାପିତ ହୋଇଥିଲା। ଦୀର୍ଘ ବର୍ଷ ଧରି ଏଠାରେ ଅଞ୍ଚଳର ପିଲାମାନେ ଶିକ୍ଷା ଗ୍ରହଣ କରିଆସୁଥିଲେ ମଧ୍ୟ ବିଦ୍ୟାଳୟକୁ ଏପର୍ଯ୍ୟନ୍ତ ଏକ ସ୍ଥାୟୀ ରାସ୍ତା ନିର୍ମାଣ ହୋଇପାରିନାହିଁ। ବର୍ଷାଦିନ ଆସିଲେ ଏହି ସମସ୍ୟା ଆହୁରି ଗୁରୁତର ହୋଇପଡୁଛି। ରାସ୍ତାରେ ପାଣି ଜମିଯିବାରୁ ବିଦ୍ୟାଳୟକୁ ଯିବା ପାଇଁ ପିଲାମାନଙ୍କୁ ପାଣି ଭିତରେ ଚାଲିବାକୁ ପଡୁଛି। ଆଣ୍ଠୁଏ ପାଣିରେ ଛୋଟ ଛୋଟ ପିଲା ଯାତାୟାତ କରୁଥିବାରୁ ଅଭିଭାବକମାନେ ନିଜ ପିଲାଙ୍କ ସୁରକ୍ଷା ନେଇ ଚିନ୍ତିତ ହୋଇପଡ଼ିଛନ୍ତି। ପାଣି ମଧ୍ୟରେ ରାସ୍ତାର ଅବସ୍ଥା ସ୍ପଷ୍ଟ ଦେଖାଯାଉନଥିବାରୁ ପିଲାମାନେ ଖସିପଡ଼ିବା କିମ୍ବା ଅନ୍ୟ କୌଣସି ଅଘଟଣର ସମ୍ମୁଖୀନ ହେବାର ଆଶଙ୍କା ରହିଛି। ଏଥିସହ ଦୀର୍ଘ ସମୟ ଧରି ଜମି ରହୁଥିବା ପାଣି ଯୋଗୁଁ ମଶା ଓ ବିଭିନ୍ନ କୀଟପତଙ୍ଗ ବଢ଼ିବା ସହ ସ୍ୱାସ୍ଥ୍ୟ ସମସ୍ୟାର ମଧ୍ୟ ଆଶଙ୍କା ରହିଛି। ବିଦ୍ୟାଳୟକୁ ଯିବା ରାସ୍ତା ନଥିବା ସମସ୍ୟା କେବଳ ବର୍ଷାଦିନର ସମସ୍ୟା ନୁହେଁ। ବର୍ଷର ଅନ୍ୟ ସମୟରେ ମଧ୍ୟ ପିଲା ଓ ଶିକ୍ଷକମାନଙ୍କ ଯାତାୟାତରେ ଅସୁବିଧା ହେଉଥିବା ଅଭିଯୋଗ ହୋଇଛି। ବର୍ଷା ସମୟରେ ଏହା ଆହୁରି ଦୁର୍ଦ୍ଦଶାର ରୂପ ନେଉଛି। ଏପରି ସ୍ଥିତିରେ ପିଲାମାନଙ୍କ ନିୟମିତ ପାଠପଢ଼ା ମଧ୍ୟ ପ୍ରଭାବିତ ହେଉଛି। ଏ ନେଇ ଗ୍ରାମପଞ୍ଚାୟତ କର୍ତ୍ତୃପକ୍ଷ ଓ ବ୍ଲକ ପ୍ରଶାସନକୁ ବାରମ୍ବାର ଅବଗତ କରାଯାଇଥିଲେ ମଧ୍ୟ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଏପର୍ଯ୍ୟନ୍ତ କୌଣସି ଠୋସ୍ ପଦକ୍ଷେପ ନିଆଯାଇନଥିବା ଅଭିଯୋଗ ହୋଇଛି। ଫଳରେ ପ୍ରତିବର୍ଷ ବର୍ଷାଦିନେ ପିଲାମାନଙ୍କୁ ସମାନ ଦୁର୍ଦ୍ଦଶା ଭୋଗିବାକୁ ପଡୁଛି। ଅଭିଭାବକ ଓ ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ପିଲାଙ୍କ ଶିକ୍ଷା ପାଇଁ ବିଦ୍ୟାଳୟ ନିର୍ମାଣ ହୋଇଥିଲେ ମଧ୍ୟ ବିଦ୍ୟାଳୟକୁ ଯିବା ପାଇଁ ଯଦି ସୁରକ୍ଷିତ ରାସ୍ତା ନଥାଏ, ତେବେ ଏହା ଶିକ୍ଷା ବ୍ୟବସ୍ଥା ପ୍ରତି ଅବହେଳାର ଚିତ୍ର। ତେଣୁ ତୁରନ୍ତ ବିଦ୍ୟାଳୟକୁ ଯାତାୟାତ ପାଇଁ ସ୍ଥାୟୀ ରାସ୍ତା ନିର୍ମାଣ ସହ ଜଳ ନିଷ୍କାସନ ବ୍ୟବସ୍ଥା କରାଯିବା ଆବଶ୍ୟକ। ବର୍ଷାଜଳ ନିଷ୍କାସନ ପାଇଁ ଡ୍ରେନ୍ ନିର୍ମାଣ, ବିଦ୍ୟାଳୟକୁ ଯିବା ରାସ୍ତାର ଉନ୍ନତିକରଣ ଏବଂ ବର୍ଷାଦିନେ ପିଲାମାନଙ୍କ ନିରାପଦ ଯାତାୟାତ ପାଇଁ ତୁରନ୍ତ ବିକଳ୍ପ ବ୍ୟବସ୍ଥା କରିବାକୁ ଅଭିଭାବକମାନେ ଦାବି କରିଛନ୍ତି।



**ପାଣିରେ ପଶି ସ୍କୁଲ ଯାଉଛନ୍ତି କୋମଳମତି ଛାତ୍ରଛାତ୍ରୀ**

# ବନ୍ୟା ପାଣି ଘେରରେ ୧୪ ପଞ୍ଚାୟତର ଶତାଧିକ ଗାଁ

**ଜଳେଶ୍ୱର ବ୍ଲକ, ୧୩।୮ (ସମିସ) :** ଲଘୁଚାପ ଜନିତ ଲଗାଣ ବର୍ଷାରେ ଯୋଗୁଁ ଜଳେଶ୍ୱର ଅଞ୍ଚଳରେ ଲୋକଙ୍କୁ ଚଳିତ ବର୍ଷ ଦ୍ୱିତୀୟ ବନ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ଲଘୁଚାପ ପ୍ରଭାବରେ ଓଡ଼ିଶା-ପଶ୍ଚିମବଙ୍ଗ ସୀମାନ୍ତରେ ୩ରୁ ୪ ଦିନ ଲଗାଣ ବର୍ଷା ହେଲେ ଜଟିଳ ପରିସ୍ଥିତି ସୃଷ୍ଟି ହେଉଛି। ଜଳ ନିଷ୍କାସନ ବ୍ୟବସ୍ଥା ଦୁର୍ବଳ ଥିବାରୁ ବିଭିନ୍ନ ଅଞ୍ଚଳରେ ବର୍ଷାପାଣି ଜମି ରହୁଛି। ପଶ୍ଚିମବଙ୍ଗର ଉଦ୍‌ବୃତ୍ତ ଜଳ ନହରା, ନାମୋ, ଅଣ୍ଡିଆ, ଗୋବରା ଓ ବାଣିଦା ନାଳ, ଚିତେଇ ନଦୀ, ଓଡ଼ିଶା କୋଷ୍ଟ କେନାଲ୍, ଜାତୀୟ ଓ ରାଜ୍ୟ ରାଜପଥର ନୟନଯୋଡ଼ି ଏବଂ ଅନ୍ୟାନ୍ୟ ନାଳ ଦେଇ ଜଳେଶ୍ୱର ଅଞ୍ଚଳକୁ ପ୍ରବେଶ କରିଥାଏ। ଫଳରେ ଜଳେଶ୍ୱର ବ୍ଲକ୍‌ର ପ୍ରାୟ ୧୪ ଟି ପଞ୍ଚାୟତର ଶତାଧିକଗାଁ ସପ୍ତାହ ସପ୍ତାହ ଧରି ଜଳବନ୍ଦୀ ହୋଇ ରହୁଛି। ଜଳେଶ୍ୱରରେ ହଜାର ହଜାର ହେକ୍ଟର ଚାଷଜମି ବୁଡ଼ିବା ସାଙ୍ଗକୁ ଜଳବନ୍ଦୀ ହୋଇ ରହିଛନ୍ତି ଅନେକ ଗାଁଜଳେଶ୍ୱର ବ୍ଲକ୍‌ର ନେତୁଆ, ସମ୍ପଡ଼ାଆ, ନାମ୍ପ, ସୁଗୋ, ଖାଲିନା, ଖୁଲୁଡ଼ା, ଆରୁହା, ଗୋପୀମୋହନପୁର, ମହମ୍ମଦନଗରର ପାଟଣା, ବର୍ତ୍ତନା, ପଶ୍ଚିମବାଡ଼, ବାଇଗଣବାଡ଼ିଆ, ନଛିମପୁର, ଲକ୍ଷ୍ମଣନାଥ, ଗୋବରଘାଟା ଓ ଜଳେଶ୍ୱର ପୌରାଞ୍ଚଳର ତଳିଆ ବସ୍ତି ସହ ରାଇବାଣିଆ ଅଞ୍ଚଳର ଅନେକ ଗାଁ ଜଳବନ୍ଦୀ ଯୋଗୁଁ ସାଧାରଣ ଜୀବନଯାତ୍ରା ଠପ୍ ହୋଇଯାଉଛି। ଏହି ସମୟରେ ସୁବର୍ଣ୍ଣରେଖା ନଦୀରେ ବନ୍ୟା ଆସିଲେ ପରିସ୍ଥିତି ଆହୁରି ଭୟାବହ ହୋଇପଡୁଛି। ଏହି ଜଳବନ୍ଦୀ ନାମ୍ପା, ଖୁଲୁଡା ଗ୍ରାମରେ ଜଳେଶ୍ୱର କଂଗ୍ରେସ ପକ୍ଷରୁ ପିସିସି ସଭାପତି ଭକ୍ତଦାସଙ୍କ ନିର୍ଦ୍ଦେଶ କ୍ରମେ ଶୁଖିଲା ଖାଦ୍ୟ ସାଙ୍ଗକୁ, ବସ୍ତ୍ର ଓ ସଂପୂର୍ଣ୍ଣ ଘର ଭାଙ୍ଗିଥିବା ଲୋକଙ୍କୁ ପଲିଥିନ ଜରି ମଧ୍ୟ ପ୍ରଦାନ କରାଯାଇଛି ଏଥିରେ ବ୍ଲକ କଂଗ୍ରେସ ସଭାପତି ହେମନ୍ତ କୁମାର ଗିରି, ସୁଦାମ ପାତ୍ର, ଜଗଦୀଶ ନନ୍ଦି, ଦୁର୍ଗା ଶଙ୍କର ଆଶ, ଗତିକୃଷ୍ଣ ଦଳାଇ, ଗୋପାଳ କୃଷ୍ଣ ଜେନା, ସର୍ବେଶ୍ୱର ଦାସ ପ୍ରମୁଖ ସମାଜସେବୀ ଉପସ୍ଥିତ ରହି ଥିଲେ । ଜଳେଶ୍ୱର ପ୍ରଶାସନିକ ଅଧିକାରୀମାନେ ମଧ୍ୟ ଉପସ୍ଥିତ ରହି ବନ୍ୟାରେ ପୀଡିତ ଲୋକଙ୍କୁ ସହଯୋଗର ହାତ ବଢ଼ାଇ ଥିଲେ।



# ବାହାନଗା ବ୍ଲକ୍‌ର ୪ ପଞ୍ଚାୟତ ଜଳ ଘେରରେ

**ବାଲେଶ୍ୱର, ୧୩।୮ (ସମିସ) :** ଉତ୍ତର ଓଡ଼ିଶାରେ ପୁଣି ବର୍ଷାର କୋପ। ଗୋଟିଏ ବନ୍ୟାର କ୍ଷତ ଶୁଖିନଥିବା ବେଳେ ମାତ୍ର ୨୨ ଦିନରେ ବାଲେଶ୍ୱର ଜିଲ୍ଲାକୁ ପୁଣି ମାଡ଼ି ଆସିଛି ଦ୍ୱିତୀୟ ବନ୍ୟା। ଗାଁଠାରୁ ସହରଚାରିଆଡ଼େ ଜଳମଗ୍ନ ପରିସ୍ଥିତି। ବାଲେଶ୍ୱର ଜିଲ୍ଲା ବାହାନଗା ବ୍ଲକର ବରିପଦା, ଆରୁହାବାଡ଼, ବିଷ୍ଣୁପୁର ଓ ପଣପଣା ପଞ୍ଚାୟତର ବିଭିନ୍ନ ଗାଁ ଜଳବନ୍ଦୀ ହୋଇପଡ଼ିଥିବା ବେଳେ ଅନେକ ଘରେ ପାଣି ପଶିଛି। ବନ୍ୟାଜଳ ନିଷ୍କାସନ ପାଇଁ ବିଭିନ୍ନ ସ୍ଥାନରେ ଗ୍ରାମ୍ୟ ଉନ୍ନୟନ ବିଭାଗର ରାସ୍ତାକୁ ଜେସିବି ସହାୟତାରେ କାଟି ଦିଆଯାଉଥିବାରୁ ଅନେକ ଗାଁର ଯାତାୟାତ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇଛି। ବନ୍ୟାର ଭୟାବହତା ଦେଖି ବ୍ଲକ ଓ ତହସିଲ ପ୍ରଶାସନ ଉକ୍ତ ୪ ପଞ୍ଚାୟତରୁ ୨୦୦୮ ଜଣଙ୍କୁ ସ୍ଥାନାନ୍ତରଣ କରି ବିଭିନ୍ନ ବାତ୍ୟା ଆଶ୍ରୟସ୍ଥଳୀ ଓ ସ୍କୁଲ ଘରେ ରଖିଛି। ବରିପଦା ପଞ୍ଚାୟତ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଥିବା ବେଳେ ବନ୍ୟା ପୀଡ଼ିତଙ୍କ ପାଇଁ ପ୍ରଶାସନ ପକ୍ଷରୁ ରନ୍ଧାଖାଦ୍ୟ ଓ ଶୁଖିଲା ଖାଦ୍ୟର ବ୍ୟବସ୍ଥା କରାଯାଇଛି। ତେବେ ଅନେକ ଘର ଏବେ ବି ପାଣି ଘେରରେ ରହିଛି। ଗତ ଜୁଲାଇ ୨୮ ତାରିଖର ପ୍ରଥମ ବନ୍ୟା ବାଲେଶ୍ୱର ଜିଲ୍ଲାରେ ପ୍ରଳୟଙ୍କାରୀ ରୂପ ନେଇଥିଲା। ନୀଳଗିରି ଓ ରେମୁଣା ସର୍ବାଧିକ ପ୍ରଭାବିତ ହୋଇଥିବା ବେଳେ ୪୬୩ରୁ ଅଧିକ ଗାଁ ବୁଡ଼ିଥିଲା, ୧.୪୭ ଲକ୍ଷରୁ ଅଧିକ ଲୋକ ପ୍ରଭାବିତ ହୋଇଥିଲେ, ୬୫୦ରୁ ଅଧିକ ଘର ଭାଙ୍ଗିଥିଲା ଏବଂ ୩ ଜଣଙ୍କ ଜୀବନ ଯାଇଥିଲା। ସେହି ବିପର୍ଯ୍ୟୟରୁ ଲୋକେ ଅଣ୍ଟା ସଳଖି ଠିଆ ହୋଇନଥିବା ବେଳେ ପୁଣି ମାତ୍ର ୨୨ ଦିନରେ ଦ୍ୱିତୀୟ ବନ୍ୟା ବାଲେଶ୍ୱରବାସୀଙ୍କ ଦୁର୍ଦ୍ଦଶା ବଢ଼ାଇଦେଇଛି। ଘରଦ୍ୱାରରୁ ରାସ୍ତାଘାଟ ପର୍ଯ୍ୟନ୍ତ ସବୁକିଛି ଜଳମଗ୍ନ ହୋଇପଡ଼ିଥିବାରୁ ଜୀବନଯାତ୍ରା ଠପ୍ ହୋଇଛି। ପ୍ରଥମ ବନ୍ୟାର କ୍ଷତ ଶୁଖିନଥିବା ବେଳେ ଦ୍ୱିତୀୟ ବନ୍ୟାର ତାଣ୍ଡବ ବନ୍ୟା ବିପନ୍ନଙ୍କ ଚିନ୍ତାକୁ ଆହୁରି ବଢ଼ାଇଛି। ତୁରନ୍ତ ଜଳ ନିଷ୍କାସନ ସହ ବନ୍ୟାର ସ୍ଥାୟୀ ସମାଧାନ ପାଇଁ ପ୍ରଶାସନ ଦୃଢ଼ ପଦକ୍ଷେପ ନେବାପାଇଁ ବନ୍ୟା ପୀଡ଼ିତ ଲୋକେ ଦାବି କରିଛନ୍ତି।



# ପ୍ରବଳ ବର୍ଷାରେ ବିଦ୍ୟାଳୟ ପାଚେରି ଭୁଶୁଡ଼ିଲା



**ଚନ୍ଦନେଶ୍ୱର, ୧୩।୮ (ସମିସ):** ଲଘୁଚାପଜନିତ ଲଗାଣ ବର୍ଷାରେ ଭୋଗରାଇ ବ୍ଲକ ନିମାତପୁର ପଞ୍ଚାୟତ ଅଧୀନ ବେଲା ପ୍ରାଥମିକ ବିଦ୍ୟାଳୟରେ ସୃଷ୍ଟି ହୋଇଛି ବିପଦଜନକ ପରିସ୍ଥିତି। ପ୍ରବଳ ବର୍ଷା ଯୋଗୁଁ ବିଦ୍ୟାଳୟର ପୁରୁଣା ପାଚେରୀ ଆଜି ସକାଳେ ଭୁଶୁଡ଼ି ପଡ଼ି ରାସ୍ତା ଉପରକୁ ଧସିଯାଇଥିଲା। ତେବେ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ଓ ଗ୍ରାମବାସୀଙ୍କ ତତ୍ପରତା ଯୋଗୁଁ ରାସ୍ତା ଉପରେ ପଡ଼ିଥିବା ଇଟା ଓ ଭଗ୍ନାବଶେଷକୁ ତୁରନ୍ତ ସଫା କରାଯାଇଥିବାରୁ ଏକ ବଡ଼ ଅଘଟଣ ଟଳିଯାଇଛି।

ବେଲା ପ୍ରାଥମିକ ବିଦ୍ୟାଳୟ ୧୯୮୧ ମସିହାରେ ସ୍ଥାପିତ ହୋଇଥିଲା। ବର୍ତ୍ତମାନ ଶିଶୁ ବାଟିକାଠାରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୪୯ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବାବେଳେ ମାତ୍ର ଦୁଇଜଣ ଶିକ୍ଷକ ପାଠପଢ଼ାର ଦାୟିତ୍ୱ ତୁଲାଉଛନ୍ତି। ଦୀର୍ଘ ବର୍ଷର ପୁରୁଣା ଏହି ବିଦ୍ୟାଳୟର ଭିତ୍ତିଭୂମି ଏବେ ଧୀରେଧୀରେ ଦୁର୍ବଳ ହୋଇପଡ଼ିଥିବା ଅଭିଯୋଗ ହୋଇଛି। ଗତକାଲି ରାତିରେ ପ୍ରବଳ ବର୍ଷା ହେବା ପରେ ଆଜି ସକାଳୁ ବିଦ୍ୟାଳୟର ପୁରୁଣା ପାଚେରୀର ଏକ ଅଂଶ ହଠାତ୍ ଭୁଶୁଡ଼ି ପଡ଼ି ମୁଖ୍ୟ ରାସ୍ତା ଉପରେ ଧସିଯାଇଥିଲା। ପାଚେରୀ ଭୁଶୁଡ଼ିବା ସମୟରେ ରାସ୍ତାରେ ଲୋକଙ୍କ ଯାତାୟାତ ରହିଥିବାରୁ ବଡ଼ ଅଘଟଣ ଘଟିବାର ଆଶଙ୍କା ଥିଲା। ବିଶେଷକରି ଏହି ରାସ୍ତା ଦେଇ ଛୋଟ ଛୋଟ ପିଲା ଯାତାୟାତ କରୁଥିବାରୁ ଅଭିଭାବକଙ୍କ ମଧ୍ୟରେ ଚିନ୍ତା ବଢ଼ିଥିଲା। ଘଟଣା ଜଣାପଡ଼ିବା ପରେ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ଓ ସ୍ଥାନୀୟ ଗ୍ରାମବାସୀ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲେ। ସମସ୍ତଙ୍କ ସହଯୋଗରେ ରାସ୍ତା ଉପରେ ପଡ଼ିଥିବା ଇଟା, ମାଟି ଓ ପାଚେରୀର ଭଗ୍ନାବଶେଷକୁ ହଟାଇ ରାସ୍ତାକୁ ଯାତାୟାତ ଉପଯୋଗୀ କରାଯାଇଥିଲା। ସ୍ଥାନୀୟ ଲୋକଙ୍କ ଏହି ତତ୍ପରତା ଯୋଗୁଁ ରାସ୍ତାରେ ଯାତାୟାତ କରୁଥିବା ଲୋକ ଓ ବିଦ୍ୟାଳୟକୁ ଯାଉଥିବା ପିଲାମାନଙ୍କ ପାଇଁ ଏକ ବଡ଼ ବିପଦ ଟଳିଯାଇଛି। କେବଳ ପାଚେରୀ ନୁହେଁ, ବିଦ୍ୟାଳୟର ଦୁଇଟି ଏଜବେଷ୍ଟ ଘର ମଧ୍ୟ ଦୀର୍ଘଦିନ ଧରି ଭଙ୍ଗା ଓ ବିପଦସଙ୍କୁଳ ଅବସ୍ଥାରେ ରହିଛି। ପୁରୁଣା ପାଚେରୀ ମଧ୍ୟ ଅନେକ ସ୍ଥାନରେ ଦୁର୍ବଳ ହୋଇପଡ଼ିଛି। ବର୍ଷାଦିନେ ଏଭଳି ଦୁର୍ବଳ ନିର୍ମାଣ ଭୁଶୁଡ଼ିବାର ଆଶଙ୍କା ଥିବାରୁ ଛାତ୍ରଛାତ୍ରୀଙ୍କ ସୁରକ୍ଷା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବିଦ୍ୟାଳୟରେ ପଢୁଥିବା ୪୯ ଜଣ କୋମଳମତି ପିଲାଙ୍କ ସୁରକ୍ଷା ପ୍ରତି ଅବହେଳା କରାଗଲେ ଯେକୌଣସି ସମୟରେ ବଡ଼ ଅଘଟଣ ଘଟିପାରେ ବୋଲି ଅଭିଭାବକମାନେ ଆଶଙ୍କା ପ୍ରକାଶ କରିଛନ୍ତି। ତେଣୁ ଭଙ୍ଗା ପାଚେରୀକୁ ତୁରନ୍ତ ହଟାଇ ନୂତନ ପାଚେରୀ ନିର୍ମାଣ କରିବା ସହ ବିପଦସଙ୍କୁଳ ଏଜବେଷ୍ଟ ଘରଗୁଡ଼ିକର ସ୍ଥାନରେ ସୁରକ୍ଷିତ ଶ୍ରେଣୀଗୃହ ନିର୍ମାଣ କରିବାକୁ ଦାବି ହୋଇଛି।

# ବିଦ୍ୟାଳୟରେ ଲହଡ଼ି ଭାଙ୍ଗୁଛି ବର୍ଷାଜଳ

**ବାଲିଆପାଳ, ୧୩।୮ (ସମିସ):** ବୁଧବାର ରାତିରୁ ବାଲେଶ୍ୱର ଜିଲ୍ଲା ବାଲିଆପାଳ ଅଞ୍ଚଳରେ ଲଘୁଚାପ ଜନିତ ଲଗାଣ ବର୍ଷା ଲାଗି ରହିଛି। ଫଳରେ କଟୁଆପଡ଼ା ସରକାରୀ ପ୍ରାଥମିକ ଓ ଉ.ପ୍ରା. ବିଦ୍ୟାଳୟ ପରିସରରେ ବର୍ଷା ଜଳ ଲହଡ଼ି ଭାଙ୍ଗୁଛି। ଏହି ବର୍ଷା ପାଣି ଶ୍ରେଣୀ ଗୃହକୁ ପଶି ଯାଇଥିବାରୁ ଶ୍ରେଣୀ ଗୃହ ମଧ୍ୟ ରେ ପୋକ ଯୋକ ସାଲୁବାଲୁ ହେବା ବେଳେ ଏକ ବିଷାକ୍ତ ସାପ ମଧ୍ୟ ଶ୍ରେଣୀଗୃହ ଭିତରେ ଏଣେ ତେଣେ ବୁଲୁ ଥିବାର ଦେଖି ଗ୍ରାମବାସୀ ସାପଟିକୁ ମାରି ଦେଇଥିବାର ଦେଖି ବାକୁ ମିଳିଛି। ଏହି ବିଦ୍ୟାଳୟରେ ଥିବା ଏକମାତ୍ର ଟ୍ୟୁବେଲ ମଧ୍ୟ ବର୍ଷା ଜଳରେ ବୁଡ଼ି ଯାଇ ଥିବାରୁ ପିଲା ମାନେ ଶୁଦ୍ଧ ପାନୀୟ ଜଳ ପାଇ ପାରିବେ ନାହିଁ ବୋଲି ଅଭିଭାବକ ମାନେ ଅଭିଯୋଗ କରିଛନ୍ତି। ଏହି ସବୁ କାରଣରୁ ଆଜି ବିଦ୍ୟାଳୟକୁ ଛାତ୍ରଛାତ୍ରୀ ଆସି ନଥିବାରୁ ଶିକ୍ଷୟିତ୍ରୀ ଶିକ୍ଷକମାନେ ଆଣ୍ଠୁଏ ପାଣିରେ ବିଦ୍ୟାୟକୁ ନଯାଇ ବିଦ୍ୟାଳୟ ଗେଟ ପାଖରେ ଛିଡା ହୋଇ ଥିବାର ଦେଖିବାକୁ ମିଳି ଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପଦ୍ମାଳୟା ବେହେରା କହନ୍ତି ଏହି ଘଟଣା ଆଜିର ନୁହେଁ ଏହା ପ୍ରତି ବର୍ଷ ବର୍ଷା ଋତୁର ଘଟଣା। ଏ ବାବଦରେ ବିଦ୍ୟାଳୟ ପକ୍ଷରୁ ବାରମ୍ବାର ବିଭାଗୀୟ ଅଧିକାରୀଙ୍କ ଠାରେ ଅଭିଯୋଗ କରଯାଉଛି। କିନ୍ତୁ କିଛି ପ୍ରତିକାର ହୋଇ ପରି ନାହିଁ। ପ୍ରଶାସନ ସବୁ ଜାଣି କୁମ୍ଭ କର୍ଣ୍ଣ ନିଦ୍ରାରେ ଶୋଇ ଥିବାରୁ କୁନି କୁନି ଛାତ୍ରୀ ଛାତ୍ର ମାନେ ପ୍ରତି ବର୍ଷା ଦିନ ପାଠ ପଢ଼ିବାରୁ ବଞ୍ଚିତ ହେଉଛନ୍ତି। ବାଲିଆପାଳ ଅଞ୍ଚଳରେ ଜଳ ନିଷ୍କାସନ ବ୍ୟବସ୍ଥା ଠିକ ନ ଥିବରୁ କଟୁଆପଡ଼ା ସରକାରୀ ବିଦ୍ୟାଳୟରେ ପ୍ରତିବର୍ଷ ଏହିପରି ଘଟଣା ଘଟୁଛି। ପ୍ରଶାସନ ଏଥି ପ୍ରତି ଦୃଷ୍ଟି ଦେଇ ତୁରନ୍ତ ସ୍ଥାୟୀ ପ୍ରତିକାର କରିବା ପାଇଁ କଟୁଆପଡ଼ା ଗ୍ରାମର ଜଗବନ୍ଧୁ ଜେନା, ତାପସ କୁମାର ଜେନା, ବେଣୁଧର ଜେନା, ବଟକୃଷ୍ଣ ମହାନ୍ତି, ପ୍ରଶାନ୍ତ ବାରିକଙ୍କ ସହିତ ଅନ୍ୟ ଗ୍ରାମବାସୀ ଦାବି କରିଛନ୍ତି।



# କୃତିମ ବନ୍ୟାରେ ବହୁ ଗ୍ରାମ ଜଳବନ୍ଦୀ, ଚାଷ ନଷ୍ଟ

**ଜଳେଶ୍ୱର,୧୩।୮ (ସମିସ):** ପୁଣି ଦ୍ୱିତୀୟ ଥର ଲଗାଣ ବର୍ଷାରେ ନାମ୍ପୋ ପଞ୍ଚାୟତ ଜଳମଗ୍ନ ହୋଇଥିବା ବେଳେ ପ୍ରାୟ ଶତାଧିକ ଚାଷୀଙ୍କ ଧାନ ତଳିଘେରା ସମେତ ରୁଆ ଜମି ନଷ୍ଟ ହୋଇ ଯାଇଛି। ଆରୁହା ନାମ୍ପୋ ରାସ୍ତାର ମଙ୍ଗା ପୋଖରୀ ଠାରୁ ନାମ୍ପୋ ମଡ଼ା ଗଡିଆ ପର୍ଯ୍ୟନ୍ତ ଓ ନାମ୍ପୋ ଅଲାଲପୁର ରାସ୍ତାର ବାଣିଦା ଠାରୁ ନାମ୍ପୋ ପର୍ଯ୍ୟନ୍ତ ବିସ୍ତୀର୍ଣ୍ଣ ଅଞ୍ଚଳ ଜଳମଗ୍ନ ହେବା କାରଣରୁ ଶତାଧିକ ଚାଷୀଙ୍କ ତଳିଘେରା ଓ ରୁଆ ଜମିରେ ୫-୭ ଫୁଟ ପାଣି ପ୍ରବାହିତ ହେଉଛି। ଉକ୍ତ ଅଞ୍ଚଳ ଦେଇ ଆରୁହା, ନିମପୁର, ଖାଲିନା, ସମ୍ପତିଆ, ଚୂଡ଼ାମଣିପୁର, ଭାଦା, ଅଲାଲପୁର, ନନ୍ଦିକା, ଖରିଦା, କଲ୍ୟାଣପୁର, ଖୁଲୁଡ଼ା, ବର୍ତ୍ତନା, ଦେବାକୁମାର ଆଦି ଜଳେଶ୍ୱର ତହସିଲ ଅଧୀନ ବହୁ ଗ୍ରାମ ଓ ଜଳେଶ୍ୱର ସହର ବୁଡ଼ିବା ସହିତ ସହରରର ଉଦବୃତ୍ତ ବର୍ଷାପାଣି ନିଷ୍କାସିତ ହେଉଅଛି। ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ନିର୍ମିତ ନାମ୍ପୋ-ଆରୁହା ରାସ୍ତା ଓ ନାମ୍ପୋ ଅଲାଲପୁର ରାସ୍ତାରେ ପର୍ଯ୍ୟାପ୍ତ ନଳା ପୋଲ ନିର୍ମାଣ ନ ହେବା କାରଣରୁ ବର୍ଷାପାଣି ନିଷ୍କାସିତ ନ ହୋଇ ପାଣି ଜମି ରହୁଛି।ଏ ସଂକ୍ରାନ୍ତରେ ନାମ୍ପୋ ସରପଞ୍ଚ ଲୋପାମୁଦ୍ରା ରାଉଳ ଓ ଚାଷୀମାନେ ଆର.ଡି ବିଭାଗ ର ଯନ୍ତ୍ରୀ ଓ ଜଳେଶ୍ୱର ତହସିଲଦାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ସେହିପରି ନବ ନିର୍ମିତ ୪.୫ କିଲୋମିଟର ନାମ୍ପୋ-ଅଲାଲପୁର ରାସ୍ତାରେ ୬ ଗୋଟିଏ ନଳା ପୋଲ ବସିବାକୁ ନିର୍ଦ୍ଦେଶ ଥିବା ବେଳେ ନିର୍ମାଣ ସମୟରେ ଆଦୌ ନଳା ପୋଲ ନିର୍ମାଣ କରା ଯାଇନାହିଁ। ୨୦୨୪ ମସିହାରେ ଅନୁରୂପ ଢଙ୍ଗରେ ସଂଗଠିତ ବନ୍ୟା କ୍ଷୟକ୍ଷତି ପରିଦର୍ଶନରେ ଆସିଥିବା ବିଧାୟକ ଅଶ୍ୱିନୀ ପାତ୍ର ଅଞ୍ଚଳବାସୀଙ୍କ ଦୁର୍ଦଶାକୁ ହୃଦବୋଧ କରି ଉଭୟ ନାମ୍ପୋ ଅଲାଲପୁର ଓ ନାମ୍ପୋ ଆରୁହା ରାସ୍ତାରେ ଚାଷୀଙ୍କ ସହିତ ଆଲୋଚନା କରି ଆବଶ୍ୟକୀୟ ନଳା ପୋଲ ନିର୍ମାଣ କରିବାକୁ ସେଠାରେ ଉପସ୍ଥିତ ଥିବା ବିଭାଗୀୟ ଯନ୍ତ୍ରୀଙ୍କ ସହିତ ଆଲୋଚନା କରାଯାଇଥିଲା।



# କଂଗ୍ରେସ ପକ୍ଷରୁ ବନ୍ୟା ପୀଡ଼ିତଙ୍କୁ ଖାଦ୍ୟ ବଣ୍ଟନ

**ବାଲେଶ୍ୱର,୧୩।୮ (ସମିସ):** ଗତକାଲି ରାତିରେ ପ୍ରବଳ ବର୍ଷା ହେବା ଫଳରେ ଜଳକା ନଦୀରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଏହା ଫଳରେ ସଦର ବ୍ଲକରେ ବନ୍ୟା ପରିସ୍ଥିତି ହେଇଛି। ଏହା ଫଳରେ ରୂପସା ଅଞ୍ଚଳରେ ବହୁ ଲୋକ ପାଣି ଘେରରେ ରହିଛନ୍ତି। ଏହାକୁ ନେଇ ଆଜି କଂଗ୍ରେସ ପକ୍ଷରୁ ସହାୟତା ପ୍ରଦାନ କରାଯାଇଛି। ରାଇସୁଆଁ, ହଳଦୀପଦା, କସିପଦା, ଆଙ୍ଗ ଏବଂ ରୁପ୍ସା ଫଂଚାୟତ ରେ ଘରେ ଘରେ ପାଣି, କେବେ ବନ୍ୟା ଦେଖି ନଥିବା ଲୋକେ ହଠାତ ବନ୍ୟା ରେ କିଛି ଆସବାବପତ୍ର କାଢି ପାରି ନାହାନ୍ତି ଲୋକେ। ସକାଳେ ଖବର ପାଇ କଂଗ୍ରେସ ଯୁବ ନେତା ଉକ୍ତ ଫଂଚାୟତ ମାନଙ୍କ ରେ ପହଂଚି ଲୋକଙ୍କ ଅସୁବିଧାସୁବିଧା ବୁଝିବା ସହ ଲୋକଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରିଥିଲେ ଦ୍ୱିପ୍ରହର ପାଇଁ ମଧ୍ୟ ରନ୍ଧା ଖାଦ୍ୟର ବ୍ୟବସ୍ଥା କରିଛନ୍ତି। ସମସ୍ତ ଲୋକଙ୍କ ଘରକୁ ଘର ଭେଟି ଛନ୍ତି ସରୋଜ ଲେଙ୍କା। କସିପଦା ଫଂଚାୟତର ତଥା ଜିଲ୍ଲା କଂଗ୍ରେସର ସମ୍ପାଦକ, ମନୋରଞ୍ଜନ ନାୟକ, ଶ୍ରୀକାନ୍ତ ବୁଗୁଡ଼ାଇ, ହଳଦୀପଦା ଫଂଚାୟତର ସଭାପତି ମଧୁସୁଦନ ମଲ୍ଲିକ ଜଳଧର ମୁଣ୍ଡା ବିଜୟ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ବନ୍ୟା ପ୍ରଭାବିତ ଅଞ୍ଚଳରେ ଉଦ୍ଧାର କାର୍ଯ୍ୟ

**ବାଲେଶ୍ୱର,୧୩।୮ (ସମିସ):** ବନ୍ୟା ଓ ବର୍ଷା ମଧ୍ୟରେ ଅଗ୍ନିଶମ ବାହିନୀ ଏବଂ ସିଭିଲ୍ ଡିଫେନ୍ସ ଦ୍ୱାରା ବ୍ୟାପକ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ବାଲେଶ୍ୱର ଜିଲ୍ଲାରେ ପ୍ରବଳ ବର୍ଷା ଓ ବନ୍ୟା ପରିସ୍ଥିତି ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଥିବା ବେଳେ ଜିଲ୍ଲାରେ ୧୨ଟି ଅଗ୍ନିଶମ ବାହିନୀ ଟିମ୍ ଏବଂ ସିଭିଲ୍ ଡିଫେନ୍ସ ସ୍ୱେଚ୍ଛାସେବୀମାନଙ୍କ ଦ୍ୱାରା ବିଭିନ୍ନ ସ୍ଥାନରେ ତତ୍ପରତା ସହ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ସାହିଲହସନପୁର ରୁପ୍ସା ଅଞ୍ଚଳରୁ ସିଭିଲ୍ ଡିଫେନ୍ସ ସ୍ୱେଚ୍ଛାସେବୀଙ୍କ ସହାୟତାରେ ୧୨ ଜଣଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ସେହିପରି ବାରିପଦା ଗ୍ରାମପଞ୍ଚାୟତରେ ବାହାନଗା ଅଗ୍ନିଶମ ଟିମ୍ ଏବଂ ମହିଳା ସିଭିଲ୍ ଡିଫେନ୍ସ ସ୍ୱେଚ୍ଛାସେବୀମାନେ ମିଳିତ ଭାବେ ଦୁଇଜଣ ପ୍ରସୂତି ମହିଳାଙ୍କ ସମେତ ମୋଟ ୨୯ ଜଣଙ୍କୁ ଉଦ୍ଧାର କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ୯ ଜଣଙ୍କୁ ଉଦ୍ଧାର କରାଯାଇଥିବା ବେଳେ ପରବର୍ତ୍ତୀ ସମୟେର ଆଉ ୨୦ ଜଣଙ୍କୁ ସୁରକ୍ଷିତ ସ୍ଥାନକୁ ଅଣାଯାଇଛି। ସ୍ଥାନୀୟ ଅଞ୍ଚଳରେ ଉଦ୍ଧାର କାର୍ଯ୍ୟ ଏବେ ବି ଜାରି ରହିଛି। ଅନ୍ୟପଟେ ବସ୍ତା ଅଗ୍ନିଶମ ବାହିନୀ ଓ ସିଭିଲ୍ ଡିଫେନ୍ସ ଟିମ୍ ଦ୍ୱାରା କାଶୀପଦା ଗ୍ରାମପଞ୍ଚାୟତର ଆଗରଗୋହିରା ଅଞ୍ଚଳରୁ ୨୦ ଜଣଙ୍କୁ ଉଦ୍ଧାର କରାଯାଇସାରିଥିବା ବେଳେ ଜଳେଶ୍ୱରର ବନିଦା ଅଞ୍ଚଳରେ ଜଳେଶ୍ୱର ଅଗ୍ନିଶମ ଟିମ୍ ଦ୍ୱାରା ଉଦ୍ଧାର ଅଭିଯାନ ନିରନ୍ତର ଚାଲୁରହିଛି। ବାଲେଶ୍ୱର ସହରର ତାରିଣୀ ହୋଟେଲରେ ଏଲପିଜି ଗ୍ୟାସ୍ ସିଲିଣ୍ଡରରୁ ଅଗ୍ନିକାଣ୍ଡ ଘଟିଥିବା ବେଳେ ଅଗ୍ନିଶମ ବାହିନୀ ତୁରନ୍ତ ପହଞ୍ଚି ନିଆଁକୁ ସମ୍ପୂର୍ଣ୍ଣ ଆୟତ୍ତ କରିଛି। ଏହାସହ ବାଲେଶ୍ୱର ଆରଟିଓ ଅଫିସ୍ ପରିସରରେ ଗଛ ଭାଙ୍ଗି ପଡ଼ିଥିବା ନେଇ ସୂଚନା ପାଇବା ପରେ ସେଠାରେ ଗଛ କାଟି ରାସ୍ତା ସଫା କରାଯାଇଛି ଏବଂ ପୋଲିସ ଲାଇନ୍ ଅଞ୍ଚଳରେ ମଧ୍ୟ ଗଛ ପଡ଼ି ଅବରୋଧ ହୋଇଥିବା ରାସ୍ତାକୁ କିଛି ଘଣ୍ଟା ମଧ୍ୟରେ ସ୍ୱାଭାବିକ



### ବାଙ୍କିଷୋଲ ସରକାରୀ ପ୍ରାଥମିକ ବିଦ୍ୟାଳୟ

# ଜଣେ ଶିକ୍ଷକରେ ଚାଲିଛି ୫ଟି ଶ୍ରେଣୀର ପାଠପଢ଼ା

**■ ବିଦ୍ୟାଳୟ ସମ୍ମୁଖରେ ଅଭିଭାବକଙ୍କ ଧାରଣା**

ସାରସକଣା,୧୩।୮ (ସମିସ): ସାରସକଣା ବ୍ଲକ୍ର ବାଙ୍କିଷୋଲ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷାଦାନର ଅତ୍ୟନ୍ତ ଦୟନୀୟ ସ୍ଥିତି ସାମ୍ନାକୁ ଆସିଛି। ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀର ଦାୟିତ୍ୱ ଜଣେ ଶିକ୍ଷକଙ୍କ ଉପରେ ରହିବା ଅଭିଯୋଗ ହୋଇଛି। ଏ ନେଇ ଜଣେ ଶିକ୍ଷକଙ୍କୁ ଏକାଧିକ ଶ୍ରେଣୀର ପିଲାଙ୍କୁ ଏକାଠି ବସାଇ ପଢ଼ାଇବାକୁ ପଡୁଛି। ଏଭଳି ବ୍ୟବସ୍ଥାରେ ପ୍ରତ୍ୟେକ ଶ୍ରେଣୀ ସମ୍ଭବ ହେଉ ନାହିଁ। ଏହାର ସିଧା ପ୍ରଭାବ ପିଲାଙ୍କ ଶିକ୍ଷା ଉପରେ ପଡ଼ିବା ଅଭିଭାବକ କହିଛନ୍ତି। ସେହିପରି ଶିକ୍ଷକ ବାହାରକୁ ଗଲେ ରୋଷେୟା ବିଦ୍ୟାଳୟ ସମ୍ଭାଳନ୍ତି। ସବୁଠାରୁ ବଡ ପ୍ରଶ୍ନ ହେଉଛି, ଏହି ଜଣେ ଶିକ୍ଷକ ଯଦି ବ୍ଲକ୍ କାର୍ଯ୍ୟାଳୟ କିମ୍ବା ଅନ୍ୟ କୌଣସି ସରକାରୀ କାମରେ ଯାଆନ୍ତି, ସେଦିନ ପିଲାଙ୍କୁ ପାଠ ପଢ଼ାଇବ କିଏ ? ଏଣୁ ଏକମାତ୍ର ଶିକ୍ଷକଙ୍କ ଅନୁପସ୍ଥିତିରେ ପାଠପଢ଼ା ସମ୍ପୂର୍ଣ୍ଣ ପ୍ରଭାବିତ ହେବା ସ୍ୱାଭାବିକ। ଏଭଳି ସ୍ଥିତିରେ ଛାତ୍ରଛାତ୍ରୀଙ୍କ ଶିକ୍ଷାଦାନକୁ ନେଇ ବିଭାଗୀୟ ଅଧିକାରୀ କି ପଦକ୍ଷେପ ନେଉଛନ୍ତି ତାହା ଏବେ ଚର୍ଚ୍ଚାରେ। ଏହି ବିଦ୍ୟାଳୟରେ ପଢୁଥିବା ପିଲା ଆଦିବାସୀ ସମ୍ପ୍ରଦାୟର ବୋଲି ଜଣାପଡ଼ିଛି। ତେବେ ସରକାର ଶିକ୍ଷା ବ୍ୟବସ୍ଥାକୁ ଆହୁରି ମଜଭୁତ କରିବା ଦରକାର। ପ୍ରାଥମିକ ଶିକ୍ଷା ପିଲାଙ୍କ ଭବିଷ୍ୟତର ମୂଳଦୁଆ ହୋଇଥିବା ବେଳେ ଏଭଳି ବ୍ୟବସ୍ଥାରେ ଶିକ୍ଷାଦାନ ଜାରି ରହିଲେ ଏହା ପିଲାଙ୍କ ଭବିଷ୍ୟତ ଉପରେ ପ୍ରଭାବ ପକାଇବ। ସରକାର ଗୁଣାତ୍ମକ ଶିକ୍ଷା ଓ ପିଲାଙ୍କ ସର୍ବାଙ୍ଗୀଣ ବିକାଶ କଥା କହୁଥିବା ବେଳେ ବାଙ୍କୀଶୋଳ ଭଳି ଅଞ୍ଚଳରେ ଯଦି ଜଣେ ଶିକ୍ଷକଙ୍କ ଭରସାରେ ଏକାଧିକ ଶ୍ରେଣୀ ଚାଲିବ, ସେହି ଗୁଣାତ୍ମକ ଶିକ୍ଷା ବ୍ୟବସ୍ଥାର ବାସ୍ତବ ଚିତ୍ର କ'ଣ ଏହା ଏବେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେଣୁ ବିଦ୍ୟାଳୟରେ ଆବଶ୍ୟକ ଶିକ୍ଷକ ନିଯୁକ୍ତ କରି ପାଠପଢ଼ା ବ୍ୟବସ୍ଥାକୁ ସୁଧାରିବାକୁ ଅଭିଭାବକ ଓ ଅଞ୍ଚଳବାସୀ ଦାବି କରି ବିଦ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି। ପିଲାଙ୍କ ଭବିଷ୍ୟତକୁ ନେଇ ଅବହେଳା ନକରି ଶିକ୍ଷା ବିଭାଗ ତୁରନ୍ତ ଏହି ସମସ୍ୟାର ସମାଧାନ କରିବାକୁ ଦାବି ହୋଇଛି। ସେହିପରି ଏବେ ଶିକ୍ଷା ବିଭାଗ କେବେ ଚେତିବ, ତାହା ଉପରେ ସମସ୍ତଙ୍କ ନଜର ରହିଛି। ଅନ୍ୟପଟେ ଏ ନେଇ ବ୍ଲକ୍ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ଫୋନ୍ ଯୋଗେ ଯୋଗାଯୋଗ କରାଯାଇଥିଲେ ହେଁ ସେ ଫୋନ୍ ଉଠାଇ ନ ଥିଲେ।



# ସରକାରଙ୍କ ଦୃଷ୍ଟି ଆଢୁଆଳରେ କେଶଡିହା ହାଇସ୍କୁଲ

ମହୁଲଡିହା,୧୩।୮ (ସମିସ): ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ୍ର କେଶଡିହା ପିଏମଶ୍ରୀ ହାଇସ୍କୁଲ ସରକାରଙ୍କ ଦୂରଦୃଷ୍ଟି ଅଭାବରୁ ଉନ୍ନତିମୂଳକ କାର୍ଯ୍ୟ ହୋଇପାରୁନାହିଁ। କେଶଡିହା ହାଇସ୍କୁଲ ବ୍ଲକ୍ର ଏକମାତ୍ର ପିଏମଶ୍ରୀ ହାଇସ୍କୁଲ। ଭିତ୍ତିଭୂମି ଥାଇ ମଧ୍ୟ ଉଚ୍ଚପଦସ୍ଥ ଅଧିକାରୀମାନେ ଦୃଷ୍ଟି ଦେଉ ନ ଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ। ଫାଇବ ଟି ଯୋଜନାରେ ୧୦ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ଖର୍ଚ୍ଚ ହୋଇ ନ ଥିବା ବେଳେ ପି ଏ ମ ଶ୍ର । ଅନୁଦାନ ପାଇଁ ଆସୁଥିବା ଅର୍ଥ ୧୨ ଲକ୍ଷ ୫୨ ହଜାର ଟଙ୍କାରୁ ମାତ୍ର ରଙ୍ଗ ଏବଂ ଆଂଶିକ କାର୍ଯ୍ୟରେ ୨ ଲକ୍ଷ ୫୦ ହଜାର ଟଙ୍କା ଖର୍ଚ୍ଚ ହୋଇଥିବା ଜଣାପଡିଛି। ଅବଶିଷ୍ଟ ୧୦ ଲକ୍ଷ ଟଙ୍କା ପଡ଼ିରହିଥିବା ଜଣାପଡିଛି। ସେଲ୍ଫି ପଏଣ୍ଟ ଓ ଖେଳପଡିଆ ଉନ୍ନତିକରଣ ପାଇଁ ୫ ଲକ୍ଷ ଓ ମରାମତି କାର୍ଯ୍ୟ ପାଇଁ ୪ ଲକ୍ଷ ଅନୁଦାନ ଆସିଥିବା ଜଣାପଡିଛି। ଏହି ହାଇସ୍କୁଲରେ ଶିଶୁ ବାଟିକାରୁ ଦଶମ ଶ୍ରେଣୀ ଯାଏ ୪୨୫ ଜଣ ଛାତ୍ର ଛାତ୍ରୀ ଅଧ୍ୟୟନ କରୁଛନ୍ତି। ୧୦୦ ଶଯ୍ୟା ବିଶିଷ୍ଟ ଗୋଟିଏ ହଷ୍ଟେଲରେ ୨୧୦ ଜଣ ଛାତ୍ର ରହୁଥିବା ଦେଖିବାକୁ ମିଳିଛି। ଆଇଟିଡିଏ ପ୍ରକଳ୍ପ ପ୍ରଶାସନ ପକ୍ଷରୁ ତୁରନ୍ତ ନୁତନ ଛାତ୍ରାବାସ ତିଆରି କରିବାକୁ ଅଭିଭାବକ ମାନେ ଦାବି ଜଣାଇଛନ୍ତି। ପିଏମଶ୍ରୀ କାର୍ଯ୍ୟ ପାଇଁ ଠାକୁରମୁଣ୍ଡା ବ୍ଲକ କନିଷ୍ଠ ଯନ୍ତ୍ରୀ ବିକ୍ରମ କେଶରୀ ସାମଲଙ୍କୁ ପଚାରିବାରୁ ଲଗାଣ ବର୍ଷା ଯୋଗୁଁ କାର୍ଯ୍ୟର ଅଗ୍ରଗତି ହୋଇପାରୁନାହିଁ ବୋଲି କହିଛନ୍ତି। ବର୍ଷା କମିଲେ ଖୁବ୍ଶୀଘ୍ର କାର୍ଯ୍ୟ ଆରମ୍ଭ ହେବ ବୋଲି କହୁଛନ୍ତି।



# ଗହଣା ଦୋକାନରେ ହଲ୍ମାର୍କିଂ ଠକେଇ ଅଭିଯୋଗ

## ୨୨ ଓ ୨୪ କ୍ୟାରେଟ୍ ବଦଳରେ ଦେଉଛନ୍ତି ୧୮ ଓ ୧୪ କ୍ୟାରେଟ ସୁନା

ବାରିପଦା,୧୩।୮ (ସମିସ): ସୁନା ଓ ରୂପାର ଆକାଶ ଛୁଆଁ ଦରଯୋଗୁ ଗ୍ରାହକମାନଙ୍କର ଅଳଙ୍କାର ପ୍ରତି ଦିନକୁ ଦିନ ଆଗ୍ରହ କମି ଯାଉଥିବାବେଳେ ବାରିପଦା ସହରରେ ଛତୁ ଫୁଟିଲା ଭଳି ଅଳଙ୍କାର ଦୋକାନମାନ ଖୋଲୁଛି। ସବୁଠୁ ଆଶ୍ଚର୍ଯ୍ୟ କିଛିଦିନ ଭିତରେ ସମ୍ପୃକ୍ତ ଦୋକାନ ଓ ଦୋକାନୀଙ୍କ ଦୈନନ୍ଦିନ ଜୀବନଶୈଳୀ ପରିବର୍ତ୍ତନ ସନ୍ଦେହଜନକ ଥିବାବେଳେ ଏବେ କେତେକ ଗହଣା ଦୋକାନରେ ହୋଲମାର୍କିଂ ନାମରେ ବଡ଼ଧରଣର ଠକେଇ ହେଉଥିବା ଅଭିଯୋଗ ଆସିଛି। ଗହଣା ଦୋକାନୀମାନେ ଗ୍ରାହକଙ୍କୁ ୨୨ ଓ ୨୪ କ୍ୟାରେଟ୍ ସୁନା କହି ୧୮ ଓ ୧୪ କ୍ୟାରେଟ୍ ସୁନା ଦେଇ ଲୁଟୁଥିବା ଅଭିଯୋଗ ହୋଇଛି। ନିକଟରେ ସାମାଜିକ ଗଣମାଧ୍ୟମରେ ସେୟାର ହୋଇଥିବା ଏକ ରିଲ୍ସରେ 'ଫେକ୍ ଗୋଲ୍ଡ ହୋଲମାର୍କ ସ୍କାମ' ଶୀର୍ଷକରେ ସୁନା କିଣିବା ପୂର୍ବରୁ ଭିଡିଓଟି ଦେଖିବାକୁ ପରାମର୍ଶ ଦିଆଯାଇଛି। ଭିଡିଓରେ ଦାବି କରାଯାଇଛି ଯେ ସହରର ଅଧିକାଂଶ ଦୋକାନରେ ଏ ପ୍ରକାର ଠକେଇ ଚାଲିଛି। ପୂର୍ବରୁ ମଧ୍ୟ ସୁନା ଦୋକାନର ମାପ ଓ ଗୁଣବତ୍ତା ସମ୍ବନ୍ଧୀୟ ଠକେଇ ଖବର ସାମ୍ନାକୁ ଆସିଛି। ରାଜ୍ୟ ସରକାର ପକ୍ଷରୁ ବିଧାନସଭାରେ ଜଣାଯାଇଛି ଯେ ଗତ କିଛି ବର୍ଷରେ ମାପ ତ୍ରୁଟି ନେଇ ଏକାଧିକ ମାମଲା ରେଜିଷ୍ଟର ହୋଇଛି ଏବଂ କିଛି ଦୋକାନର ଲାଇସେନ୍ସ ମଧ୍ୟ ବାତିଲ କରିଦିଆଯାଇଛି। ବିଆଇଏସ୍ (ବିଆଇଏସ) ହୋଲମାର୍କ ଓ ଏଚୟୁଆଇଡି ନମ୍ବର ବିନା କିମ୍ବା ନକଲି ହୋଲମାର୍କ ଲଗାଇ ବିକ୍ରି କରିବା ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବାର ବ୍ୟବସ୍ଥା ରହିଛି। ସୁନା କିଣିବା ସମୟରେ ବିଆଇଏସ୍ ଲୋଗୋ, କ୍ୟାରେଟ୍ ମାର୍କ ଓ ୬ ଅଙ୍କର ଏଚୟୁଆଇଡି ନମ୍ବର ଯାଞ୍ଚ କରିବାକୁ କୁହାଯାଇଛି। ବିଆଇଏସ କେୟାର ଆପ୍ରେ ଏଚୟୁଆଇଡି ନମ୍ବର ଦାଖଲ କରି ପ୍ରାମାଣିକତା ଯାଞ୍ଚ କରିବା ଜରୁରୀ। ବିନା ବିଲରେ ଅଳଙ୍କାର କିଣିବା ସମୟରେ ହୋଲମାର୍କ ଜାଲିଆତି ସର୍ବାଧିକ ହେଉଛି। ଟିକସ ନଦେଇ କମ ମୂଲ୍ୟରେ ଅଳଙ୍କାର କିଣୁଥିବା ଗ୍ରାହକ ସର୍ବାଧିକ ଠକାମୀର ଶିକାର ହେଉଛନ୍ତି। ଅଳଙ୍କାର କିଣିବା ପରେ ବିଲ୍ ନିଅନ୍ତୁ ଏବଂ ସନ୍ଦେହ ହେଲେ ବିଆଇଏସ ମାନ୍ୟତାପ୍ରାପ୍ତ ଆସେଇଂ ସେଣ୍ଟରରେ ପରୀକ୍ଷା କରାନ୍ତୁ। ଅତି ଶସ୍ତା ଦରରେ ସୁନା ମିଳିଲେ ସତର୍କ ରହିବାକୁ ଉକ୍ତ ଭିଡିଓରେ କୁହାଯାଇଛି। ଏହି ଭିଡିଓ ସାମାଜିକ ଗଣମାଧ୍ୟମରେ ପ୍ରଘଟ ପରେ ବାରିପଦା ସହରର ଗ୍ରାହକଙ୍କ ମଧ୍ୟରେ ଚିନ୍ତା ବଢ଼ିଛି। ପୁଲିସ କିମ୍ବା ଜିଲ୍ଲା ପ୍ରଶାସନ ପକ୍ଷରୁ ଛତୁ ଫୁଟିବା ଭଳି ଖୋଲିଥିବା ଅଳଙ୍କାର ଦୋକାନଗୁଡିକରେ ସମୟ ଅନ୍ତରରେ ଯାଞ୍ଚ ପାଇଁ ଦାବି ହେଉଛି। ଗ୍ରାହକମାନେ ସୁନା କିଣିବା ପୂର୍ବରୁ ସତର୍କତା ଅବଲମ୍ବନ କରିବା ଉଚିତ ଏବଂ କୌଣସି ଠକେଇ ଦେଖିଲେ ଥାନା କିମ୍ବା ଉପଭୋକ୍ତା ଅଦାଲତରେ ଅଭିଯୋଗ ପାଇଁ କୁହାଯାଇଛି।

# ଶିକ୍ଷାନୁଷ୍ଠାନ ନିକଟରେ ମିଳିତ ଚଢ଼ଉ

**୧୮ ଦୋକାନରୁ ୩,୫୦୦ ଟଙ୍କା ଜରିମାନା ଆଦାୟ**

ଯଶିପୁର, ୧୩।୮ (ସମିସ): ଯଶିପୁର ଥାନା ଅଞ୍ଚଳରେ ଶିକ୍ଷାନୁଷ୍ଠାନ ନିକଟରେ ତମାଖୁଜାତ ଦ୍ରବ୍ୟର ବେଆଇନ ବିକ୍ରୟ ଉପରେ ରୋକ୍ ଲଗାଇବା ଓ ଜନସାଧାରଣଙ୍କୁ ତମାଖୁ ସେବନର କୁପ୍ରଭାବରୁ ସଚେତନ କରିବା ଲକ୍ଷ୍ୟରେ ମିଳିତ ଏନଫୋର୍ସମେଣ୍ଟ ଟିମ୍ ପକ୍ଷରୁ ଚଢ଼ାଉ କରାଯାଇଛି। ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ, ଯଶିପୁର ପୁଲିସ, ଡ୍ରଗ୍ ଇନ୍ସପେକ୍ଟର ଓ ଅବକାରୀ ବିଭାଗର ମିଳିତ ସହଯୋଗରେ ଯଶିପୁର ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ଏହି ଅଭିଯାନ ଚାଲିଥିଲା। ବିଶେଷକରି ଶିକ୍ଷାନୁଷ୍ଠାନ ନିକଟସ୍ଥ ଅଞ୍ଚଳ, ବଜାର ପରିସର, ପାନ ଦୋକାନ, ଗ୍ରୋସେରୀ ଦୋକାନ ସମେତ ବିଭିନ୍ନ ଛୋଟ ବ୍ୟବସାୟିକ ପ୍ରତିଷ୍ଠାନରେ ଅଚାନକ ଯାଞ୍ଚ କରାଯାଇଥିଲା। ଯାଞ୍ଚ ସମୟରେ କେତେକ ଦୋକାନରେ ବିଭିନ୍ନ ପ୍ରକାର ତମାଖୁଜାତ ସାମଗ୍ରୀ ବିକ୍ରୟ ହେଉଥିବା ଚିହ୍ନଟ କରାଯାଇଥିଲା। ଶିକ୍ଷାନୁଷ୍ଠାନ ନିକଟରେ ତମାଖୁଜାତ ସାମଗ୍ରୀ ବିକ୍ରୟ ଉପରେ ଆଇନଗତ କଟକଣା ରହିଥିବା ସତ୍ତ୍ୱେ ନିୟମ ଉଲ୍ଲଂଘନ କରି ବିକ୍ରୟ କରାଯାଉଥିବା ଅଭିଯୋଗରେ ମୋଟ ୧୮ଟି ଦୋକାନକୁ ଚିହ୍ନଟ କରାଯାଇଥିଲା। ନିୟମ ଉଲ୍ଲଂଘନ କରିଥିବା ସମ୍ପୃକ୍ତ ଦୋକାନୀମାନଙ୍କଠାରୁ ମୋଟ ୩,୫୦୦ ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ଏଥିସହ ଆଗାମୀ ଦିନରେ ଶିକ୍ଷାନୁଷ୍ଠାନ ନିକଟରେ ତମାଖୁଜାତ ସାମଗ୍ରୀ ବିକ୍ରୟ ନକରିବା ଏବଂ ସରକାରୀ ନିୟମକୁ କଡ଼ାକଡ଼ି ଭାବେ ପାଳନ କରିବା ପାଇଁ ଦୋକାନୀମାନଙ୍କୁ ସତର୍କ କରାଯାଇଥିଲା। ଆଜିର ଏହି ମିଳିତ ଯାଞ୍ଚ ଅଭିଯାନରେ ଡ୍ରଗ୍ ଇନ୍ସପେକ୍ଟର ପ୍ରଦୀପ କୁମାର ସାହୁ, ଯଶିପୁର ଥାନା ଏସ୍ଆଇ ମିନତି ନାୟକ, ଅବକାରୀ ବିଭାଗର ଓଆଇସି ରଞ୍ଜନ କୁମାର ସାହୁ ଏବଂ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ଅଣସଂକ୍ରାମକ ରୋଗ ବିଭାଗର ନିହାର ରଞ୍ଜନ ପୃଷ୍ଟିଙ୍କ ସମେତ ସମ୍ପୃକ୍ତ ବିଭାଗର କର୍ମଚାରୀମାନେ ସାମିଲ ହୋଇଥିଲେ।



# ସ୍ୱାଧୀନତା ଦିବସ ଉପଲକ୍ଷେ ବକ୍ତୃତା ପ୍ରତିଯୋଗିତା

ବାରିପଦା, ୧୩।୮ (ସମିସ): ସ୍ଥାନୀୟ ମହାରାଜା ପୂର୍ଣ୍ଣଚନ୍ଦ୍ର ଜୁନିଅର ମହାବିଦ୍ୟାଳୟ ସଭାଗୃହରେ ଆନ୍ତଃ ମହାବିଦ୍ୟାଳୟସ୍ତରୀୟ 'ମାନବ ହିତରେ ନିମ୍ବ ବୃକ୍ଷର ଭୂମିକା' ଶୀର୍ଷକରେ ଏକ ବକ୍ତୃତା ପ୍ରତିଯୋଗିତା +୨ ଓ +୩ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। 'ଗ୍ଲୋବାଲ ନିମ୍ବ ପ୍ଲାଣ୍ଟେସନ' ଆନୁକୂଲ୍ୟରେ ଅନୁଷ୍ଠିତ ଏହି ପ୍ରତିଯୋଗିତା ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ମୟୂରଭଞ୍ଜ ଜିଲ୍ଲା ପ୍ରଶାସନଙ୍କ ମାର୍ଗ ପ୍ରଦର୍ଶନରେ ଆୟୋଜିତ ହୋଇଥିଲା। ଏହି ପ୍ରତିଯୋଗିତାରେ ସାଇଆଦର୍ଶ ଡିଗ୍ରୀ ମହାବିଦ୍ୟାଳୟ, ମହିଳା ମହାବିଦ୍ୟାଳୟ, ମହାରାଜା ପୂର୍ଣ୍ଣଚନ୍ଦ୍ର ଜୁନିଅର ମହାବିଦ୍ୟାଳୟ, ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟରୁ ଅନ୍ୟୁନ ୪୦ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ସେଥିମଧ୍ୟରୁ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱଂୟ ଶାସିତ ମହାବିଦ୍ୟାଳୟର ଛାତ୍ରୀ ଶୁଭଶ୍ରୀ ଦୀକ୍ଷିତ, ସାଇଆଦର୍ଶ ଡିଗ୍ରୀ ମହାବିଦ୍ୟାଳୟର ଛାତ୍ରୀ ସୋନାଲି ମିଶ୍ର, ସାଇ ଆଦର୍ଶ ଡିଗ୍ରୀର ଛାତ୍ରୀ ରୂପଶ୍ରିତା ସାହୁ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଅଧିକାର କରିଥିଲେ। ମହାରାଜା ପୂର୍ଣ୍ଣଚନ୍ଦ୍ର ଜୁନିଅର ମହାବିଦ୍ୟାଳୟର ଛାତ୍ର ସୁଦର୍ଶନ ଗାଆଣ ସାନ୍ତ୍ୱନାମୂଳକ ପୁରସ୍କାର ବିଜେତା ହୋଇଥିଲେ। 'ଗ୍ଲୋବାଲ ନିମ୍ବ ପ୍ଲାଣ୍ଟେସନ'ର ମୁଖ୍ୟ ବିମ୍ବାଧର ସାହୁ, ଅଜିତ କୁମାର କବାଟ, ସର୍ଦ୍ଦାର ହରିଚରଣ ସିଂ, ଭାସ୍ୱତୀ ପଣ୍ଡା, ରାଜଲକ୍ଷ୍ମୀ ମିଶ୍ର, ଦୀପ୍ତିଶ୍ରିତା ସାହୁ ରାଜେନ୍ଦ୍ର କୁମାର ରାଉତ, ରଞ୍ଜିତା ରାଉତ, ଅଭିଷେକ ବେହେରା ଏବଂ ମହାବିଦ୍ୟାଳୟର ଅଧକ୍ଷ ବିଶ୍ୱରଞ୍ଜନ କର ପ୍ରମୁଖ ପରିଚାଳନା କରିଥିଲେ। ପରୀକ୍ଷାର ମୂଲ୍ୟାଙ୍କନ ପାଇଁ ବିଚାରକ ମଣ୍ଡଳୀ ଭାବରେ ଅଧ୍ୟାପକ ଅଭୟ କୁମାର ନାୟକ, ସଉନା କିସ୍କୁ, ଅଧ୍ୟାପିକା ଶକ୍ତି ସ୍ୱରୂପା ବାରିକ, ଆଶିଷମାନ ଉଦ୍‌ଗତା ଓ ପ୍ରତୀକ ରାଜ କର ପ୍ରମୁଖ ଯୋଗ ଦେଇଥିଲେ। ସମସ୍ତ କୃତି ପ୍ରତିଯୋଗୀ ଆସନ୍ତା ସ୍ୱାଧୀନତା ଦିବସରେ ଜିଲ୍ଲା ପ୍ରଶାସନ ଦ୍ୱାରା ସମ୍ବର୍ଦ୍ଧିତ ହେବେ।




# ଲାୟନ୍ସ କ୍ଲବ୍ ପକ୍ଷରୁ ବୃକ୍ଷରୋପଣ ଅଭିଯାନ

ବାରିପଦା, ୧୩।୮ (ସମିସ): ପରିବେଶ ସୁରକ୍ଷା ଏବଂ ସମାଜ ପାଇଁ ଏକ ସବୁଜ ଭବିଷ୍ୟତ ଗଢ଼ିବା ଦିଗରେ ନିଜର ପ୍ରତିବଦ୍ଧତାକୁ ପୁନଃ ସୁନିଶ୍ଚିତ କରି ଲାୟନ୍ସ କ୍ଲବ୍ ବାରିପଦା ଦୁଇଟି ପର୍ଯ୍ୟାୟରେ ଏକ ବୃକ୍ଷରୋପଣ ଅଭିଯାନ ଆୟୋଜନ କରିଛି। ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମ ପ୍ରେସିଡେଣ୍ଟ ଲାୟନ୍ ହେମନ୍ତ ଶାହାଙ୍କ ନେତୃତ୍ୱରେ ପରିଚାଳିତ ହୋଇଥିଲା। ଲାୟନ୍ସ କ୍ଲବ ସଦସ୍ୟ ଓ ସମର୍ଥକଙ୍କ ସକ୍ରିୟ ଅଂଶଗ୍ରହଣରେ ଦୁଇ ପର୍ଯ୍ୟାୟରେ ମୋଟ ୧୨୫ଟି ଚାରା ରୋପଣ କରାଯାଇଛି। ଏଥିରେ ପିଜୁଳି, କମଳା, ଅମୃତଭଣ୍ଡା, ସଜନା ଓ ଲେମ୍ବୁ ଆଦି ଚାରା ଅନ୍ତର୍ଭୁକ୍ତ ଥିଲା। ଏହି ଅବସରରେ ପ୍ରେସିଡେଣ୍ଟ ଶ୍ରୀ ଶାହା କହିଛନ୍ତି ଯେ, ବୃକ୍ଷରୋପଣ କେବଳ ଏକ ପରିବେଶଗତ କାର୍ଯ୍ୟ ନୁହେଁ, ବରଂ ଭବିଷ୍ୟତ ପିଢ଼ି ପ୍ରତି ଏକ ଦାୟିତ୍ୱ। ସେ କହିଛନ୍ତି ଯେ, କ୍ଲବ ପକ୍ଷରୁ ବର୍ଷସାରା ଆହୁରି ଅନେକ ବୃକ୍ଷରୋପଣ ଅଭିଯାନ ଆୟୋଜନ କରାଯିବ। ଏହି ପଦକ୍ଷେପ କମିଟି ଚେୟାରପର୍ସନ ଲାୟନ୍ ଚନ୍ଦ୍ରକଳା କରନାନୀଙ୍କ ମାର୍ଗଦର୍ଶନ ଓ ନେତୃତ୍ୱରେ ଆଗକୁ ବଢୁଛି। ଲାୟନ୍ସ କ୍ଲବ ଏହି ବର୍ଷ ୧,୦୦୦ଟି ଚାରା ରୋପଣ କରିବାର ଏକ ଉଚ୍ଚାଭିଳାଷୀ ଲକ୍ଷ୍ୟ ରଖିଛି। କ୍ଲବ ସଦସ୍ୟ ଓ ନାଗରିକଙ୍କୁ ଏଭଳି ଅଭିଯାନରେ ସକ୍ରିୟ ଅଂଶଗ୍ରହଣ କରିବାକୁ ଓ ଆଗାମୀ ପିଢ଼ି ପାଇଁ ଏକ ସୁସ୍ଥ, ସବୁଜ ଓ ସ୍ଥାୟୀ ପରିବେଶ ଗଢ଼ିବାରେ ସାହାଯ୍ୟ କରିବାକୁ ଆହ୍ୱାନ ଜଣାଇଛି।

# ନୂଆସାହି ଡିଗ୍ରୀ କଲେଜରେ ହର୍ ଘର ତିରଙ୍ଗା କାର୍ଯ୍ୟକ୍ରମ

କପ୍ତିପଦା ୧୩।୮ (ସମିସ): ନୁଆସାହି ଡ଼ିଗ୍ରୀ ମହାବିଦ୍ୟାଳୟରେ ସ୍ୱତନ୍ତ୍ର ସଘନ ସଂଶୋଧନ ଏବଂ ହରଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଯାଇଛି। ଅଧକ୍ଷା ଡ.ଲିପିକା ବେହେରାଙ୍କ ଅଧକ୍ଷତାରେ ଏହି ସାଧାରଣ ବୈଠକ ଆୟୋଜନ କରାଯାଇଥିଲା। ଏଥିରେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଦ୍ୟାଭରତୀ ନାୟକ ଓ ବ୍ଲକ ସ୍ତରୀୟ ପର୍ଯ୍ୟବେକ୍ଷକ ପ୍ରଫୁଲ୍ଲ ଚନ୍ଦ୍ର ବରାଳ ଉପସ୍ଥିତ ରହି ନୂତନ ଭୋଟର ପଞ୍ଜୀକରଣ ସମ୍ପର୍କିତ ସବିଶେଷ ତଥ୍ୟ ଓ ନିୟମାବଳୀ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇଥିଲେ। ଯୋଗ୍ୟ ହୋଇଥିବା କୌଣସି ଭୋଟର ଏହି ପ୍ରକ୍ରିୟାରୁ ଯେପରି ବାଦ ନ ପଡ଼ିବେ ସେ ନେଇ ଆଲୋଚନା କରିଥିଲେ। ଏହାପରେ ହର୍ ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ସମ୍ପର୍କିତ ଏକ ସଚେତନତା ଶୋଭାଯାତ୍ରା ବଜାର ପରିକ୍ରମା କରିଥିଲା। କାର୍ଯ୍ୟକ୍ରମକୁ ଜାତୀୟ ସେବା ଯୋଜନା, ଯୁବ ରେଡକ୍ରସ୍ ଓ ଆମ ଗୌରବ ଆମ କଲେଜର ଅଧିକାରୀ ସହଯୋଗ କରିଥିଲେ। ଅଧ୍ୟାପକ ଓ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।



### କୂଳ ଲଙ୍ଘିଲା ଜମ୍ବୀରା ଓ ସାନନଦୀ

# ବାରିପଦା-ଅମର୍ଦାରୋଡ଼ ମୁଖ୍ୟ ରାସ୍ତାରେ ୪ ଫୁଟର ପାଣି, ଯାତାୟାତ ଠପ୍

ରାସଗୋବିନ୍ଦପୁର, ୧୩।୮ (ସମିସ): ଲଘୁଚାପଜନିତ ଲଗାଣ ବର୍ଷା ପରେ ରାସଗୋବିନ୍ଦପୁର ବ୍ଲକ୍ରେ ବନ୍ୟା ପରିସ୍ଥିତି ଗମ୍ଭୀର ରୂପ ନେଇଛି। ଜମ୍ବୀରା ଓ ସାନନଦୀ କୂଳ ଲଙ୍ଘିବାରୁ ବ୍ଲକ୍ର ବିଭିନ୍ନ ଅଞ୍ଚଳ ଜଳମଗ୍ନ ହୋଇପଡ଼ିଛି। ବାରିପଦା–ଅମର୍ଦାରୋଡ଼ ମୁଖ୍ୟ ରାସ୍ତାର ସାରୁମଳା ଓ ଭରଡ଼ାନଣ୍ଡା ଚଟାଣ ନିକଟରେ ୪ ଫୁଟରୁ ଉର୍ଦ୍ଧ୍ୱ ବନ୍ୟାଜଳ ପ୍ରବାହିତ ହେଉଥିବାରୁ ଯାତାୟାତ ଗୁରୁତର ଭାବେ ବାଧାପ୍ରାପ୍ତ ହୋଇଛି। ଜମ୍ବୀରା ନଦୀରେ ବନ୍ୟାଜଳ ବୃଦ୍ଧି ପାଇବା ଯୋଗୁଁ କାଟୁଣୀ, ଗମ୍ଭାରିଆ, ଲୁହାଖୁଣ୍ଟା, ତେନ୍ତୁଳିବାଟି, ପିଙ୍ଗୁଡ଼ି, ପଦ୍ମତୋଳିଆ, ଡୁହିଲପୁରା, ବଡ଼ାମପୁର, ଏକତାଳି, ଭୈରଙ୍ଗୀ, ସାତଶଗଡ଼ିଆ, ମୋରଡ଼ା ଓ ହାଣ୍ଡିଧୁଆ ସମେତ ବହୁ ଗ୍ରାମ ପ୍ରଭାବିତ ହୋଇଛି। ରାଘବପୁର ଗ୍ରାମର ଏକତାଳି ଏବଂ ତୋଟାପଡ଼ା ପଞ୍ଚାୟତ ଅନ୍ତର୍ଗତ ହାଣ୍ଡିଧୁଆ ଓ ମୋରଡ଼ା ଗ୍ରାମର ଅନେକ ପରିବାର ପାଣିଘେରରେ ରହିଥିବା ଜଣାପଡ଼ିଛି। ଗତକାଲି ବ୍ଲକ୍ ଅଞ୍ଚଳରେ ପ୍ରାୟ ୧୨୦ ମିଲିମିଟର ବର୍ଷା ରେକର୍ଡ ହୋଇଥିବା ବେଳେ ବ୍ୟାପକ ଚାଷଜମି ଜଳାର୍ଣ୍ଣବ ହୋଇଛି। ଅନେକ ଗାଁ ଓ ରାସ୍ତାଘାଟରେ ବନ୍ୟାଜଳ ପ୍ରବେଶ କରି ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ବନ୍ୟାଜଳରୁ ରାସଗୋବିନ୍ଦପୁର ଦମକଳ କେନ୍ଦ୍ର ମଧ୍ୟ ବାଦ ପଡ଼ିନାହିଁ। କେନ୍ଦ୍ରଟି ପାଣିଘେରରେ ରହିଥିବାବେଳେ ପରିସରରେ ଥିବା ସରକାରୀ ବାସଗୃହଗୁଡ଼ିକରେ ବର୍ଷାଜଳ ପ୍ରବେଶ କରିଛି। ଅନ୍ୟପକ୍ଷରେ ଭରଡ଼ାନଣ୍ଡା ରାସ୍ତାର ବାଛୁରୀପାଳ ନିକଟରେ ପୁଲିସ ପକ୍ଷରୁ ନାକାବନ୍ଦୀ କରାଯାଇଛି। ବନ୍ୟାଜଳର ଗଭୀରତା ଓ ତୀବ୍ର ସ୍ରୋତକୁ ଦୃଷ୍ଟିରେ ରଖି ଲୋକଙ୍କୁ ଉକ୍ତ ରାସ୍ତାରେ ଯାତାୟାତ ନକରିବାକୁ ପୁଲିସ ପକ୍ଷରୁ ପରାମର୍ଶ ଦିଆଯାଉଛି। ବନ୍ୟା ପରିସ୍ଥିତି ଉପରେ ରାସଗୋବିନ୍ଦପୁର ବିଡିଓ ଅନନ୍ତ କୁମାର ହାଁସଦା, ତହସିଲଦାର ଉପେନ୍ଦ୍ର କୁମାର ଦାସ, ଥାନା ଆଇଆଇସି ପଦ୍ମଲୋଚନ ପାଣିଗ୍ରାହୀ ଓ ଅଗ୍ନିଶମ ବିଭାଗ ପକ୍ଷରୁ ନଜର ରଖାଯାଇଛି। ପାଣିଘେରରେ ଥିବା ଲୋକଙ୍କୁ ଆବଶ୍ୟକସ୍ଥଳେ ଉଦ୍ଧାର କରିବା ସହ ସୁରକ୍ଷିତ ସ୍ଥାନକୁ ଯିବା ପାଇଁ ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଉଛି। ଲଗାଣ ବର୍ଷା ଜାରି ରହିଲେ ନଦୀଜଳ ଆହୁରି ବଢ଼ିବାର ଆଶଙ୍କା ଥିବାରୁ ନଦୀକୂଳିଆ ଅଞ୍ଚଳର ଲୋକଙ୍କ ମଧ୍ୟରେ ଭୟ ଦେଖାଦେଇଛି। ପରିସ୍ଥିତି ଉପରେ ପ୍ରଶାସନ ଓ ଅଗ୍ନିଶମ ବିଭାଗ ପକ୍ଷରୁ ନିରନ୍ତର ନଜର ରଖାଯାଉଛି।

# ଶିକ୍ଷକ ଅଭାବ ଦୂର ପାଇଁ ବିଧାୟକଙ୍କୁ ଦାବିପତ୍ର

ବାରିପଦା, ୧୩।୮ (ସମିସ): ପ୍ରାଥମିକ ଶିକ୍ଷା ବ୍ୟବସ୍ଥାରେ ରହିଥିବା ଶିକ୍ଷକ ଅଭାବ ଦୂର କରିବା ସହ ଯୋଗ୍ୟ ଆଶାୟୀ ଶିକ୍ଷକଙ୍କ ନିଯୁକ୍ତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଦାବିରେ ଓଡ଼ିଶା କନିଷ୍ଠ ଶିକ୍ଷକ ଆଶାୟୀ ସଂଘ (ଓଜେଟିଏଏ) ପକ୍ଷରୁ ବାରିପଦା ବିଧାୟକ ପ୍ରକାଶ ସୋରେନଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସଂଘ ପକ୍ଷରୁ କୁହାଯାଇଛି ଯେ, ପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ ଆବଶ୍ୟକ ସଂଖ୍ୟକ ଶିକ୍ଷକ ନଥିବାରୁ ଶିକ୍ଷାଦାନ ବ୍ୟବସ୍ଥା ପ୍ରଭାବିତ ହେଉଛି। ଅନ୍ୟପକ୍ଷରେ ନିଯୁକ୍ତି ପାଇଁ ଯୋଗ୍ୟତା ହାସଲ କରିଥିବା ବହୁ ଆଶାୟୀ ଶିକ୍ଷକ ନିଯୁକ୍ତିକୁ ଅପେକ୍ଷା କରି ରହିଛନ୍ତି। ତେଣୁ ଶିକ୍ଷକ ଅଭାବ ଦୂର କରିବା ସହ ନିଯୁକ୍ତି ସମ୍ବନ୍ଧୀୟ ସମସ୍ୟାର ତୁରନ୍ତ ସମାଧାନ ପାଇଁ ସଂଘ ଦାବି ଜଣାଇଛି। ଦାବିପତ୍ର ଗ୍ରହଣ କରିବା ପରେ ବିଧାୟକ ଆଶାୟୀ ଶିକ୍ଷକମାନଙ୍କ ସମସ୍ୟାକୁ ଗୁରୁତ୍ୱର ସହ ବିଚାର କରିବା ସହ ଏହାର ସମାଧାନ ଦିଗରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଓ ସମ୍ପୃକ୍ତ ବିଭାଗ ସହିତ ଆଲୋଚନା କରିବେ ବୋଲି ଆଶ୍ୱାସନ ଦେଇଥିବା ଜଣାପଡ଼ିଛି। ଓଜେଟିଏଏର ରାଜ୍ୟ ସଭାପତି ବାଜି ସିଂଙ୍କ ନେତୃତ୍ୱରେ ଦାବିପତ୍ର ପ୍ରଦାନ ସମୟରେ ଆଶାୟୀ ଶିକ୍ଷକ ସୋମା ସିଂ, ଗଙ୍ଗାରାମ ଟୁଡୁ, ତପସ୍ୱିନୀ ସିଂ, ସୁନାରାମ ସିଂଙ୍କ ସମେତ ଅନ୍ୟ ଆଶାୟୀ ଶିକ୍ଷକ ଉପସ୍ଥିତ ଥିଲେ।



# ଶୁଳିଆପଦାରେ ବର୍ଷା ତାଣ୍ଡବ, ଧୋଇଗଲା ପୋଲ

## ଦେଉଳି-କୋଷ୍ଠା ରାସ୍ତାରେ ଯୋଗାଯୋଗ ବିଚ୍ଛିନ୍ନ

ଶୁଳିଆପଦା, ୧୩।୮ (ସମିସ): ପ୍ରବଳ ବର୍ଷା ଯୋଗୁଁ ଶୁଳିଆପଦା ବ୍ଲକର କୋଷ୍ଠା ପଞ୍ଚାୟତ ଅନ୍ତର୍ଗତ ଝାଲିଆମରା ଗ୍ରାମ ନିକଟରେ ଥିବା ପୋଲଟି ସମ୍ପୂର୍ଣ୍ଣ ଭାବେ ଧୋଇଯାଇଛି। ଏହା ଫଳରେ ଦେଉଳି-କୋଷ୍ଠାକୁ ସଂଯୋଗ କରୁଥିବା ମୁଖ୍ୟରାସ୍ତା ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ଏହାଦ୍ୱାରା ସେହି ଅଞ୍ଚଳର ଯାତାୟାତ ବ୍ୟବସ୍ଥା ଗୁରୁତର ଭାବେ ବାଧାପ୍ରାପ୍ତ ହୋଇଛି। ସ୍ଥାନୀୟ ଲୋକଙ୍କ ସୂଚନା ଅନୁସାରେ, ଏହି ରାସ୍ତା ଦେଇ ପ୍ରାୟ ୭ରୁ ୮ଟି ପଞ୍ଚାୟତର ଲୋକ ଦୈନିକ ଯାତାୟାତ କରିଥାନ୍ତି। ବର୍ଷାଯୋଗୁଁ ପୋଲ ଧୋଇଯିବା ପରେ ସେମାନଙ୍କ ଯିବାଆସିବା ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ରୋଗୀ ନେଇ ଡାକ୍ତରଖାନା, ବଜାରକୁ ଯିବା କିମ୍ବା ଦୈନନ୍ଦିନ କାର୍ଯ୍ୟ ପାଇଁ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସ୍ଥାନୀୟ ଜନସାଧାରଣ ପ୍ରଶାସନଙ୍କୁ ତୁରନ୍ତ ପଦକ୍ଷେପ ନେବାକୁ ଦାବି କରିଛନ୍ତି। ଏଥିସହ ଯୁଦ୍ଧକାଳୀନ ଭିତ୍ତିରେ ଅସ୍ଥାୟୀ ପୋଲ ନିର୍ମାଣ କରାଯାଇ ଲୋକଙ୍କ ଯାତାୟାତକୁ ସହଜ କରିବାକୁ କହିଛନ୍ତି। ଏହି ଘଟଣାରେ ସ୍ଥାନୀୟ ବାସିନ୍ଦା ପ୍ରଶାସନ ଓ ସମ୍ପୃକ୍ତ ବିଭାଗଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଚେଷ୍ଟା କରୁଛନ୍ତି।



# କଣ୍ଟାମଲି ନାଳରେ ୩ ଫୁଟ୍ ପାଣି



ମହୁଲଡିହା,୧୩।୮ (ସମିସ): ଲଘୁଚାପ ପ୍ରଭାବରେ ଦିନରାତି ପ୍ରବଳ ବର୍ଷା ଯୋଗୁଁ ନଦୀ ନାଳରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଠାକୁରମୁଣ୍ଡାରୁ ଆନନ୍ଦପୁର ୫୩ ନଂ ରାଜ୍ୟ ରାଜପଥ କଣ୍ଟାମଲି ନାଳରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିବାରୁ ଆନନ୍ଦପୁର ଓ ଠାକୁରମୁଣ୍ଡା ମଧ୍ୟରେ ସମ୍ପୂର୍ଣ୍ଣ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଅସ୍ଥାୟୀ ପୋଲ ଉପରେ ୩ ଫୁଟର ପାଣି ସ୍ରୋତ ପ୍ରବାହିତ ହେବା ସହିତ ଦୁଇପାର୍ଶ୍ୱର ମାଟି ଧୋଇ ଯିବାରୁ ଯାତାୟାତ ବନ୍ଦ ରହିଛି। ପୂର୍ବରୁ ୨ ଥର ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିଲା। ଫଳରେ ଗୋଟିଏ ଥର ୭ ଦିନ ଓ ଦ୍ୱିତୀୟ ଥର ୩ ଦିନ ପର୍ଯ୍ୟନ୍ତ ୫୩ ନମ୍ବର ରାଜ୍ୟ ରାଜପଥରେ ଯାତାୟାତ ବନ୍ଦ ରହିଥିଲା। ରାସ୍ତା ଯୋଗାଯୋଗ ବିଚ୍ଛିନ୍ନ ହୋଇଥିବାରୁ ଅନେକ ଯାନବାହାନ ଉଭୟ ପାର୍ଶ୍ୱରେ ଠିଆ ହୋଇଥିବା ଦେଖିବାକୁ ମିଳିଛି। ପୁଣି ଏଠାରେ ନିୟମିତ ଗାଡି ଚଳାଚଳ ପାଇଁ କେତେ ଦିନ ସମୟ ଲାଗିବ ତାହା ଜଣା ନାହିଁ।

# ବିଜେପି ସରକାର ଆସିବା ପରେ ଜାତୀୟ ଦିବସରେ ମୟୂରଭଞ୍ଜଙ୍କୁ ଅଣଦେଖା

## ୫ଟି କାର୍ଯ୍ୟକ୍ରମରୁ ୪ଟିରେ ଜିଲ୍ଲାପାଳ କରୁଛନ୍ତି ପତାକା ଉତ୍ତୋଳନ

ବାରିପଦା, ୧୩।୮ (ସମିସ)

ଓଡ଼ିଶାରେ ବିଜେପି ସରକାର ଗଠନ ହେବା ପରେ ଜାତୀୟ ଦିବସ (ସ୍ୱାଧୀନତା ଦିବସ ଓ ଗଣତନ୍ତ୍ର ଦିବସ) ପାଳନରେ ମୟୂରଭଞ୍ଜ ଜିଲ୍ଲାକୁ ଅଣଦେଖା କରାଯାଉଥିବା ଅଭିଯୋଗ ଉଠିଛି। ଜିଲ୍ଲାର ରାଜନୈତିକ ଓ ସାମାଜିକ ମହଲରେ ଆଲୋଚନା ହେଉଛି ଯେ, ବିଭିନ୍ନ ଜାତୀୟ ଦିବସ କାର୍ଯ୍ୟକ୍ରମରେ ମନ୍ତ୍ରୀଙ୍କ ବଦଳରେ ଜିଲ୍ଲାପାଳ ପତାକା ଉତ୍ତୋଳନ କରୁଛନ୍ତି। ଏହା ଜିଲ୍ଲାର ଗୁରୁତ୍ୱ ହ୍ରାସ ପାଇବାର ସଙ୍କେତ ବୋଲି କିଛି ମହଲରେ ଦାବି କରାଯାଉଛି।

ସୂଚନା ମୁତାବକ, ୨୦୨୪ରେ ବିଜେପି ସରକାର ଆସିବା ପରେ ଅନେକ ଜାତୀୟ ଦିବସ କାର୍ଯ୍ୟକ୍ରମରେ ମୟୂରଭଞ୍ଜରେ ମନ୍ତ୍ରୀ ବଦଳରେ ଜିଲ୍ଲାପାଳ ପତାକା ଉତ୍ତୋଳନ କରିଛନ୍ତି।କେବଳ ୨୦୨୫ ସ୍ୱାଧୀନତା ଦିବସରେ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ମୟୂରଭଞ୍ଜ ପାଇଁ ନିଯୁକ୍ତ ହୋଇଥିଲେ। କିନ୍ତୁ ୨୦୨୪ ଓ ୨୦୨୬ ସ୍ୱାଧୀନତା ଦିବସ, ୨୦୨୫ ଓ ୨୦୨୬ ଗଣତନ୍ତ୍ର ଦିବସ ମୟୂରଭଞ୍ଜ ଜିଲ୍ଲାପାଳଙ୍କୁ ଦାୟିତ୍ୱ ଦିଆଯାଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଜାତୀୟ ଦିବସରେ ମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ ଓ ଅଧିକାରୀଙ୍କୁ ବିଭିନ୍ନ ଜିଲ୍ଲାକୁ ନିଯୁକ୍ତ କରାଯାଏ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସାଧାରଣତଃ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଭାଗ ନିଅନ୍ତି ବା ଅନ୍ୟ ଗୁରୁତ୍ୱପୂର୍ଣ୍ଣ ଜିଲ୍ଲାକୁ ଯାଆନ୍ତି। ଉପମୁଖ୍ୟମନ୍ତ୍ରୀ ଓ କ୍ୟାବିନେଟ ମନ୍ତ୍ରୀ କିଛି ଜିଲ୍ଲାରେ ପତାକା ଉତ୍ତୋଳନ କରନ୍ତି। ବାକି ଜିଲ୍ଲାରେ ଆରଡିସି ବା ଜିଲ୍ଲାପାଳଙ୍କୁ ଦାୟିତ୍ୱ ଦିଆଯାଏ। ମୟୂରଭଞ୍ଜ ପ୍ରାୟତଃ ଏହି ଦ୍ୱିତୀୟ ବର୍ଗରେ ରହିଆସିଛି। ଏକଦା ମୟୂରଭଞ୍ଜ ରାଜ୍ୟ ଥିବା ସହିତ ସ୍ୱତନ୍ତ୍ର ରାଜିନାମା ପରେ ଓଡ଼ିଶା ସହିତ ସାମିଲ ହୋଇଥିଲା। ଏହା ଏକ ବଡ଼ ଆଦିବାସୀ ବହୁଳ ଜିଲ୍ଲା। ଏଠାରେ ଶିମିଳିପାଳ ଜାତୀୟ ଉଦ୍ୟାନ, ସଂସ୍କୃତି ଓ ପର୍ଯ୍ୟଟନର ବିଶେଷ ମହତ୍ତ୍ୱ ରହିଛି। ପୂର୍ବ ସରକାର ସମୟରେ ଜାତୀୟ ଦିବସ ପାଳନ କାର୍ଯ୍ୟକ୍ରମରେ ମନ୍ତ୍ରୀ ଆସୁଥିଲେ। ବର୍ତ୍ତମାନ ସରକାର ଆସିବା ପରେ ଜିଲ୍ଲାରେ ଉନ୍ନୟନ ପ୍ରକଳ୍ପ ଉଦଘାଟନ, ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ହୋଇଛି। ତଥାପି ଜାତୀୟ ଦିବସରେ ମନ୍ତ୍ରୀଙ୍କ ଅନୁପସ୍ଥିତିକୁ ନେଇ ସ୍ଥାନୀୟ ଲୋକ ଓ ରାଜନୈତିକ ମହଲରେ ପ୍ରଶ୍ନ ଉଠିଛି।

ସ୍ଥାନୀୟ ରାଜନୈତିକ ନେତା ଓ ସାଧାରଣ ଲୋକଙ୍କ ମତରେ ଯେହେତୁ ଏଠାରେ ବିଜେପି ସମସ୍ତ ବିଧାନସଭା ଆସନ ଓ ମୟୂରଭଞ୍ଜ ଲୋକସଭା ଆସନରେ ଦଳୀୟ ପ୍ରାର୍ଥୀ ବିଜୟୀ ହୋଇଛନ୍ତି, ତେଣୁ ମନ୍ତ୍ରୀଙ୍କ ଗସ୍ତ ଜରୁରୀ ମନେ କରୁନାହାନ୍ତି ଶାସକ ଦଳ। ଏହା ଜିଲ୍ଲାର ରାଜନୈତିକ ଗୁରୁତ୍ୱ କମିବାର ସଙ୍କେତ। ସେମାନେ କହୁଛନ୍ତି ଯେ ଜାତୀୟ ଦିବସରେ ମନ୍ତ୍ରୀଙ୍କ ଉପସ୍ଥିତି ଜିଲ୍ଲାବାସୀଙ୍କୁ ସରକାରଙ୍କ ସହିତ ସଂଯୋଗ ଅନୁଭବ କରାଏ ଓ ଉନ୍ନୟନର ପ୍ରତିଶ୍ରୁତି ଦିଏ। ଜିଲ୍ଲାପାଳ ପ୍ରଶାସନିକ ଦାୟିତ୍ୱ ନିଭାନ୍ତି, କିନ୍ତୁ ରାଜନୈତିକ ପ୍ରତିନିଧିତ୍ୱର ଅଭାବ ରହିଯାଏ। ଅନ୍ୟପକ୍ଷରେ ସରକାରୀ ସୂତ୍ରରୁ ଜଣାପଡ଼ିଛି ଯେ ସମସ୍ତ ଜିଲ୍ଲାକୁ ମନ୍ତ୍ରୀ ପଠାଇବା ସମ୍ଭବ ନୁହେଁ। ମନ୍ତ୍ରୀଙ୍କ ସଂଖ୍ୟା ସୀମିତ ଥିବାରୁ କିଛି ଜିଲ୍ଲାରେ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଏ। ମୟୂରଭଞ୍ଜ ସହିତ ଅନେକ ଅନ୍ୟ ଜିଲ୍ଲାରେ ମଧ ଏହି ବ୍ୟବସ୍ଥା ରହିଛି। ତଥାପି ମୟୂରଭଞ୍ଜର ଆକାର, ଜନସଂଖ୍ୟା ଓ ଆଦିବାସୀ ଗୁରୁତ୍ୱକୁ ଦୃଷ୍ଟିରେ ରଖି ସ୍ଥାନୀୟ ମହଲରେ ଦାବି ଉଠିଛି ଯେ ଜାତୀୟ ଦିବସରେ ଅତି କମ୍‌ରେ ଜଣେ ମନ୍ତ୍ରୀ ଆସିବା ଉଚିତ। ଏହା ଜିଲ୍ଲାବାସୀଙ୍କ ମନୋବଳ ବଢ଼ାଇବ ଓ ସରକାରଙ୍କ ପ୍ରତି ଆସ୍ଥା ବଢ଼ାଇବ ବୋଲି ସେମାନେ କହୁଛନ୍ତି। ଏହି ପ୍ରସଙ୍ଗକୁ ନେଇ ବିରୋଧୀ ଦଳ ପକ୍ଷରୁ ମଧ୍ୟ ସମାଲୋଚନା ହୋଇପାରେ। ସେମାନେ କହିପାରନ୍ତି ଯେ ସରକାର ଆଦିବାସୀ ଅଞ୍ଚଳକୁ ଯଥେଷ୍ଟ ଗୁରୁତ୍ୱ ଦେଉନାହାଁନ୍ତି। ଅନ୍ୟପକ୍ଷରେ ଶାସକ ଦଳ ପକ୍ଷରୁ ଯୁକ୍ତି ଦିଆଯାଇପାରେ ଯେ ଉନ୍ନୟନ କାର୍ଯ୍ୟ ଚାଲିଛି ଓ ପତାକା ଉତ୍ତୋଳନ କେବଳ ଏକ ପ୍ରତୀକାତ୍ମକ କାର୍ଯ୍ୟ। ମୟୂରଭଞ୍ଜ ଜିଲ୍ଲାବାସୀ ଆଶା କରୁଛନ୍ତି ଯେ ଭବିଷ୍ୟତର ଜାତୀୟ ଦିବସରେ ମନ୍ତ୍ରୀଙ୍କ ଉପସ୍ଥିତି ସୁନିଶ୍ଚିତ ହେବ ଓ ଜିଲ୍ଲାକୁ ଯଥେଷ୍ଟ ଗୁରୁତ୍ୱ ଦିଆଯିବ। ଏହି ପ୍ରସଙ୍ଗ ଏବେ ଜିଲ୍ଲାର ରାଜନୈତିକ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ହୋଇ ରହିଛି।

## ହାଇୱା ଡାଲା ବାଜି ଛିଣ୍ଡିଲା ବିଦ୍ୟୁତ ତାର

ବାଲିବନ୍ଧ, ୧୩।୮ (ସମିସ): ୨୦ ନମ୍ବର ଜାତୀୟ ରାଜପଥ ଝୁମ୍ପୁରା ବାଇପାସରେ ହାଇୱା ଡାଲା ବାଜି ଛିଣ୍ଡି ପଡିଲା ୩୩ କେଭି ବିଦ୍ୟୁତ ତାର। ଅଳ୍ପକେ ରକ୍ଷା ପାଇଲେ ହାଇୱା ଚାଳକ। ଦୀର୍ଘ ସମୟ ପର୍ଯ୍ୟନ୍ତ ବିଦ୍ୟୁତ ସରବରାହ ପ୍ରଭାବିତ ହୋଇଥିଲା। ଗୁରୁବାର ହାଇୱା ଗାଡି କେନ୍ଦୁଝର ଆଡୁ ରିମୁଳି ଅଭିମୁଖେ ଯାଉଥିଲା। ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁଁ ହାଇୱା ଡାଲାରେ ପାଣି ଭର୍ତ୍ତି ହୋଇଥିଲା। ପାଣି ଖାଲି କରିବା ପାଇଁ ଚାଳକ ହାଇୱା ଡାଲା ଟେକି ଦେଇଥିଲା। ଡାଲାଟି ସିଧା ଯାଇ ୩୩ କେଭି ବିଦ୍ୟୁତ ତାରରେ ଧକ୍କା ଖାଇବାରୁ ବିଦ୍ୟୁତ ତାର ଛିଣ୍ଡି ଯାଇଥିଲା। ତାର ଛିଣ୍ଡିବା ମାତ୍ର ସଙ୍ଗେ ସଙ୍ଗେ ବିଦ୍ୟୁତ ସରବରାହ ବନ୍ଦ ହୋଇଯିବାରୁ ଟ୍ରକଟି ବଡ଼ ଅଘଟଣରୁ ବର୍ତ୍ତି ଯାଇଛି। ଖବର ପାଇ ବିଦ୍ୟୁତ ବିଭାଗର ସଙ୍ଗେ ସଙ୍ଗେ ଘଟଣାସ୍ଥଳ ପହଞ୍ଚିଥିଲେ।

## ଚୋରା କାଠ ଭର୍ତ୍ତି ଟ୍ରକ୍ ଜବତ

ଆନନ୍ଦପୁର, ୧୩।୮ (ସମିସ): ଚୋରା କାଠଭର୍ତ୍ତି ଏକ ୧୪ଚକିଆ ଟ୍ରକ୍ ଜବତ କରିଛି ଆନନ୍ଦପୁର ବନବିଭାଗ। ଡ୍ରାଇଭର ଅଟକ ରଖି ତଦନ୍ତ ଜାରି ରଖିଥିବା ଜଣାପଡ଼ିଛି। ଗତ ରାତିରେ ବନବିଭାଗ ଟିମ୍‌ର ପାଟ୍ରୋଲିଂ ସମୟରେ ପଶ୍ଚିମବଙ୍ଗ ନମ୍ବର ଥିବା ଏହି ଟ୍ରକ୍‌ଟି ଦ୍ରୁତଗତିରେ ଯାଉଥିବା ଦେଖି ତାକୁ ଅଟକାଇଥିଲେ ବିଭାଗୀୟ କର୍ମଚାରୀ। ଗାଡିରେ କାଠ ଭର୍ତ୍ତି ହୋଇଥିବାରୁ ଗାଡିକୁ ଜବତ କରି ଡିଏଫଓଙ୍କ କାର୍ଯ୍ୟାଳୟ ନିକଟରେ ରଖାଯାଇଛି। ତେବେ କାଠ କେଉଁଠୁ ଆସୁଥିଲା ଓ କେଉଁଆଡେ ଯାଉଥିଲା ତାକୁନେଇ ଅଧିକ ଖୋଳତାଡ ଆରମ୍ଭ କରିଛି ବନବିଭାଗ।

## କୋଚିଂ ସେଣ୍ଟରର ଝରକା ଗ୍ରିଲ୍ କାଟି ୪ ଛାତ୍ର ଫେରାର

- ପୁରୀରୁ ୩, ଭୁବନେଶ୍ୱରରୁ ଜଣେ ଉଦ୍ଧାର

ଡୁରୁମୁଙ୍ଗା, ୧୩।୮ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ କେନ୍ଦେଇପଶିସ୍ଥିତ ବ୍ଲୁମ ଏଜୁକେସନ ନାମକ ଏକ ଘରୋଇ ରେସିଡେଣ୍ଟାଲ କୋଚିଂ ସେଣ୍ଟରରୁ ବୁଧବାର ବିଳମ୍ବିତ ରାତିରେ ୪ ଜଣ ଦଶମ ଶ୍ରେଣୀ ଛାତ୍ର କୋଚିଂ ସେଣ୍ଟରର ଝରକା ଗ୍ରୀଲ ଭାଙ୍ଗି ଫେରାର ହୋଇଯାଇଥିଲେ। ନିଖୋଜ ଛାତ୍ରମାନେ ସ୍ଥାନୀୟ ଅଞ୍ଚଳର ହୋଇଥିବା ବେଳେ ୩ ଜଣ ସିଲିଦା ହାଇସ୍କୁଲ୍ ଏବଂ ଆଉ ଜଣେ କେନ୍ଦେଇପଶି ହାଇସ୍କୁଲର ଛାତ୍ର ବୋଲି ଜଣାପଡ଼ିଛି। ସମସ୍ତେ କୋଚିଂ ସେଣ୍ଟରରେ ରହି ପାଠ ପଢୁଥଲେ। ୪ଜଣ ଛାତ୍ର କୋଚିଙ୍ଗ ସେଣ୍ଟରରୁ ଚାଲି ଯାଇଥିବା ଜାଣି ପରିବାର ଲୋକେ ଚିନ୍ତିତ ହୋଇଥିଲେ। କୋଚିଙ୍ଗ ସେଣ୍ଟର୍ ମାଲିକ ଏନେଇ ଡୁରୁମୁଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ପକ୍ଷରୁ ତନାଘନା ଆରମ୍ଭ ହୋଇଥିଲା। କେନ୍ଦୁଝର ଏସପି ନୀତିନ କୁଶଲକର ଦାଗୁଡୁ ଓ ଡୁରୁମୁଙ୍ଗା ଥାନାଧିକାରୀ ଦୀପ୍ତିରଞ୍ଜନ ସାହୁ ଓଡ଼ିଶା ପୁଲିସ ଏବଂ ଜିଆରପିର ସହାୟତା ନେଇଥିଲେ। ଜିଆରପି ପୁଲିସ ୩ ଜଣ ଛାତ୍ରଙ୍କୁ ପୁରୀ ରେଲୱେ ଷ୍ଟେସନରୁ ଏବଂ ଜଣକୁ ଭୁବନେଶ୍ୱର ରେଲୱେ ଷ୍ଟେସନ୍‌ରୁ ଉଦ୍ଧାର କରିଛି। ଡୁରୁମୁଙ୍ଗା ପୁଲିସ ସେମାନଙ୍କୁ ଆଣିବାକୁ ପୁରୀ ଯାଇଥିବା ଜଣାପଡ଼ିଛି। ୪ ଜଣ ଛାତ୍ର କୋଚିଂ ସେଣ୍ଟରରୁ ରାତି ବାହାରି କେନ୍ଦେଇପଶିରୁ ଚାଲି ଚାଲି ପୁଟୁଳିଆ ଯାଇ ସେଠାରୁ ଏକ ବସରେ ପାଟଣା ଯିବା ପରେ ପାଟଣାରୁ ଏକ ବସରେ ଭୁବନେଶ୍ୱର ଯାଇ ବାଙ୍ଗାଲୁରୁ ଯିବା ପାଇଁ ଚେଷ୍ଟା କରୁଥିଲେ। ବେଳେ ଭୁବନେଶ୍ୱର ଷ୍ଟେସନକୁ ଯାଇଥିଲେ ସେଠାରେ ଜଣେ ଛାତ୍ର ଯିବାକୁ ମନା କରିବାରୁ ଅନ୍ୟ ୩ ଜଣ ପୁରୀ ପଳାଇଥିବା ନେଇ ପ୍ରାଥମିକ ସୂଚନା ମିଳିଛି।

## ହତ୍ୟା ଘଟଣାରେ ଜଣେ କୋର୍ଟ ଚାଲାଣ

ବିଶୋଇ,୧୩।୮ (ସମିସ): ବିଶୋଇ ଥାନା ଅନ୍ତର୍ଗତ ବାଡୁଣିଆ ଗ୍ରାମରେ ଗତ ୧୦ ତାରିଖ ବିଳମ୍ବିତ ରାତ୍ରିରେ ଏକ ନିର୍ମାଣଧୀନ ଆବାସ ଗୃହ ମଧ୍ୟରେ ଉକ୍ତ ଗ୍ରାମର ଯୁବକ ଶିରିଷ ପଟେଲ(୪୦)ଙ୍କ ମୁଣ୍ଡକୁ ହାଣି ନିର୍ମମ ଭାବେ ହତ୍ୟା କରାଯାଇଥିଲା। ପୂର୍ବରୁ ପୁଲିସ ଦ୍ୱାରା ଅଟକ ଥିବା ଉକ୍ତ ଘଟଣାର ସମ୍ପୃକ୍ତ ମୁଖ୍ୟ ଅଭିଯୁକ୍ତ ଉକ୍ତ ଗ୍ରାମର ଦଶରଥ ମୁର୍ମୁ(୫୦)ଙ୍କୁ ପୁଲିସ ଆଜି କୋର୍ଟଚାଲାଣ କରିଛି। ୧୦ ତାରିଖ ରାତିରେ ବାଡୁଣିଆ ଗ୍ରାମ କଲୋନୀ ସାହି ନିକଟରେ ଥିବା ଏକ ନିର୍ମାଣଧୀନ ଆବାସ ଘରେ ଶିରିଷ ଶୋଇଥିବାବେଳେ ବିଳମ୍ବିତ ରାତ୍ରି ସମୟରେ ତାଙ୍କର ମୁଣ୍ଡକୁ ଆଘାତ କରାଯାଇ ନିର୍ମମ ଭାବେ ହତ୍ୟା କରାଯାଇଥିଲା। ଉକ୍ତ ଘଟଣାରେ ନେଇ ବିଶୋଇ ଥାନାରେ ମାମଲା ରୁଜୁ ହେବା ସହ ସନ୍ଦେହରେ ଉକ୍ତ ଗ୍ରାମର ଦଶରଥ ମୁର୍ମୁଙ୍କୁ ପୁଲିସ ଅଟକ ରଖି ପଚରାଉଚରା କରୁଥିଲା। ଶିରିଷକୁ କୁରାଢ଼ୀରେ ମୁଣ୍ଡରେ ହାଣି ହତ୍ୟାକାଣ୍ଡ ଘଟାଇଥିବା ନେଇ ସ୍ୱୀକାର କରିଥିଲା। ଆଜି ଉକ୍ତ ଅଭିଯୁକ୍ତକୁ ରାଇରଙ୍ଗପୁର କୋର୍ଟକୁ ଚାଲାଣ କରିଛି।

## ବାରମାଇଲି ହାଟରୁ ବାଇକ୍ ଚୋରି

ବେତନଟୀ, ୧୩।୮ (ସମିସ): ବେତନଟୀ ଥାନା ଅନ୍ତର୍ଗତ ବାରମାଇଲି ହାଟ ଅଞ୍ଚଳରୁ ଏକ ବାଇକ୍ ଚୋରି ହୋଇଥିବା ନେଇ ବେତନଟୀ ଥାନାରେ ଅଭିଯୋଗ କରାଯାଇଛି। ମୋରଡ଼ା ଥାନା ଅଞ୍ଚଳର ଫୁଟୁକିଶୋଳ ଗ୍ରାମ ନିବାସୀ ସପ୍ନଜିତ ପଟ୍ଟନାୟକ ପୂର୍ବାହ୍ନ ପ୍ରାୟ ୧୦ଟା ସମୟରେ ବାରମାଇଲି ହାଟକୁ ଆସିଥିଲେ। ସେ ତାଙ୍କ ବାଇକ୍ ସ୍ଥାନୀୟ ଏକ ସ୍କୁଲ୍ ପାଖରେ ରଖି ହାଟର ଭିତରକୁ ଯାଇଥିଲେ। ହାଟ ସାରି ଫେରିବା ପରେ ବାଇକ୍ ସେଠାରେ ନ ଥିବା ଦେଖି ଖୋଜାଖୋଜି କରିବା ପରେ ନ ମିଳିବାରୁ ସେ ବେତନଟୀ ଥାନାରେ ଲିଖିତ ଏତଲା ଦେଇଥିଲେ।

■ ୧୮ ନଂ ଜାତୀୟରାଜପଥରେ ଗୋରୁ ବୋଝେଇ କଣ୍ଟେନର ଅଟକ

## ୩୦ରୁ ଅଧିକ ଗୋରୁ ଉଦ୍ଧାର, ୪ ଗିରଫ



ବୈଶିଙ୍ଗା, ୧୨।୮ (ସମିସ): ୧୮ ନଂ ଜାତୀୟ ରାଜପଥ ଦେଇ ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ବହୁ ସଂଖ୍ୟକ ଗୋରୁ ପରିବହନ ହେଉଥିବା ସୂଚନା ଆଧାରରେ ବିଶ୍ୱ ହିନ୍ଦୁ ପରିଷଦର ଗୋସେବକ ଓ ସ୍ଥାନୀୟ ଯୁବକ ଏକ କଣ୍ଟେନରକୁ ପିଛା କରି ଅଟକାଇ ଥିଲେ। ବୈଶିଙ୍ଗା ଥାନା ଅଧୀନ ହାତୀଝୁରି ନିକଟରେ କଣ୍ଟେନରକୁ ଅଟକାଇ ପୁଲିସ ଉପସ୍ଥିତିରେ ଯାଞ୍ଚ କରାଯିବା ପରେ ଭିତରୁ ୩୦ରୁ ଅଧିକ ଗାଇ ଓ ବାଛୁରୀ ଉଦ୍ଧାର ହୋଇଛି। ଏହି ଘଟଣାରେ କଣ୍ଟେନର ଚାଳକଙ୍କ ସମେତ ୪ ଜଣଙ୍କୁ ବୈଶିଙ୍ଗା ପୁଲିସ ଗିରଫ କରିଛି। ବିହାର ନମ୍ବର ଥିବା ଏକ କଣ୍ଟେନରରେ ବହୁ ସଂଖ୍ୟକ ଗୋରୁ ପରିବହନ ହେଉଥିବା ନେଇ ବିଶ୍ୱହିନ୍ଦୁ ପରିଷଦର କର୍ମକର୍ତ୍ତା ଖବର ପାଇଥିଲେ। ବେତନଟୀ ଅଞ୍ଚଳର ଗୋସେବକ କଣ୍ଟେନରର ଗତିବିଧି ଉପରେ ନଜର ରଖିବା ସହ ତାହାକୁ ପିଛା କରିଥିଲେ। ବେତନଟୀ ମଣ୍ଡଳ ସଭାପତିଙ୍କ ନେତୃତ୍ୱରେ ସ୍ଥାନୀୟ ଅଞ୍ଚଳର ୨୦ରୁ ଅଧିକ ଯୁବକ ଏଥିରେ ସାମିଲ ହୋଇ କଣ୍ଟେନରକୁ ଅଟକାଇବା ପାଇଁ ଉଦ୍ୟମ କରିଥିଲେ। ଦୀର୍ଘ ସମୟ ଧରି କଣ୍ଟେନରକୁ ପିଛା କରିବା ପରେ ବୈଶିଙ୍ଗା ଥାନା ଅଧୀନ ୧୮ ନଂ ଜାତୀୟ ରାଜପଥର ହାତୀଝୁରି ନିକଟରେ ଅଟକାଇବାରେ ସଫଳ ହୋଇଥିଲେ। ଖବର ପାଇ ବୈଶିଙ୍ଗା ପୁଲିସ ପହଞ୍ଚିବା ପରେ କଣ୍ଟେନରର ଯାଞ୍ଚ କରାଯାଇଥିଲା। ସେଥିରେ ଠସାଠସି ହୋଇ ୩୦ରୁ ଅଧିକ ଗାଇ ଓ ବାଛୁରୀଙ୍କୁ ପରିବହନ କରାଯାଉଥିବା ଦେଖାଯାଇଥିଲା। ପୁଲିସ କଣ୍ଟେନରକୁ ଜବତ କରିବା ସହ ଭିତରେ ଥିବା ସମସ୍ତ ଗୋରୁଙ୍କୁ ଉଦ୍ଧାର କରିଥିଲା। ପରେ ସ୍ଥାନୀୟ ପ୍ରାଣୀଧନ ଚିକିତ୍ସକଙ୍କୁ ଡକାଇ ଉଦ୍ଧାର ହୋଇଥିବା ଗୋରୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଏହି ଘଟଣାରେ କଣ୍ଟେନର ଚାଳକ ସମେତ ଅନ୍ୟ ୩ଜଣଙ୍କୁ ପୁଲିସ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ବିହାର ରାଜ୍ୟର ଲାଲ ବାବୁ, ଅଖିଳେଶ ମାଝି, ଅବଧେସ ମାଝୀ ଓ ମହମ୍ମଦ ପରବେଜ ବୋଲି ଜଣାପଡ଼ିଛି। ସେମାନଙ୍କ ବିରୋଧରେ ୪୦୧/୨୦୨୬ରେ ମାମଲା ରୁଜୁ ପରେ କୋର୍ଟ ଚାଲାଣ କରାଯାଇଛି।

## ସାହାରପଡ଼ା ଲ୍ୟାମ୍ପସରେ ସାର ଦୁର୍ନୀତି ଅଭିଯୋଗର ତଦନ୍ତ



କେନ୍ଦୁଝର, ୧୩।୮ (ସମିସ): କେନ୍ଦୁଝର ଜିଲ୍ଲା ସାହାରପଡ଼ା ଲ୍ୟାମ୍ପସ୍‌କୁ ନେଇ ଚାଷୀ ଓ ସଦସ୍ୟମାନଙ୍କ ପକ୍ଷରୁ ଦାଖଲ ହୋଇଥିବା ବିଭିନ୍ନ ଅଭିଯୋଗ ଉପରେ ଆଜି ତଦନ୍ତ କରାଯାଇଛି। କେନ୍ଦୁଝର ସହକାରୀ ସମିତି ସହକାରୀ ନିବନ୍ଧକ, କେନ୍ଦୁଝର ସର୍କଲଙ୍କ ନିର୍ଦ୍ଦେଶ ଅନୁଯାୟୀ ସାହାରପଡ଼ା ଲ୍ୟାମ୍ପସ୍ କାର୍ଯ୍ୟାଳୟରେ ଏହି ତଦନ୍ତ ଅନୁଷ୍ଠିତ ହୋଇଥିଲା। ଗତ ୫ ଅଗଷ୍ଟ ୨୦୨୬ରେ ଜାରି ହୋଇଥିବା ନୋଟିସ ଅନୁଯାୟୀ, ଅନ୍ନଦାତା କୃଷକ ସଂଗଠନର ଜଗଦୀଶଚନ୍ଦ୍ର ମହାନ୍ତ ଓ ଅନ୍ୟାନ୍ୟ ସଦସ୍ୟଙ୍କ ପକ୍ଷରୁ ଦାଖଲ ଅଭିଯୋଗ ସହିତ କଂଗ୍ରେସ ନେତା ଇଂ ବିନୋଦ ବିହାରୀ ନାଏକଙ୍କ ଅଭିଯୋଗକୁ ନେଇ ଆଜି ତଦନ୍ତ ହୋଇଥିଲା। ଏହି ତଦନ୍ତ ସମୟରେ ଲ୍ୟାମ୍ପସ୍‌ର ସଦସ୍ୟ ଓ କିଛି ଚାଷୀ ଉପସ୍ଥିତ ରହି ନିଜ ନିଜ ଅଭିଯୋଗ ଏବଂ ଦାବି ତଦନ୍ତ ଅଧିକାରୀଙ୍କ ସମ୍ମୁଖରେ ରଖିଥିଲେ। ଲ୍ୟାମ୍ପସ୍ ପରିଚାଳନାରେ ହୋଇଥିବା କଥିତ ଅନିୟମିତତା ଓ ଦୁର୍ନୀତିର ନିରପେକ୍ଷ ତଦନ୍ତ କରି ଦୋଷୀଙ୍କ ବିରୋଧରେ ଆଇନ ଅନୁଯାୟୀ ଦୃଢ଼ ପଦକ୍ଷେପ ନେବାକୁ ଚାଷୀମାନେ ଦାବି କରିଥିଲେ। ଉପଖଣ୍ଡ ସହକାରୀ ସମିତି ନିବନ୍ଧକ ନିହାର ରଞ୍ଜନ ମିଶ୍ର ଏହି ଘଟଣାର ତଦନ୍ତ କରି ଚାଷୀ ଓ ସଦସ୍ୟମାନଙ୍କ ଅଭିଯୋଗ ଶୁଣିବା ସହ ସମ୍ପୃକ୍ତ କାଗଜପତ୍ର ଓ ରେକର୍ଡ ଯାଞ୍ଚ କରିଥିଲେ। ଅଭିଯୋଗରେ ଦୁର୍ନୀତି କିମ୍ବା ଅନିୟମିତତା ପ୍ରମାଣିତ ହେଲେ ସାହାରପଡ଼ା ଲ୍ୟାମ୍ପସ୍‌ର ପରିଚାଳନା ନିର୍ଦ୍ଦେଶକଙ୍କ ବିରୋଧରେ ଯଥାଶୀଘ୍ର ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ତଦନ୍ତ ଅଧିକାରୀ ପ୍ରତିଶ୍ରୁତି ଦେଇଥିବା ଚାଷୀମାନେ କହିଛନ୍ତି। ତଦନ୍ତ ପରେ ଉପଲବ୍ଧ ଦସ୍ତାବିଜ, ରେକର୍ଡ ଓ ଅଭିଯୋଗର ଆଧାରରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ। ଏହି ତଦନ୍ତ ସମୟରେ ପୂର୍ବତନ ରାଜ୍ୟ କଂଗ୍ରେସ କମିଟି ସମ୍ପାଦକ ସଂଗ୍ରାମ ଦାସ, ପୂର୍ବତନ ସାଂସଦ ପ୍ରାର୍ଥୀ ଇଂ ବିନୋଦ ବିହାରୀ ନାଏକ, ପୂର୍ବତନ ବ୍ଲକ ଅଧକ୍ଷ ଦୀପକ ରାଜ, ବରିଷ୍ଠ କଂଗ୍ରେସ ନେତା କୈଳାଶଚନ୍ଦ୍ର ବାରିକ, ମୁକୁନ୍ଦଚନ୍ଦ୍ର ମହାନ୍ତ, ପୂର୍ବତନ ବ୍ଲକ ଅଧକ୍ଷ ଗୌତମ ନାଏକ, ଗଣ୍ଡବେଡା ସରପଞ୍ଚ ଚପଳ ଚାନ୍ଦ ରଣସିଂହ, ମହେନ୍ଦ୍ର ମହାନ୍ତ, ଚକ୍ରଧର ମହାନ୍ତ, ମନରଞ୍ଜନ ଦିଗାର, ଚିତ୍ତରଞ୍ଜନ ତରେଇ, ହେମନ୍ତ ମହାନ୍ତ ଉପସ୍ଥିତ ଥିଲେ।

## ରକ୍ତଦାନ ଶିବିର: ୩୭ ୟୁନିଟ୍ ସଂଗୃହୀତ

ଉଦଳା,୧୩।୮ (ସମିସ): ଉଦଳା ଅଞ୍ଚଳର ମାଫୁଜଙ୍କ ଅକାଳ ବିୟୋଗ ପରେ ତାଙ୍କ ସ୍ମୃତିରେ ପ୍ରତି ବର୍ଷ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥାଏ। ସେ ଜଣେ ପରୋପକାରୀ ଯୁବକ ଥିବାବେଳେ ଏହି ରକ୍ତଦାନ ଶିବିର ସ୍ଥାନୀୟ ଯୁବକ ଆୟୋଜନ କରିଥା'ନ୍ତି। ଉଦଳା ମେଡିକାଲ ରକ୍ତଭଣ୍ଡାର ନିକଟରେ ରକ୍ତଦାନ ଶିବର ଅନୁଷ୍ଠିତ ହୋଇ ୩୭ ୟୁନିଟି ରକ୍ତ ସଂଗ୍ରହ ହୋଇଥିବାବେଳେ ଆଗକୁ ମଧ ଉକ୍ତ ରକ୍ତଦାନ ଶିବିର ଜାରି ରହିବ ବୋଲି ଯୁବକମାନେ କହିଥିଲେ।

## ଗୋରୁ ବୋଝେଇ ପିକ୍‌ଅପ୍ ଭ୍ୟାନ୍ ଜବତ

କରଞ୍ଜିଆ/ଯଶିପୁର,୧୩।୮ (ସମିସ): ଯଶିପୁର ଥାନା ଅଞ୍ଚଳର କେନ୍ଦୁମୁଣ୍ଡି ନିକଟ ଜାତୀୟ ରାଜପଥରୁ ୭ଟି ଗୋରୁ ବୋଝେଇ ଏକ ପିକ୍‌ଅପ୍ ଭ୍ୟାନ୍‌କୁ ପୁଲିସ ଜବତ କରିଛି। ଗୋରୁଙ୍କୁ ନେଇ ପିକ୍‌ଅପ୍ ଭ୍ୟାନ୍‌ଟି ଯାଉଥିବାବେଳେ ପୁଲିସ ଏହାକୁ ଜବତ କରିଥିଲା। ତେବେ ଭ୍ୟାନ୍‌ରେ ଥିବା ଅଭିଯୁକ୍ତମାନେ ପୁଲିସକୁ ଦେଖି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଫେରାର ଅଭିଯୁକ୍ତଙ୍କୁ ଧରିବା ସହ ଘଟଣାର ସମସ୍ତ ଦିଗ ନେଇ ପୁଲିସ ପକ୍ଷରୁ ତଦନ୍ତ ଜାରି ରଖିଛି।

## କୁଷ୍ଠରୋଗ ଚିହ୍ନଟ ସଚେତନତା ରଥର ଶୁଭାରମ୍ଭ

କେନ୍ଦୁଝର, ୧୩।୮ (ସମିସ): କୁଷ୍ଠରୋଗ ମୁକ୍ତ ଓଡିଶା ଗଠନ ଲକ୍ଷ୍ୟରେ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଓ ଜାତୀୟ କୁଷ୍ଠ ନିରାକରଣ କାର୍ଯ୍ୟକ୍ରମ ଅଧୀନରେ କେନ୍ଦୁଝର ଜିଲ୍ଲାରେ ଏକ ବ୍ୟାପକ କୁଷ୍ଠରୋଗ ଚିହ୍ନଟ ଓ ସଚେତନତା ଅଭିଯାନ ଆସନ୍ତା ଅଗଷ୍ଟ ୧୭ରୁ ଆରମ୍ଭ ହୋଇ ଅଗଷ୍ଟ ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ୧୪ ଦିନିଆ ଅଭିଯାନ ମାଧ୍ୟମରେ ଜିଲ୍ଲାରେ ୨ଟି ବ୍ଲକ (ସାହାରପଡା ଓ ପାଟଣା) ଏବଂ ଗୋଟିଏ ସହରାଞ୍ଚଳ (ବଡବିଲ)ରେ ଅନୁଷ୍ଠିତ ହେବ। ସେଥିପାଇଁ ୧୩ ତାରିଖ ଗୁରୁବାର ଜନସାଧାରଣଙ୍କ ମାଧ୍ୟମରେ ସଚେତନତା ସୃଷ୍ଟି କରିବା ପାଇଁ 'ଲେପ୍ରା ସୋସାଇଟି' ରାଇରଙ୍ଗପୁର ସହଯୋଗରେ ସ୍ୱତନ୍ତ୍ର ଶିକ୍ଷା, ସ୍ୱାସ୍ଥ୍ୟ ଓ ସଂଗାର ପ୍ରଦର୍ଶନ ଗାଡି 'ଶାମ୍ବ ରଥ' କୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଧନେଶ୍ୱର ସେଠୀଙ୍କ ଦ୍ୱାରା ଆରମ୍ଭ କରାଯାଇଛି। ଜିଲ୍ଲା ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡାକ୍ତର ଲକ୍ଷ୍ମୀକାନ୍ତ ମହାନ୍ତ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (କୁଷ୍ଠରୋଗ) ଡାକ୍ତର ବସନ୍ତ ପାତ୍ର, ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ ଡାକ୍ତର ନିତ୍ୟରଞ୍ଜନ ବରାଳ, ଜିଲ୍ଲା କୁଷ୍ଠରୋଗ ପରାମର୍ଶଦାତା ଡାକ୍ତର ଶୋଭନ ସାହୁ, ଜିଲ୍ଲା ସଂଗର, ସ୍ୱାସ୍ଥ୍ୟ ଅଧିକାରୀ ଭରତ ସାହୁ ଓ ଜିଲ୍ଲା ପରିସଂଖ୍ୟାନ ସହାୟକ ବୃନ୍ଦାବନ ସାହୁଙ୍କ ସହ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ।

## ପୋଲ ତଳକୁ ଖସି ଅଟୋ, ବର୍ତ୍ତିଲେ ଯାତ୍ରୀ



ସାରସକଣା,୧୩।୮ (ସମିସ): ସାରସକଣାରୁ ଝାଡ଼ଖଣ୍ଡକୁ ସଂଯୋଗ କରୁଥିବା ରାସ୍ତାରେ ଏକ ପୋଲ ଉପରେ ୪ ଫୁଟ ଉଚ୍ଚର ପାଣି ପ୍ରବାହିତ ହେଉଥିବାବେଳେ ସେହି ରାସ୍ତା ଦେଇ ଏକ ବ୍ୟାଟେରୀ ଚାଳିତ ଅଟୋ ୪ ଜଣ ଯାତ୍ରୀଙ୍କୁ ନେଇ ଯାଉଥିବାବେଳେ ପାଣିର ସ୍ରୋତରେ ଭାରସାମ୍ୟ ହରାଇ ପୋଲ ତଳକୁ ଖସିଯାଇଥିଲା। ଅଟୋ ମଧରେ ଥିବା ଲୋକେ ପାଣିରେ ବୁଡି ରହିଥିବାବେଳେ ଲୋକେ ଉଦ୍ଧାର କରିଥିଲେ। ଅଟୋକୁ ଦଉଡ଼ି ଦ୍ୱାରା ଟାଣି ଟାଣି ବାହାର କରିଥିଲେ।

## ବନ୍ଧୁକ ଦେଖାଇ ସୁନା ବେପାରୀଙ୍କୁ ଲୁଟ୍

ସାରସକଣା,୧୩।୮ (ସମିସ): ମୟୂରଭଞ୍ଜ ଜିଲ୍ଲା ସାରସକଣା ବ୍ଲକସ୍ଥ ବମ୍ବେ ଛକ ବଜାର ନିକଟ ଲୋକନାଥ ନଗର ଖଟୁଆ ମେସ ଗଳିରେ ବନ୍ଧୁକ ଦେଖାଇ ସୁନା ବ୍ୟବସାୟୀଙ୍କଠାରୁ ସୁନା ଗହଣା ଲୁଟ୍ କରାଯାଇଥିବା ଅଭିଯୋଗ ହୋଇଛି। ଝାରପୋଖରୀଆ ଥାନା ଅନ୍ତର୍ଗତ ବମ୍ବେ ଛକ ବଜାରର ରଞ୍ଜିତ ପରିଡା ନାମକ ସୁନା ବ୍ୟବସାୟୀ ପ୍ରତ୍ୟେକ ଦିନ ଭଳି ବୁଧବାର ଦୋକାନ ବନ୍ଦ କରି ବ୍ୟାଗରେ ସୁନା ରୁପା ଅଳଙ୍କାର ନେଇ ଘରକୁ ଯାଉଥିବାବେଳେ ଲୋକନାଥ ନଗରର ଖାଟୁଆ ମେସ ଗଳିରେ ଦୁଇଟି ବାଇକ୍‌ରେ ଚାରିଜଣ ଯୁବକ ଆସି ବନ୍ଧୁକ ଓ ମରଣାସ୍ତ୍ର ଦେଖାଇ ବ୍ୟାଗ୍ ଛଡ଼ାଇ ନେବା ସହ ରଞ୍ଜିତଙ୍କ ବାପାଙ୍କୁ ମାଡ଼ମାରି ଖସି ପଳାଇଥିଲେ। ଖବର ପାଇ ଝାରପୋଖରୀଆ ପୁଲିସ ପହଞ୍ଚି ଲୁଟେରାଙ୍କୁ ଧରିବାକୁ ପ୍ରୟାସ କରୁଥିବା ଜଣାଯାଇଛି।

## ଠାକୁରମୁଣ୍ଡା ବ୍ଲକ୍ ଅଞ୍ଚଳରେ ଅବକାରୀ ବିଭାଗ ନିଷ୍କ୍ରିୟ

ମହୁଲଡିହା,୧୩।୮ (ସମିସ): ଠାକୁରମୁଣ୍ଡା ବ୍ଲକ ଅଞ୍ଚଳରେ ଦିନକୁ ଦିନ ବଢ଼ିଚାଲିଛି ଚୋରା ମହୁଲି ମଦ କାରବାର। ଅବକାରୀ ବିଭାଗ ଥାଣୁ ଏବଂ ନିଷ୍କ୍ରିୟ ହୋଇ ବସିଥିବାରୁ ଚୋରାମଦ ବେପାରୀ ସେମାନଙ୍କ କାୟା ବିସ୍ତାର କରି ଚାଲିଛନ୍ତି। ଅବକାରୀ ବିଭାଗ ନିର୍ଦ୍ଦିଷ୍ଟ ଲୋକଙ୍କୁ ଧରି ମାମଲା ରୁଜୁ କରି ଚୁପ୍ ବସିଯାଉଛି। ଆଖିଦୃଶିଆ ଭାବେ ବେଳେବେଳେ ଗାଁରେ କିମ୍ବା ଜଙ୍ଗଲରେ ଚଢ଼ଉ କରି ମହୁଲପୋଚ ନଷ୍ଟ କରାଯାଉଛି। ୧୦୦ କିଗ୍ରା ନଷ୍ଟ କରି ୫୦୦ କିଗ୍ରାର ହିସାବ ଦିଆଯାଉଛି। ଠାକୁରମୁଣ୍ଡା ବ୍ଲକ ଅଞ୍ଚଳରେ ଗାଁ ଗାଁରେ ମହୁଲି ମଦ ରନ୍ଧାଯାଉଥିବାବେଳେ ଅବକାରୀ ବିଭାଗ ପାଖରେ ଖବର ନାହିଁ। ସରକାର ତୁରନ୍ତ ଏ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଗବେଷିକାଙ୍କ ଡକ୍ଟରେଟ୍ ଲାଭ



ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ, ବାରିପଦା, ଓଡ଼ିଆ ବିଭାଗର ଗବେଷିକା ସୁଶ୍ରୀ ସିମ୍ରନ୍ ରାଉତ୍ ଓଡ଼ିଆ ସାହିତ୍ୟରେ ଗବେଷଣା କରି ସମ୍ମାନଜନକ ଡକ୍ଟରେଟ୍ ଉପାଧି ଲାଭ କରିଛନ୍ତି। ସେ ଉକ୍ତ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ବିଭାଗୀୟ ମୁଖ୍ୟ ତଥା ପ୍ରଫେସର ବଭ୍ରୁବାହନ ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗବେଷଣା କରୁଥିଲେ। ତାଙ୍କର ଗବେଷଣା ନିବନ୍ଧର ଶୀର୍ଷକ ହେଉଛି "ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ଉପନ୍ୟାସରେ ପ୍ରାକୃତିକ ବିପର୍ଯ୍ୟୟର ଚିତ୍ର"। ନିବନ୍ଧଟି ଉତ୍କଳ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱରର ପ୍ରଫେସର ମଣୀନ୍ଦ୍ର କୁମାର ମେହେର ଓ କିସ୍ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱରର ପ୍ରଫେସର ବିଜୟାନନ୍ଦ ସିଂହଙ୍କ ଦ୍ୱାରା ପରୀକ୍ଷିତ ହୋଇ ଉଚ୍ଚ ପ୍ରଶଂସିତ ହୋଇଛି। ଡ. ସିମ୍ରନ୍ ରାଉତ୍ ସମ୍ପ୍ରତି ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁରଠାରେ ଅଧ୍ୟାପିକା ଭାବେ କାର୍ଯ୍ୟରତ। ସେ ମୟୂରଭଞ୍ଜ ଜିଲ୍ଲାର ବାରିପଦା ଅନ୍ତର୍ଭୁକ୍ତ ତୁଳସୀ ଚଉରା ନିବାସୀ ଶ୍ରୀମତୀ କୁମୁଦିନୀ ହାତୀ ଓ ଶ୍ରୀଯୁକ୍ତ ବ୍ରଜେନ୍ଦ୍ର କୁମାର ରାଉତଙ୍କ ଏକ ମାତ୍ର କନ୍ୟା ଓ ପୂର୍ବତନ ଜିଲ୍ଲା ମୁଖ୍ୟ ପଶୁ ଚିକିତ୍ସକ ଡାକ୍ତର ନଟବର ରାଉତଙ୍କ ନାତୁଣୀ ଅଟନ୍ତି। ମହାପ୍ରଭୁ ଜଗନ୍ନାଥ ଓ ମାଆ ଅମ୍ବିକାଙ୍କ ଅପାର କୃପାରୁ ତାଙ୍କୁ ଏହି ସଫଳତା ମିଳିଥିବାରୁ ତାଙ୍କ ପାଦପଦ୍ମରେ ବିନମ୍ର ପ୍ରଣତି ଜଣାଇଛନ୍ତି। ଏହାଛଡ଼ା ସେ ଅଜା, ଆଈ, ବଡ଼ବାପା, ବଡ଼ମାଆ, ବଡ଼ ଭଉଣୀ, ସାନ ଭାଇ ଆଦର୍ଶ ତଥା ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଓ ଶୁଭେଚ୍ଛୁମାନଙ୍କ ଆନ୍ତରିକ ପ୍ରେରଣା ନିମନ୍ତେ କୃତଜ୍ଞତା ଜ୍ଞାପନ କରିଛନ୍ତି।

ଆଜି ଅନ୍ତ୍ୟେଷ୍ଟିକ୍ରିୟା ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



୰ ଗୋବିନ୍ଦ ଚନ୍ଦ୍ର ବେହେରୁକ
ଅବସରପ୍ରାପ୍ତ ଶିକ୍ଷକ
ଆବିର୍ଭାବ: ୦୫.୧୦.୧୯୪୮
ତିରୋଧାନ: ୦୫.୦୮.୨୦୨୬

ଆପଣଙ୍କ ଆଦର୍ଶ, କର୍ତ୍ତବ୍ୟନିଷ୍ଠା, ସ୍ନେହ, ଭଲ ପାଇବା, ତ୍ୟାଗ ଆମ ସାରା ଜୀବନ ଅଭୁଲା ହୋଇ ରହିବ, ପ୍ରତି ମୁହୂର୍ତ୍ତରେ ଆପଣଙ୍କ ଅନୁପସ୍ଥିତିକୁ ଆମେ ଅନୁଭବ କରିବୁ, ଜଗତର ନାଥ ଶ୍ରୀଜଗନ୍ନାଥ ଆପଣଙ୍କ ଆତ୍ମାଙ୍କୁ ଶାନ୍ତି ଓ ମୁକ୍ତି ପ୍ରଦାନ କରନ୍ତୁ

ଶୋକସନ୍ତପ୍ତ: ପୁତ୍ର-ମହାଦେବ, କୃପାସିନ୍ଧୁ, ପୁତ୍ରବଧୂ-ନିର୍ମଳା, ବିଷ୍ଣୁପ୍ରିୟା, ଝିଅ-ଉର୍ମିଳା, ପ୍ରମିଳା, ଉର୍ବଶୀ, ଯାଜ୍ଞସେନୀ, ପଙ୍କଜିନୀ ତଥା ବେହେରୁକ ପରିବାର ଓ ଆତ୍ମିୟ ସୌଜନ୍ୟ ବୃନ୍ଦ ଇଛାପୁର, କଳମପୁର କଳାହାଣ୍ଡିଇଛାପୁର, କଳମପୁର କଳାହାଣ୍ଡି।

## କେନ୍ଦୁଝର ଜିଲ୍ଲା ପ୍ରଶାସନର ଜରୁରୀ ବୈଠକ

କେନ୍ଦୁଝର, ୧୩।୮ (ସମିସ): କେନ୍ଦୁଝର ଜିଲ୍ଲା ଆପାତକାଳୀନ ବୈଠକ (ଡିସିଜି) ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବିନ୍ଦ୍ର କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଶିଳ୍ପ ସୁରକ୍ଷା ଏବଂ ସମନ୍ୱିତ ପ୍ରତିକ୍ରିୟା ବ୍ୟବସ୍ଥା ଉପରେ ସମୀକ୍ଷା କରାଯାଇଥିଲା। କେନ୍ଦୁଝର ଡିଭିଜନର କାରଖାନା ଓ ବାଷ୍ପିତ ସହକାରୀ ନିର୍ଦ୍ଦେଶକ କେଦାର ନାଥ ହାଁସଦା ଜିଲ୍ଲା ଆପାତକାଳୀନ ବୈଠକର ଲକ୍ଷ୍ୟ ଏବଂ ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ବୈଠକରେ ବିଭିନ୍ନ ଶିଳ୍ପ ସଂସ୍ଥା, ସ୍ୱାସ୍ଥ୍ୟ ବିଭାଗ, ଅଗ୍ନିଶମ ବିଭାଗ, ଶ୍ରମ ବିଭାଗ, ବିଦ୍ୟୁତ୍ ବିଭାଗ ଏବଂ ଅନ୍ୟାନ୍ୟ ଅଂଶୀଦାରଙ୍କ ପ୍ରତିନିଧିଙ୍କ ସମେତ ପ୍ରାୟ ୨୦ ଜଣ ଅଂଶଗ୍ରହଣକାରୀ ବୈଠକରେ ଯୋଗ ଦେଇଥିଲେ। ଶିଳ୍ପ ପ୍ରତିନିଧିମାନେ ବିପଦ ପରିସ୍ଥିତି, ସୁରକ୍ଷା ପଦକ୍ଷେପ, ଜରୁରିକାଳୀନ ପ୍ରସ୍ତୁତି ବ୍ୟବସ୍ଥା ଏବଂ ପ୍ରଶମନ ସୁବିଧା ଉପସ୍ଥାପନ କରିଥିଲେ। ସୁରକ୍ଷିତ ପରିବେଶରେ କାମ କରିବା ପାଇଁ ଜିଲ୍ଲା ପ୍ରଶାସନ, ଶିଳ୍ପ ଏବଂ ଜରୁରୀକାଳୀନ ପ୍ରତିକ୍ରିୟା ସଂସ୍ଥାଗୁଡିକର ସାମୂହିକ ପ୍ରତିବଦ୍ଧତା ଉପରେ ଆଲୋଚନା ହୋଇଥିଲା। ଅତିରିକ୍ତ ଜିଲ୍ଲାପାଳ ରବିନ୍ଦ୍ର କୁମାର ପ୍ରଧାନ ଦୁର୍ଘଟଣା ରୋକିବା ପାଇଁ ପର୍ଯ୍ୟାପ୍ତ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିବା, କାରଖାନା ପରିସରରେ ନିୟମିତ ମକ ଡ୍ରିଲ କରିବା, ଶ୍ରମିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ଏବଂ ବିପଦପୂର୍ଣ୍ଣ କାରଖାନାର ନିକଟବର୍ତ୍ତୀ ଅଞ୍ଚଳରେ ବସବାସ କରୁଥିବା ଗ୍ରାମବାସୀଙ୍କ ମଧ୍ୟରେ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ସୃଷ୍ଟି କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲ୍ଲା ଆପାତକାଳୀନ ଅଧିକାରୀ ଅଭିଳାଷ ପୁରୋହିତ, ଜିଲ୍ଲା ଶ୍ରମ ଅଧିକାରୀ ଆକାଶ ବିଷୋୟୀ, ଟାଟା ପାୱାର ଅଧୀକ୍ଷଣ ଯନ୍ତ୍ରୀ ଇଂ ରଶ୍ମିକାନ୍ତ ବେହେରା, ୱାଟକୋ ସାଧାରଣ ପରିଚାଳକ ରମେଶଚନ୍ଦ୍ର ସୀଠ, ଜିଲ୍ଲା ପ୍ରକଳ୍ପ ଅଧିକାରୀ (ଆପାତକାଳୀନ) ସେକ୍ ଇଜାଜ ଇକବାଲ, ଆଞ୍ଚଳିକ ପରିବହନ ଅଧିକାରୀ ଇଂ ମାନସ ରଞ୍ଜନ ସାହୁ, ଜିଲ୍ଲା ଅଗ୍ନିଶମ ଅଧିକାରୀ କୃଷ୍ଣଚନ୍ଦ୍ର ସାମଲ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସାର୍ଥକ ଅଭିନନ୍ଦନ ରାୟ, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପୁରୁଷୋତ୍ତମ ମହାନ୍ତ, ଯୋଡାସ୍ଥିତ ଟାଟା ଷ୍ଟିଲ ଫେରୋ ଆଲୟ ପ୍ଲାଣ୍ଟର ଆଶିଷ ପାଲ୍, ଜିଲ୍ଲା ମହାମାରୀ ବିଶେଷଜ୍ଞ ଡାକ୍ତର ବିଷ୍ଣୁଚରଣ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ। ଅତିରିକ୍ତ ଜିଲ୍ଲାପାଳ ରବିନ୍ଦ୍ର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ଥମୁନି ହାତୀପଲଙ୍କ ଉପଦ୍ରବ

ଡୁରୁମୁଙ୍ଗା, ୧୩।୮ (ସମିସ): ପାଟଣା ରେଞ୍ଜରେ ଥମୁନି ହାତୀପଲଙ୍କ ଉପଦ୍ରବ। ଦୀର୍ଘ ୧୫ ଦିନରୁ ଊର୍ଦ୍ଧ୍ୱ ସମୟ ଧରି ୨୭ ଟିକିଆ ହାତୀପଲ ଅଞ୍ଚଳରେ ଆତଙ୍କ ଖେଳାଇଥିବା ବେଳେ ଏପର୍ଯ୍ୟନ୍ତ ୬୦ରୁ ଊର୍ଦ୍ଧ୍ୱ ଘର ଭାଙ୍ଗିଥିବା ଅଭିଯୋଗ ହୋଇଛି। ଏଥିସହ ହାତୀପଲ ଘର ଭାଙ୍ଗୁଥିବା ଦୃଶ୍ୟର ଏକ ଭିଡିଓ ଭାଇରାଲ ହୋଇଛି। ବିଳମ୍ବିତ ରାତିରେ ୭ ଟିକିଆ ହାତୀପଲ ମଧ୍ୟରୁ ଏକ ଦନ୍ତା ହାତୀ ମଙ୍ଗଳପୁର ଗାଁରେ ପଶି ସୁରେଶ ମହାନ୍ତ, ବିଦ୍ୟାଧର ମହାନ୍ତ ଓ ଦୂର ମହାନ୍ତଙ୍କ ୪ଟି ଘର ଭାଙ୍ଗି ଧାନ ଚାଉଳ ଖାଇ ନଷ୍ଟ କରିଦେଇ ଥିବା ବେଳେ ହାତୀ ଘର ଭାଙ୍ଗୁଥିବା ସମୟର ଦୃଶ୍ୟକୁ ଏବେ ଭାଇରାଲ ହୋଇଛି। ଏବେ ପାଟଣା ରେଞ୍ଜ ମଲ୍ଲିପୋଷି ବିଟ୍‌ର ମଙ୍ଗଳପୁର ଗ୍ରାମର ପାଟନାଳି ସାହି ବୈତରଣୀ ନଦୀକୂଳରେ ୭ ଟିକିଆ ହାତୀପଲ ଡେରା ପକାଇ ଥିବା ବେଳେ ୨୦ ଟିକିଆ ହାତୀପଲ ଅଟେଇ ସଂରକ୍ଷିତ ଜଙ୍ଗଲର ବେଙ୍ଗେଇ ହୁଡ଼ି ଅଞ୍ଚଳରେ ରହିଥିବା ଜଣାପଡ଼ିଛି। ହାତୀପଲଙ୍କ ଗତିବିଧି ଉପରେ ବନ ବିଭାଗ ନଜର ରଖିବା ସହ ଲୋକଙ୍କୁ ସତର୍କ ରହିବାକୁ ପରାମର୍ଶ ଦେଇଛି।

## ହାବିଲଦାର କାବ୍ୟକାନ୍ତ ତ୍ରିପାଠୀଙ୍କୁ ଡିଜିପି ଡିସ୍କ ସମ୍ମାନ



ବାରିପଦା, ୧୩।୮ (ସମିସ): ମୟୂରଭଞ୍ଜ ପୁଲିସରେ କାର୍ଯ୍ୟରତ ହାବିଲଦାର କବ୍ୟକାନ୍ତ ତ୍ରିପାଠୀଙ୍କୁ ୨୦୨୬ ପାଇଁ ଡିଜିପି ଡିସ୍କରେ ସମ୍ମାନିତ କରାଯାଇଛି। ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ଭୁବନେଶ୍ୱରସ୍ଥ ପୁଲିସ ଭବନରେ ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହରେ ୫୫ ଜଣ ପୁଲିସ ଅଧିକାରୀ ଓ କର୍ମଚାରୀଙ୍କୁ ଡିଜିପି ଡିସ୍କ ଓ ମାନପତ୍ର ପ୍ରଦାନ କରିଥିଲେ। ମୟୂରଭଞ୍ଜ ପୁଲିସ ଏହି ସଫଳତା ପାଇଁ ହାଭିଲଦାର ତ୍ରିପାଠୀଙ୍କୁ ଅଭିନନ୍ଦନ ଜଣାଇ କହିଛନ୍ତି ଯେ, କାବ୍ୟକାନ୍ତଙ୍କ ନିଷ୍ଠା ଓ ପେଶାଗତ ଦକ୍ଷତା ଯୋଗୁଁ ତାଙ୍କୁ ସମ୍ମାନ ପ୍ରଦାନ କରାଯାଇଛି। ସେ ବର୍ତ୍ତମାନ ଜିଲ୍ଲା ମୁଖ୍ୟାଳୟରେ ଥିବା ସାଇବର ଥାନାରେ କାର୍ଯ୍ୟରତ। ଏହି ସମ୍ମାନ ମୟୂରଭଞ୍ଜ ପୁଲିସ ଓ ସମଗ୍ର ଓଡ଼ିଶା ପୁଲିସ ପାଇଁ ଗର୍ବର ବିଷୟ ବୋଲି ଜିଲ୍ଲା କନେଷ୍ଟବଳ ସଂଘର ସମ୍ପାଦକ ସୂରଜ କୁମାର ରାଜ କହିଛନ୍ତି।

**ରେଭେନ୍ସା ବିଶ୍ୱବିଦ୍ୟାଳୟର ଅଧ୍ୟାପକଙ୍କୁ ବିଧାୟକ ପ୍ରକାଶ ସେଠୀଙ୍କ ଦୁର୍ବ୍ୟବହାର ପ୍ରସଙ୍ଗ**

# ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ଘଟଣା ଚାପିଦେବାକୁ ଉଦ୍ୟମ ହୋଇଛି: ବିଜେଡି

ଭୁବନେଶ୍ୱର,୧୩।୮ (ସମିସ): କଟକ ସଦର ବିଧାୟକ ପ୍ରକାଶ ସେଠୀଙ୍କ ଦ୍ୱାରା ଦୁର୍ବ୍ୟବହାର ଅଭିଯୋଗ ଆଣି ରେଭେନ୍ସା ବିଶ୍ୱ ବିଦ୍ୟାଳୟରେ ସମୂହ ଇସ୍ତଫା ଦେଇଥିବା ୩୦ ଜଣ ୱାଡେନ ଓ ଡେପୁଟି ୱାର୍ଡେନଙ୍କ ସ୍ଥାନରେ ନୂତନ ଚିପ୍ ୱାଡେନ, ୱାଡେନ ଓ ଡେପୁଟି ୱାଡେନ ନିଯୁକ୍ତି ଦିଆଯାଇଛି। ଯାହାକୁ ନେଇ ଗୁରବାର ବିଜେଡି ରାଜ୍ୟ ବିଜେପି ସରକାରଙ୍କ ଉପରେ ବର୍ଷିଛି। ସରକାରଙ୍କ ଚାପରେ ବିଧାୟକଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନନେଇ ଉପୁଜିଥିବା ବିବାଦକୁ ଚାପି ଦେବା ପାଇଁ ଉଦ୍ୟମ କରାଯାଇଛି, ଯାହା ରେଭେନ୍ସା ବିଶ୍ୱବିଦ୍ୟାଳୟର ଶୈକ୍ଷିକ ବାତାବରଣକୁ ନଷ୍ଟ କରିଛି ବୋଲି ବିଜେଡି ଅଭିଯୋଗ କରିଛି।



■ ବିଜେପି ସରକାରଙ୍କ ସମୟରେ ରାଜ୍ୟର ଶୈକ୍ଷିକ ବାତାବରଣ ନଷ୍ଟ ହେଉଛି
■ ବିଧାୟକଙ୍କ ଦୋଷକୁ ରାଜ୍ୟ ସରକାର ଘଣ୍ଟ ଘୋଡାଉଛନ୍ତି

ଶଙ୍ଖ ଭବନରେ ଆଜି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଜୁ ଛାତ୍ର ଜନତା ଦଳର ସଭାପତି ଇପ୍ସିତା ସାହୁ ଓ ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ ଲେନିନ ମହାନ୍ତି, ରାଜ୍ୟରେ ବିଜେପି ସରକାରଙ୍କ ଶାସନରେ ଶିକ୍ଷା ଅନୁଷ୍ଠାନରେ ଗୈରୀକି କରଣ ହେବା ସହିତ ଶୈକ୍ଷିକ ବାତାବରଣ ଅବକ୍ଷୟ ହେଉଛି ବୋଲି ଅଭିଯୋଗ କରିଛନ୍ତି। ଇପ୍ସିତା ସାହୁ କହିଥିଲେ ଯେ ରେଭେନ୍ସା ବିଶ୍ୱବିଦ୍ୟାଳୟରେ ଛାତ୍ର ମାନଙ୍କ ଦ୍ୱାରା ଆନ୍ଦୋଳନ ଚାଲିଥିଲା ବେଳେ ବିନା ନିମନ୍ତ୍ରଣରେ କଟକ ସଦର ବିଧାୟକ ସେଠାରେ ପହଞ୍ଚି ହସ୍ତକ୍ଷେପ କରିବାକୁ ଚେଷ୍ଟା କରିଥିଲେ। ସେହି ସମୟରେ ସେଠାରେ ଉପସ୍ଥିତ ଅଧ୍ୟାପକ ମାନଙ୍କୁ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଥିଲା। ଏହାର ପ୍ରତିବାଦରେ ବିଶ୍ୱବିଦ୍ୟାଳୟର ପ୍ରାୟ ତିରିଶ ଜଣ ୱାର୍ଡେନ ସମୂହ ଇସ୍ତଫା ଦେଇଥିଲେ। ବିଧାୟକଙ୍କ ଦୋଷକୁ ଘୋଡାଇବା ଉଦ୍ଦେଶ୍ୟରେ ଏବେ ଇସ୍ତଫା ଦେଇଥିବା ଚିପ୍ ୱାଡେନ, ୱାର୍ଡେନ ଓ ଡେପୁଟି ୱାର୍ଡେନଙ୍କ ସ୍ଥାନରେ କର୍ତ୍ତୃପକ୍ଷ ନୂତନ ଚିପ୍ ୱାର୍ଡେନ, ୱାର୍ଡେନ ଓ ଡେପୁଟି ୱାର୍ଡେନ ନିଯୁକ୍ତି ଦେଇଛନ୍ତି। ରାଜ୍ୟ ସରକାର ଚାପରେ ଏହି ପଦକ୍ଷେପ ନିଆଯାଇଛି। ବିଜେପି ସରକାରଙ୍କ ସମୟରେ ନ୍ୟାୟ ପାଇବାରୁ ବଞ୍ଚିତ ହୋଇ ସୋମ୍ୟାଶ୍ରୀ ଆତ୍ମଦାହ କଲା, ରମାଦେବୀ ବିଶ୍ୱବିଦ୍ୟାଳୟରେ ବିଜେପିର ଗୁଣ୍ଡା ଶ୍ରେଣୀୟ ସମର୍ଥକ ମାନେ ପଶି ଛାତ୍ରୀମାନଙ୍କୁ ଦୁର୍ବ୍ୟବହାର କଲେ ଓ ଏବେ ବିଧାୟକ ଅଧ୍ୟାପକ ମାନଙ୍କୁ ଦୁର୍ବ୍ୟବହାର କରିବା ଭଳି ଘଟଣା ରାଜ୍ୟର ଶିକ୍ଷାନୁଷ୍ଠାନରେ ଶୈକ୍ଷିକ ବାତାବରଣକୁ ନଷ୍ଟ କରୁଛି। ପରିସ୍ଥିତି ଏପରି ରହିଲେ, ବିଜୁ ଛାତ୍ର ଜନତା ଦଳ ରାଜରାସ୍ତାକୁ ଓହ୍ଲାଇବ ବୋଲି ସେ କହିଥିଲେ। ଡ.ମହାନ୍ତି କହିଥିଲେ ଯେ ରାଜ୍ୟ ସରକାରଙ୍କ ଚାପରେ ବିଧାୟକ ପ୍ରକାଶ ସେଠୀଙ୍କ ଦ୍ୱାରା ଦୁର୍ବ୍ୟବହାର ଯୋଗୁ ରେଭେନ୍ସା ବିଶ୍ୱବିଦ୍ୟାଳୟରେ ଉପୁଜିଥିବା ବିବାଦକୁ ଚାପି ଦେବାକୁ ଉଦ୍ୟମ କରାଯାଇଛି, ଯାହାକୁ ଆମେ ନିନ୍ଦା କରୁଛୁ। ରାଜ୍ୟର ଉଚ୍ଚଶିକ୍ଷାମନ୍ତ୍ରୀ ମଧ୍ୟ ଏହି ପ୍ରସଙ୍ଗରେ ମୁହଁ ଖୋଲିନାହାନ୍ତି, ଯାହା ଦୁର୍ଭାଗ୍ୟଜନକ। ବିଜେପି କ୍ଷମତାସୀନ ହେବା ପରଠାରୁ ଶିକ୍ଷା ଅନୁଷ୍ଠାନ ଗୁଡିକରେ ଅନାବଶ୍ୟକ ହସ୍ତକ୍ଷେପ, ଶିକ୍ଷା ଅନୁଷ୍ଠାନ ଗୁଡିକରେ ଗୈରୀକ କରଣ ଯୋଗୁ ରାଜ୍ୟର ଶୈକ୍ଷିକ ବାତାବରଣ ନଷ୍ଟ ହେବାରେ ଲାଗିଛି । ପୂର୍ବତନ କେନ୍ଦ୍ରଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଦ୍ୱାରା ହଠାତ ରେଭେନ୍ସା ବିଶ୍ୱବିଦ୍ୟାଳୟର ନାମ ପରିବର୍ତ୍ତନ ପାଇଁ ଏକ ଅନାବଶ୍ୟକ ପ୍ରସ୍ତାବ ରଖିଥିଲେ, ଯାହାକୁ ନେଇ ପ୍ରାୟ ୬ ମାସ କାଳ ପ୍ରତିବାଦ ଲାଗି ରହିଥିଲା ଓ ଏଥିଯୋଗୁ ବିଶ୍ୱବିଦ୍ୟାଳୟର ଶୈକ୍ଷିକ ବାତାବରଣ ନଷ୍ଟ ହୋଇଥିଲା । ରେଭେନ୍ସା ବିଶ୍ୱବିଦ୍ୟାଳୟ ପ୍ରସଙ୍ଗରେ ବିଜେଡି ଚୁପ ବସିବ ନାହିଁ। ସମ୍ବିଧାନର ବିଧି ବ୍ୟବସ୍ଥାରେ ଉପଯୁକ୍ତ ନ୍ୟାୟ ପ୍ରଦାନ ପାଇଁ ଉଦ୍ୟମ ଜାରି ରଖିବ ବୋଲି ଡ. ମହାନ୍ତି କହିଥିଲେ।

# ଅଙ୍ଗଦାନ ଅନ୍ୟ ଜଣଙ୍କୁ ନୂଆ ଜୀବନ ଦେବାର ସ୍ୱର୍ଣ୍ଣିମ ସୁଯୋଗ

ଭୁବନେଶ୍ୱର,୧୩।୮ (ସମିସ): ଅଙ୍ଗଦାନ କେବଳ ଏକ ନିଷ୍ପତ୍ତି ନୁହେଁ ଏହା ଅନ୍ୟ ଜଣଙ୍କ ଆଖିରେ ନୂଆ ସ୍ୱପ୍ନ ଓ ଜୀବନ ଦେବାର ଏକ ସ୍ୱର୍ଣ୍ଣିମ ସୁଯୋଗ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଛନ୍ତି। ବିଶ୍ୱ ଅଙ୍ଗଦାନ ଦିବସ ଅବସରରେ ଆଜି ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଆୟୋଜିତ ରାଜ୍ୟସ୍ତରୀୟ ସମାରୋହରେ ମନ୍ତ୍ରୀ




**୨୪ ଜଣଙ୍କୁ 'ସୁରଜ ସମ୍ମାନ'ପ୍ରଦାନ**

ଡ. ମହାଲିଙ୍ଗ ଅଙ୍ଗଦାନ କରି ଅନ୍ୟମାନଙ୍କୁ ନୂଆ ଜୀବନ ଦେଇଥିବା ଅଙ୍ଗଦାତାମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇବା ସହ ସେମାନଙ୍କ ପରିବାର ସଦସ୍ୟଙ୍କୁ 'ସୂରଜ ସମ୍ମାନ'ରେ ସମ୍ମାନିତ କରିଛନ୍ତି। ଏହି ଅବସରରେ ୧୧ଟି ଜିଲ୍ଲାର ଅଙ୍ଗ ଦାନ କରିଥିବା ମୋଟ ୨୪ ଜଣ ଅଙ୍ଗଦାତାଙ୍କ ପରିବାରକୁ ୫ ଲକ୍ଷ ଟଙ୍କା ଲେଖାଏଁ ସମ୍ମାନ ରାଶି ସହ ସମ୍ମାନପତ୍ର ପ୍ରଦାନ କରାଯାଇଛି। 'ସୁରଜ', ଯାହାଙ୍କ ନାମରେ ଏହି ସମ୍ମାନ ଦିଆଯାଉଛି ତାଙ୍କ ଅବଦାନକୁ ସାଧୁବାଦ ଏବଂ କୃତଜ୍ଞତା ଜଣାଇଥିଲେ। ଜଣେ ବ୍ରେନ୍ ଡେଡ୍ ବ୍ୟକ୍ତିଙ୍କ ଦ୍ୱାରା ବୃକକ୍, ଯକୃତ, ଫୁସଫୁସ, ହୃତପିଣ୍ଡ, ଅଗ୍ନ୍ୟାଶୟ ଓ ଅନ୍ତନଳୀ ଭଳି ବିଭିନ୍ନ ଅଙ୍ଗ ଦାନ କରାଯାଇ ଏକାଧିକ ଲୋକଙ୍କ ଜୀବନ ରକ୍ଷା କରାଯାଇପାରେ। ସଚେତନତା ମାଧ୍ୟମରେ ଅଧିକରୁ ଅଧିକ ପ୍ରଚାର ପ୍ରସାର ଫଳରେ ଅଙ୍ଗଦାନ ଯେପରି ଲୋକାଦୃତ ହେବ ସେଥିପାଇଁ ପଦକ୍ଷେପ କହିଛନ୍ତି। କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ବିଭାଗର ସଚିବ ଅଶ୍ୱତୀ ଏସ., ନଟୋ (ନ୍ୟାସନାଲ ଅର୍ଗାନ୍ ଆଣ୍ଡ ଟିସ୍ୟୁ ଟ୍ରାନ୍ସପ୍ଲାଣ୍ଟ ଅର୍ଗାନାଇଜେସନ୍) ର ନିର୍ଦ୍ଦେଶକ ଅନିଲ କୁମାରଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ହଡ଼ପ; ୨ ସରକାରୀ କର୍ମଚାରୀ ଗିରଫ





ଜଗତସିଂହପୁର,୧୩।୮ (ସମିସ): ଜଗତସିଂହପୁର ଜିଲ୍ଲାର ତିର୍ତ୍ତୋଲ ବ୍ଲକ୍‌ରେ ନିଯୁକ୍ତି ପାଇଥିବା ଦୁଇ ସରକାରୀ କର୍ମଚାରୀ ୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଜାଲିଆତି କରିଥିବା ଅଭିଯୋଗାରେ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଛନ୍ତି। ସୂଚନା ଅନୁସାରେ ଗତ ୨୦୧୧-୧୨ଠାରୁ ୨୦୨୧-୨୨ ଆର୍ଥିକ ବର୍ଷ ମଧ୍ୟରେ ତିର୍ତ୍ତୋଲ ବ୍ଲକ୍‌ରେ ପ୍ରାୟ ୩ କୋଟି ୨ ଲକ୍ଷ ୯୫ ହଜାର ଟଙ୍କା ସରକାରୀ ଅର୍ଥ ଆତ୍ମସାତ ହୋଇଥିବା ଅଡିଟ ବେଳେ ଜଣାପଡ଼ିଥିଲା। ପରେ ବ୍ଲକ୍ ପ୍ରଶାସନ ପକ୍ଷରୁ ଥାନାରେ ଅଭିଯୋଗ କରାଯିବା ସହିତ ଏହାର ଭିଜିଲାନ୍ସ ତଦନ୍ତ ଆରମ୍ଭ ହୋଇଥିଲା। ତଦନ୍ତ ପରେ ସେ ସମୟରେ ଦାୟିତ୍ୱରେ ଥିବା ବରିଷ୍ଠ ରାଜସ୍ୱ ସହାୟକ ଭଞ୍ଜ କିଶୋର ବେହେରା(ବର୍ତ୍ତମାନ ନାଉଗାଁ ତହସିଲରେ କାର୍ଯ୍ୟରତ), ଅବସରପ୍ରାପ୍ତ ପିଇଓ ପ୍ରଦୀପ୍ତ କୁମାର ମଲ୍ଲିକ ଏବଂ ତତ୍କାଳୀନ ସହକାରୀ ଯନ୍ତ୍ରୀ ରାଜଦୀପ ହାଁସଦାଙ୍କ ଏହି ମାମଲାରେ ସମ୍ପୃକ୍ତି ଥିବା ସ୍ପଷ୍ଟ ହୋଇଥିଲା। ତେବେ ଇତି ମଧ୍ୟରେ ରାଜଦୀପ ହାଁସଦାଙ୍କ ମୃତ୍ୟୁ ହୋଇଥିବାବେଳେ ଅନ୍ୟ ଦୁଇ ଅଭିଯୁକ୍ତ ଭଞ୍ଜ କିଶୋର ବେହେରା ଏବଂ ପ୍ରମୋଦ କୁମାର ମଲ୍ଲିକଙ୍କୁ ଭିଜିଲାନ୍ସ ଗିରଫ କରି ଆଜି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି। ଏହି ଅର୍ଥ ଆତ୍ମସାତ ମାମଲାର ତଦନ୍ତ ଜାରି ରହିଛି ବୋଲି କଟକ ଭିଜିଲାନ୍ସ ବିଭାଗ ପକ୍ଷରୁ କୁହାଯାଇଛି।

24001/395/2627

## ଓଡିଶା ସରକାର
## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
## ଘୋଷଣା

No **RDM-LAA-MBJ-0027-2024**-20229 R&DM, Dated:14.05.2026

ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013 )ର ଧାରା ୧୯ ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନ ର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା- ଜାମଶୁଳ, ଥାନା- ବୈଶିଙ୍ଗା, ନଂ. ୧୭୮, ତହସିଲ- ବେତନଟୀ, ଜିଲ୍ଲା- ମୟୂରଭଞ୍ଜ ରେ ନିମ୍ନ ସୂଚୀତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର କେଶରୀ ଡିଷ୍ଟ୍ରିବ୍ୟୁଟାରୀ , କୁରାଢୀକ ସବ୍-ମାଇନର ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013) ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୧୦୬୧ ତା. ୦୮.୦୧.୨୦୨୫ ରିଖରେ ପ୍ରକାଶିତ ହୋଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ଜାମଶୁଳ, ଥାନା- ବୈଶିଙ୍ଗା, ନଂ. ୧୭୮, ତହସିଲ- ବେତନଟୀ, ଜିଲ୍ଲା- ମୟୂରଭଞ୍ଜ ରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ । ପୁନର୍ବାସ ଓ ଥଇଥାନ ଯୋଜନା ଏବଂ କ୍ଷତିପୂରଣ ସମ୍ବନ୍ଧୀୟ ତଥ୍ୟ ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ । ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ , ବାରିପଦା ସ୍ଥିତ ମୟୂରଭଞ୍ଜ ଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ

ତଫସିଲ- କ
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା: ମୟୂରଭଞ୍ଜ — ତହସିଲ: - ବେତନଟୀ

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | କିସମ | ପ୍ଲଟ୍ ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତ୍ ଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଜାମଶୁଳ | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏକର ୭୨.୯୮ | ଏକର ୧୫.୨୨ | ଏଥି ସହିତ ସଂଲଗ୍ନ |

ତଫସିଲ- ଖ
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁ ସୂଚୀ)

ଜିଲ୍ଲା:- ମୟୂରଭଞ୍ଜ — ତହସିଲ: - ବେତନଟୀ

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | କିସମ | ପ୍ଲଟ୍ ର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତ୍ ଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ- ୦୨.୦୬.୨୦୨୬ ।

### ଭୂମି ଅନୁସୂଚୀ

ଭୂଅର୍ଜନ ମାମଲା ସଂଖ୍ୟା- ୬୮ /୨୦୨୩
ଏ.୧୫.୨୨ ଡି.

**ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ କେଶରୀ ଡିଷ୍ଟ୍ରିବ୍ୟୁଟାରୀ, କୁରାଢୀକ ସବ-ମାଇନର ନିମନ୍ତେ**
**ମୌଜା- ଜାମଶୁଳ, ଥାନା- ବୈଶିଙ୍ଗା ନଂ -୧୭୮ , ତହସିଲ - ବେତନଟୀ, ଜିଲ୍ଲା- ମୟୂରଭଞ୍ଜ**

| ଖାତା ନଂ ଓ ସତ୍ୱ | ପ୍ଲଟ ନଂ | ମୋଟ ରକବା | ଆକ୍ୟୁଆର ରକବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| 1 | 204 | ଶାରଦ ଦୁଇ | 1.40 | 0.10 | ଅର୍ଜୁନ ମହାନ୍ତ ପି:ରଘୁନାଥ ମହାନ୍ତ ଜା:କୁଡୁମି ବା:,ଚନ୍ଦ୍ର ମୋହନ ମହାନ୍ତ,କନ୍ଦି ମହାନ୍ତ,ଗୁଣ୍ଡୁ ମହାନ୍ତ,ସୁଲୋଚନା ମହାନ୍ତ ପି:ରଘୁନାଥ ମହାନ୍ତ, ଗୁହିଆ ମହାନ୍ତ ସ୍ୱା:ରଘୁନାଥ ମହାନ୍ତ ଜା:କୁଡୁମି ବା:ନିଜଗାଁ,ଜଗନ୍ନାଥ ମହାନ୍ତ ପି: ପ୍ରହରାଜ ମହାନ୍ତ ଜା:କୁଡୁମି ବା:କାପୋଇ |
| | 29 | ଡାହିଏକ | 1.78 | 0.21 | |
| 3 | 5 | ଶାରଦ ଦୁଇ | 0.145 | 0.09 | ଅମୃତା ମହାନ୍ତ ସ୍ୱା:ମନବୋଧ ମହାନ୍ତ ଜା: କୁଡୁମି ବା: କୁରାଢିକ |
| 4 | 109 | ଶାରଦ ଦୁଇ | 0.66 | 0.27 | ଆନନ୍ଦ ମହାନ୍ତ, ବାଙ୍କୁ ମହାନ୍ତ ପି: ବଲାଇ ମହାନ୍ତ, ଚନ୍ଦ୍ର ମୋହନ ମହାନ୍ତ, ହର ମୋହନ ମହାନ୍ତ ପି: ଅର୍ଜୁନ ମହାନ୍ତ, ବୁଧି ମହାନ୍ତ ସ୍ୱା: ବଲାଇ ମହାନ୍ତ ଜା: କୁଡୁମି ବା: କୁରାଢିକ |
| | 109/345 | ଶାରଦ ଦୁଇ | 0.13 | 0.13 | |
| | 11 | ଡାହିଏକ | 0.36 | 0.02 | |
| 7 | 121 | କ୍ଷେତଚୁଡା | 0.30 | 0.15 | ଆଶୁତୋଷ ବେହେରା, ଭବତୋଷ ବେହେରା, ସର୍ବତୋଷ ବେହେରା, ମନତୋଷ ବେହେରା, ଦେବତୋଷ ବେବେରା ପି: ସଦାନନ୍ଦ ବେହେରା ଜା: ନିଆରି ବା:ବାରିପଦା |
| 13 | 288/300 | ଶାରଦ ଦୁଇ | 0.15 | 0.08 | କାଳି ପ୍ରଶାଦ ମହାନ୍ତ ପି:ଘାସିରାମ ମହାନ୍ତ ଜା: କୁଡୁମି ବା: ଫାଲଝରୀ |
| 16 | 106 | ଡାହିଏକ | 1.07 | 0.39 | କୃପାସିନ୍ଧୁ ମହାନ୍ତ ପି:ଉର୍ଦ୍ଧବ ମହାନ୍ତ ଜା: କୁଡୁମି ବା: ମଗୁଶିରିଆ |
| 18 | 23 | ଘରବାରି | 1.12 | 0.03 | ଗୋବିନ୍ଦ ମାଝୀ, ଦାର୍ଘା ମାଝୀ, ଲାଙ୍ଗ ମାଝୀ, ହିରା ମାଝୀ ପି: ଦାସ ମାଝୀ, ମିଟି ମାଝୀ ସ୍ୱା: ଦାସ ମାଝୀ ଜା: ସାନ୍ତାଳ ବା: ନିଜଗାଁ |
| | 30 | ଡାହିଏକ | 0.70 | 0.06 | |
| 19 | 12 | ଡାହିଏକ | 0.52 | 0.02 | ଗୌର ହରି ମହାନ୍ତ, ଭୋଳି ମହାନ୍ତ, କୁନ୍ତି ମହାନ୍ତ, କର୍ମୀ ମହାନ୍ତ, ଚିନ୍ତା ମହାନ୍ତ ପି: ଲୋଚନ ମହାନ୍ତ ଜା: କୁଡୁମି ବା: କୁରାଢିକ, ବିଦ୍ୟାଧର ମହାନ୍ତ, ଚଞ୍ଚଳା ମହାନ୍ତ ପି: ତାର ମହାନ୍ତ ଜା: କୁଡୁମି ବା: ସଂସା, କେଶରୀ ମହାନ୍ତ ସ୍ୱା: ଲୋଚନ ମହାନ୍ତ ଜା: କୁଡୁମି ବା: କୁରାଢିକ, ଗୋଲାପି ମହାନ୍ତ, ଝୀଲିପି ମହାନ୍ତ ପି: ରାମ ହରି ମହାନ୍ତ, ମୁଶରୀ ମହାନ୍ତ ସ୍ୱା: ରାମ ହରି ମହାନ୍ତ ଜା: କୁଡୁମି ବା: ଚହଲାପଦା |
| 21 | 191 | ଶାରଦ ତିନି | 1.39 | 0.20 | ଜଗ ମୋହନ ମହାନ୍ତ, ପରେଶ ମହାନ୍ତ, ଉପେନ୍ଦ୍ର ମହାନ୍ତ, କାଞ୍ଚନ ମହାନ୍ତ ପି: ବିଶ୍ୱ ନାଥ ମହାନ୍ତ ଜା: କୁଡୁମି ବା: କୁରାଢିକ |
| | 191/349 | ଶାରଦ ତିନି | 0.38 | 0.05 | |
| 22 | 285 | ଶାରଦ ଦୁଇ | 0.60 | 0.53 | ଜୟ ରାମ ମହାନ୍ତ ପି:ବଳ ରାମ ମହାନ୍ତ ଜା: କୁଡୁମି ବା: କୁରାଢିକ |
| | 256/308 | ଆଡି | 0.02 | 0.02 | |
| | 197/338 | ଡାହିଏକ | 0.65 | 0.04 | |
| 23 | 218 | ଶାରଦ ତିନି | 0.63 | 0.27 | ଜାସେର ମାଝୀ, ନାରାୟଣ ମାଝୀ ପି: ବାହାଦୁର ମାଝୀ ଜା: ସାନ୍ତାଳ ବା: ନିଜଗାଁ |
| 28 | 42 | ଶାରଦ ଦୁଇ | 0.74 | 0.15 | ତାପସ କୁମାର ମହାନ୍ତ, ଭଜ ହରି ମହାନ୍ତ, ରବିନା ମହାନ୍ତ, ଦମୟନ୍ତି ମହାନ୍ତ ପି: ଗୌର ହରି ମହାନ୍ତ, ଲତିକା ମହାନ୍ତ ସ୍ୱା: ଗୌର ହରି ମହାନ୍ତ ଜା: କୁଡୁମି ବା: କୁରାଢିକ |
| 29 | 121/304 | ଆଡି | 0.48 | 0.03 | ଦଶରଥ ମାଝୀ ପି: କନ୍ଦା ମାଝୀ, ରଘୁନାଥ ମାଝୀ, ଗଦା ମାଝୀ, ଦଶରଥ ମାଝୀ ପି: ପାଗାନ ମାଝୀ ଜା: ସାନ୍ତାଳ ବା: ନିଜଗାଁ |
| | 199 | ଡାହିଏକ | 1.06 | 0.03 | |
| 35 | 119 | ଶାରଦ ଦୁଇ | 7.62 | 1.31 | ଦୁଲଗି ମାଝୀ, ନାଛ ମାଝୀ, ଚାଟିନ ମାଝୀ ପି: ଲାଙ୍ଗ ମାଝୀ, ରାଜ ମାଝୀ ସ୍ୱା: ଲାଙ୍ଗ ମାଝୀ ଜା: ସାନ୍ତାଳ ବା: ନିଜଗାଁ |
| | 129 | ଘରବାରି | 0.22 | 0.03 | |
| | 131 | ଡାହିଏକ | 2.19 | 0.03 | |
| | 127 | ଡାହିଏକ | 1.35 | 0.03 | |
| 38 | 3 | ଶାରଦ ଦୁଇ | 0.93 | 0.10 | ଧୁଜେଇ ମାଝୀ, ଡମୁଣି ମାଝୀ ପି: ଗଙ୍ଗା ମାଝୀ, ଉତ୍ତା ମାଝୀ, ରେଙ୍ଗଟା ମାଝୀ, ମଙ୍ଗଲ ମାଝୀ ପି: ବାର୍ଷା ମାଝୀ ଜା: ସାନ୍ତାଳ ବା: ନିଜଗାଁ |
| | 4 | ଶାରଦ ଦୁଇ | 0.55 | 0.21 | |
| 39 | 197/339 | ଡାହିଏକ | 0.54 | 0.05 | ନରହରି ମହାନ୍ତ ପି:ବଳ ରାମ ମହାନ୍ତ ଜା: କୁଡୁମି ବା: କୁରାଢିକ |
| 42 | 255 | ଶାରଦ ଦୁଇ | 1.15 | 0.08 | ନିତ୍ୟାନନ୍ଦ ମହାନ୍ତ, ମୁକ୍ତା ମହାନ୍ତ, ଶାନ୍ତି ମହାନ୍ତ, ସାନଚନି ମହାନ୍ତ, ସରଧା ମହାନ୍ତ ପି: ନବୀନ ମହାନ୍ତ, ଭାନୁ ମହାନ୍ତ ସ୍ୱା: ନବୀନ ମହାନ୍ତ, ମନୋରଥ ମହାନ୍ତ, ସୁରଥ ମହାନ୍ତ, କମଳୀ ମହାନ୍ତ, ସମଲି ମହାନ୍ତ ପି: ଗୌରହରି ମହାନ୍ତ, ଶିଶୁ ମହାନ୍ତ ସ୍ୱା: ଗୌର ହରି ମହାନ୍ତ ଜା: କୁଡୁମି ବା: କୁରାଢିକ |
| | 256/320 | ଆଡି | 0.08 | 0.02 | |
| 50 | 136 | ଡାହିଏକ | 2.60 | 0.12 | ବଂଶିଧର ମହାନ୍ତ, ଗିରିଧାରୀ ମହାନ୍ତ, ଗଙ୍ଗାଧର ମହାନ୍ତ ପି: ଦୁଲାଲ ମହାନ୍ତ, ଦଶରଥ ମହାନ୍ତ ପି: ଶିବ ମହାନ୍ତ, ଚୁକ୍ ମହାନ୍ତ ସ୍ୱା: ଦୁଲାଲ ମହାନ୍ତ ଜା: କୁଡୁମି ବା: କୁରାଢିକ |
| 54 | 189 | ଶାରଦ ତିନି | 0.22 | 0.02 | ଭରତ ମହାନ୍ତ ପି:କହ୍ନେଇ ମହାନ୍ତ ଜା: କୁଡୁମି ବା: କୁରାଢିକ |
| 55 | 190 | ଶାରଦ ତିନି | 0.23 | 0.02 | ଭରତ ଚନ୍ଦ୍ର ମହାନ୍ତ ପି: କହ୍ନେଇ ମହାନ୍ତ, ସୁବ୍ରୀ ମହାନ୍ତ ସ୍ୱା: କହ୍ନେଇ ମହାନ୍ତ ଜା: କୁଡୁମି ବା: କୁରାଢିକ |
| 57 | 219 | ଶାରଦ ତିନି | 0.86 | 0.29 | ଭିମା ମାଝୀ ପି:ସାଉନା ମାଝୀ ଜା: ସାନ୍ତାଳ ବା: ନିଜଗାଁ |
| | 236 | ଶାରଦ ତିନି | 0.32 | 0.18 | |
| | 126 | ଡାହିଏକ | 0.95 | 0.02 | |
| | 132 | ଡାହିଏକ | 0.43 | 0.07 | |
| 59 | 286/321 | ଶାରଦ ତିନି | 0.75 | 0.25 | ମଦନ ମହାନ୍ତ, କୃତ୍ତିବାସ ମହାନ୍ତ ପି: ପାନ୍ଦୁ ମହାନ୍ତ, ଇନ୍ଦ୍ରମଣି ମହାନ୍ତ ସ୍ୱା: ପାନ୍ଦୁ ମହାନ୍ତ ଜା: କୁଡୁମି ବା: କୁରାଢିକ |
| 60 | 254 | ଶାରଦ ତିନି | 0.37 | 0.17 | ମଙ୍ଗଳ ମାଝୀ, ବୈଷ୍ଣବ ମାଝୀ, ବାଜିନାଥ ମାଝୀ ପି: ସାଗର ମାଝୀ, ଉଚ ମାଝୀ, ସାଗର ମାଝୀ ପି: ମୋହନ ମାଝୀ, ମୋହନ ମାଝୀ, ବିଶରାୟ ମାଝୀ, ରୋହିଆ ମାଝୀ, ବିଜୟ ମାଝୀ ପି: ବାହାଦୁର ମାଝୀ ଜା: ସାନ୍ତାଳ ବା: ନିଜଗାଁ |
| 62 | 284 | ଶାରଦ ଦୁଇ | 2.10 | 0.50 | ମହେଶ୍ୱର ମଳିକ ପି:ଗୁହି ମଳିକ ଜା: ସୁଣ୍ଡି ବା: ଛାତନା |
| 64 | 37 | ଶାରଦ ତିନି | 0.25 | 0.12 | ମୁସୁରୀ ମହାନ୍ତ ସ୍ୱା:ଲାଲ ମୋହନ ମହାନ୍ତ ଜା: କୁଡୁମି ବା: କୁରାଢିକ |
| | 46 | ଶାରଦ ତିନି | 0.10 | 0.04 | |
| | 6 | ଶାରଦ ଦୁଇ | 3.50 | 0.41 | |
| | 242 | ଶାରଦ ତିନି | 1.01 | 0.02 | |
| 68 | 107 | ଶାରଦ ଦୁଇ | 4.30 | 1.05 | ରାଇସେନ ମାଝୀ, ଲକ୍ଷ୍ମଣ ମାଝୀ ପି: ସିଂହରାଏ ମାଝୀ, ସିଂହରାଏ ମାଝୀ, ଶ୍ୟାମ ମାଝୀ, ରାଙ୍ଗ ମାଝୀ, ଲକ୍ଷ୍ମଣ ମାଝୀ, ରାଇସେନ ମାଝୀ ପି: ଲାଙ୍ଗ ମାଝୀ ଜା: ସାନ୍ତାଳ ବା: ନିଜଗାଁ |
| | 125 | ଘରବାରି | 0.45 | 0.04 | |
| | 134 | ଘରବାରି | 0.62 | 0.01 | |
| | 135 | ଡାହିଏକ | 1.03 | 0.01 | |
| 76 | 203 | ଶାରଦ ତିନି | 1.39 | 1.31 | ଲଛମନ ମାଝୀ, ବୁଧୁ ମାଝୀ ପି: ଫୁଲରାଏ ମାଝୀ, ସାନଲଛୁ ମାଝୀ ପି: ସାଗରାମ ମାଝୀ ଜା: ସାନ୍ତାଳ ବା: ନିଜଗାଁ |
| 77 | 9 | ଡାହି ଏକ | 0.32 | 0.04 | ଲାଲ ମୋହନ ମହାନ୍ତ ପି:ମଙ୍ଗଲ ରାମ ମହାନ୍ତ ଜା: କୁଡୁମି ବା: କୁରାଢିକ |
| 78 | 288/315 | ଶାରଦ ଦୁଇ | 0.18 | 0.01 | ସହଦେବ ମହାନ୍ତ ପି:ଗୋକୁଳ ମହାନ୍ତ ଜା: କୁଡୁମି ବା: କୁରାଢିକ |
| 79 | 221/301 | ଶାରଦ ଦୁଇ | 0.04 | 0.02 | ସହଦେବ ମହାନ୍ତ, ଭଗ ମହାନ୍ତ ପି: ଗୋକୁଳ ମହାନ୍ତ ଜା: କୁଡୁମି ବା: କୁରାଢିକ |
| | 27 | ଡାହିଏକ | 0.57 | 0.02 | |
| 82 | 110 | ଶାରଦ ଦୁଇ | 0.48 | 0.10 | ସୁକ ଚାନ୍ଦ ମହାନ୍ତ ପି:ବଡନାଲୁ ମହାନ୍ତ ଜା: କୁଡୁମି ବା: କୁରାଢିକ |
| | 221 | ଶାରଦ ତିନି | 0.25 | 0.09 | |
| | 222 | ଶାରଦ ତିନି | 0.20 | 0.20 | |
| 84 | 138 | ଡାହିଏକ | 0.76 | 0.01 | ସୁରାୟ ମାଝୀ ପି:ସୁନା ମାଝୀ ଜା: ସାନ୍ତାଳ ବା: ନିଜଗାଁ |
| 87 | 41 | ଶାରଦ ଦୁଇ | 0.33 | 0.01 | ହଳଧର ମହାନ୍ତ, ଗୁରୁ ପ୍ରସାଦ ମହାନ୍ତ ପି: ଜଗନ୍ନାଥ ମହାନ୍ତ ଜା: କୁଡୁମି ବା: ନିଜଗାଁ |
| 88/12 | 137/367 | ଡାହିଏକ | 0.97 | 0.07 | ଅଭିରାମ ମହାନ୍ତ ପି:ଚୈତନ ମହାନ୍ତ ଜା: ବ୍ରାହ୍ମଣ ବା: କୁରାଢିକ |
| 88/15 | 24 | ଡାହିଦୁଇ | 0.74 | 0.02 | ଗୋବିନ୍ଦ ମାଝୀ, ବାର୍ଷା ମାଝୀ, ଲାଙ୍ଗ ମାଝୀ ପି: ଦାସ ମାଝୀ ଜା: ସାନ୍ତାଳ ବା: ନିଜଗାଁ |
| 88/24 | 223 | ଶାରଦ ଦୁଇ | 1.50 | 0.21 | ମଙ୍ଗଲ ମାଝୀ, ବୈଷ୍ଣବ ମାଝୀ, ବାଜିନାଥ ମାଝୀ ପି: ସାଗର ମାଝୀ ଜା: ସାନ୍ତାଳ ବା: ନିଜଗାଁ |
| 88/34 | 284/394 | ଶାରଦ ଦୁଇ | 0.35 | 0.22 | ରାମେଶ୍ୱର ମହାନ୍ତ ପି:ଲଦୁ ମହାନ୍ତ ଜା: କୁର୍ମୀ କ୍ଷତ୍ରୀୟ ବା: କୁରାଢିକ |
| 88/35 | 241 | ଶାରଦ ତିନି | 0.62 | 0.13 | ଭାଗ ଟୁଡୁ ସ୍ୱା:କାଦୁ ଟୁଡୁ ଜା: ସାନ୍ତାଳ ବା: କୁରାଢିକ |
| 88/38 | 196 | ଡାହିଏକ | 0.44 | 0.04 | ଛିତା ଦେଇ ପି:ଭୀମା ମାଝୀ ଜା: ସାନ୍ତାଳ ବା: ନିଦଗାଁ |
| 88/40 | 217/398 | ଶାରଦ ଦୁଇ | 0.91 | 0.01 | ଚମ୍ପକ ଲତା ମହାନ୍ତ ସ୍ୱା:ଦୟାନିଧି ମହାନ୍ତ ଜା: କୁଡୁମି କ୍ଷେତ୍ରିୟ ବା: କୁରାଢିକ |
| 88/49 | 120/404 | ଶାରଦ ଦୁଇ | 0.47 | 0.31 | ସପନ କୁମାର ବେହେରା ପି:ଭବତୋଷ ବେହେରା ଜା: ନିଆରି ବା: ଚାଞ୍ଚପଦା |
| | 120 | ଶାରଦ ଦୁଇ | 0.48 | 0.30 | |
| 88/116 | 41/470 | ଶାରଦ ଦୁଇ | 0.33 | 0.04 | ପ୍ରଫୁଲ୍ଲ ମହାନ୍ତ ପି:ଲକ୍ଷ୍ମଣ ମହାନ୍ତ ଜା: କୁଡୁମି ବା: କୁରାଢିକ |
| 88/117 | 288 | ଶାରଦ ଦୁଇ | 0.36 | 0.30 | କେଶବ ଚନ୍ଦ୍ର ସେଠୀ ପି:ଶ୍ରୀବତ୍ସ ସେଠୀ ଜା: ଧୋବା ବା: ମଗୁସିରିଆ |
| 88/121 | 285/334 | ଶାରଦ ଦୁଇ | 0.24 | 0.07 | ରାଜେନ୍ଦ୍ର ମହାନ୍ତ ପି:ବିଷ୍ଣୁ ମହାନ୍ତ ଜା: କୁଡୁମି ବା: କୁରାଢିକ |
| 88/127 | 5/475 | ଶାରଦ ଦୁଇ | 0.4350 | 0.29 | ତାପସ କୁମାର ମହାନ୍ତ, ଭଜହରି ମହାନ୍ତ, ରହିନା ମହାନ୍ତ ପି: ଗୌରହରି ମହାନ୍ତ ଜା: କୁଡୁମି ବା: କୁରାଢିକ |
| 88/136 | 202 | ଶାରଦ ଦୁଇ | 0.20 | 0.04 | ଭୀମସେନ ମହାନ୍ତ ପି:ଲାଲମୋହନ ମହାନ୍ତ ଜା: କୁଡୁମି ବା: କାପୋଇ |
| 88/137 | 287 | ଶାରଦ ଦୁଇ | 0.65 | 0.08 | କାଙ୍ଗାଳି ମହାନ୍ତ ପି:ଭୀମ ମହାନ୍ତ ଜା: କୁଡୁମି ବା: କୁରାଢିକ |
| 88/143 | 235 | ଶାରଦ ଦୁଇ | 2.35 | 0.53 | ନାରାୟଣ ମାରାଣ୍ଡି ପି:ବାହାଦୁର ମାରାଣ୍ଡି ଜା: ସାନ୍ତାଳ ବା: ନିଜଗାଁ |
| 88/144 | 47 | ଶାରଦ ତିନି | 0.60 | 0.06 | ପୂର୍ଣ୍ଣଚନ୍ଦ୍ର ମହାନ୍ତ ପି: ନିରଞ୍ଜନ ମହାନ୍ତ, ଶ୍ରୀମତୀ ମହାନ୍ତ ସ୍ୱା: ନିରଞ୍ଜନ ମହାନ୍ତ ଜା: କୁଡୁମି ବା: ଚହଲାପଦା |
| 88/156 | 221/495 | ଶାରଦ ତିନି | 0.12 | 0.09 | ଜାନକୀ ମହାନ୍ତ ସ୍ୱା:ଚିନିବାସ ମହାନ୍ତ ଜା: କୁଡୁମି ବା: ମଗୁସିରିଆ |
| | 222/496 | ଶାରଦ ତିନି | 0.12 | 0.12 | |
| **ସମପରିମାଣ ଗୋଚର ପ୍ରତିବଦଳ** | | | | | |
| 15 | 102 | ଡାହି ଏକ | 0.22 | 0.09 | କାହ୍ନୁ ମହାନ୍ତ ପି:ଗୋବିନ୍ଦ ମହାନ୍ତ ଜା: କୁଡୁମି ବା: କୁରାଢିକ |
| 16 | 106 | ଡାହି ଏକ | | 0.15 | କୃପାସିନ୍ଧୁ ମହାନ୍ତ ପି:ଉର୍ଦ୍ଧବ ମହାନ୍ତ ଜା: କୁଡୁମି ବା: ମଗୁଶିରିଆ |
| 26 | 99 | ଶାରଦ ଦୁଇ | 0.55 | 0.06 | ଝୁନ୍ ଫୁକି ମହାନ୍ତ ସ୍ୱା:ଶଶଧର ମହାନ୍ତ ଜା: କୁଡୁମି ବା: କୁରାଢିକ |
| 27 | 116 | ଶାରଦ ଦୁଇ | 1.38 | 0.49 | ଠାକୁରା ମାଝୀ, ସଙ୍ଗାର ମାଝୀ ପି: ଗଦା ମାଝୀ ଜା: ସାନ୍ତାଳ ବା: କୁରାଢିକ |
| 36 | 116/322 | ଶାରଦ ଦୁଇ | 0.31 | 0.10 | ଧୁଜି ମାଝୀ ସ୍ୱା: ଭିମା ମାଝୀ, ଡୁମୁଣି ମାଝୀ ସ୍ୱା: ସୁନା ମାଝୀ ଜା: ସାନ୍ତାଳ ବା: ନିଜଗାଁ |
| 61 | 87 | ଶାରଦ ତିନି | 1.09 | 0.38 | ମଝିଲା ଜାସାଇ ମାଝୀ ପି: ବାର୍ଷା ମାଝୀ, ମାନ୍ଦ ମାଝୀ ସ୍ୱା: ବାର୍ଷା ମାଝୀ ଜା: ସାନ୍ତାଳ ବା: ନିଜଗାଁ |
| 76 | 100 | ଶାରଦ ତିନି | 0.32 | 0.11 | ଲଛମନ ମାଝୀ, ବୁଧୁ ମାଝୀ ପି: ଫୁଲରାଏ ମାଝୀ, ସାନଲଛୁ ମାଝୀ ପି: ସାଗରାମ ମାଝୀ ଜା: ସାନ୍ତାଳ ବା: ନିଜଗାଁ |
| 81 | 34 | ଶାରଦ ଦୁଇ | 1.22 | 0.26 | ସାଲଖାନ ମାଝୀ, କାଳା ମାଝୀ, ସାଉନା ମାଝୀ, ଲକ୍ଷ୍ମଣ ମାଝୀ, ଡମାନ ମାଝୀ ପି: କୁଆଁର ମାଝୀ ଜା: ସାନ୍ତାଳ ବା: ସରଡିହା |
| 82 | 98 | ଶାରଦ ଦୁଇ | 1.17 | 0.30 | ସୁକ ଚାନ୍ଦ ମହାନ୍ତ ପି:ବଡନାଲୁ ମହାନ୍ତ ଜା: କୁଡୁମି ବା: କୁରାଢିକ |
| | 103 | ଡାହି ଏକ | 0.58 | 0.17 | |
| 88/118 | 97 | ଶାରଦ ଦୁଇ | 0.73 | 0.19 | କାଙ୍ଗାଳି ମହାନ୍ତ ପି:ଭୀମ ମହାନ୍ତ ଜା: କୁଡୁମି ବା: କୁରାଢିକ |
| 88/144 | 47 | ଶାରଦ ତିନି | | 0.11 | ପୂର୍ଣ୍ଣଚନ୍ଦ୍ର ମହାନ୍ତ ପି: ନିରଞ୍ଜନ ମହାନ୍ତ, ଶ୍ରୀମତୀ ମହାନ୍ତ ସ୍ୱା: ନିରଞ୍ଜନ ମହାନ୍ତ ଜା: କୁଡୁମି ବା: ଚହଲାପଦା |
| ମୋଟ | ୮୭ ପ୍ଲଟକୁ | | ଏ.୭୨.୯୮ ଡେ.ମି. | ଏ.୧୫.୨୨ ଡେ.ମି. | |

ରାଜ୍ୟପାଳଙ୍କ ଆଦେଶକ୍ରମେ
(ସୁରଞ୍ଜନ ପ୍ରଧାନ)
ଅତିରିକ୍ତ ଶାସନ ସଚିବ

OIPR-24001/24001/3/26-27/0128

# ୧୭ ବର୍ଷ ପରେ ଭାରତରେ ବ୍ୟାଡ୍‌ମିଣ୍ଟନ ବିଶ୍ୱକପ୍

ନୂଆଦିଲ୍ଲୀ, ୧୩।୮ (ଏଜେନ୍ସି)

ଦୀର୍ଘ ୧୭ ବର୍ଷର ବ୍ୟବଧାନ ପରେ ଭାରତରେ ହେବାକୁ ଯାଉଛି ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ବ୍ୟାଡମିଣ୍ଟନ ଚାମ୍ପିଅନସିପ ତଥା ବ୍ୟାଡ୍‌ମିଣ୍ଟନ ବିଶ୍ୱକପ୍। ନୂଆଦିଲ୍ଲୀର ଇନ୍ଦିରା ଗାନ୍ଧି ଆରେନାରେ ଅଗଷ୍ଟ ୧୭ରୁ ୨୩ ତାରିଖଯାଏ ସମସ୍ତ ମ୍ୟାଚ୍ ଖେଳାଯିବ। ଏଥିରେ ବିଶ୍ୱର ସମସ୍ତ ଶ୍ରେଷ୍ଠ ଖେଳାଳି ଅଂଶଗ୍ରହଣ କରିବେ। ମୋଟ ୫ଟି ବିଭାଗରେ ଟୁର୍ଣ୍ଣାମେଣ୍ଟ ଖେଳାଯିବ। ପୁରୁଷ ଓ ମହିଳା ବିଭାଗର ଏକକ ଓ ଯୁଗଳ (ସିଙ୍ଗଲ୍ସ ଓ ଡବଲ୍ସ), ମିଶ୍ରିତ ଯୁଗଳ (ମିକ୍ସଡ ଡବଲ୍ସ)ରେ ଟୁର୍ଣ୍ଣାମେଣ୍ଟ ଖେଳାଯିବ। ଭାରତରେ ଏହା ଶେଷଥର ୨୦୦୯ ହାଇଦରାବାଦ୍‌ରେ ଖେଳାଯାଇଥିଲା। ଏଥର ପ୍ରତିଯୋଗିତାକୁ ସଫଳ କରିବା ଲାଗି ଭାରତ ସରକାର ଓ ବ୍ୟାଡମିଣ୍ଟନ ଫେଡେରେସନ ଅଫ୍ ଇଣ୍ଡିଆ ସମସ୍ତ ପ୍ରକାର ଉଦ୍ୟମ କରୁଛନ୍ତି। କୋଟି କୋଟି ଟଙ୍କା ବିନିମୟରେ ଷ୍ଟାଡିୟମ୍‌ର ନବୀକରଣ କରାଯାଇଛି।

**ଫର୍ମାଟ ଓ ଟାଇମ୍**

ଏକ ସପ୍ତାହ ଧରି ଖେଳାଯିବାକୁ ଥିବା ଏହି ଉଚ୍ଚମାନର ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ନକ୍‌ଆଉଟ ଫର୍ମାଟରେ ଲଢ଼େଇ ହେବ। ଏକକରେ ରାଉଣ୍ଡ ଅଫ୍ ୬୪ ବା ୬୪ ଜଣ ଖେଳାଳିଙ୍କୁ ନେଇ ଏହା ଆରମ୍ଭ ହେବ। ଡବଲ୍ସରେ ୪୮ ଯୋଡି ଭାଗନେବେ। ପ୍ରତିଯୋଗିତାର ପ୍ରଥମ ଦୁଇ ଦିନ ଅର୍ଥାତ୍ ଅଗଷ୍ଟ ୧୭ ଓ ୧୮ରେ ପ୍ରାରମ୍ଭିକ ରାଉଣ୍ଡ ଖେଳାଯିବ। ଅଗଷ୍ଟ ୧୯ରେ ରାଉଣ୍ଡ ଅଫ୍ ୩୨, ଅଗଷ୍ଟ ୨୦ରେ ରାଉଣ୍ଡ ଅଫ୍ ୧୬ ବା ପ୍ରି-କ୍ୱାର୍ଟରଫାଇନାଲ ମୁକାବିଲା ହେବ। ଅଗଷ୍ଟ ୨୧ରେ କ୍ୱାର୍ଟର ଫାଇନାଲ, ୨୨ରେ ସେମିଫାଇନାଲ ଓ ୨୩ରେ ସମସ୍ତ ୫ଟି ବିଭାଗରେ ଫାଇନାଲ ସହ ପ୍ରତିଯୋଗିତା ଉଦ୍‌ଯାପିତ ହେବ।

- ଅଗଷ୍ଟ ୧୭ରୁ ଆରମ୍ଭ, ୨୩ରେ ଶେଷ
- ନୂଆଦିଲ୍ଲୀରେ ହେବ ସମସ୍ତ ମ୍ୟାଚ୍
- ଭାଗନେବେ ବିଶ୍ୱର ସମସ୍ତ ଶ୍ରେଷ୍ଠ ଖେଳାଳି
- ୫ଟି ବିଭାଗରେ ହେବ ପ୍ରତିଯୋଗିତା
- ପୁରୁଷ ଓ ମହିଳା ଏକକ ଓ ଯୁଗଳ, ମିଶ୍ରିତ ଯୁଗଳ
- ସିନ୍ଧୁ, ଲକ୍ଷ୍ୟ, ସାତ୍ୱିକ-ଚିରାଗଙ୍କ ଉପରେ ଆଶା
- ଭାରତ ଶେଷଥର ୨୦୦୯ ରେ ଆୟୋଜକ ଥିଲା

**ସମସ୍ତ ତାରକା ଖେଳାଳି ଉପଲବ୍ଧ**

ପୁରୁଷ ବିଭାଗ ଏକକରେ ବିଶ୍ୱର ନଂ-୧ ଖେଳାଳି ତଥା ଡିଫେଣ୍ଡିଂ ଚାମ୍ପିଅନ ଚୀନ୍‌ର ୩୦ ବର୍ଷୀୟ ଶି ୟୁ କିଂଙ୍କୁ ଫେବରାଇଟ ବିବେଚନା କରାଯାଉଛି। ଟାଇଟଲ ଲଢ଼େଇରେ ତାଙ୍କୁ ଟକ୍କର ଦେବେ ୨୦୨୩ର ଚାମ୍ପିଅନ ତଥା ପ୍ୟାରିସ୍ ଅଲିମ୍ପିକ୍ ରୌପ୍ୟ ପଦକ ବିଜେତା ଥାଇଲାଣ୍ଡର କୁନ୍‌ଲାଭଟ ବିଦିତସର୍ଣ୍ଣ। ୨୪ ବର୍ଷୀୟ ଭାରତର ଲକ୍ଷ୍ୟ ସେନ୍ ମଧ୍ୟ ପଦକ ଦୌଡ଼ରେ ରହିଛନ୍ତି। ମହିଳା ଏକକରେ ପୂର୍ବତନ ବିଶ୍ୱଚାମ୍ପିଅନ ତଥା ୫ଥରର ପଦକ ବିଜେତା ଭାରତର ପିଭି ସିନ୍ଧୁ ଟାଇଟଲ ଦୌଡ଼ରେ ରହିଛନ୍ତି। ଦକ୍ଷିଣ କୋରିଆର ଡିଫେଣ୍ଡିଂ ଅଲିମ୍ପିକ୍ ତଥା ୨୦୨୩ର ବିଶ୍ୱ ଚାମ୍ପିଅନ ଆନ୍ ସେ ୟଙ୍ଗ ମଧ୍ୟ ଟାଇଟଲର ଦାବିଦାର ଅଛନ୍ତି। ଏମାନଙ୍କ ବ୍ୟତୀତ ୩ଥରର ବିଶ୍ୱଚାମ୍ପିଅନ ଜାପାନର ଆକାନେ ୟାମାଗୁଚି, ଚୀନ୍‌ର ଦୁଇ ଖେଳାଳି ତଥା ପୂର୍ବତନ ନଂ-୧ ଓ ଚଳିତବର୍ଷର ଅଲ୍ ଇଂଲଣ୍ଡ ଚାମ୍ପିଅନ ୱାଙ୍ଗ ଝି ୟି ଏବଂ ଗତଥରର ରନର୍ସ ଅପ୍ ଚେନ୍ ୟୁଫେଇ ମଧ୍ୟ ଟାଇଟଲ ଦୌଡ଼ରେ ରହିଛନ୍ତି।

**ଭାରତରୁ ୧୬ ପ୍ରତିଯୋଗୀ**

ଏହି ପ୍ରତିଯୋଗିତାର ସମସ୍ତ ୫ଟି ବିଭାଗରେ ଭାରତର ୨ଜଣ କିମ୍ବା ୨ ଯୋଡା ପ୍ରତିଯୋଗୀ ଅଂଶଗ୍ରହଣ କରୁଛନ୍ତି। ସେମାନଙ୍କ ମଧ୍ୟରୁ ମହିଳା ଏକକରେ ପିଭି ସିନ୍ଧୁ ଓ ଉନ୍ନତି ହୁଡା, ପୁରୁଷ ଏକକରେ ଲକ୍ଷ୍ୟ ସେନ୍ ଓ ଆୟୁଷ ସେଟ୍ଟୀ ଭାଗନେଉଛନ୍ତି। ସେହିପରି ପୁରୁଷ ଯୁଗଳରେ ସାତ୍ୱିକ ସାଇରାଜ- ଚିରାଗ ସେଟ୍ଟୀ, ହରିହରନ-ଏମ୍‌ଆର ଅର୍ଜୁନ, ମହିଳା ଯୁଗଳରେ ତ୍ରିଶା ଜଲି- ଗାୟତ୍ରୀ ଗୋପୀଚାନ୍ଦ ଓ କେ. ସେଲଭାମ- ସିମରନ ସିଂଘି, ମିଶ୍ରିତ ଯୁଗଳରେ ଧ୍ରୁବ କପିଳା-ତନିଶା କ୍ରାଷ୍ଟୋ, ରୋହନ କପୁର-ରତଭିକା ଶିବାନୀ ଗାଡେଙ୍କ ଯୋଡି ଭାଗନେଉଛନ୍ତି।

■ ଟରୋଣ୍ଟୋ ମାଷ୍ଟର୍ସ

## ରିବାକିନା-ସ୍ୱିଆଟେକ୍ ଫାଇନାଲ




**ଟରୋଣ୍ଟୋ, ୧୩।୮ (ଏଜେନ୍ସି):** ଦୁଇ କୋଟି ୩୮ ଲକ୍ଷ ଟଙ୍କା ପୁରସ୍କାର ରାଶିବିଶିଷ୍ଟ ଟରୋଣ୍ଟୋ ମାଷ୍ଟର୍ସ/କାନାଡିଆନ ଓପନ ଟେନିସ ଟୁର୍ଣ୍ଣାମେଣ୍ଟର ମହିଳା ସିଙ୍ଗଲ୍ସ ଫାଇନାଲ ଲାଇନଅପ୍ ଚୂଡ଼ାନ୍ତ ହୋଇଯାଇଛି। ପୋଲାଣ୍ଡ ଲଳନା ଇଗା ସ୍ୱିଆଟେକ ଓ କାଜାଖସ୍ତାନର ଏଲିନା ରିବାକିନାଙ୍କ ମଧ୍ୟରେ ଶୁକ୍ରବାର ଫାଇନାଲ ମୁକାବିଲା ଖେଳାଯିବ। ଗୁରୁବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ଦ୍ୱିତୀୟ ସିଡ୍ ରିବାକିନା ୫-୭, ୬-୨, ୬-୨ ସେଟରେ ଚତୁର୍ଥ ସିଡ୍ ଆମେରିକାର କୋକୋ ଗଫ୍‌ଙ୍କୁ ପରାସ୍ତ କରିଥିଲେ। ସେହିଭଳି ଦ୍ୱିତୀୟ ସେମିଫାଇନାଲ ସ୍ୱିଆଟେକ ଓ ୟୁକ୍ରେନର ଏଲିନା ସ୍ୱିତୋଲିନାଙ୍କ ମଧ୍ୟରେ ହୋଇଥିଲା। ସପ୍ତମ ସିଡ୍ ସ୍ୱିଆଟେକ୍ ଏହି ମ୍ୟାଚକୁ ୬-୩, ୧-୬, ୬-୩ ସେଟରେ ବିଜୟୀ ହୋଇ ଫାଇନାଲକୁ ଉଠିଥିଲେ। ଅପରପକ୍ଷରେ ଦୁଇ ଆମେରିକୀୟ ଖେଳାଳି ବେନ୍ ସେଲଟନ୍ ଓ ବ୍ରାଣ୍ଡନ ନାକାସିମାଙ୍କ ମଧ୍ୟରେ ପୁରୁଷ ସିଙ୍ଗଲ୍ସ ଫାଇନାଲ ଖେଳାଯିବ।

ଏସିଆନ ଗେମ୍‌ସ କ୍ରିକେଟ

## ମେଡାଲ ମ୍ୟାଚ୍‌ରେ ଭାରତ-ପାକ୍ ମୁକାବିଲା

ନୂଆଦିଲ୍ଲୀ,୧୩।୮ (ଏଜେନ୍ସି)

ଜାପାନରେ ଖେଳାଯିବାକୁ ଥିବା ଏସିଆନ୍ ଗେମ୍ସ କ୍ରିକେଟରେ ଭାରତ ଓ ପାକିସ୍ତାନ ମଧ୍ୟରେ ମୁକାବିଲା ମେଡାଲ ମ୍ୟାଚ୍‌ରେ ହେବ। ଏହା ହୁଏତ ସ୍ୱର୍ଣ୍ଣ କିମ୍ବା କାଂସ୍ୟ ପଦକ ଲାଗି ହେବାକୁ ଥିବା ମୁକାବିଲାରେ ହୋଇପାରେ। ସେପ୍ଟେମ୍ବର ୧୯ରୁ ଅକ୍ଟୋବର ୪ ଯାଏ ଏସିଆନ୍ ଗେମ୍ସ ଜାପାନର ନାଗାୟୋଠାରେ ଆୟୋଜିତ ହେବ। କିନ୍ତୁ କ୍ରିକେଟ ଖେଳ ସେପ୍ଟେମ୍ବର ୧୭ରୁ ଆରମ୍ଭ ହୋଇ ଅକ୍ଟୋବର ୩ରେ ଶେଷ ହେବ। କ୍ରିକେଟରେ ଖେଳସୂଚୀ ଏପରି ସ୍ଥିର କରାଯାଇଛି ଯେ ପଦକ ଲାଗି ହେବାକୁ ଥିବା ମ୍ୟାଚ୍ ପୂର୍ବରୁ ଭାରତ ଓ ପାକିସ୍ତାନ ମଧ୍ୟରେ ମୁକାବିଲା ହେବ ନାହିଁ। ପ୍ରଥମେ ମହିଳା ବିଭାଗରେ ଖେଳ ସେପ୍ଟେମ୍ବର ୧୭ରୁ ଓ ପରେ ପୁରୁଷ ବିଭାଗରେ ମ୍ୟାଚ୍ ଖେଳାଯିବ।

ପୁରୁଷ ବିଭାଗରେ ୧୦ଟି ଦଳ ଭାଗନେଉଛନ୍ତି। ଫର୍ମାଟ ଅନୁଯାୟୀ ଭାରତ, ପାକିସ୍ତାନ, ବାଂଲାଦେଶ ଓ ଶ୍ରୀଲଙ୍କା ସିଧାସଳଖ କ୍ୱାର୍ଟର ଫାଇନାଲ ଖେଳିବେ। ସେପ୍ଟେମ୍ବର ୨୮ରେ ଖେଳାଯିବାକୁ ଥିବା ପ୍ରଥମ କ୍ୱାର୍ଟର ଫାଇନାଲରେ ପାକିସ୍ତାନ ଓ ଦ୍ୱିତୀୟ କ୍ୱାର୍ଟର ଫାଇନାଲରେ ଭାରତ ଖେଳିବ। ଅକ୍ଟୋବର ୧ରେ ହେବାକୁ ଥିବା ସେମିଫାଇନାଲରେ କ୍ୱାର୍ଟର ୨ର ବିଜେତା କ୍ୱାର୍ଟର ୩ର ବିଜେତା ସହ ଏବଂ କ୍ୱାର୍ଟର ୧ର ବିଜେତା କ୍ୱାର୍ଟର ୪ର ବିଜେତା ସହ ଖେଳିବ। ଏଥିରୁ ସ୍ପଷ୍ଟ ହୋଇଛି ଯେ ଫାଇନାଲ ତଥା ସ୍ୱର୍ଣ୍ଣ ପଦକ କିମ୍ବା ତୃତୀୟ ସ୍ଥାନ (କାଂସ୍ୟ ପଦକ) ଲାଗି ହେବାକୁ ଥିବା ମୁକାବିଲା ପୂର୍ବରୁ ଭାରତ ଓ ପାକିସ୍ତାନ ମଧ୍ୟରେ ମୁକାବିଲା ହେବ ନାହିଁ। ଅକ୍ଟୋବର ୩ରେ ଦୁଇଟିଯାକ ମେଡାଲ ମ୍ୟାଚ୍ ଖେଳାଯିବ। ମହିଳା ବିଭାଗରେ ୮ଟି ଦଳ ଭାଗନେଉଥିଲାବେଳେ ସିଧାସଳଖ କ୍ୱାର୍ଟରଫାଇନାଲ ଖେଳିବେ। କ୍ୱାର୍ଟରରେ ଜାପାନ ସହ ଭାରତ ଖେଳିବ। ଖେଳସୂଚୀ ଅନୁଯାୟୀ ଭାରତ ସେମିଫାଇନାଲରେ ବାଂଲାଦେଶ କିମ୍ବା ହଂକଂ ଚାଇନା ସହ ମୁକାବିଲା କରିବ। ପୁରୁଷ ପରି ମହିଳା ବିଭାଗରେ ମଧ୍ୟ ପଦକ ଲାଗି ସେପ୍ଟେମ୍ବର ୨୨ରେ ହେବାକୁ ଥିବା ମ୍ୟାଚ୍ ପୂର୍ବରୁ ଭାରତ ଓ ପାକିସ୍ତାନ ମଧ୍ୟରେ ମୁକାବିଲା ହେବ ନାହିଁ।

## ଓଡ଼ିଶାର ସ୍ୱସ୍ତି ବର୍ଷର ଶ୍ରେଷ୍ଠ ସାଇକ୍ଲିଷ୍ଟ



**ଭୁବନେଶ୍ୱର, ୧୩।୮ (ସମିସ):** ଓଡ଼ିଶାର ସାଇକଲ ଚାଳିକା ସ୍ୱସ୍ତି ସିଂ ତାଙ୍କ କ୍ୟାରିୟରରେ ଆଉ ଏକ ବଡ଼ ସଫଳତା ପାଇଛନ୍ତି। ବର୍ଷ ୨୦୨୫ ଲାଗି ସ୍ୱସ୍ତି ଉଭୟ ଟ୍ରାକ୍ ଆଣ୍ଡ ରୋଡ୍ ଡିସିପ୍ଲିନରେ ଭାରତର ଶ୍ରେଷ୍ଠ ସାଇକ୍ଲିଷ୍ଟ ବିବେଚିତ ହୋଇଛନ୍ତି। ଭାରତୀୟ ସାଇକଲ୍ ମହାସଂଘ (ସିଏଫ୍‌ଆଇ) ପକ୍ଷରୁ ଏହି ଘୋଷଣା କରାଯାଇଛି। ୨୫ ବର୍ଷୀୟା ସ୍ୱସ୍ତିଙ୍କ ପାଇଁ ଏହା ପ୍ରମୁଖ ସଫଳତା ଓ ଜାତୀୟ ସ୍ୱୀକୃତି ବୋଲି କୁହାଯାଉଛି। ସ୍ୱସ୍ତି ଗତବର୍ଷ ଡିସେମ୍ବରରେ ଉତ୍ତରାଖଣ୍ଡରେ ଅନୁଷ୍ଠିତ ଜାତୀୟ ସିନିୟର ଟ୍ରାକ୍ ସାଇକ୍ଲିଂ ଚାମ୍ପିଅନସିପରେ ତିନୋଟି ସ୍ୱର୍ଣ୍ଣ ଓ ୨ଟି ରୌପ୍ୟ ପଦକ ଜିତିଥିଲେ। ଯେଉଁଥି ପାଇଁ ତାଙ୍କୁ ପ୍ରତିଯୋଗିତାର ଶ୍ରେଷ୍ଠ ମହିଳା ସାଇକ୍ଲିଷ୍ଟ ଟ୍ରଫି ମିଳିଥିଲା। ସେହିଭଳି ୩୮ତମ ଜାତୀୟ କ୍ରୀଡ଼ାରେ ସେ ମୋଟ୍ ୫ଟି ପଦକ ବିଜୟୀ ହୋଇଥିଲେ। ଯେଉଁଥିରେ ଦୁଇଟି ଲେଖାଏ ରୌପ୍ୟ ଏବଂ କାଂସ୍ୟ ଓ ଗୋଟିଏ ସ୍ୱର୍ଣ୍ଣ ପଦକ ରହିଥିଲା। ଏଥିସହ ଗତ ମେ ମାସରେ ଉଜବେକିସ୍ତାନରେ ଅନୁଷ୍ଠିତ ଗ୍ରାଁପ୍ରି'ରେ ସେ ମହିଳା ୨୦ କିମି ମାଡିସନ ଇଭେଣ୍ଟରେ କାଂସ୍ୟ ପଦକ ଜିତି ଦେଶ ଓ ରାଜ୍ୟ ପାଇଁ ଗୌରବ ଆଣିଥିଲେ। ଦେଶର ଶ୍ରେଷ୍ଠ ସାଇକ୍ଲିଷ୍ଟ ବିବେଚିତ ହୋଇଥିବାରୁ ସ୍ୱସ୍ତିଙ୍କ ଘରୋଇ ସହର ରାଉରକେଲାରେ ଖୁସିର ଲହରି ଖେଳିଯାଇଛି।

## ଅସ୍ମିତାଙ୍କୁ ଅଗରତାଲାରେ ମିଳିଲା ଜମି



**ଅଗରତାଲା,୧୩।୮ (ଏଜେନ୍ସି):** ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାରତର ପ୍ରଥମ ଜୁଡୋ ଖେଳାଳିଭାବେ ପଦକ (ତାହା ପୁଣି ସ୍ୱର୍ଣ୍ଣ) ଜିତିଥିବା ତ୍ରିପୁରାର ଅସ୍ମିତା ଦେ'ଙ୍କୁ ମୁଖ୍ୟମନ୍ତ୍ରୀ ମାନିକ ସାହା ଅଗରତାଲାରେ ଘର କରିବା ଲାଗି ଏକ ଜମି ପ୍ରଦାନ କରିଛନ୍ତି। ଫଳରେ ମୁଖ୍ୟମନ୍ତ୍ରୀ ତାଙ୍କ ପ୍ରତିଶୃତି ରକ୍ଷା କରିଛନ୍ତି। ଏଥିଲାଗି ଆୟୋଜିତ ଏକ ସମ୍ବର୍ଦ୍ଧନା ସଭାରେ ମୁଖ୍ୟମନ୍ତ୍ରୀ ମଧ୍ୟ ତାଙ୍କୁ ୧୦ ଲକ୍ଷ ଟଙ୍କାର ଏକ ଚେକ୍ ପ୍ରଦାନ କରିଛନ୍ତି। ଭାରତର ଗୌରବ ବଢ଼ାଇବା ଲାଗି ସେ ଆହ୍ୱାନ ଦେଇଛନ୍ତି। ଦକ୍ଷିଣ ତ୍ରିପୁରାର ଏକ ଛୋଟ ଗାଁରେ ଜଣେ ସାଇକଲ ମିସ୍ତ୍ରୀର ଝିଅ ଭାବେ ଖେଳରେ ତିଷ୍ଠି ରହିବା କେତେ କଷ୍ଟକର ତାହା ଅସ୍ମିତା ବର୍ଣ୍ଣନା କରିଥିଲେ। ଝିଅ ସଫଳତା ପାଇଲାବେଳକୁ ପିତା ଆଉ ଇହଜଗତରେ ନାହାନ୍ତି। ଅସ୍ମିତା କିନ୍ତୁ ଉତ୍ତରପ୍ରଦେଶ ପୁଲିସ୍‌ରେ କନଷ୍ଟେବଲ ଭାବେ କାମ କରୁଛନ୍ତି। ତାଙ୍କୁ ସେଠାରେ ଡିଏସ୍‌ପି ପଦୋନ୍ନତି ଦିଆଯାଇଛି।

## ବ୍ରାଜିଲ ମୁକାବିଲା ଲାଗି ଆସିଆନ କପ୍‌ରୁ ଓହରିଲା ଭାରତ

**ନୂଆଦିଲ୍ଲୀ, ୧୩।୮ (ଏଜେନ୍ସି):** ୫ଥରର ବିଶ୍ୱଚାମ୍ପିଅନ ବ୍ରାଜିଲ ସହ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ ମୁକାବିଲା ଲାଗି ନୂଆକରି ଆୟୋଜିତ ହେଉଥିବା ଆସିଆନ୍ କପ୍‌ରୁ ଭାରତ ଓହରିଯାଇଛି। ସର୍ବ ଭାରତୀୟ ଫୁଟବଲ ମହାସଂଘ ଅନୁଯାୟୀ ଏକା ସାଙ୍ଗେ ଆମେ ଦୁଇଟି ମ୍ୟାଚ୍‌ରେ ଖେଳିବା ସମ୍ଭବ ନୁହେଁ। ଫିଫା ଦ୍ୱାରା ସ୍ୱୀକୃତି ପାଇଥିବା ଆସିଆନ କପ୍ ସେପ୍ଟେମ୍ବର ୨୧ରୁ ଅକ୍ଟୋବର ୬ ଯାଏ ଅନୁଷ୍ଠିତ ହେବ। ଏଥିରେ ଏସିଆର ଶ୍ରେଷ୍ଠ ଫୁଟବଲ ଟିମ୍ ମାଲେସିଆ, ଇଣ୍ଡୋନେସିଆ ଓ ସିଙ୍ଗାପୁର ସହ ଭାରତ ଗୋଟିଏ ଗ୍ରୁପ୍‌ରେ ଖେଳିବାର କାର୍ଯ୍ୟକ୍ରମ ଥିଲା। କିନ୍ତୁ ଅକ୍ଟୋବର ୩ରେ ବ୍ରାଜିଲ ସହ କୋଲକାତାର ସଲ୍ଟଲେକ୍ ଷ୍ଟାଡିୟମ୍‌ରେ ମ୍ୟାଚ୍ ଖେଳାଯିବା ସ୍ଥିର ହେବା ପରେ ଭାରତ ଏହି ଟୁର୍ଣ୍ଣାମେଣ୍ଟରୁ ଓହରି ଆସିଛି। ବ୍ରାଜିଲ ବିପକ୍ଷ ଖେଳସୂଚୀ ଘୋଷଣା ହେବା ପରେ ଏକ 'ଏ' ଟିମ୍‌କୁ ମହାସଂଘ ଆସିଆନ କପ୍‌ରେ ଖେଳିବାକୁ ପଠାଇବ ବୋଲି କହିଥିଲା। କିନ୍ତୁ ଭିନ୍ନ ଭିନ୍ନ କାରଣରୁ ଏହାକୁ ପ୍ରତ୍ୟାହାର କରିନିଆଗଲା ବୋଲି କୁହାଯାଇଛି।

## ହାସନଙ୍କୁ ୬ ୱିକେଟ; ଅଷ୍ଟ୍ରେଲିଆ ୧୯୮ରେ ଆଉଟ

ଡାରୱିନ୍,୧୩।୮ (ଏଜେନ୍ସି)



୨୬ ବର୍ଷୀୟ ଡାହାଣହାତୀ ଫାଷ୍ଟ ବୋଲର ହାସନ ମାମୁଦଙ୍କ ଘାତକ ବୋଲିଂ ବଳରେ ଏଠାରେ ଗୁରୁବାରଠାରୁ ଆରମ୍ଭ ହୋଇଥିବା ଅଷ୍ଟ୍ରେଲିଆ ବିପକ୍ଷ ପ୍ରଥମ ଟେଷ୍ଟର ପ୍ରଥମ ଦିନରେ ବାଂଲାଦେଶ ଦମ୍‌ଦାର ପ୍ରଦର୍ଶନ କରିଛି। ମାମୁଦ୧୭ ଓଭରରେ ୫୫ ରନ୍ ଦେଇ ୬ଟି ୱିକେଟ ଅକ୍ତିଆର କରିବା ଫଳରେ ଟସ୍ ଜିତି ବ୍ୟାଟିଂ କରିଥିବା ଅଷ୍ଟ୍ରେଲିଆ ୫୩ ଓଭରରେ ୧୯୮ ରନ୍ କରି ପ୍ରଥମ ଇନିଂସରେ ଅଲଆଉଟ ହୋଇଯାଇଛି। ଦଳ ପକ୍ଷରୁ କେବଳ ଷ୍ଟିଭେନ ସ୍ମିଥ ୭୧ ରନ୍ କରି କିଛିଟା ଲଢ଼େଇ କରିଥିଲେ। ଦୁଇ ଓପନର ଜେକ୍ ୱିଥରଲାଡ୍ ୨୩ ଓ ଟ୍ରାଭିସ୍ ହେଡ ୨୨ ରନ୍ କରିଥିଲେ। ବାଂଲାପକ୍ଷରୁ ଅନ୍ୟ ଦୁଇ ଫାଷ୍ଟ ବୋଲି ତସ୍କିନ ଅହମ୍ମଦ୍ ଓ ଏବାଦତ ହୋସେନ ୨ଟି ଲେଖାଏଁ ୱିକେଟ ପାଇଥିଲେ।

ଜବାବରେ ପ୍ରଥମ ଦିନ ଖେଳ ଶେଷ ସୁଦ୍ଧା ବାଂଲାଦେଶ ପ୍ରଥମ ଇନିଂସରେ ୨୪ ଓଭର ଖେଳି ସଦମାନ ଇସ୍‌ଲାମ (୨୦)ଙ୍କ ୱିକେଟ ହରାଇ ୯୬ ରନ୍ ସଂଗ୍ରହ କରିନେଇଛି। ଷ୍ଟମ୍ପ ଅପସାରଣ ବେଳକୁ ତିନଜିଦ୍ ହାସନ ୩୨ ଓ ମୋମିନୁଲ ହକ୍ ୩୫ ରନ୍‌ରେ ଅପରାଜିତ ରହିଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ପ୍ରଖ୍ୟାତ ୪ଜଣ ବୋଲର ୨୧ ଓଭର ବୋଲିଂ କରି ଗୋଟିଏ ୱିକେଟ ନେବାରେ ସଫଳ ହୋଇଥିଲେ।

## ରେକର୍ଡ ରନ ସହ ଆଫଗାନିସ୍ତାନର ସିରିଜ କବ୍‌ଜା

**ବେଲ୍‌ଫାଷ୍ଟ, ୧୩।୮ (ଏଜେନ୍ସି):** ଆୟର୍ଲାଣ୍ଡ ଗସ୍ତରେ ଯାଇଥିବା ଆଫଗାନିସ୍ତାନ କ୍ରିକେଟ୍ ଦଳ ଗୋଟିଏ ମ୍ୟାଚ୍ ବାକିଥାଇ ଦିନିକିଆ ସିରିଜକୁ ଆଗୁଆ କବ୍‌ଜା କରିନେଇଛି। ଏଠାରେ ଗତକାଲି ରାତିରେ ଖେଳାଯାଇଥିବା ଚତୁର୍ଥ ଦିନିକିଆ ମ୍ୟାଚରେ ଆଫଗାନିସ୍ତାନ ୪୨ ରନରେ ଆୟର୍ଲାଣ୍ଡକୁ ପରାସ୍ତ କରିଥିଲା। ଏଥିସହ ୩-୦ରେ ଆଗୁଆ ସିରିଜ ହାତେଇ ନେଇଛି। ଅନ୍ତିମ ତଥା ୫ମ ଦିନିକିଆ ଶନିବାର ଖେଳାଯିବ। ପୂର୍ବରୁ ପ୍ରଥମ ଦିନିକିଆ ବର୍ଷା ଲାଗି ବାତିଲ ହୋଇଥିବାବେଳେ ପରବର୍ତ୍ତୀ ଦୁଇଟି ମ୍ୟାଚକୁ ୯୨ ରନ ଓ ୩ ୱିକେଟରେ ବିଜୟୀ ହୋଇଥିଲା। ଚତୁର୍ଥ ଦିନିକିଆରେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭ୍ରମଣକାରୀ ଆଫଗାନିସ୍ତାନ ୯ ୱିକେଟ୍‌ରେ ୩୪୩ ରନର ରେକର୍ଡ ସ୍କୋର କରିଥିଲା। ଓପନର୍ ଇବ୍ରାହିମ ଜର୍ଦାନ (୧୦୭) ଓ ସେଦିକୁଲ୍ଲା ଅଟକ (୧୪୩) ଦମ୍‌ଦାର ଶତକୀୟ ପାଳି ଖେଳିଥିଲେ। ଫଳରେ ଦିନିକିଆ କ୍ରିକେଟରେ ଆଫଗାନିସ୍ତାନର ଏହା ସର୍ବବୃହତ୍ ସ୍କୋର କରିଥିଲା। ଜବାବରେ ଓପନର୍ ଆଣ୍ଡ୍ରିଉ ବଲର୍ବିନ (୧୦୯)ଙ୍କ ଶତକ ସତ୍ତ୍ୱେ ଆୟର୍ଲାଣ୍ଡ ୪୮ ଓଭରରେ ୩୦୧ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଆଫଗାନିସ୍ତାନ ପକ୍ଷରୁ ୟାମିନ ଅହମ୍ମଦାଜାଇ ୪ ଓ ରଶିଦ ଖାନ ୩ଟି ୱିକେଟ୍ ନେଇଥିଲେ।

## ପିତାଙ୍କ ମୃତ୍ୟୁର ୪ ଦିନ ପରେ ଖେଳିଲେ ମେସି



**ମିଆମି,୧୩।୮ (ଏଜେନ୍ସି):** ପିତା, ବନ୍ଧୁ, ମ୍ୟାନେଜର ଓ ଦିଗଦର୍ଶକ ଜୋର୍ଜ ମେସିଙ୍କ ବିୟୋଗର ୪ ଦିନ ପରେ ଲିଓନେଲ ମେସି ନିଜ କ୍ଲବ୍ ଇଣ୍ଟର ମିଆମି ପକ୍ଷରୁ ଫୁଟବଲ ଖେଳିଥିଲେ। କିନ୍ତୁ ଏହି ମ୍ୟାଚରେ ପ୍ରତିପକ୍ଷ ଦଳ ଲିଅନ ୩-୨ ଗୋଲ୍‌ରେ ଜିତିବା ପରେ ଇଣ୍ଟର ମିଆମିର ନକ୍‌ଆଉଟ୍ ଖେଳିବା ଆଶା ଧୂଳିସାତ ହୋଇଯାଇଥିଲା। ଅଗଷ୍ଟ ୬ରେ ପିତା ଜୋର୍ଜଙ୍କ ପରଲୋକ ହେବାରୁ ମେସି ନିଜ ହୋମ୍ ଟାଉନ୍ ଆର୍ଜେଣ୍ଟିନାର ରୋଜାରିଓକୁ ଯାଇଥିଲେ। ସେଠାରେ ଅନ୍ତେ୍ୟଷ୍ଟି କ୍ରିଆ ଶେଷ କରିଥିଲେ ମଧ୍ୟ ଫୁଟବଲ ପଡ଼ିଆକୁ କେବେ ଫେରିବେ ସେ କହିପାରିବେ ନାହିଁ ବୋଲି ପ୍ରକାଶ କରିଥିଲେ। କିନ୍ତୁ ଏହି ମ୍ୟାଚ୍‌ର ଦ୍ୱିତୀୟାର୍ଦ୍ଧରେ ଜଣେ ବଦଳ ଖେଳାଳିଭାବେ ଆସି ସେ ସମସ୍ତଙ୍କୁ ଚକିତ କରିଦେଇଥିଲେ। ମେସି ପଡ଼ିଆକୁ ପଶିବା ପରେ ଷ୍ଟାଡିୟମ୍‌ରେ ଉପସ୍ଥିତ ଉଭୟ ଦଳର ସମର୍ଥକ ଛିଡ଼ା ହୋଇ କରତାଳି ଦ୍ୱାରା ତାଙ୍କୁ ସ୍ୱାଗତ ଓ ଉତ୍ସାହିତ କରିଥିଲେ।

ଦିନକ ପରେ ହକି ବିଶ୍ୱକପ୍

## '୭୫'ର ଖୁସି ଆଶାରେ ଭାରତ

ନୂଆଦିଲ୍ଲୀ,୧୩।୮ (ଏଜେନ୍ସି)

ଏଫ୍‌ଆଇଏଚ୍ ହକି ବିଶ୍ୱକପ୍‌ର ଷୋଡଶ ସଂସ୍କରଣ ବେଲ୍‌ଜିୟମ ଓ ନେଦରଲ୍ୟାଣ୍ଡସରେ ଅଗଷ୍ଟ ୧୫ରୁ ୩୦ ଯାଏ ଖେଳାଯିବ। ଏହା ପୂର୍ବରୁ ଖେଳାଯାଇଥିବା ବିଶ୍ୱକପ୍‌ରେ ଭାରତୀୟ ପୁରୁଷ ଦଳ ଥରେ ମାତ୍ର ଚାମ୍ପିଅନ ହୋଇଛନ୍ତି। ମାଲେସିଆରେ ୧୯୭୫ ବିଶ୍ୱକପ୍‌ରେ ଭାରତ ୩-୨ ଗୋଲରେ ପାକିସ୍ତାନକୁ ହରାଇ ଚାମ୍ପିଅନ ହୋଇଥିଲା। ଏହା ପୂର୍ବରୁ ୧୯୭୩ରେ ରୌପ୍ୟ ଓ ୧୯୭୧ର ପ୍ରଥମ ବିଶ୍ୱକପ୍‌ରେ କାଂସ୍ୟ ଜିତିଥିଲା। ୧୯୭୫ ପରେ ଭାରତ ଟାଇଟଲ ଜିତିବା ତ ଦୂରର କଥା ଶେଷ ୧୨ଟି ବିଶ୍ୱକପ୍‌ରେ ଭାରତୀୟ ପୁରୁଷ ଦଳ ଥରେ ହେଲେ ସେମିଫାଇନାଲରେ ମଧ୍ୟ ପ୍ରବେଶ କରିପାରି ନାହିଁ। ତେଣୁ ୫୧ ବର୍ଷର ପ୍ରତୀକ୍ଷାର ଅନ୍ତ ଘଟାଇ ଭାରତ ଏଥର ପଦକ ଆଶାରେ ରହିଛି। ଅପରପକ୍ଷରେ ଭାରତୀୟ ମହିଳା ଦଳ ୧୯୭୪ରେ ସେମିଫାଇନାଲ ଖେଳିବା ଦଳର ଶ୍ରେଷ୍ଠ ସଫଳତା। ପୁରୁଷ ଦଳ ୧୯୭୮ରେ ଷଷ୍ଠ, ୧୯୮୨ରେ ପଞ୍ଚମ, ୧୯୮୬ରେ ଦ୍ୱାଦଶ, ୧୯୯୦ରେ ଦଶମ, ୧୯୯୪ରେ ପଞ୍ଚମ, ୧୯୯୮ରେ ନବମ, ୨୦୦୨ରେ ଦଶମ, ୨୦୦୬ରେ ଏକାଦଶ, ୨୦୧୦ରେ ଅଷ୍ଟମ, ୨୦୧୪ରେ ନବମ, ୨୦୧୮ରେ ଷଷ୍ଠ ଓ ୨୦୨୩ରେ ୯ମ ସ୍ଥାନ ଅଧିକାର କରିଥିଲା। ଭାରତୀୟ ମହିଳା ଦଳ ୧୯୭୬, ୧୯୮୧, ୧୯୮୬, ୧୯୯୦, ୧୯୯୪, ୨୦୦୨ ଓ ୨୦୧୪ରେ ବିଶ୍ୱକପ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିପାରି ନାହିଁ। ଅନ୍ୟ ସଂସ୍କରଣ ମଧ୍ୟରୁ ୧୯୭୮ରେ ୭ମ, ୧୯୮୩ରେ ଏକାଦଶ, ୧୯୯୮ରେ ଦ୍ୱାଦଶ, ୨୦୦୬ରେ ଏକାଦଶ, ୨୦୧୦ରେ ନବମ, ୨୦୧୮ରେ ଅଷ୍ଟମ ଓ ୨୦୨୨ରେ ଦଶମ ସ୍ଥାନ ଅଧିକାର କରିଥିଲା।

ଟେଷ୍ଟ ଲଢ଼େଇ ଲାଗି ଜୋରଦାର୍ ଅଭ୍ୟାସ

## ଗଲ୍‌ରେ ଗିଲ୍-ଗମ୍ଭୀରଙ୍କ ସ୍ପିନ୍ ଟେଷ୍ଟ

**ଗଲ୍,୧୩।୮ (ଏଜେନ୍ସି):** ଶ୍ରୀଲଙ୍କା ବିପକ୍ଷ ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଅଗଷ୍ଟ ୧୫ରୁ ଆରମ୍ଭ ହେବାକୁଯାଉଛି। ସଂଖ୍ୟା ଦୃଷ୍ଟିରୁ ଏହା ହୁଏତ ନଗଣ୍ୟ ହୋଇପାରେ, କିନ୍ତୁ ଟେଷ୍ଟ କ୍ରିକେଟରେ ସ୍ପିନରଙ୍କୁ ମୁକାବିଲା କରିବା ଲାଗି ଯେଉଁ ଟେକନିକ୍ ଆବଶ୍ୟକ ତାହାର ପ୍ରକୃତ ପରୀକ୍ଷା ଏଠାରେ ଭାରତୀୟ ଅଧିନାୟକ ଶୁବମନ ଗିଲ୍ ଓ ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀରଙ୍କୁ ଦେବାକୁ ହେବ। ସ୍ପିନ ପିଚ୍ ଓ ସ୍ପିନରଙ୍କ ବିପକ୍ଷରେ ଦମ୍‌ର ସହ ଖେଳିବା ଭାରତର ପରିଚୟ ଥିଲା। କିନ୍ତୁ ଗତ ଦୁଇ ବର୍ଷରେ ନ୍ୟୁଜିଲାଣ୍ଡ ଓ ଦକ୍ଷିଣ ଆଫ୍ରିକାଠାରୁ ଘରୋଇ ମାଟିରେ ପରାଜିତ ହେବାପରେ ଭାରତର ସ୍ପିନ୍ ଦୁର୍ଗ ଭୁଷୁଡ଼ି ପଡ଼ିଛି। ଏଭଳି ସମୟରେ ବିରାଟ କୋହଲି, ରୋହିତ ଶର୍ମା, ଚେତେଶ୍ୱର ପୂଜାରା ଓ ଆଜିଙ୍କ୍ୟ ରାହାଣେଙ୍କୁ ନେଇ ଗତ ଏକ ଦଶନ୍ଧି ଭାରତ ଟେଷ୍ଟରେ ଯେଉଁ ଦମ୍ ଦେଖାଉଥିଲା ତାହା ଆଉ ସମ୍ଭବ ହେଉନାହିଁ। ଏହାର କାରଣ ହେଲା ଉପରୋକ୍ତ ଟେଷ୍ଟ ବିଶାରଦଙ୍କ ଅବସର। ଏବେ ଶୁବମନ ଗିଲ୍‌ଙ୍କ ନେତୃତ୍ୱରେ ଏକପ୍ରକାର ନୂଆ ଦଳ ଟେଷ୍ଟ ଖେଳୁଛି। ସାମ୍ପ୍ରତିକ ବିଶ୍ୱ କ୍ରିକେଟରେ ଏତେ ସଂଖ୍ୟାରେ ସୀମିତ ଓଭର କ୍ରିକେଟ ଖେଳାଯାଉଥିଲାବେଳେ ଭାରତର ଅନ୍ତର୍ଜାତୀୟ ଖେଳାଳିମାନେ ଘରୋଇ କ୍ରିକେଟ ଖେଳି ସେମାନଙ୍କ ସ୍ପିନ୍ ଦକ୍ଷତା ବୃଦ୍ଧି କରିବାରେ ସମର୍ଥ ହୋଇପାରୁ ନାହାନ୍ତି। ଯାହା ଫଳରେ ସେମାନେ ଗତ ଦୁଇ ବର୍ଷରେ ସ୍ପିନ୍ ଟେଷ୍ଟରେ ଫେଲ୍ ମାରିଛନ୍ତି। ଅଗଷ୍ଟ ୧୫ରୁ ଯେଉଁଠାରେ ଭାରତ ଟେଷ୍ଟ ଖେଳିବାକୁ ଯାଉଛି, ସେଠାରେ ସ୍ପିନରଙ୍କ ଭୂମିକା ବେଶ ଗୁରୁତ୍ୱପୂର୍ଣ୍ଣ ରହିଆସିଛି। ଏବେ ଘରୋଇ ଶ୍ରୀଲଙ୍କା ଦଳରେ ବିଶ୍ୱସ୍ତରୀୟ ସ୍ପିନର ନାହାନ୍ତି ସତ, କିନ୍ତୁ ଯେଉଁମାନେ ବି ଅଛନ୍ତି ସେମାନଙ୍କୁ ମୁକାବିଲା କରିବା ଲାଗି ଭାରତୀୟ ବ୍ୟାଟରମାନେ ଟେକନିକାଲି ସମର୍ଥ ନୁହଁନ୍ତି। ଟପ୍ ଅର୍ଡରରେ ଗିଲ୍, ଲୋକେଶ ରାହୁଲ ଓ ଯଶସ୍ୱୀ ଜୟସ୍ୱାଲଙ୍କ ସହ ୱିକେଟ ରକ୍ଷକ ଋଷଭ ପନ୍ତ୍ ଯଦି କିଛି ପରିମାଣରେ ସଫଳ ହୁଅନ୍ତି, ତେବେ ଭାରତର ଶ୍ରୀଲଙ୍କା ଟେଷ୍ଟ ସଫଳ ହୋଇପାରେ। ସେ ଯାହା ହେଉ ଦଳକୁ ସଫଳତା ପାଇବାକୁ ହେଲେ ଉଭୟ ଧୈର୍ଯ୍ୟ ଓ ଟେକ୍‌ନିକ୍‌ର ମିଶ୍ରଣ କରିବାକୁ ହେବ ନିଶ୍ଚୟ।



ଦେବଦତ୍ତ ପାଡିକଲ୍‌ଙ୍କ ଅଭ୍ୟାସ

### ୩ ବାମହାତୀ ସ୍ପିନର ଖେଳିପାରନ୍ତି

ଏହି ଟୁର୍ ଲାଗି ଭାରତୀୟ ଦଳରେ ୪ଜଣ ସ୍ପିନରଙ୍କ ମଧ୍ୟରୁ ୩ଜଣ ବାମହାତୀ ରହିଛନ୍ତି। କିନ୍ତୁ ଏହି ୩ ଜଣ ଭିନ୍ନ ଧରଣର ସ୍ପିନର। ଶ୍ରୀଲଙ୍କା ଇନିଂସର ୨୦ଟିଯାକ ୱିକେଟ ନେବା ଲାଗି ଏମାନେ ସମର୍ଥ ହୋଇପାରିବେ ବୋଲି ଗଲ୍‌ରେ ଆଜି ଜୋରଦାର ଅଭ୍ୟାସ ପରେ ବୋଲିଂ କୋଚ୍ ମୋର୍ଣ୍ଣ ମୋର୍କେଲ କହିଛନ୍ତି। ତାଙ୍କ କହିବା କଥା ହେଲା ଅଭିଜ୍ଞ ରବୀନ୍ଦ୍ର ଜାଡେଜା, କୁଲଦୀପ ଯାଦବ ଓ ମାନବ ସୂତାରଙ୍କ ବୋଲିଂ ଶୈଳୀ ଭିନ୍ନ। ଏଣୁ ସେମାନଙ୍କୁ ଏକ ସଙ୍ଗେ ଖେଳାଇଲେ ପ୍ରତିପକ୍ଷ ଦଳକୁ ଫାଇଦା କମ୍ ମିଳିବ। ଏଠାରେ ଭାରତର ଦୁଇଟି ସମସ୍ୟା ରହିଛି। ଗୋଟିଏ ହେଉଛି ବର୍ଷା ଏବଂ ଅନ୍ୟଟି ହେଉଛି ଅସହ୍ୟ ଗରମ। ବର୍ଷା ହେଲେ କୁକାବୁରା ବଲ ଅଳ୍ପ ସମୟ ମଧ୍ୟରେ ନରମ ହୋଇଯିବ। ସ୍ପିନରଙ୍କୁ ଏହା ସୁହାଇ ନ ପାରେ, କିନ୍ତୁ ବଲ ରିଭର୍ସ ସୁଇଂ ହେବ। ଏଭଳି ପିଚ୍‌ରେ ପ୍ରଥମେ ବ୍ୟାଟିଂ କରିବା ସୁବିଧାଜନକ। କିନ୍ତୁ ବୋଲିଂ କରିବାକୁ ପଡ଼ିଲେ, ବୋଲରମାନେ ଶୃଙ୍ଖଳିତ ହୋଇ ଠିକଣା ସ୍ଥାନରେ ବଲ ପକାଇବାକୁ ପଡ଼ିବ। ଏହି ପିଚ୍‌ରେ ଖେଳର ପ୍ରଥମ ଦୁଇଦିନ ବ୍ୟାଟରଙ୍କୁ ସୁହାଇଥାଏ। ବୋଲିଂ କରିବାକୁ ସୁଯୋଗ ମିଳିଲେ ବୋଲରଙ୍କ ଦାୟିତ୍ୱ ବଢିବ। ଯାହା ଫଳରେ ମ୍ୟାଚର ଫଳାଫଳ ନିଜ ସପକ୍ଷରେ ଯାଇପାରିବ ବୋଲି ମୋର୍କେଲ କହିଛନ୍ତି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS